ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୭/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Wednesday, October 27/2021 | ★★★★★★

୪୭ଶ ଭାଗ ୩୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

# ଆଲର୍ଜି ଆପଣଙ୍କ ରୋଗର କାରଣ କି ?



ECHS/ESI/CGHS କାର୍ଡଧାରୀଙ୍କ ପାଇଁ ଅତିରିକ୍ତ ରିହାତି

Vitamin B12 ଏବଂ Vitamin D ପରୀକ୍ଷା ନିଃଶୁଳ୍କ (FREE) ପାଆନ୍ତୁ ଆଲର୍ଜି ପରୀକ୍ଷା ସହିତ

## ରକ୍ତ ପରୀକ୍ଷା ଦ୍ୱାରା ଆଲର୍ଜିର କାରଣ ଜଣାପଡ଼ିଯାଇଥାଏ

Jerath Path Labs & Allergy Testing Centre
*working for your better health*

ରୋଗକୁ ଡରିବା ନାହିଁ, ତା' ସହ ଲଢ଼ିବା।
ଆଜି ହିଁ ଆଲର୍ଜି ପରୀକ୍ଷା କରାଇନିଅନ୍ତୁ

ସାମ୍ପଲ ଦେବାର ସମୟ ସକାଳ ୭ରୁ ସନ୍ଧ୍ୟା 5ଟା ପର୍ଯ୍ୟନ୍ତ

29, 30, 31 ଅକ୍ଟୋବର ଓ 1 ନଭେମ୍ବର ଦିନ ଭୁବନେଶ୍ୱର, ପୁରୀ, ରାୟଗଡ଼, ଖଣ୍ଡଗିରି, ଗଜପତି, ଯାଜପୁର, କଟକ, ପଟିଆ, କେନ୍ଦ୍ରାପଡ଼ା, ଭବାନୀପାଟଣା, ଜଗତ୍‌ସିଂହପୁର, କେନ୍ଦୁଝରରେ ଅଧାରୁ କମ୍ ଦରରେ ଆଲର୍ଜି ପରୀକ୍ଷା କରାନ୍ତୁ

ଓଡ଼ିଶା ବିଶିଷ୍ଟ ଆଲର୍ଜି ପ୍ୟାନେଲ୍ ଉପଲବ୍ଧ
(Odisha Specific Allergy Panel Available)
ଓଡ଼ିଶା ବ୍ୟାପକ (comprehensive) ଆଲର୍ଜେନ ପ୍ୟାନେଲ୍
ଓଡ଼ିଶା ପାଇଁ ବିଶିଷ୍ଟ ଆଲର୍ଜି ଯାଞ୍ଚ
(ପ୍ରକାଶିତ ଅଧ୍ୟୟନ ଓ ଉପାଖ୍ୟାନର ଅନୁଭୂତି ଆଧାରରେ)

## ଆଲର୍ଜି କ'ଣ?

ପରାଗ ରେଣୁ, ଧୂଳିକଣିକା, ଖାଦ୍ୟ ଇତ୍ୟାଦି ଭଳି କେତେକ ବାହ୍ୟ ତତ୍ତ୍ୱ ପ୍ରତି ଆମ ଶରୀରର ରୋଗପ୍ରତିରୋଧକ କ୍ଷମତାର ଅସ୍ୱାଭାବିକ ପ୍ରତିକ୍ରିୟାକୁ ଆଲର୍ଜି କୁହାଯାଏ । ଏହି ରୋଗ ସାରା ପୃଥିବୀରେ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି । ଆଜିକାଲି ଯୁବ ଓ ବାଲ୍ୟାବସ୍ଥାରେ ମଧ ଆଲର୍ଜି ରୋଗ ଦେଖିବାକୁ ମିଳିଲାଣି । ଆଲର୍ଜି ପ୍ରତିକ୍ରିୟା ସୃଷ୍ଟି କରୁଥିବା ତତ୍ତ୍ୱଗୁଡ଼ିକୁ ଆଲର୍ଜେନ୍ କୁହାଯାଏ । ଏହି ଆଲର୍ଜେନ୍ ବା ଆଲର୍ଜି ସୃଷ୍ଟିକାରୀ ତତ୍ତ୍ୱରେ ପ୍ରକୃତରେ କୌଣସି କ୍ଷତିକାରକ କୀଟାଣୁ କିମ୍ବା ବିଷାଣୁ ନ ଥାନ୍ତି, ବରଂ କ୍ଷତିକାରକ ଉପାଦାନ ରହିଥାଏ, ଯେମିତିକି ଗହମ, ବାଦାମ, ଦୁଗ୍ଧ, ପରାଗରେଣୁ, ଧୂଳିକଣିକା କିମ୍ବା ପରିବେଶରେ ଉପସ୍ଥିତ କେତେକ ପ୍ରାକୃତିକ ତତ୍ତ୍ୱ । ଏହି କାରଣରୁ ସବୁ ଲୋକଙ୍କୁ ଏଗୁଡ଼ିକ କ୍ଷତି ପହଞ୍ଚାଇ ନ ଥାଏ । ଗୋଟିଏ ଘରେ, ସମାନ ପରିବେଶରେ ଜଣେ ବ୍ୟକ୍ତିଙ୍କୁ ଆଲର୍ଜି ହେଉ ଥିବା ବେଳେ ଅନ୍ୟମାନେ ତାହାଦ୍ୱାରା ପ୍ରଭାବିତ ହୋଇ ନ ଥାନ୍ତି ।




## ଆଲର୍ଜିର ଲକ୍ଷଣ (Allergy Symptoms)

1. ନାକର ଆଲର୍ଜି - ବାରମ୍ବାର ଥଣ୍ଡା ହେବା, ନାକ କୁଣ୍ଡେଇ ହେବା, ନାକରୁ ବହିବା, ଲଗାତର ଛିଙ୍କ, ନାକ ବନ୍ଦ ହେବା
2. ତ୍ୱଚାର ଆଲର୍ଜି - ଅତି ସାଧାରଣ, ବର୍ଷାଦିନେ ଅଧିକ ହୋଇଥାଏ । କୁଣ୍ଡିଆ, ନାଲି ଦାଗ, ଦାନା, ଭାତୁଡ଼ି ଇତ୍ୟାଦି ହୋଇପାରେ ।
3. ଆଖିର ଆଲର୍ଜି - ଆଖିରୁ ପାଣି, ଆଖି ନାଲି ପଡ଼ିବା, ଆଖିରେ ଜ୍ୱାଳା ଓ କୁଣ୍ଡେଇ ହେବା ।
4. ଫୁସ୍‌ଫୁସ୍‌ର ଆଲର୍ଜି - କାଶ, ଶ୍ୱାସକ୍ରିୟାରେ ସମସ୍ୟା, ଫୁସ୍‌ଫୁସ୍‌ରେ କଫ, ଆଜ୍‌ମା କିମ୍ବା ଅଣନିଃଶ୍ୱାସୀ ଲାଗିବା
5. ଖାଦ୍ୟ ଓ ପାନୀୟର ଆଲର୍ଜି - ଅନେକ ଲୋକଙ୍କୁ ଖାଦ୍ୟ ପାନୀୟ (ଅଣ୍ଡା, ମାଛ, ଚକୋଲେଟ୍, ଦୁଗ୍ଧ ଇତ୍ୟାଦି)ରୁ ଆଲର୍ଜି ହୋଇଥାଏ ।
6. ସମ୍ପୂର୍ଣ୍ଣ ଶରୀରର ଆଲର୍ଜି - ସମ୍ପୂର୍ଣ୍ଣ ଶରୀରରେ ଗୁରୁତର ଲକ୍ଷଣ ଅତି ଗମ୍ଭୀର ପ୍ରଭାବ ପକାଇଥାଏ । ତୁରନ୍ତ ଚିକିତ୍ସାଳୟ ଯିବା ଆବଶ୍ୟକ ହୋଇଥାଏ ।

## ବିଶେଷଜ୍ଞଙ୍କ ବିଚାର



ଡା. ପ୍ରଶାନ୍ତ ଜେରଥ୍ (ଏମ୍.ଡି. ପାଥୋଲୋଜିଷ୍ଟ) (M.D. Pathologist) କୁହନ୍ତି ଯେ ଆଜିର ସହରୀକରଣର ଯୁଗରେ ସବୁକିଛି ପ୍ରଦୂଷିତ ହୋଇଯାଇଛି । କେଉଁ ଜିନିଷ ଆପଣଙ୍କୁ କିପରି ଭାବେ ପ୍ରଭାବିତ କରିବ ତାହା ଆପଣ ଅନୁମାନ ମଧ କରିପାରନ୍ତି ନାହିଁ । ବିଶେଷକରି ଶ୍ୱାସରୋଗ ସମୟରେ ପ୍ରତ୍ୟେକ ଜିନିଷକୁ ନେଇ ସତର୍କ ରହିବା ଉଚିତ ।

ଆପଣ ରାସ୍ତାରେ ଚାଲୁଚାଲୁ ହଠାତ୍ ଆପଣଙ୍କ ଦେହ କୁଣ୍ଡେଇ ହେଲେ କିମ୍ବା ତ୍ୱଚା ଫୁଲି କୁଣ୍ଡେଇ ହେଲେ, ବୁଝିନିଅନ୍ତୁ ଯେ ଏପରି କୌଣସି ଜିନିଷ ଆପଣଙ୍କ ଆଖପାଖରେ ଅଛି କିମ୍ବା ଅତିକ୍ରମ କରିଛି ଯାହା ପ୍ରତି ଆପଣଙ୍କର ଆଲର୍ଜି ଅଛି । ଆପଣ ଜଣେ ଶ୍ୱାସରୋଗୀ ହୋଇଥିଲେ ଆଲର୍ଜି ଆହୁରି ବିପଜ୍ଜନକ ହୋଇଯାଇଥାଏ । ଶ୍ୱାସରୋଗର ପ୍ରଭାବ ସହିତ ଆଲର୍ଜିର ପ୍ରଭାବ ପ୍ରାଣଘାତୀ ସାବ୍ୟସ୍ତ ହୋଇପାରେ । ମାତ୍ର ଗୋଟିଏ ବ୍ଲଡ୍ ଟେଷ୍ଟ ଆପଣଙ୍କ ସମସ୍ୟାକୁ ସହଜ କରିପାରିବ । ଏହା ସହିତ ଆଲର୍ଜି ପରୀକ୍ଷା ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ ସହରରେ ଆୟୋଜନ କରାଯିବ ।



ଡା. ନବନୀତ (ନାକ, କାନ ଓ ଗଳା ବିଶେଷଜ୍ଞ) (M.B.B.S., MS ENT) ନାକ, କାନ ଓ ଗଳାର ଆଲର୍ଜି ବିଷୟରେ କହିଛନ୍ତି ଯେ, ଏହିସବୁ ଅଙ୍ଗ ପରସ୍ପର ସହିତ ସଂଲଗ୍ନ, ଯେଉଁ କାରଣରୁ ଏହି ତିନିଟି ଅଙ୍ଗ ମଧ୍ୟରୁ ଯେକୌଣସି ଗୋଟିଏ ଅଙ୍ଗରେ infection ହେଲେ, ବାକି ଦୁଇ ଅଙ୍ଗକୁ ମଧ ତାହା ବ୍ୟାପିଯିବାର ସମ୍ଭାବନା ବଢ଼ିଯାଇଥାଏ ।

Ear Problem - ଏହାକୁ ନେଇ ଆମେ ଅବହେଳା ପ୍ରଦର୍ଶନ କଲେ କାନ ବ୍ୟଥା, କାନରୁ ପାଣି ଝରିବା, କମ୍ ଶୁଭିବା ଓ କାନ ସହ ଜଡ଼ିତ ଅନ୍ୟାନ୍ୟ ଅନେକ ସମସ୍ୟା ଦେଖାଦେଇଥାଏ ।

Nose Problem - ଥଣ୍ଡା, ସର୍ଦ୍ଦି ଭଳି ସମସ୍ୟା ଆମକୁ ଯେକୌଣସି ସମୟରେ ଦେଖାଦେଇପାରେ କାରଣ ଏହା ଆମର ଅତ୍ୟନ୍ତ ସମ୍ବେଦନଶୀଳ ଅଙ୍ଗକୁ ପ୍ରଭାବିତ କରିଥାଏ ଓ ଏହି ଅଙ୍ଗଗୁଡ଼ିକ ସର୍ବଦା ପରିବେଶ ସଂସ୍ପର୍ଶରେ ରହୁଥିବାରୁ ଯଦି ଆମର immunity ଦୁର୍ବଳ ହୋଇଥାଏ, ତେବେ ଆମେ ଖୁବ୍ ଶୀଘ୍ର ଏହି ସମସ୍ୟାରେ ପୀଡ଼ିତ ହୋଇଯାଇଥାଉ ।

Throat Problem - ଗଳାର କେତେକ ସାଧାରଣ ସମସ୍ୟାଗୁଡ଼ିକ ହେଉଛି ଗଳାରେ ବ୍ୟଥା, ଟନ୍‌ସିଲ ହେବା, ଗଳା ଖରଖର କିମ୍ବା ସ୍ୱର ବଦଳିବା, ଯାହା ଋତୁ କାରଣରୁ ମଧ ହୋଇପାରେ ।

## ଆଲର୍ଜିର କାରଣ (Causes of Allergy)

1. କୀଟ (Insect Allergy) - ଘରେ ଛୋଟ ଛୋଟ ପୋକ କିମ୍ବା ଅସରପା କାମୁଡ଼ିବା କାରଣରୁ ମଧ ତ୍ୱଚା ଫୁଲି ନାଲି ପଡ଼ିଯାଏ, ବାନ୍ତି ଓ ଜ୍ୱର ମଧ ଆସିପାରେ ।
2. ଖାଦ୍ୟ (Food Allergy) - କେତେକ ବ୍ୟକ୍ତିଙ୍କୁ ଖାଦ୍ୟପଦାର୍ଥ (ଯେପରିକି ଚିନାବାଦାମ, ବାଦାମ, ଦୁଗ୍ଧ, ବିଲାତି ବାଇଗଣ, ମାଛ, ଅଣ୍ଡା କିମ୍ବା ବଜାରର କେମିକାଲଯୁକ୍ତ ଭୋଜନ)ରୁ ମଧ ଆଲର୍ଜି ହୋଇଥାଏ । କୁଣ୍ଡିଆ, ଅଇ ଉଠିବା, ଶରୀରରେ ଦାନା ମଧ ଦେଖାଦେଇପାରେ ।
3. ସୁଗନ୍ଧ (Fragrance Allergy) - ସୁନ୍ଦର ଦେଖାଯିବା ପାଇଁ ପ୍ରୟୋଗ କରାଯାଉଥିବା ସାମଗ୍ରୀ (ପାଉଡର, ଶାମ୍ପୁ, ପର୍‌ଫ୍ୟୁମ୍, କ୍ୟାଣ୍ଡେଲ୍, ସାବୁନ ଇତ୍ୟାଦି)ରୁ ମଧ କେତେକ ବ୍ୟକ୍ତିଙ୍କଠାରେ ମୁଣ୍ଡବିନ୍ଧା, ଅଇ ଉଠିବା କିମ୍ବା ନାକରେ ସମସ୍ୟା ଦେଖାଦେଇଥାଏ ।
4. ଜୀବଜନ୍ତୁ (Pet Allergy) - ପୋଷ୍ୟଜନ୍ତୁଙ୍କ ଲୋମ, ରୁପି, ଲାଳ ଯୋଗୁ ମଧ କେତେକ ବ୍ୟକ୍ତିଙ୍କଠାରେ ଗମ୍ଭୀର ପ୍ରତିକ୍ରିୟା ଦେଖାଦେଇଥାଏ ।
5. ପରାଗରେଣୁ/ଘାସ (Pollen/Grass Allergy) - ଅନେକ କ୍ଷେତ୍ରରେ ଘାସ, ଗଛଲତା, ଫୁଲ ଓ ତାହାର ରେଣୁ ମଧ ଋତୁକାଳୀନ ଆଲର୍ଜି (କୁଣ୍ଡିଆ, ଛିଙ୍କ, ଆଖିରେ ଜ୍ୱାଳା ଇତ୍ୟାଦି) ଭଳି ସମସ୍ୟା ସୃଷ୍ଟି କରିଥାଏ ।

## ଆଲର୍ଜିର ପ୍ରତିରୋଧ (Allergy Treatment)

### ଆଲର୍ଜିରୁ ଦୂରେଇ ରହିବା ହିଁ ସର୍ବୋତ୍ତମ ଚିକିତ୍ସା ଅଟେ

- ଘରର ପରିପାର୍ଶ୍ୱକୁ ସଫା ରଖନ୍ତୁ। ଘର ମଧରେ ଖୋଲା ଓ ତାଜା ପବନ ଚଳାଚଳ ହେବାକୁ ଦିଅନ୍ତୁ
- ଯେଉଁ ଖାଦ୍ୟପଦାର୍ଥ ପ୍ରତି ଆଲର୍ଜି ଥିବ, ତାହାକୁ ଖାଆନ୍ତୁ ନାହିଁ
- ହଠାତ୍ ଥଣ୍ଡାରୁ ଗରମ କିମ୍ବା ଗରମରୁ ଥଣ୍ଡା ବାତାବରଣକୁ ଯାଆନ୍ତୁ ନାହିଁ
- ମୁହଁ ଓ ନାକକୁ ଘୋଡ଼ାଇ ବାଇକ୍ ଚଲାନ୍ତୁ, ଭଲ କ୍ୱାଲିଟିର ଚଷମା ପିନ୍ଧନ୍ତୁ
- କମ୍ବଳ, ତକିଆ ଖୋଳ, ଗଦି ଓ ଚଦରକୁ ନିୟମିତ (ଗରମ ପାଣିରେ) ସଫା କରନ୍ତୁ
- ଯଦି ଜୀବଜନ୍ତୁଙ୍କଠାରୁ ଆଲର୍ଜି ରହିଥାଏ, ତେବେ ଘରେ ପୋଷନ୍ତୁ ନାହିଁ, ସେମାନଙ୍କୁ ଲିଭିଂ ରୁମ୍‌ରୁ ଦୂରେଇ ରଖନ୍ତୁ
- ଘରକୁ ସବୁବେଳେ ସଫା ରଖନ୍ତୁ, ଅଳନ୍ଧୁ ଜମା ହେବାକୁ ଦିଅନ୍ତୁ ନାହିଁ
- ଧୂଳିରୁ ଆଲର୍ଜି ଥିଲେ, ଫେସ୍‌ମାସ୍କ ପିନ୍ଧି କାମ କରନ୍ତୁ



**ଫ୍ରାଞ୍ଚାଇଜି** ହେବା ପାଇଁ ସମ୍ପର୍କ କରନ୍ତୁ **99150-46200, 99150-46300**

**ଦୟାକରି କୋଭିଡ୍ ଗାଇଡ୍‌ଲାଇନ୍ସ ପାଳନ କରନ୍ତୁ**
(Wear Mask & Maintain Social Distance)

Jerath Path Labs & Allergy Testing Centre

**CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar**
**CORPORATE OFFICE : CHENNAI - 29a ARK Colony (Anantha Ramakrishna Iyyer Colony) Eldams Road, Teynampet**

**ପରୀକ୍ଷା କରାଇବା ପାଇଁ ସମ୍ପର୍କ କରନ୍ତୁ:- 98759-30831, 98759-30832, 98759-30833**

| Centre | Phone | Address |
|---|---|---|
| BHUBANESWAR | 9439400019 | Pradhan Path Labs, Plot No. 351, Saheed Nagar, Bhubaneswar |
| BHUBANESWAR | 9438431752, 7008831212 | Omm Diagnostic, Plot No.49, Near South Gate Of Capital Hospital, Unit-6, Ekamra Marg, Bhubaneswar |
| PURI | 9439046037, 9778566736 | Nidan 'a' Patho Lab, Balagandi Square, Grand Road, Puri |
| RAYAGADA | 9437338953, 7008437910 | Banadurga Pathology, Old Bus Stand |
| KHANDAGIRI | 9861035754 | Ipsa Clinic & Lab, Plot No. 678, Jagamara Road, Khandagiri, Bhubaneshwar |
| GAJAPATI | 9040507796, 9937616668 | Shree Pathology/kamala Medical Store, Near Thyrocare Office Pathapatnam Rd Paralakhemundi |
| JAJPUR | 9337501277, 7852942503 | Manishree diagnostic, Kanheipur , Jajpur Road |
| JAJPUR | 7008778924, 9556773308 | Sai Cure Diagnostic, Biraja Market Complex, Near Prava Medical Store, Kuakhia Jajpur |
| CUTTACK | 0671-2414413, 9937024413 9437352653 | Lab Care Diagnistics, Ranihat, Medical Road |
| CUTTACK | 7978611650, 7008427608 9937518098 | Bijupattnaik Chhack, Nursinghpur Plaza, Tulsipur |
| PATIA | 9438355305 9438802163 | Mamata Clinic And Labs, Patia Station Road Near Nadin Mandap |
| KENDRAPARA | 9437473435 9937896343 | Sai Arogyam Diagnostics Centre, Medical Road |
| BHAWANIPATNA | 9437188556, 8249828048 | Malaya Pathology, Nr. S.B.I Main Branch Bhawanipatna |
| BHAWANIPATNA | 9437293631 | Shree Om Pathology Old Bus Stand , Osrtc Complex |
| JAGATSINGHPUR | 9439099450 9090144889 | Maa Dakshineswaree Patho. Lab, Raghunathpur, Jagatsinghpur |
| KEONJHAR | 06766253192 8763254262 7008648428 | Sai Dev Diagnostic Centre At. Infront Of Dist. Head Quarter Hospital, Keonjhar |

Member of Advertising Standards Council of India (Responsible Advertising)

# ‘ମନ୍ତ୍ରୀ ହତ୍ୟାକାରୀ ବୋଲି ମୁଖ୍ୟମନ୍ତ୍ରୀ ସ୍ୱୀକାର କରନ୍ତୁ’

- ନବୀନ ନିବାସ ଘେରାଉ ଉଦ୍ୟମ କଲା ଛାତ୍ର କଂଗ୍ରେସ
- ପୋଲିସ ଉପରକୁ ଟମାଟୋ, ଅଣ୍ଡାମାଡ଼

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

କଳାହାଣ୍ଡି ମହାଲିଙ୍ଗ ସନ୍‌ସାଇନ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତି ଦର୍ଶାଇ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ ମଙ୍ଗଳବାର ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଛି। ନୱାଜ କହିଛନ୍ତି ଯେ, ପୋଲିସ ବଳୟ ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେତେଦିନ ଆତ୍ମଗୋପନ କରିବେ। ମମିତାଙ୍କ ହତ୍ୟାକାରୀ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ କୌଶଳକ୍ରମେ ସମସ୍ତ ପ୍ରମାଣ ନଷ୍ଟ କରିବାକୁ ଚକ୍ରାନ୍ତ କରୁଛନ୍ତି। ମମିତା ହତ୍ୟାକାଣ୍ଡର ଘଟଣାକ୍ରମକୁ ଅନୁଶୀଳନ କଲେ ସ୍ପଷ୍ଟ ହୋଇପଡୁଛି ଯେ ଦିବ୍ୟଶଙ୍କରଙ୍କ ସମ୍ପୃକ୍ତିକୁ ସମ୍ପୂର୍ଣ୍ଣ ଲୁଚେଇ ଦେବା ପାଇଁ ସରକାର ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛି। ନବୀନ ବାବୁ ଘରୁ ବାହାରକୁ ଆସି ତାଙ୍କ ମନ୍ତ୍ରୀ ହତ୍ୟାକାରୀ ବୋଲି ସ୍ୱୀକାର କରନ୍ତୁ। ଏଥିସହ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବହିଷ୍କାର ଓ ଗିରଫ ଏବଂ ମମିତାଙ୍କ ପରିବାରକୁ କୋଟିଏ ଟଙ୍କା ଆନୁକମ୍ପା ରାଶି ପ୍ରଦାନ କରାଯାଉ। ମମିତାଙ୍କ ପରିବାର ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଛାତ୍ର କଂଗ୍ରେସ ରାଜରାସ୍ତାରେ ଲଢ଼େଇକୁ ଜାରି ରଖିବ ବୋଲି ନୱାଜ କହିଛନ୍ତି।

ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ନୱାଜଙ୍କ ନେତୃତ୍ୱରେ ସାରା ରାଜ୍ୟରୁ ଛାତ୍ର ନେତା ଓ କର୍ମୀ ତଥା ଛାତ୍ରୀଛାତ୍ରମାନେ ଏହି ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରରୁ ବିଭିନ୍ନ ସ୍ଥାନରୁ ମୋଟର ସାଇକେଲ ରାଲିରେ ଆସି ଆନ୍ଦୋଳନକାରୀମାନେ ଫରେଷ୍ଟ ପାର୍କଠାରେ ଏକାଠି ହୋଇଥିଲେ। ତା’ପରେ ଏକ ଶୋଭାଯାତ୍ରାରେ ନବୀନ ନିବାସ ଆଡ଼କୁ ଯାଇଥିଲେ। ବାଟରେ ଶୋଭାଯାତ୍ରା ଦୁଇଭାଗ ହୋଇଥିଲା। କିଛି ଛାତ୍ର କଂଗ୍ରେସ ନେତା ଓ କର୍ମୀ ମୁଖ୍ୟ ଶୋଭାଯାତ୍ରାରୁ ବାହାରି ଏୟାରପୋର୍ଟ ଛକ ଆଗରେ ପହଞ୍ଚି ନବୀନ ନିବାସ ଆଡ଼କୁ ଧସେଇ ପଶିବାକୁ ଚେଷ୍ଟା କରିଥିଲେ। ନବୀନ ନିବାସକୁ ସୁରକ୍ଷା ଦେବା ପାଇଁ ସେଠାରେ ଥିବା ପୋଲିସ କର୍ମୀ ବ୍ୟାରିକେଡିଂ କରି ବିକ୍ଷୋଭକାରୀଙ୍କୁ ଅଟକାଇଥିଲେ। ପୋଲିସ ସହ ସଂଘର୍ଷରେ କିଛି ଆନ୍ଦୋଳନକାରୀ ପ୍ରଥମ ବ୍ୟାରିକେଡ ଡେଇଁ ଦ୍ୱିତୀୟ ବ୍ୟାରିକେଡ୍ ମୁହାଁ ହୋଇଥିଲେ। ଏହି ସମୟରେ କେତେଜଣ ପୋଲିସ ଉପରକୁ ଟମାଟୋ ଏବଂ ଅଣ୍ଡା ଫୋପାଡ଼ିଥିଲେ। ଏହିଭଳି ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ପୋଲିସ ବିକ୍ଷୋଭକାରୀଙ୍କୁ ଉଠାଇନେଇଥିବା ଡିସିପି ଉମାଶଙ୍କର ଦାସ ଘଟଣା ପରେ ପ୍ରତିକ୍ରିୟାରେ କହିଥିଲେ। ୟାସିର ନୱାଜଙ୍କ ସମେତ ବହୁ ଛାତ୍ର କଂଗ୍ରେସ କର୍ମକର୍ତ୍ତାଙ୍କୁ ପୋଲିସ ଉଠାଇନେଇ ବିଭିନ୍ନ ପୋଲିସ ବାରାକ ଓ ଥାନାରେ ଅଟକ ରଖିଥିଲା। କେତେକ ବିକ୍ଷୋଭକାରୀ ପ୍ରତିବାଦ ସମୟରେ ଆହତ ହୋଇ କ୍ୟାପିଟାଲ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି।


ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର ନବୀନ ନିବାସ ଆଗରେ ବିକ୍ଷୋଭ ପ୍ରଦର୍ଶନ।

# ଓଡ଼ିଶା ଆସିବେ ଭାଜପା, କଂଗ୍ରେସର କେନ୍ଦ୍ରୀୟ ପ୍ରତିନିଧି ଦଳ

- ନଡ୍ଡାଙ୍କ ନିର୍ଦ୍ଦେଶ: ରାଜ୍ୟ ଗସ୍ତ କରିବେ ଭାଜପାର ୩ ଜଣିଆ ଟିମ୍
- ୨୮ରୁ ୪ ଦିନିଆ ଗସ୍ତରେ ଚେଲ୍ଲା କୁମାର, ରଣଦୀପ ସୁର୍ଯ୍ୟେୱାଲା

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ମମିତା ମେହେର ହତ୍ୟାକାଣ୍ଡ ଘଟଣାକୁ ନେଇ ଥମିବାର ନାଁ ଧରୁନି ରାଜନୀତି। ବିରୋଧୀ ଏହି ପ୍ରସଙ୍ଗକୁ ହାତଛଡ଼ା କରିବା ପାଇଁ ଚାହୁଁନାହାନ୍ତି। ୨ଜାତୀୟ ଦଳ କଂଗ୍ରେସ ଏବଂ ଭାଜପାର ରାଜ୍ୟ ନେତୃବୃନ୍ଦ ଖବରଦାତା ସମ୍ମିଳନୀ, ଆନ୍ଦୋଳନ, ବିକ୍ଷୋଭ ଜରିଆରେ ଶାସକ ବିଜେଡି ଏବଂ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ସିଧାସଳଖ ଟାର୍ଗେଟ କରୁଛନ୍ତି। ତେବେ ଏହି ପ୍ରସଙ୍ଗକୁ ନେଇ ଉଭୟ ରାଜନୈତିକ ଦଳ ପକ୍ଷରୁ କେନ୍ଦ୍ରୀୟ ନେତା ଓଡ଼ିଶା ଗସ୍ତରେ ଆସିବେ ବୋଲି ସୂଚନା ଦେଇଛନ୍ତି।

ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଏହି ଘଟଣା ଅତ୍ୟନ୍ତ ହୃଦୟ ବିଦାରକ। ମମିତାଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇ ମୃତ ଶରୀରକୁ ଖଣ୍ଡ ଖଣ୍ଡ କରି ପୋଡ଼ିଦେଇ ପୋତିଦେବା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଛି। ଗୋବିନ୍ଦ ସାହୁ ଶିକ୍ଷାନୁଷ୍ଠାନରେ ସେକ୍ସ ର‌୍ୟାକେଟ ଚଳାଇଥିଲେ, ଯେଉଁଥିରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ନାଁକୁ ନେଇ ଚର୍ଚ୍ଚା ଅଧିକ। ଏକ ନିରୀହ ଯୁବତୀଙ୍କୁ ନିର୍ମମ ଭାବେ ଯେଉଁଭଳି ହତ୍ୟା କରାଗଲା ତାହା ଜାତୀୟସ୍ତରରେ ପ୍ରସାରିତ ହେବା ଦରକାର। ଏହି ଘଟଣାକୁ ଭାଜପା ଅତ୍ୟନ୍ତ ଗୁରୁତ୍ୱର ସହ ବିଚାରକୁ ନେଇଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ୩ ଜଣିଆ ପ୍ରତିନିଧି ଦଳ ଓଡ଼ିଶା ଗସ୍ତକରି ଘଟଣା ସମ୍ପର୍କରେ ବିସ୍ତୃତ ଅନୁଧ୍ୟାନ କରିବେ। ଏହି ପ୍ରତିନିଧି ଦଳରେ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷା ଭାନଥୀ ଶ୍ରୀନିବାସନ, ଏମ୍‌ପି ସୁନୀତା ଦୁଗଲ, ବିଧାୟିକା ରୂପା ମିତ୍ର ଚୌଧୁରୀ ସାମିଲ ଅଛନ୍ତି। ପ୍ରତିନିଧି ଦଳ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ରିପୋର୍ଟ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ପ୍ରଦାନ କରିବେ ବୋଲି ସମ୍ବିତ ସୂଚନା ଦେଇଛନ୍ତି।

ସେହିପରି ମମିତାଙ୍କ ପରିବାରକୁ କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲା କୁମାର ଭେଟିବେ। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ସେ ସ୍ଥାନକୁ ଯିବେ। ଏଥିଲାଗି ୨୮ରୁ ୪ ଦିନିଆ ଓଡ଼ିଶା ଗସ୍ତରେ ଚେଲ୍ଲାକୁମାର ଆସିବେ। ତାଙ୍କ ସହ ଏଆଇସିସି ସାଧାରଣ ସମ୍ପାଦକ ରଣଦୀପ ସୁର୍ଯ୍ୟେୱାଲା ମଧ୍ୟ ଏହି ଗସ୍ତରେ ସାମିଲ ହେବେ। ଏହି ଅବସରରେ ନବରଙ୍ଗପୁର, ଅନୁଗୋଳ, ଢେଙ୍କାନାଳ ଏବଂ କଟକ ଜିଲା ଗସ୍ତ କରିବେ ବୋଲି କଂଗ୍ରେସ ପକ୍ଷରୁ ସୂଚନା ମିଳିଛି।

# ନିର୍ବାଚନ ପୂର୍ବରୁ କୃଷି ଆଇନ ପ୍ରତ୍ୟାହାର ହୋଇପାରେ

ଲକ୍ଷ୍ନୌ, ୨୬।୧୦




ପଞ୍ଜାବ ଓ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର କୃଷି ଆଇନକୁ ପ୍ରତ୍ୟାହାର କରିନେଇପାରନ୍ତି। ନିର୍ବାଚନ ଶେଷ ହେବା ପରେ ଉକ୍ତ ଆଇନକୁ ପୁଣି ଥରେ ନୂଆ ରୂପରେ ଲାଗୁ କରାଯାଇପାରେ ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଆଶଙ୍କା ବ୍ୟକ୍ତ କରିଛନ୍ତି। ଭାଜପା କେବଳ କର୍ପୋରେଟ ସେକ୍ଟର ପାଇଁ କାର୍ଯ୍ୟ କରୁଛି। ନୂଆ କୃଷି ଆଇନଯୋଗୁ ଶିଳ୍ପପତିମାନେ ସ୍ଥାପନ କରିସାରିଥିବା ଭଣ୍ଡାର ଓ ଅନ୍ୟ ଭିତ୍ତିଭୂମିକୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଅଖିଳେଶ ଅଭିଯୋଗ କରିଛନ୍ତି। ଭାଜପା ସରକାର ନିକଟରେ ଉଦ୍‌ଘାଟନ କରିଥିବା କୁଶିନଗର ବିମାନବନ୍ଦରକୁ ଖୁବ୍‌ଶୀଘ୍ର ବିକ୍ରି କରିଦେଇପାରନ୍ତି ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି।

# ‘ସିବିଆଇ ତଦନ୍ତ କଲେ ସବୁ ସ୍ପଷ୍ଟ ହେବ’

## ପୀଡିତାଙ୍କ ପରିବାରଙ୍କୁ ଭେଟିଲେ ଭାଜପା ରାଜ୍ୟସ୍ତରୀୟ ପ୍ରତିନିଧି ଦଳ

ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ଭବାନୀପାଟଣା, (ଡି.ଏନ୍.ଏ./ସ୍ୱ.ପ୍ର.) ୨୬।୧୦

ମମିତା ମେହେରଙ୍କ ଗାଁ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଝରଣୀକୁ ବିଭିନ୍ନ ରାଜନୈତିକ ଦଳର ନେତା ଓ ପ୍ରତିନିଧିଙ୍କ ଗସ୍ତ କାର୍ଯ୍ୟକ୍ରମ ହେଉଛି। ଏହି ପରିପ୍ରେକ୍ଷୀରେ ଭାଜପାର ଏକ ଟିମ୍ ବଲାଙ୍ଗୀର ଓ କଳାହାଣ୍ଡି ଜିଲା ଗସ୍ତ କରିଛନ୍ତି। ମଙ୍ଗଳବାର ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ୧୪ଜଣିଆ ପ୍ରତିନିଧି ମଣ୍ଡଳୀ ଝରଣୀ ଗାଁରେ ପହଞ୍ଚିବା ପରେ ପୀଡିତାଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ। ଏହି ଅବସରରେ ମମିତା ଅପହରଣ ଓ ହତ୍ୟା ଘଟଣାର ସମସ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡବିଧାନ ନ ଦିଆଯିବା ପର୍ଯ୍ୟନ୍ତ ଭାଜପା ଚୁପ୍ ହୋଇ ବସିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭାଜପା ପ୍ରତିନିଧିମାନେ କଥା ହେଉଥିବା ବେଳେ ମମିତାଙ୍କ ମାଆ ବାପା ନ୍ୟାୟ ମିଳୁ ବୋଲି କହିଥିଲେ। ତେବେ ଏହି ସମୟରେ ପୀଡିତାଙ୍କ ମାଆ ତୁଳସୀ ମେହେର ଅଚେତ ହୋଇପଡିଥିଲେ। ଝିଅର ହତ୍ୟା ଖବର ଜାଣିବା ପରଠାରୁ ସେ ବାରମ୍ବାର ଅଚେତ ହୋଇ ପଡୁଥିବା ପରିବାର ଲୋକେ ଭାଜପା ପ୍ରତିନିଧିଙ୍କୁ ଜଣାଇଥିଲେ। ଏହି ଟିମ୍‌ରେ ସ୍ଥାନୀୟ ଏମ୍‌ପି ସଙ୍ଗୀତା ସିଂଦେଓ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପୂର୍ବତନ ଡିଜିପି ପ୍ରକାଶ ମିଶ୍ର, ବରିଷ୍ଠ ଆଡଭୋକେଟ୍ ପୀତାମ୍ବର ଆଚାର୍ଯ୍ୟ, ବିଧାନସଭାରେ ଭାଜପା ବିଧାୟକ ଦଳ ମୁଖ୍ୟ ସଚେତକ ମୋହନ ମାଝି, ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ, ଯତୀନ୍ଦ୍ର ମହାନ୍ତି, ବିଧାୟକ ମୁକେଶ ମହାଲିଙ୍ଗ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଟଙ୍କଧର ତ୍ରିପାଠୀ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ସାମିଲ ଥିଲେ। ପୂର୍ବତନ ଡିଜିପି ପ୍ରକାଶ ମିଶ୍ର ଏହି ଅବସରରେ କହିଥିଲେ ଯେ, ମମିତା ଅପହରଣ ଓ ହତ୍ୟା ଘଟଣାରେ ପୋଲିସ ଯେଉଁ ତଦନ୍ତ କରୁଛି ସେଥିରେ ଅନେକ ଅବହେଳା ସାମ୍ନାକୁ ଆସିଛି। ଏଫ୍‌ଆଇଆର ଦେବା ପରଠାରୁ ଅଭିଯୁକ୍ତଙ୍କୁ ଧରି ଏ ଥାନାରୁ ସେ ଥାନା ବୁଲାଇବା ଭିତରେ ପୋଲିସ ଘୋର ଅବହେଳା କରିଥିବା ଦେଖାଯାଉଛି। ଅଭିଯୁକ୍ତ ଗୋବିନ୍ଦ ସାହୁ ଏକାକୀ ଏତେ ବଡ କାଣ୍ଡ ଘଟାଇ ପାରିବେ ନାହିଁ। ଏଣୁ ନିରପେକ୍ଷ ତଦନ୍ତ ପାଇଁ ସିବିଆଇ ତଦନ୍ତ ହେଲେ ସବୁ ସ୍ପଷ୍ଟ ହୋଇଯିବ ବୋଲି ସେ କହିଥିଲେ।

ସେହିପରି ଏହି ଟିମ୍ କଳାହାଣ୍ଡି ଜିଲା ଗସ୍ତରେ ଯାଇ ମହାଲିଙ୍ଗରେ ନିର୍ମାଣାଧୀନ ଷ୍ଟାଡିୟମରେ ମମିତାଙ୍କ ମୃତଦେହ ପୋତା ଯାଇଥିବା ସ୍ଥାନ ପରିଦର୍ଶନ କରିଥିଲେ। ସନ୍ଧ୍ୟାରେ ଘଟଣା ସମ୍ପର୍କରେ ନିଜର ମତାମତ ଦେବା ପାଇଁ ଭବାନୀପାଟଣାସ୍ଥିତ ଏକ ହୋଟେଲଠାରେ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା।

ରାଜ୍ୟରେ ନାରୀ ସୁରକ୍ଷା ଚିନ୍ତାଜନକ। ଏଣୁ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଗୃହ ରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ବହିଷ୍କାର ସହ ସିବିଆଇକୁ ମାମଲା ହସ୍ତାନ୍ତର ଦାବି କରିଥିଲେ ରାଜ୍ୟ ସଭାପତି ମହାନ୍ତି। ସେହିପରି ପୂର୍ବତନ ଡିଜିପି ପ୍ରକାଶ ମିଶ୍ର ପୋଲିସ ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇ ଥିଲେ। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ରିକ୍ରିଏସନର ଭିଜୁଆଲ ପୋଲିସ ଗଣମାଧ୍ୟମକୁ କାହିଁକି ଦେଲେ। ଯାହା ନ୍ୟାୟିକ ପ୍ରକ୍ରିୟା ବାଧାପ୍ରାପ୍ତ କରିବ। ଏହାଛଡା ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ନାଁରେ ଏତେ ଚର୍ଚ୍ଚା ସତ୍ତ୍ୱେ ମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଥିଲେ ପ୍ରକାଶ। ଆଇନଜୀବୀ ଆଚାର୍ଯ୍ୟ ପୋଲିସ ତଦନ୍ତ ବାଟବଣା ହେବା ସହ ଏହି ଘଟଣାରେ ପୋଲିସ କେତେଜଣ ପ୍ରଭାବଶାଳୀ ଲୋକଙ୍କୁ ବଞ୍ଚାଇବାକୁ ଚେଷ୍ଟା ଜାରି ରଖିଛି ବୋଲି କରିଥିଲେ। ମମିତାଙ୍କ ପରିବାରକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଭାଜପା ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା।


ଭାଜପା ରାଜ୍ୟସ୍ତରୀୟ ପ୍ରତିନିଧି ମଣ୍ଡଳୀ ମମିତା ମେହେରଙ୍କ ପରିବାର ଲୋକଙ୍କୁ ଭେଟୁଛନ୍ତି।

# ୭୨ ଘଣ୍ଟାରେ ମନ୍ତ୍ରୀ ମିଶ୍ରଙ୍କୁ ଗିରଫ କରାଯାଉ

## ଯୁବ କଂଗ୍ରେସ ପକ୍ଷରୁ ଡିଜିପି କାର୍ଯ୍ୟାଳୟ ଘେରାଉ

କଟକ ଅଫିସ,୨୬।୧୦

ମମିତା ମେହେର ହତ୍ୟା ମାମଲାର ନିରପେକ୍ଷ ତଦନ୍ତ ଓ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ କରିବା ଦାବିରେ ମଙ୍ଗଳବାର ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ କଟକସ୍ଥିତ ଡିଜିପିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବକ୍ସିବଜାର ଛକରୁ ଶୋଭାଯାତ୍ରାରେ ବାହାରି ଡିଜିପିଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ଉପସ୍ଥିତିରେ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ଓ ଅନ୍ୟ କର୍ମକର୍ତ୍ତାମାନେ ଡିଜିପି ଅଭୟଙ୍କୁ ଭେଟି ମମିତା ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ହେଉ ନ ଥିବା ଅଭିଯୋଗ କରିଥିଲେ। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗ କରି ମନ୍ତ୍ରୀ ମିଶ୍ରଙ୍କୁ ୭୨ ଘଣ୍ଟା ମଧ୍ୟରେ ଗିରଫ କରିବାକୁ ବିଧାୟକ ମୋକିମ ଦାବି କରିଥିଲେ। ନଚେତ୍ ଆସନ୍ତା ୩୦ରେ ଯୁବ କଂଗ୍ରେସ କର୍ମୀମାନେ ନବୀନ ନିବାସ ଘେରାଉ କରିବେ ବୋଲି ସେ ଚେତାବନୀ ଦେଇଥିଲେ। ଏଥିସହ ମନ୍ତ୍ରୀଙ୍କୁ ସବୁ ସ୍ଥାନରେ କଳାପତାକା ଦେଖାଇ ବିରୋଧ କରାଯିବ, ଗଣତାନ୍ତ୍ରିକ ଉପାୟରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଜୋର୍‌ଦାର ହେବ ବୋଲି ଡ. ଲେଙ୍କା କହିଥିଲେ। ଏନେଇ ଡିଜିପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।


ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଡିଜିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ‘ମହାଲିଙ୍ଗ ସନ୍‌ସାଇନ୍ ସ୍କୁଲର ପରିଚାଳନା ଦାୟିତ୍ୱ ଜିଲାପାଳ ନିଅନ୍ତୁ’

## ଛାତ୍ରୀଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା ମାମଲାର ସ୍ୱତନ୍ତ୍ର ତଦନ୍ତ କରାଯାଉ

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)

କଳାହାଣ୍ଡି ମହାଲିଙ୍ଗସ୍ଥିତ ସନ୍‌ସାଇନ୍ ପବ୍ଲିକ ସ୍କୁଲ ସିବିଏସ୍‌ଇର ବିନା ସ୍ୱୀକୃତି ଓ ସରକାରଙ୍କ ବିନା ଏନ୍‌ଓସିରେ ବେଆଇନ ଭାବେ ଚାଲୁଥିଲା। ସ୍କୁଲ୍ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣା ପରେ ଏବେ ଏହା ପଦାକୁ ଆସିଛି। ତେଣୁ ସ୍କୁଲର ପରିଚାଳନା ଦାୟିତ୍ୱ ଜିଲାପାଳ ନିଅନ୍ତୁ ବୋଲି ଓଡ଼ିଶା ଅଭିଭାବକ ମହାସଂଘ ଦାବି କରିଛି।

ମହାସଂଘ ପକ୍ଷରୁ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ରାଜ୍ୟରେ ବିନା ସ୍ୱୀକୃତିରେ ହଜାର ହଜାର ଶିକ୍ଷାନୁଷ୍ଠାନ ବେଆଇନ ଭାବେ ଚାଲୁଛି। ସରକାର କାର୍ଯ୍ୟାନୁଷ୍ଠାନ ନେଇ ସେସବୁକୁ ବନ୍ଦ କରିବାକୁ ମହାସଂଘ ସରକାରଙ୍କ ନିକଟରେ ଅନେକଥର ଦାବି କରିଛି। କିନ୍ତୁ ସରକାର ବା ଗଣଶିକ୍ଷା ବିଭାଗ କେବଳ ଚିଠି ଲେଖି ଚୁପ୍ ବସି ପଡୁଛନ୍ତି। ଏହାର ସୁଯୋଗ ନେଇ ରାଜ୍ୟରେ ଶହ ଶହ ଗୋବିନ୍ଦ ସାହୁ ଏଭଳି ବେଆଇନ ସ୍କୁଲ ଚଳାଇ ହଜାର ହଜାର ଶିକ୍ଷୟିତ୍ରୀ ଓ ଛାତ୍ରୀଙ୍କୁ ଶୋଷଣ କରୁଛନ୍ତି। ଅଭିଭାବକମାନଙ୍କୁ ମଧ୍ୟ ଅଯଥାରେ ହଇରାଣ ହରକତ କରୁଛନ୍ତି। ସନ୍‌ସାଇନ୍ ସ୍କୁଲ ଘଟଣାରୁ ସରକାର ଶିକ୍ଷାଲାଭ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ପାଇଁ ସନ୍‌ସାଇନ ସ୍କୁଲର ପରିଚାଳନା ଦାୟିତ୍ୱ ବର୍ତ୍ତମାନ ଜିଲାପାଳ ନିଅନ୍ତୁ। ଏଥିସହିତ ୨୦୦୦ ମସିହାରେ ଏହି ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀ ରାଜେଶ୍ୱରୀ ନାୟକଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା ମାମଲାର ସ୍ୱତନ୍ତ୍ର ତଦନ୍ତ କରାଯାଉ ବୋଲି ମହାସଂଘ ଦାବି ଜଣାଇଛି। ଏହି ସମ୍ମିଳନୀରେ ମହାସଂଘର ସହ ଅଧ୍ୟକ୍ଷ ଭୂମୋହନ ପଟ୍ଟନାୟକ, ପ୍ରସନ୍ନ ବିଶୋଇ, କାର୍ତ୍ତିକ ସାହୁ, ସ୍ୱପ୍ନେନ୍ଦୁ ସାମନ୍ତରାୟ, ସତ୍ୟଜିତ ଦାଶ ଓ ସୂର୍ଯ୍ୟନାରାୟଣ ଜେନା ଉପସ୍ଥିତ ଥିଲେ।

# ସାମାଜିକ ଗଣମାଧ୍ୟମର ଉପଯୋଗ ପାଇଁ ଆହ୍ୱାନ

## ଯୁବ ବିଜେଡିର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର

ପୁରୀ ଅଫିସ,୨୬।୧୦

ବିଜୁ ଯୁବ ଜନତା ଦଳର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ମଙ୍ଗଳବାରଠାରୁ ପୁରୀ ବାଲିଘାଇରେ ଆରମ୍ଭ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ଏଥିରେ ରାଜ୍ୟର ସମସ୍ତ ୩୧୪ ବ୍ଲକ୍ ଓ ପୌରାଞ୍ଚଳର ଯୁବ କ୍ୟାଡର ସଭାପତିମାନେ ଯୋଗଦେଇଛନ୍ତି। ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ବିଜୁ ଯୁବ ଜନତା ଦଳ ରାଜ୍ୟ ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ସଭାପତିତ୍ୱ କରିଥିଲେ। ଯୁବ ସଂଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ସାମାଜିକ ଗଣମାଧ୍ୟମ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦଳୀୟ ଯୁବ ସଙ୍ଗଠନ କିଭଳି ଅଧିକ ସକ୍ରିୟ ଭାବେ କାର୍ଯ୍ୟ କରିବ ସେନେଇ ଆହ୍ୱାନ ଦିଆଯାଇଛି। ସାଙ୍ଗଠନିକ ସମ୍ପାଦକ ଦାସ କହିଛନ୍ତି, ଆସନ୍ତା ବର୍ଷ ପଞ୍ଚାୟତ ଓ ପୌର ନିର୍ବାଚନ ହେବାକୁ ଥିବାରୁ ଦଳ ପାଇଁ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ। କର୍ମୀଙ୍କ କଠିନ ପରିଶ୍ରମ ବଳରେ ହିଁ ଦଳ ଜିତିପାରିବ। ସେହିପରି ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭଳି ଜଣେ ବ୍ୟକ୍ତିତ୍ୱଙ୍କୁ ନେତା ରୂପେ ପାଇ ଆମେ ସମସ୍ତେ ଗର୍ବିତ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି କର୍ମୀମାନେ କାର୍ଯ୍ୟ କରିବା ଉଚିତ। ଅନ୍ୟପକ୍ଷରେ ବର୍ଦ୍ଧିତ ଦରଦାମ୍‌କୁ ନେଇ ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ କହିଥିଲେ, ବିଜେଡି ଏକ ରାଜନୈତିକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ସେ କହିଥିଲେ। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାଳଜୟୀ ବୋଲି ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ କହିଥିଲେ। ଶିବିରରେ ବିପର୍ଯ୍ୟୟ ମୁକାବିଲା ଓ ଜୀବନ ବିନ୍ଦୁ ସମ୍ପର୍କରେ ଆଲୋଚନା ହୋଇଛି। ଶିବିରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ପୁରୀ ବେଳାଭୂମି ସଫେଇ କରାଯାଇଥିଲା।


ଶିବିରରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଯୁବ ବିଜେଡି ରାଜ୍ୟ ସଭାପତି ବ୍ୟୋମକେଶ ରାୟ ଏବଂ ଅନ୍ୟ କର୍ମକର୍ତ୍ତାମାନେ।

# ଦିଲ୍ଲୀରେ ପିସିସି ବୈଠକ: ସଦସ୍ୟତା ବୃଦ୍ଧିକୁ ଗୁରୁତ୍ୱ

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ନୂଆଦିଲ୍ଲୀଠାରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ମଙ୍ଗଳବାର ପିସିସି ବୈଠକ ବସିଥିଲା। ଏଥିରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଏ ସମ୍ପର୍କରେ ପଟ୍ଟନାୟକ କହିଛନ୍ତି, ଏଆଇସିସି ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଆନୁଷଙ୍ଗିକ ଓ ସାଙ୍ଗଠାନିକ କର୍ଯ୍ୟପନ୍ଥାକୁ ନେଇ ଆଲୋଚନା କରାଯାଇଥିଲା। କଂଗ୍ରେସକୁ ତୃଣମୂଳ ସ୍ତରରେ ଆହୁରି ଦୃଢ କରିବା ପାଇଁ ସଦସ୍ୟତା ଓ କଂଗ୍ରେସ କର୍ମୀ ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ପଥପ୍ରାନ୍ତ ସଭା ଓ ପଦଯାତ୍ରା ମାଧ୍ୟମରେ ସଦସ୍ୟତା ବୃଦ୍ଧି ପାଇଁ ଯୋଜନା କରାଯାଇଛି। ରାଜ୍ୟରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନକୁ ନେଇ ବିଶେଷ ଆଲୋଚନା କରାଯାଇ ନ ଥିବାବେଳେ ନିର୍ବାଚନରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ସୂଚୀକୁ ନେଇ ଦଳ ଆଗକୁ ବଢ଼ିବ ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଭାଜପାର ୧୨ଘଣ୍ଟିଆ ସମ୍ବଲପୁର ବନ୍ଦ


ସମ୍ବଲପୁର କଚେରି ରୋଡ୍‌ଠାରେ ଭାଜପା କର୍ମକର୍ତ୍ତା ପିକେଟିଂ କରୁଛନ୍ତି।

## ମମିତା ହତ୍ୟା ଘଟଣା

ସମ୍ବଲପୁର,୨୬।୧୦(ବ୍ୟୁରୋ)

ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣା ନେଇ ମଙ୍ଗଳବାର ସମ୍ବଲପୁର ଜିଲା ଭାଜପା ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଜିଲା ସଦର ମହକୁମା ସମେତ ଜିଲାର ବିଭିନ୍ନ ବ୍ଲକରେ ଦଳୀୟ ନେତା ଓ କର୍ମୀମାନେ ବନ୍ଦରେ ସାମିଲ ହୋଇଥିଲେ। ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଜରୁରୀ ସେବାକୁ ବାଦ୍‌ଦେଇ ଭାରିଯାନ ବିଶେଷକରି ଟ୍ରକ୍, ବସ୍ ଚଳାଚଳ ବନ୍ଦ ରହିଥିଲା। ଜିଲାପାଳ, ଆର୍‌ଡିସି, ଏସ୍‌ଏମ୍‌ସି ଭଳି ସରକାରୀ ଅଫିସଗୁଡିକ ବନ୍ଦ ରହିଥିଲା। ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଛୁଟି ରହିଥିଲା। ଜିଲାର କୁଚିଣ୍ଡା, ଜମନକିରା, ରେଢାଖୋଲ, ମାନେଶ୍ୱର, ଯୁଯୁମୁରା, ରେଙ୍ଗାଲି ଆଦି ସ୍ଥାନରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା।

କର୍ମକର୍ତ୍ତା ଅଭିଯୋଗ କରିଥିଲେ, ମମିତା ହତ୍ୟା ଘଟଣାକୁ ରାଜ୍ୟ ସରକାର ଚପାଇଦେବାକୁ ଉଦ୍ୟମ କରୁଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉ ନାହିଁ। ସିବିଆଇ ତଦନ୍ତ ସହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଓ ପୀଡିତା ପରିବାରକୁ ଆର୍ଥିକ ସହାୟତା ଦିଆଯାଉ ବୋଲି ଦାବି କରିଥିଲେ। ଜିଲା ଭାଜପା ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିବାବେଳେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଏହାକୁ ପରିଚାଳନା କରିଥିଲେ। କୁଚିଣ୍ଡା, ରେଢାଖୋଲ ଓ ସଦର ଉପଖଣ୍ଡରେ ମଣ୍ଡଳ ସଭାପତିଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା।



**ନୋର୍ଜ ପ୍ଲେୟର ଅଫ୍ ଦି ମ୍ୟାଚ**

ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଅନରିଚ ନୋର୍ଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୦୬

୦୫

**କାର୍‌ଗିଲ୍ ଯୁଦ୍ଧବେଳେ ରବିନାଙ୍କୁ ମାଗିଥିଲା ପାକ୍**

କାର୍‌ଗିଲ୍ ଯୁଦ୍ଧବେଳେ ଭାରତୀୟ ଶହୀଦ ଯବାନଙ୍କ ମୃତଦେହ ପଠାଇବା ବଦଳରେ ଅଭିନେତ୍ରୀ ରବିନା ଟଣ୍ଡନଙ୍କୁ ମାଗିଥିଲା ପାକିସ୍ତାନ।






# ରାଧେ, ଗୋବିନ୍ଦରେ ତଦନ୍ତ ସୀମିତ

**ବଲାଙ୍ଗୀର ଅଫିସ,୨୬।୧୦**

ମମିତା ମେହେର ଅପହରଣ ଓ ହତ୍ୟା ଘଟଣା ରାଜ୍ୟ ରାଜନୀତିକୁ ଦୋହଲାଇ ଦେଇଛି। ପୋଲିସ ଏହି ଘଟଣାକୁ ସୁଚିନ୍ତିତ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି କହୁଛି। ଘଟଣା ପଛରେ ମାତ୍ର ଦୁଇଜଣ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ରାଧେଶ୍ୟାମ ଚଣ୍ଡୀ ସମ୍ପୃକ୍ତ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଅପହରଣ ଏବଂ ହତ୍ୟା ଘଟଣାକୁ ଇତିମଧ୍ୟରେ ୧୯ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଘଟଣା ପଛର କାରଣ ସମ୍ପର୍କରେ ଅଧିକ ଖୋଳତାଡ଼ ନ କରି କେବଳ ପରକୀୟା ପ୍ରୀତି ପାଇଁ ଏହି ହତ୍ୟାକାଣ୍ଡ ଘଟିଥିବା କହି ଚୁପ୍ ହୋଇ ବସିଯାଇଛି। ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତାଙ୍କୁ ଯେଭଳି ଭାବେ ଅଭିଯୁକ୍ତ ଗୋବିନ୍ଦ ସାହୁ ଅପହରଣ କରି ହତ୍ୟା କରିବା ପରେ ସମ୍ପୂର୍ଣ୍ଣ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିଛନ୍ତି ସେଥିରୁ ମାମଲାର ଗମ୍ଭୀରତା ଦେଖାଯାଉଛି। ମାତ୍ର ପୋଲିସ ପୀଡ଼ିତା ପରିବାରଙ୍କ ଅଭିଯୋଗ ଅନୁଯାୟୀ ସିଆରପିସି ଅନୁଯାୟୀ କେବଳ ଅପହରଣ ଏବଂ ହତ୍ୟା ଦିଗକୁ ହିଁ ତଦନ୍ତ ପରିସରଭୁକ୍ତ କରାଯାଇଛି ବୋଲି କହିଛି। ଅନ୍ୟପକ୍ଷେ ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ଏବଂ ଷଡ଼ଯନ୍ତ୍ର ପଛର ଅଭିଯୁକ୍ତଙ୍କ ସମ୍ପୃକ୍ତି ଦିଗକୁ ପୋଲିସ ଆଦୌ ତଦନ୍ତ କରୁ ନ ଥିବାରୁ ସାଧାରଣରେ ପୋଲିସ ତଦନ୍ତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉତ୍ତରାଞ୍ଚଳ ଡିଆଇଜି ଡା. ଦୀପକ କୁମାର ସୋମବାର ଖବରଦାତା ସମ୍ମିଳନୀରେ ଦେଇଥିବା ତଥ୍ୟ ଉପରେ ସନ୍ଦେହ ସୃଷ୍ଟି ହେଉଛି। ଗତ ୧୭ତାରିଖ ରାତିରେ ଅଭିଯୁକ୍ତ ଗୋବିନ୍ଦ ପୋଲିସ ବାରାକ୍‌ରୁ କିଭଳି ଭାବେ ଫେରାର ହେଲେ ସେନେଇ କିଛି ବି ସନ୍ତୋଷଜନକ ☞ପୃଷ୍ଠା-୨

**ମମିତା ମେହେର ହତ୍ୟାକାଣ୍ଡ**



**ଟିଟିଲାଗଡ଼ ବାରାକ୍‌ରୁ ଫେରାର ଘଟଣାରେ ମୁହଁ ଖୋଲୁନି ପୋଲିସ**

## ହତ୍ୟା ପରେ ଏଫ୍‌ଆଇଆର୍ ଲେଖିଥିଲେ

**ବଲାଙ୍ଗୀର ଅଫିସ,୨୬।୧୦**



ଗୋବିନ୍ଦ ସାହୁ

ଗତ ଅକ୍ଟୋବର ୮ତାରିଖରେ ମମିତା ମେହେର ମହାଲିଙ୍ଗ ସ୍କୁଲ ଯାଉଛି, ମିଟିଂ ଅଛି କହି ଘରୁ ବାହାରିଥିଲେ। ଚାନ୍ଦୋତରାରୁ ଅଭିଯୁକ୍ତ ଗୋବିନ୍ଦ ସାହୁ ତାଙ୍କ କାର୍‌ରେ ମମିତାଙ୍କୁ ନେଇ ଯାଇଥିଲେ। ଭବାନୀପାଟଣାରେ ମାର୍କେଟିଂ କରି ଫେରିବା ବାଟରେ କୁରସୁଡ୍-ବୋର୍ଡା ନିକଟରେ କାରରେ ତଣ୍ଟି ଚିପି ହତ୍ୟା କରିଥିବା ଏବଂ ପରେ ମୃତଦେହକୁ ମହାଲିଙ୍ଗ ଷ୍ଟାଡିୟମରେ ଖୋଳାଯାଇଥିବା ଗାତରେ ପୋତି ପୋତି ଦେଇଥିବା ତଦନ୍ତ ବେଳେ ଗୋବିନ୍ଦ ସ୍ୱୀକାର କରିଥିବା ପୋଲିସ କହୁଛି। ଏତେସବୁ କାଣ୍ଡ ଘଟାଇଲା ପରେ ମଧ୍ୟ ଗୋବିନ୍ଦ ପୋଲିସକୁ ଅନେକ ମିଛ କହୁଥିବା ଏବଂ ଭୁଆଁ ବୁଲାଉଥିବା ଜଣାପଡ଼ିଛି। ୮ ତାରିଖ ସକାଳ ୫ଟାରୁ ମମିତା ଘରୁ ମହାଲିଙ୍ଗ ଯିବାପାଇଁ ବାହାରିବା ପରେ ସେହିଦିନ ପୂର୍ବାହ୍ନ ପ୍ରାୟ ୯ଟାରେ ☞ପୃଷ୍ଠା-୨

## ମମିତାଙ୍କ ବାହାଘର ପାଇଁ ପ୍ରସ୍ତୁତି ଚାଲିଥିଲା

ମମିତା ମେହେର (୨୭) ୨୦୧୦ ମସିହାରେ ଝରଣୀ ପଞ୍ଚାୟତ ପବ୍ଲିକ୍ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିଥିଲେ। ସେହିବର୍ଷ ନୂଆକରି ଆରମ୍ଭ ହୋଇଥିବା କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ମହାଲିଙ୍ଗ ଗ୍ରାମ ଆଞ୍ଚଳିକ ମହାବିଦ୍ୟାଳୟରେ ଯୁକ୍ତଦୁଇରେ ନାମ ଲେଖାଇଥିଲେ। ସେଠାରେ ଦୁଇବର୍ଷ ପାଠ ପଢ଼ିବା ପରେ ଯୁକ୍ତଦୁଇ ପାସ୍ କରିଥିଲେ। ଏହାପରେ ପାଟଣାଗଡ ଜବାହାରଲାଲ କଲେଜରୁ ଯୁକ୍ତତିନି ଶେଷ କରିଥିଲେ। ପରେ ରାୟପୁର ରବିଶଙ୍କର ବିଶ୍ୱବିଦ୍ୟାଳୟରୁ ବିଇଡି କରିଥିଲେ। ୨୦୧୮ରେ ସେ ମହାଲିଙ୍ଗ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ ଯୋଗଦେଇଥିଲେ। ସେଠାରେ ଛୋଟ ପିଲାଙ୍କୁ ପାଠ ପଢ଼ାଇ ବେଶ୍ ଲୋକପ୍ରିୟ ହୋଇଥିଲେ। ଏହାପରେ ତାଙ୍କୁ ସ୍କୁଲ ଅଧ୍ୟକ୍ଷା ଦାୟିତ୍ୱ ଦିଆଯାଇଥିଲା। କରୋନା ମହାମାରୀ ଲକ୍‌ଡାଉନ୍ ପରେ ସେ ମହାଲିଙ୍ଗରୁ ଘରକୁ ଫେରି ଆସିଥିଲେ। ଚଳିତବର୍ଷ ମମିତାଙ୍କୁ ବିବାହ କରିବାକୁ ପରିବାର ଲୋକେ ପ୍ରସ୍ତୁତ ହେଉଥିଲେ। ଅନେକ ଭଲ ପ୍ରସ୍ତାବ ବି ଆସିଥିଲା। ପରିବାର ଲୋକେ ଅନେକ ସ୍ୱପ୍ନ ଦେଖିଥିଲେ। ସବୁ ଅଧୁରା ରହିଗଲା। ମମିତାଙ୍କ ହତ୍ୟା ପରେ ମେହେର ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି।

# ଯାତ୍ରୀ ପରିବହନ ଉପରେ ଡିଜେଲ ମାଡ଼

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ)**



- ଡିଜେଲ ଉପରୁ ଟିକସ୍ ଛାଡ଼ ଦାବି କଲା ବସ୍ ମାଲିକ ସଂଘ
- ସରକାରଙ୍କୁ ନଭେମ୍ବର ୧୫ ଯାଏ ମହଲତ
- ୧୬ରୁ ଘରୋଇ ବସ୍ ଧର୍ମଘଟ ଚେତାବନୀ

କୋଭିଡ୍-୧୯ ମହାମାରୀ କେବଳ ସ୍ୱାସ୍ଥ୍ୟ ନୁହେଁ, ଜୀବନଜୀବିକାକୁ ବିଶେଷଭାବେ ପ୍ରଭାବିତ କରିଛି। ଏଥିରୁ ପରିବହନ ସେବା ମଧ୍ୟ ବାଦ୍ ପଡ଼ିନାହିଁ। ବିଶେଷକରି ଯାତ୍ରୀ ପରିବହନ ସେବା ଅତିମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଏହା ସାଙ୍ଗକୁ ବଢ଼ିଚାଲିଥିବା ଡିଜେଲ ଓ ପେଟ୍ରୋଲ ଦର ପରିସ୍ଥିତିକୁ ଆହୁରି ବିଗାଡ଼ି ଦେଇଛି। ତୈଳ ଦର ବୃଦ୍ଧି ଯୋଗୁ ଅତ୍ୟାବଶ୍ୟକ ଜିନିଷ ଦରଦାମ ଆକାଶଛୁଆଁ ହୋଇଥିବାବେଳେ ବସ୍ ଭଡ଼ା ବୃଦ୍ଧି ଜନସାଧାରଣଙ୍କୁ ଅତିଷ୍ଠ କରିଛି। ରାଜ୍ୟ ସରକାର ନିକଟରେ ବସ୍ ଭଡ଼ା ବୃଦ୍ଧି କରିଥିଲେ ମଧ୍ୟ ଏଥିରେ ବସ୍ ପରିବହନ ସେବାର କୌଣସି ଫାଇଦା ହୋଇପାରୁ ନାହିଁ। ଯାତ୍ରୀ ଅଭାବରୁ ବସ୍‌ଗୁଡ଼ିକ ଦୈନିକ ଖର୍ଚ୍ଚ ଉଠାଇବା କଷ୍ଟକର ହୋଇପଡୁଛି। ରାଜ୍ୟ ସରକାର ଆସନ୍ତା ନଭେମ୍ବର ୧୫ ସୁଦ୍ଧା ତୁରନ୍ତ ଡିଜେଲ ଉପରୁ ଟିକସ ଛାଡ଼ କରିବା ସହ ଅନ୍ୟାନ୍ୟ ଦାବି ପୂରଣ ନ କଲେ ୧୬ ତାରିଖରୁ ସମଗ୍ର ରାଜ୍ୟରେ ବସ୍ ଚଳାଚଳ ବନ୍ଦ ରହିବ ବୋଲି ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ମଙ୍ଗଳବାର ସଂଘର ଜରୁରୀ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କରୋନା ପରିସ୍ଥିତିରୁ ମୁକୁଳିବା ପାଇଁ ସରକାରଙ୍କୁ ଦିଆଯାଇଥିବା ବିଭିନ୍ନ ଦାବି ପୂରଣ ହୋଇ ନ ଥିବାରୁ ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ଗତ ୪ ମାସ ହେବ କୋଭିଡ୍ କଟକଣା କୋହଳ ହୋଇଥିଲେ ସୁଦ୍ଧା ରାଜ୍ୟରେ ଥିବା ୧୪ ହଜାର ବସ୍‌ରୁ ଅଦ୍ୟାବଧି ୪୦ ପ୍ରତିଶତ ବସ୍ ଚଳାଚଳ କରିପାରି ନାହିଁ। ଚାଲୁଥିବା ୬୦ ଭାଗ ବସ୍ କ୍ରମେ ବନ୍ଦ ହେବାକୁ ବସିଲାଣି। ଏଭଳି ଅବସ୍ଥାରେ ରାଜ୍ୟ ସରକାର ତୁରନ୍ତ ଆର୍ଥିକ ସହାୟତା ଘୋଷଣା କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ☞ପୃଷ୍ଠା-୨



କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍‌ରୁ ଉଦ୍ଧାର ହୋଇଥିବା ହାତୀ ଶାବକ ମଙ୍ଗଳବାର ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନସ୍ଥିତ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରରେ ପହଞ୍ଚିଛି। ସେଠାରେ ଛୁଆ ହାତୀର ଯତ୍ନ ନିଆଯାଉଛି।

# ମାର୍ଚ୍ଚ ସୁଦ୍ଧା ୧୩ ବିମାନ ବନ୍ଦର ଘରୋଇକରଣ

**ନୂଆଦିଲ୍ଲୀ,୨୬।୧୦**

**ତାଲିକାରେ ଭୁବନେଶ୍ୱର ବିମାନବନ୍ଦର**




ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶର ୧୩ ବିମାନ ବନ୍ଦର ଘରୋଇକରଣ ପ୍ରକ୍ରିୟା ସାରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ବିମାନ ବନ୍ଦରଗୁଡ଼ିକ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ଦ୍ୱାରା ପରିଚାଳିତ ହେଉଛି। ଏଏଆଇ ଅଧ୍ୟକ୍ଷ ସଞ୍ଜୀବ କୁମାର ସୋମବାର କହିଛନ୍ତି, ୧୩ ବିମାନ ବନ୍ଦରର ତାଲିକା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ପ୍ରଦାନ କରାଯାଇଛି। ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ (ପିପିପି) ମୋଡ୍‌ରେ ଏଗୁଡ଼ିକୁ ପରିଚାଳନା କରିବାକୁ ପ୍ରସ୍ତାବ ରଖାଯାଇଛି। ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏ ସଂକ୍ରାନ୍ତ ବିଭିନ୍ନ ପ୍ରକ୍ରିୟା ଶେଷ କରିବା ନେଇ ଯୋଜନା ରଖାଯାଇଥିବା କୁମାର ସ୍ପଷ୍ଟ କରିଛନ୍ତି।

ପାସେଞ୍ଜର ପିଛା ରାଜସ୍ୱ ମଡେଲରେ ଏହି ବିମାନବନ୍ଦରଗୁଡ଼ିକୁ ନିଲାମ କରାଯିବ। ପୂର୍ବରୁ ଗ୍ରେଟର ନୋଏଡାର ଜେୱାର ଏୟାରପୋର୍ଟ ଏହିଭଳି ଭାବେ ନିଲାମ କରାଯାଇଛି। କୋଭିଡ୍ ସତ୍ତ୍ୱେ ମଧ୍ୟ ନିଲାମ ପ୍ରକ୍ରିୟା ସଫଳ ହୋଇଛି। ବର୍ତ୍ତମାନ କୋଭିଡ୍ ସ୍ଥିତିରେ ସୁଧାର ଆସିଥିବା ବେଳେ ପ୍ରସ୍ତାବିତ ବିମାନବନ୍ଦରଗୁଡ଼ିକୁ ମଧ୍ୟ ସଫଳ ଭାବେ ନିଲାମ କରିବାକୁ ଯୋଜନା ରଖାଯାଇଛି। ୫୦ ବର୍ଷ ଅବଧି ଲାଗି ଏହି ବିମାନବନ୍ଦରଗୁଡ଼ିକୁ ଘରୋଇ ହାତକୁ ସରକାର ଟେକିଦେବେ। ୭ କ୍ଷୁଦ୍ର ବିମାନ ବନ୍ଦର ସହ ୬ ପ୍ରମୁଖ ବିମାନ ବନ୍ଦରକୁ ଏହି ତାଲିକାରେ ସାମିଲ କରାଯାଇଛି। ବିମାନ ବନ୍ଦରଗୁଡ଼ିକ ମଧ୍ୟରେ ବାରାଣସୀ, କୁସିନଗର, ଗୟା, ଅମ୍ରିତସର, କାଙ୍ଗ୍ରା, ଭୁବନେଶ୍ୱର, ତିରୁପତି, ରାୟପୁର, ଔରଙ୍ଗାବାଦ,ଇନ୍ଦୋର, ଜବଲପୁର, ତ୍ରିଚି ଏବଂ ହୁବ୍ଲି ରହିଛି।

ନ୍ୟାଶନାଲ ମନିଟାଇଜେଶନ ପାଇପଲାଇନ (ଏନ୍‌ଏମ୍‌ପି) ଅଧୀନରେ ସରକାର ଆସନ୍ତା ୪ ବର୍ଷରେ ୨୫ ବିମାନ ବନ୍ଦରକୁ ଘରୋଇକରଣ ଯୋଜନା ରଖିଛନ୍ତି। ଏହା ମଧ୍ୟରେ ବର୍ତ୍ତମାନର ପ୍ରସ୍ତାବିତ ୧୩ ବିମାନବନ୍ଦର ରହିଛି।

# ଆର୍ଯ୍ୟନଙ୍କୁ ଜେଲ ନୁହେଁ, ରିହାବ୍ ଲୋଡ଼ା

## ଡ୍ରଗ୍ସ ପାର୍ଟି ମାମଲା: ହାଇକୋର୍ଟରେ ଝୁଲିଲା ଜାମିନ ଶୁଣାଣି

**ମୁମ୍ବାଇ,୨୬।୧୦**

କ୍ରୁଜ୍ ଶିପ୍ ଡ୍ରଗ୍ସ କେସ୍‌ରେ ଗିରଫ ଆର୍ଯ୍ୟନ ଖାନ୍, ଅରବାଜ ମର୍ଚ୍ଚାଣ୍ଟ ଓ ମୁନ୍‌ମୁନ୍ ଧମେଚାଙ୍କ ପକ୍ଷରୁ କରାଯାଇଥିବା ଜାମିନ ଆବେଦନର ଶୁଣାଣି ମଙ୍ଗଳବାର ବମ୍ବେ ହାଇକୋର୍ଟରେ ଶେଷ ହୋଇପାରି ନାହିଁ। ବୁଧବାର ଅପରାହ୍ନ ୨ଟା ୩୦ରେ ହାଇକୋର୍ଟ ଏହାର ବିଚାର କରିବେ ବୋଲି ଧାର୍ଯ୍ୟ କରିଛନ୍ତି। ତିନିଜଣଙ୍କ ଜାମିନ ଆବେଦନକୁ ସ୍ୱତନ୍ତ୍ର ଏନ୍‌ଡିପିଏସ୍ କୋର୍ଟ ବିଚାରପତି ଭି.ଭି. ପାଟିଲ ଖାରଜ କରିଦେବା ପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଏହି ତିନିଜଣଙ୍କ ବିରୋଧରେ ଡ୍ରଗ୍ସ କିଣିବା, ବ୍ୟବହାର କରିବା, ଅପରାଧ ଘଟାଇବା ପାଇଁ ଉଦ୍ୟମ, ଷଡ଼ଯନ୍ତ୍ର ରଚିବା ଭଳି ସାଂଘାତିକ ଅଭିଯୋଗ ଆଣି ଏନ୍‌ଡିପିଏସ୍ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି।

ଜଷ୍ଟିସ୍ ଏନ୍.ଡବ୍ଲ୍ୟୁ ସାମ୍ବ୍ରେଙ୍କ ଖଣ୍ଡପୀଠରେ ଆର୍ଯ୍ୟନଙ୍କ ପକ୍ଷରୁ ପୂର୍ବତନ ଆଟର୍ନି ଜେନେରାଲ ମୁକୁଲ ରୋହତଗୀ ଯୁକ୍ତି ବାଢ଼ି କହିଥିଲେ, ଆର୍ଥର ଜେଲରେ ଥିବା ଜୁନିୟର ଖାନ୍‌ଙ୍କୁ ରେଭ୍ ପାର୍ଟିକୁ ଗେଷ୍ଟ ଭାବେ ନିମନ୍ତ୍ରିତ କରାଯାଇଥିଲା। ତାଙ୍କ ନିକଟରୁ ଡ୍ରଗ୍ସ ଜବତ କରାଯାଇ ନାହିଁ କି ସେ ତାକୁ ବ୍ୟବହାର ମଧ୍ୟ କରିନାହାନ୍ତି। ତେଣୁ ଏହି ଗିରଫଦାରି ବେଆଇନ। ଆର୍ଯ୍ୟନଙ୍କୁ ଜାମିନ ଦିଆଯାଉ ବୋଲି ରୋହତଗୀ ଅନୁରୋଧ କରିଥିଲେ। ଏହି ଅବସରରେ ସେ ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ କରାଯିବାକୁ ଥିବା ଡ୍ରଗ୍ସ ନିରୋଧୀ ପ୍ରସ୍ତାବିତ ସଂସ୍କାରର ଅବତାରଣା କରିଥିଲେ। ଆର୍ଯ୍ୟନ ଜଣେ ଛୋଟପିଲା, ଯାହାଙ୍କ କୌଣସି ଆପରାଧିକ ପୃଷ୍ଠଭୂମି କିମ୍ବା ରାଜନୈତିକ ସମ୍ପର୍କ ନାହିଁ। ତେଣୁ ତାଙ୍କୁ ଜେଲରେ ରଖିବା ପରିବର୍ତ୍ତେ ରିହାବିଲିଟେଶନ ସେଣ୍ଟରକୁ ପଠାଇ ଦିଆଯାଉ ବୋଲି ରୋହତଗୀ ଦାବି କରିଥିଲେ। ଅରବାଜଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅମିତ୍ ଦେଶାଇ ପକ୍ଷ ରଖିଥିବାବେଳେ ଏନ୍‌ସିବି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଅନିଲ ସିଂ ପ୍ରତିନିଧିତ୍ୱ କରିଥିଲେ।

ଅକ୍ଟୋବର ୨ ରାତିରେ ମୁମ୍ବାଇରୁ ଗୋଆ ଯାଉଥିବା କାର୍ଡେଲିଆ କ୍ରୁଜ୍‌ରେ ଏନ୍‌ସିବି ଅତର୍କିତ ଚଢ଼ାଉ କରି ବଲିଉଡ୍ ଷ୍ଟାର ଶାହରୁଖ୍ ଖାନଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିଲା। ଏନ୍‌ଡିପିଏସ୍ କୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ୩ ଅଭିଯୁକ୍ତ ବମ୍ବେ ହାଇକୋର୍ଟଙ୍କୁ ବେଲ୍ ମାଗିଥିଲେ। ହାଇକୋର୍ଟରେ ମଙ୍ଗଳବାର ଏହି ହାଇପ୍ରୋଫାଇଲ ☞ପୃଷ୍ଠା-୨




## ୩୭୮ ଓଏଏସ୍ ଅଫିସର ନିଯୁକ୍ତି ବୈଧ: ହାଇକୋର୍ଟ

**ସ୍ୟାଟ୍ ନିର୍ଦ୍ଦେଶ ଖାରଜ**

**କଟକ ଅଫିସ,୨୬।୧୦**

୨୦୧୦ରେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଫିସର ଭାବେ ନିଯୁକ୍ତି ପାଇଥିଲେ ୩୭୮ ଜଣ। ସେମାନଙ୍କ ନିଯୁକ୍ତିକୁ ମଙ୍ଗଳବାର ହାଇକୋର୍ଟ ବୈଧ ବୋଲି ଘୋଷଣା କରିବା ସହିତ ଷ୍ଟେଟ ଆଡ୍‌ମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ (ସ୍ୟାଟ୍)ଙ୍କ ନିର୍ଦ୍ଦେଶକୁ ଖାରଜ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୦୬ରେ ୩୭୮ ଓଏଏସ୍ ପଦବୀ ପାଇଁ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୧୦ରେ ଯୋଗ୍ୟ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ମିଲିଟାରୀ ହାତରେ ସୁଦାନ

## ବିନା ଦର୍ଶକରେ ଜୁନିୟର ହକି ବିଶ୍ୱକପ୍

**ଭୁବନେଶ୍ୱର, ୨୬।୧୦ (ପି.ଟି.)**




ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ୍ ବିନା ଦର୍ଶକରେ ହେବ। ହକି ଇଣ୍ଡିଆ ତରଫରୁ ମଙ୍ଗଳବାର ସ୍ପଷ୍ଟ କରାଯାଇଛି। ଯଦି ବହୁ ସଂଖ୍ୟକ ଦର୍ଶକ ଟୁର୍ନାମେଣ୍ଟ ଦେଖିବାକୁ ଆସନ୍ତି ତେବେ କୋଭିଡ୍ ପ୍ରୋଟୋକଲକୁ କାର୍ଯ୍ୟକାରୀ କରିବା କଷ୍ଟକର ହେବ ବୋଲି ଆୟୋଜକଗଣ ମନେ କରୁଛନ୍ତି। ଏହି ମେଗା ଇଭେଣ୍ଟ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୪ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ଖେଳାଯିବା କାର୍ଯ୍ୟକ୍ରମ ରହିଛି। କୋଭିଡ୍ ପରିସ୍ଥିତି ଯୋଗୁ ଖେଳାଳିମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। କଳିଙ୍ଗ ଷ୍ଟାଡିୟମ ଭିତରକୁ କେବଳ ସ୍ୱୀକୃତିପ୍ରାପ୍ତ କର୍ମଚାରୀ ଓ ଅଂଶଗ୍ରହଣକାରୀଙ୍କୁ ଅନୁମତି ମିଳିବ। ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ ଆୟୋଜକ ଭାରତ, ଆର୍ଜେଣ୍ଟିନା, ବେଲଜିୟମ, କାନାଡା, ଚିଲି, ଇଜିପ୍ଟ, ଫ୍ରାନ୍ସ, ଜର୍ମାନୀ, କୋରିଆ, ମାଲେସିଆ, ପାକିସ୍ତାନ, ପୋଲାଣ୍ଡ, ଦକ୍ଷିଣ ଆଫ୍ରିକା, ସ୍ପେନ୍, ନେଦରଲାଣ୍ଡ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା। ୫ ଦିନ ପୁଲ୍ ଷ୍ଟେଜ୍ ମ୍ୟାଚ ଖେଳାଯିବା ପରେ ନଭେମ୍ବର ୩୦ରୁ କ୍ଲାସିଫିକେଶନ ଗେମ୍ ଅନୁଷ୍ଠିତ ହେବ। ଡିସେମ୍ବର ୧ରେ କ୍ୱାର୍ଟରଫାଇନାଲ ଖେଳାଯିବାକୁ ଥିବାବେଳେ ସେମିଫାଇନାଲ ଡିସେମ୍ବର ୩ରେ ଏବଂ ଫାଇନାଲ ଡିସେମ୍ବର ୫ରେ ହେବ। ୧୪ଟି ଦଳକୁ କ୍ୱାରାଣ୍ଟାଇନ୍ ଛାଡ଼ କରାଯାଇଛି। କିନ୍ତୁ ସେମାନଙ୍କୁ ନଜରରେ ରଖାଯିବ। କୌଣସି ଲକ୍ଷଣ ପ୍ରକାଶ ପାଇଲେ ସେମାନଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ନିୟମ ମାନି ଚଳିବାକୁ ହେବ। ଚିକିତ୍ସା ପାଇଁ ଆବଶ୍ୟକ ବନ୍ଦୋବସ୍ତ କରାଯିବ। ୟୁରୋପ ଓ ମଧ୍ୟ ପ୍ରାଚ୍ୟରୁ ଆସିଥିବା ଦଳଗୁଡ଼ିକର ବିମାନବନ୍ଦରରେ କରୋନା ଟେଷ୍ଟ ବାଧ୍ୟତାମୂଳକ ହେବ।

**ଆଜିର ମନ୍ତବ୍ୟ**
"ବିଭିନ୍ନ ରାଜ୍ୟରେ କଂଗ୍ରେସ ନେତାମାନଙ୍କ ବ୍ୟକ୍ତିଗତ ମହତ୍ୱାକାଂକ୍ଷା ଯୋଗୁ ଦଳ କ୍ଷତିଗ୍ରସ୍ତ ହେଉଛି। ଉଭୟ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ସଫଳତା ପାଇଁ ଶୃଙ୍ଖଳା ଜରୁରୀ।
– ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ଦିବ୍ୟାଂଶୁ
ପରିବାରବର୍ଗ


ଦିଲ୍ଲୀପ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ନିଶାମୁକ୍ତି କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ

**ଗଁଦିଆ, ୨୬।୧୦:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କୋହ୍ଲୁଆସ୍ଥିତ ନିଶାମୁକ୍ତି ସମନ୍ୱିତ ଥଇଥାନ କେନ୍ଦ୍ରର ଶୌଚାଳୟରୁ ସୋମବାର ସନ୍ଧ୍ୟାରେ ଜଣେ ଅନ୍ତେବାସୀଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ମିଳିଛି। ସେ ହେଲେ ତୁମୁସିଙ୍ଗା ଥାନା ବୋଲୁଅ ଗ୍ରାମର ସଞ୍ଜୟ ରାଉତ (୨୬)। ତେବେ ମୃତକଙ୍କ ଗୋଡ଼ ଭୂଇଁରେ ଲାଗିଥିବାରୁ ତାଙ୍କ ମୃତ୍ୟୁକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦ୍ରର କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା କହୁଥିବାବେଳେ ମୃତକଙ୍କ ଦାଦା ନିରଞ୍ଜନ ରାଉତ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି।


# classifieds Everyday
0674-2580101, 2549302


MATRIMONIAL

**BRIDE WANTED**

Required odia brahmin educated working/ not working girl born after 1987 for 38yrs boy. B-TECH,MBA, ADVANCED MBA. Working as Senior Manager at RIL, Mumbai. Mo-8249272307. D-22037

**GROOM WANTED**

ଭୁବନେଶ୍ୱରସ୍ଥିତ ୫୪ ବୟସ୍କା ଚାକିରିଆ ଏବଂ ପେନ୍‌ସନ୍ ପାଉଥିବା ବିଧବା ବ୍ରାହ୍ମଣୀଙ୍କୁ ଯେକୌଣସି ଜାତିର ବର ଆବଶ୍ୟକ। 7608010434. D-22045

High School Teacher, ଦରମା 54000/- ବୟସ 46 ଅବିବାହିତା ଖଣ୍ଡାୟତ ଜାତିର ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7894489867. D-22067


real estate

**SALE**

**Metro Hydeout, Athagarh Cuttack farm house 8000 sqft. for sale. Price negotiable. Contact 9337709323.** D-22073

ସୁନ୍ଦରପୁର ମୌଜା 200ft. road ପାଖରେ yellowzone plot 4000sqft. ବିକ୍ରିହେବ। 9937910363. D-70246

**Duplex for sale At-Pokhariput, land area: 2400sqft., construction area: 3600sqft. Contact: 7653927969.** D-22078

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call-9827119799. D-71189

New duplex sale at Attala, BBSR. Contact: 8249818817. D-22064

**Metro Heritage Dagarpada, Cuttack, flat for sale. 3rd floor 1465 sqft 2BHK, with Garage and lift. Price negotiable. Contact 9337709323.** D-22075

CV Raman College ପାଖରେ 27,000sqft. plot ବିକ୍ରିହେବ। Contact: 9937910363. D-70247

**Gharabari Patta, boundary plot sale at Jagannathdham, Puri immediately construction. 7008067338, 9090746445.** D-71725

Private plot sale Patrapada near DN Regalia Mall & Infocity-II, Bhubaneswar 999/- sqft., 9437335686, 7008487006. D-22040

**Parekh Residential Complex at Kazibazar, Cuttack, Near Govt. Girls High School. 2flats of 2BHK (each) 905 sqft., 3rd floor. Price negotiable. Contact 9337709323.** D-22074

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9776974912. D-21938

**Duplex, book now just 1.7K.M. from NH-16 Puri Canal, Hanspal. Contact: 8763499150.** D-22026

1500sqft. converted plot available backside of Utkalhieght. Contact: 9337413323. D-71507

**GENERAL**

**SALE**

**Pure Deshi Kukuda (Organic) at Jhinti Sashan Uttara, BBSR, sale cost 250/-per kg. Not less than 10nos birds at a time. Contact: 7809525462, 7978991126, 7008403582.** D-71806



to-let

House tolet 3BHK Groundfloor near NH Lingipur Traffic Post. Mob: 7978200850. D-22038

"2 BHK, 2nd Floor, Bharat Villa, Hanspal, Near Metro Satellite 9437241031". D-22065

1BHK house available for rent immediately, 5500PM, Near Bhagawan tower, CTC road, Bhubaneswar. Contact -9778495906 D-70968

1200sqft. open space stock yard/ godown Gudiapokhari, Bhubaneswar. 9937443656. D-70751


healthcare

Ashirvaad Saloon and SPA get good massage for your health tha best therapy. 7077181074. D-71808

DIWALI OFFER Saikrupa Spa @899/- health benefits with Expert. 8984068077. D-22060

Newly open SPA positively health benefit with Expert. Contact: 7749976301. D-71187

Newly open full body massage ladies and gents. 8327740003. D-71805

Refresh with relaxing massage by experienced Male/Female therapist. 7008773793. D-71428

Refreshing your mind, your body with tha best therapy at Lotus SPA. 8018891951. D-71807

**LOST**

ମୁଁ ତା ୧୪।୧୦।୨୦୨୧ରେ ଆଇଆର୍‌ସି ଭିଲେଜକୁ ଘର ସ୍ଥାନାନ୍ତରଣ କରୁଥିବା ସମୟରେ ମୋର କବଲା RSD No.- 11131113327 ତା ୨୫।୧୦।୨୦୧୧ ପ୍ଲଟ୍ ନଂ.– ୫୫୩/୧୮୨୧, ଖାତା ନଂ.– ୩୨୮/୧୯୯, ମୌଜା– ଜଗନ୍ନାଥ ପ୍ରସାଦ କେଉଁଠାରେ ହଜିଯାଇଛି। ସହୃଦୟ ବ୍ୟକ୍ତି ଅସଦ୍ ବ୍ୟବହାର ନ କରି ନିମ୍ନ ନଂ.ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଶ୍ରୀମତୀ ମଧୁସ୍ମିତା ପଣ୍ଡା, ମୋ: ୮୨୪୯୩୫୯୫୫୮। ଧ–୭୧୩୨୦

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com


**ପ୍ରଥମ ପୃଷ୍ଠାରୁ...**

## ହତ୍ୟା ପରେ ଏଫ୍‌ଆଇଆର...

ମହାଲିଙ୍ଗରେ ପହଞ୍ଚିଥିବା ଘର ଲୋକଙ୍କୁ ଫୋନ୍ କରି କହିଥିଲେ। ଏହା ଥିଲା ମମିତାଙ୍କ ଘରଲୋକଙ୍କ ସହ ଶେଷ କଥା। ଏହାପରେ ମମିତାଙ୍କ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଥିଲା। ଘର ଲୋକେ ମିଟିଂରେ ଅଛି ଭାବିଥିଲେ। ୧୦ ତାରିଖ ଦିନ ଫୋନ୍ ସୁଇଚ୍ ଅଫ୍ ରହିଥିବାରୁ ସନ୍ଦେହ କରିଥିଲେ। ୧୧ ତାରିଖ ସକାଳେ ପରିବାର ଲୋକେ ମହାଲିଙ୍ଗ ସ୍କୁଲରେ ପହଞ୍ଚି ଗୋବିନ୍ଦ ସାହୁଙ୍କୁ ମମିତାଙ୍କ ବିଷୟରେ ପଚାରିବାରୁ ସେ ମହାଲିଙ୍ଗ ଆସି ନ ଥିବା କହିଥିଲେ। ମମିତାଙ୍କ ବାପା ସୁଚନ୍ଦ୍ର ମେହେର ବ୍ୟସ୍ତ ହେବାରୁ ସ୍କୁଲରେ ଗୋଟିଏ କାଗଜ ଆଣି ଏଫ୍‌ଆଇଆର ଲେଖି କେଉଁ ଥାନାରେ ଦେବାକୁ କହିଥିଲେ। ଏଭଳକି ଉକ୍ତ ଏଫ୍‌ଆଇଆରକୁ ଗୋବିନ୍ଦ ନିଜେ ଲେଖିଥିଲେ। ଉକ୍ତ ଏଫ୍‌ଆଇଆର ଉଭୟ ମମିତାଙ୍କ ପିତା ଓ ସ୍କୁଲ କମିଟି ଉଭୟଙ୍କ ତରଫରୁ ଲେଖାଯାଇଛି କହି ସ୍କୁଲର ସିଲ୍ ମଧ ପିଟିଥିଲେ। ଉକ୍ତ ଏଫ୍‌ଆଇଆରରେ ମମିତାଙ୍କ ପିତାଙ୍କୁ ହସ୍ତଖତ ଦେବାକୁ କହିଥିଲେ। ଏହାପରେ କେଉଁ ଥାନାକୁ ଚାଲ କହି ଆଗୁଆ ନିଜେ କେଉଁ ଥାନାକୁ ଚାଲିଯାଇଥିଲେ। ସେଠାରେ ପହଞ୍ଚିବା ପରେ ଥାନା ଅଧିକାରୀ ଏଭଳି ନିଖୋଜ ଘଟଣା ସେଠାରେ ରୁଜୁ ହୋଇପାରିବ ନାହିଁ, ଡୁରେକେଲା ଥାନାକୁ ଯାଇ ରୁଜୁ କରିବାକୁ କହିଥିଲେ। ଏତିକି ବେଳେ ଗୋବିନ୍ଦ ସେଠାରେ ଉପସ୍ଥିତ ଥିଲେ ଓ ଥାନାଧିକାରୀଙ୍କୁ କିଛି କହି ନ ଥିଲେ। ସେଠାରୁ ମମିତାଙ୍କ ପରିବାର ଲୋକେ ଫେରି ଆସିଥିଲେ। ୮ ତାରଖ ମମିତାଙ୍କ ଅପହରଣ ଓ ହତ୍ୟା କରି ଜାଳି ଦେବା ପରେ ୧୧ ତାରିଖ ମମିତାଙ୍କ ନିଖୋଜ ଘଟଣାକୁ ନେଇ ଗୋବିନ୍ଦ ଏଫ୍‌ଆଇଆର ଲେଖିବା ଘଟଣା ମମିତାଙ୍କ ପରିବାରବର୍ଗଙ୍କୁ ବିସ୍ମିତ କରିଛି।

### ଅଗଷ୍ଟରେ ମମିତାଙ୍କ ଘରକୁ ଯାଇଥିଲେ ଗୋବିନ୍ଦ

କରୋନା ଲକ୍‌ଡାଉନ୍ ଯୋଗୁଁ ସ୍କୁଲ ବନ୍ଦ ହେବା ପରେ ମମିତା ମହାଲିଙ୍ଗରୁ ଫେରିଆସି ଝରଣୀରେ ନିଜ ଘରେ ଥିଲେ। ଗତ ଅଗଷ୍ଟ ମାସରେ ସ୍କୁଲ ମାଲିକ ଗୋବିନ୍ଦ ସାହୁ ଝରଣୀ ଆସି ମମିତାଙ୍କୁ ତାଙ୍କ ଘରେ ଭେଟିଥିଲେ। ସେ ସମୟରେ ମମିତାଙ୍କ ସହ ସେ କ'ଣ ଆଲୋଚନା କରିବାକୁ ଆସିଥିଲେ ତାହା ଘର ଲୋକେ ଜାଣି ନ ଥିଲେ। କିଛି ସମୟ ରହିବା ପରେ ଗୋବିନ୍ଦ ସେଠାରୁ ଫେରିଯାଇଥିଲେ।

### ସେପ୍ଟେମ୍ବର ୨୦ରେ ମମିତା ମହାଲିଙ୍ଗ ଯାଉଛି କହିଥିଲେ

ଗତ ସେପ୍ଟେମ୍ବର ୨୦ତାରିଖରେ ମମିତା ମହାଲିଙ୍ଗ ଯାଉଛି କହି ଘରୁ ବାହାରିଥିଲେ। ୨୦ ଓ ୨୧ ଦୁଇଦିନ ପରେ ସେ ଘରକୁ ଫେରିଥିଲେ। ସ୍କୁଲକୁ ଯାଉଥିବାରୁ ପରିବାର ଲୋକେ ଆଉ କିଛି ପଚାରି ନ ଥିଲେ। ତେବେ ମହାଲିଙ୍ଗ ଯାଉଛି ବୋଲି କହିଥିବାରୁ ଘରଲୋକେ ନିଶ୍ଚିନ୍ତ ଥିଲେ। ତେବେ ବାସ୍ତବରେ ସେ କେଉଁଠିକୁ ଯାଇଥିଲେ ତାହା ତାଙ୍କୁ ଜଣାନାହିଁ ବୋଲି ପରିବାର ଲୋକେ କହିଛନ୍ତି।

### କଣ୍ଟାବାଞ୍ଜି ଜେଲରେ ୨ ଅଭିଯୁକ୍ତ

ମମିତା ହତ୍ୟା ଘଟଣାର ଦୁଇ ଅଭିଯୁକ୍ତ ଘରୋଇ ସ୍କୁଲ କଲେଜ ମାଲିକ ଗୋବିନ୍ଦ ସାହୁ ଓ ସହଯୋଗୀ ରାଧେଶ୍ୟାମ ଚଣ୍ଡି ଏବେ କଣ୍ଟାବାଞ୍ଜି ଉପଜେଲରେ ବିଚାର ବିଭାଗୀୟ କଏଦୀ ଭାବେ ବନ୍ଦୀ ଅଛନ୍ତି। ଜେଲର ସେଲ୍ ନମ୍ବର ୧ରେ ଗୋବିନ୍ଦ ଥିବାବେଳେ ସେଲ ନମ୍ବର ୩ରେ ରାଧେଶ୍ୟାମ ରହିଛନ୍ତି। ଉଭୟଙ୍କୁ କୋଭିଡ ଗାଇଡଲାଇନ୍ ଅନୁଯାୟୀ ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି।

## ରାଧେ, ଗୋବିନ୍ଦରେ...

ତଥ୍ୟ ରଖାଯାଇନାହିଁ। ଏହି ଘଟଣାରେ ଏକ ସ୍ୱତନ୍ତ୍ର ମାମଲା ରୁଜୁ ହୋଇଛି ଏବଂ ତଦନ୍ତ ଚାଲିଥିବାରୁ ଅଧିକ ତଥ୍ୟ ଦିଆଯାଇପାରିବ ନାହିଁ ବୋଲି କହିଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଡିଆଇଜି କହିଥିଲେ, ଗୋବିନ୍ଦଙ୍କ ପାଖରୁ ୩ଟି ମୋବାଇଲ ମିଳିଥିଲା। ଗତ ୧୩ ତାରିଖରେ ମମିତାଙ୍କ ପରିବାର ଲୋକେ ସିନ୍ଧେକେଲା ଥାନାରେ ଅପହରଣ ନେଇ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଗୋବିନ୍ଦଙ୍କୁ ଆଣି ପଚରାଉଚରା କରିଥିଲା। ସେତେବେଳେ ତାଙ୍କର ଦୁଇଟି ମୋବାଇଲକୁ ପୋଲିସ ଜବତ କରିଥିଲା। ଟିଟିଲାଗଡ଼ ବାରାକ୍‌ରୁ ଫେରାର ହେବା ପରେ ବୁଢ଼ୀପଦର ଆଖୁକିଆରିରୁ ଧରାପଡିବା ପରେ ଗୋବିନ୍ଦଙ୍କ ପାଖରୁ ଆଉ ଏକ ମୋବାଇଲ ମିଳିଥିଲା। ଉକ୍ତ ମୋବାଇଲଟି କାହାର ସେନେଇ ତଦନ୍ତ ଚାଲିଛି, ପରେ କୁହାଯିବ ବୋଲି ଡିଆଇଜି କହିଥିଲେ। ତେବେ ମିଳିଥିବା ସୂଚନା ଅନୁସାରେ ଟିଟିଲାଗଡ଼ ବାରାକ୍‌ରେ ଅଭିଯୁକ୍ତ ଗୋବିନ୍ଦ ଥିବାବେଳେ ତାଙ୍କର ଜଣେ ସମ୍ପର୍କୀୟ ତାଙ୍କୁ ଭେଟିବା ପାଇଁ ଯାଇଥିଲେ। ରାତିରେ ଖାଇବା ପୂର୍ବରୁ କିଛି ସାମଗ୍ରୀ ନେଇ ଦେବାବେଳେ ତାଙ୍କୁ ଏକ ମୋବାଇଲ ଦେଇ ଆସିଥିବା ଚର୍ଚ୍ଚାର ବିଷୟ ହୋଇଛି। ଏହି ସମ୍ପର୍କୀୟ ଜଣକ ସେଠାରୁ ତାଙ୍କ ସହ ମୋବାଇଲରେ ଯୋଗାଯୋଗ କରି କେତେକ ପୋଲିସ କର୍ମଚାରୀଙ୍କ ସହାୟତାରେ ସେଠାରୁ ତାଙ୍କୁ ଖସାଇ ଆଣି ବୁଢ଼ୀପଦର ଗାଁରେ ଛାଡିଥିବା କୁହାଯାଉଛି। ଗୋବିନ୍ଦଙ୍କୁ ବାରାକ୍‌ରୁ ଖସାଇବା ଘଟଣାରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। କର୍ତ୍ତବ୍ୟ ଅବହେଳାରୁ କେବଳ ତିନିଜଣ କନ୍‌ଷ୍ଟେବଲଙ୍କୁ ନିଲମ୍ବିତ କରାଯାଇଛି। ଏହି ଘଟଣାର ସହଅଭିଯୁକ୍ତଙ୍କୁ ଗିରଫ କଲେ ଟିଟିଲାଗଡ଼ ବାରାକ୍‌ରୁ ଫେରାର ହେବାର ପ୍ରାୟ ୪୦ ଘଣ୍ଟା ଧରି ଗୋବିନ୍ଦ କେଉଁଠି ଥିଲେ, କାହା କାହା ସହ ଥିଲେ ଓ କ'ଣ କରୁଥିଲେ ସ୍ପଷ୍ଟ ହେବ। ଏହି ଦିଗ ଉପରେ ପୋଲିସ କିଛି କହୁ ନ ଥିବାରୁ ପୋଲିସ ତଦନ୍ତ ଅପେକ୍ଷା ପ୍ରମାଣ ନଷ୍ଟ କରିବାରେ ଅଧିକ ବ୍ୟସ୍ତଥିବା ଅଭିଯୋଗ ଘନୀଭୂତ ହେବାରେ ଲାଗିଛି।

## ଯାତ୍ରୀ ପରିବହନ...

ପଡ଼ୋଶୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଭଳି ରାଜ୍ୟରେ ଡିଜେଲ ମୂଲ୍ୟ କମ୍ ଥିବାବେଳେ ଓଡ଼ିଶାରେ ଏହା ଅଧିକ ଥିବାରୁ ଯାତ୍ରୀଙ୍କ ଉପରେ ଭଡ଼ା ବୃଦ୍ଧିର ବୋଝ ପଡୁଛି। ଡିଜେଲ ଉପରୁ ଭାଟ୍ ହ୍ରାସ କରି ଯାତ୍ରୀଭଡ଼ା ଭରଣା କରିବା ଲାଗି ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିସହିତ ଜାତୀୟ ରାଜପଥ ଭୁବନେଶ୍ୱର–ସମ୍ବଲପୁର ଭାୟା ଅନୁଗୋଳ ଏବଂ ଭୁବନେଶ୍ୱର–ବାରିପଦା ଏନ୍‌ଏଚ–୧୬ ରାସ୍ତାକୁ ତୁରନ୍ତ ମରାମତି କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ଯାତ୍ରୀବାହୀ ବସ୍‌ଗୁଡ଼ିକର ପର୍ମିଟ ନବୀକରଣ କ୍ଷେତ୍ରରେ ଅଙ୍କୁଶ ଲଗାଯାଇଛି। ଏହାକୁ ପରିବର୍ତ୍ତନ କରି ସ୍ଥାୟୀ ପର୍ମିଟ ଦେବା, ସମସ୍ତ ସ୍ଲିପର ସୁବିଧା ଥିବା ବସ୍‌କୁ ଦିନରେ ଚଳାଚଳ କରିବାକୁ ଅନୁମତି ଦେବା, ତୃତୀୟ ପକ୍ଷଙ୍କୁ ମାଲିକାନା ହସ୍ତାନ୍ତର କରିବାକୁ ସୁଯୋଗ ପ୍ରଦାନ କରିବା ଆଦି ୭ ଦଫା ଦାବି କରାଯାଇଛି ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। ବୈଠକରେ ସଂଘର ସଭାପତି ଲୋକନାଥ ପାଣି ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ବରଦା ପ୍ରସନ୍ନ ଆଚାର୍ଯ୍ୟ, ସହକୋଷାଧ୍ୟକ୍ଷ ଅଜୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ୩୭୮ ଓଏଏସ୍ ଅଫିସର...

ପ୍ରାର୍ଥୀମାନଙ୍କୁ ନିଯୁକ୍ତି ମିଳିଥିଲା। ଏହି ନିଯୁକ୍ତିକୁ ଚ୍ୟାଲେଞ୍ଜ କରି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନ ଥିବା କେତେଜଣ ପ୍ରାର୍ଥୀ ସ୍ୟାଟ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ସ୍ୟାଟ୍ ଉକ୍ତ ଆବେଦନର ଶୁଣାଣି କରି ୨୦୧୦ରେ ପାଇଥିବା ସମସ୍ତ ନିଯୁକ୍ତିକୁ ୨୦୧୪ରେ ଅବୈଧ ଘୋଷଣା କରିଥିଲେ। ପରେ ସ୍ୟାଟ୍‌ଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ନିଯୁକ୍ତି ପାଇଥିବା ଯୋଗ୍ୟ ପ୍ରାର୍ଥୀ, ରାଜ୍ୟ ସରକାର ଏବଂ ଓପିଏସ୍‌ସି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ୨୦୧୭ରେ ପ୍ରଥମେ ସ୍ୟାଟ୍‌ଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରିଥିଲେ। ପରେ ହାଇକୋର୍ଟ ଚୂଡ଼ାନ୍ତ ଶୁଣାଣି କରି ଏହି ମାମଲାରେ ସମ୍ବିଧାନର ଧାରା ୧୪ ଓ ୧୬ର କୌଣସି ଉଲ୍ଲଂଘନ ହୋଇ ନ ଥିବା କହିବା ସହ ଉଭୟ କୃତ ଓ ଅକୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କୁ ସମାନ ଦୃଷ୍ଟିକୋଣରେ ଦେଖାଯାଇଛି। ତେଣୁ ୩୭୮ ନିଯୁକ୍ତିକୁ ବୈଧ ଘୋଷଣା କରିବା ସହ ସ୍ୟାଟ୍‌ଙ୍କ ନିର୍ଦ୍ଦେଶକୁ ରଦ୍ଦ କରାଯାଇଥିବା ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଓପିଏସ୍‌ସି ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ ମହାନ୍ତି ମାମଲା ଲଢ଼ୁଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ନିଯୁକ୍ତି ପାଇଥିବା ସମସ୍ତ ଓଏଏସ୍ ଅଧିକାରୀ ଖୁସି ବ୍ୟକ୍ତ କରିବା ସହ ସତ୍ୟର ଜୟ ହୋଇଛି ବୋଲି କହିଛନ୍ତି।

## ଆର୍ଯ୍ୟନଙ୍କୁ ଜେଲ ନୁହେଁ...

ମାମଲାର ଶୁଣାଣି ବେଳେ ଏନ୍‌ସିବି ଏହାକୁ ବିରୋଧ କରିଥିଲା। କିଙ୍ଗ୍ ଖାନ୍‌ଙ୍କ ୨୩ ବର୍ଷୀୟ ପୁଅ କେବଳ ଡ୍ରଗ୍ସ ବ୍ୟବହାର କରୁ ନ ଥିଲେ, ବରଂ ବେଆଇନ ଡ୍ରଗ୍ସ ଚାଲାଣରେ ମଧ ସମ୍ପୃକ୍ତ ଥିଲେ ବୋଲି ଏନ୍‌ସିବି ଓକିଲ ଅନିଲ ସିଂ ଯୁକ୍ତି ବାଢ଼ିବା ସହ ଆର୍ଯ୍ୟନଙ୍କୁ ଜାମିନ ଦିଆ ନ ଯାଉ ବୋଲି ଅନୁରୋଧ କରିଥିଲେ। ଡ୍ରଗ୍ସ ନିରୋଧୀ କେନ୍ଦ୍ରୀୟ ଏଜେନ୍ସି ସତ୍ୟପାଠ ଦାଖଲ କରି ଆହୁରି ଦାବି କରିଛି ଯେ, ଆର୍ଯ୍ୟନଙ୍କ ସହିତ ଶାହରୁଖ୍‌ଙ୍କ ମ୍ୟାନେଜର ପୂଜା ଦଦଲାନି ମିଶି ମାମଲାର ତଦନ୍ତକୁ ବାଟବଣା କରିବା ସକାଶେ ସାକ୍ଷୀଙ୍କୁ ପ୍ରଭାବିତ ଓ ପ୍ରମାଣ ନଷ୍ଟ କରିଛନ୍ତି। ସ୍ୱାଧୀନ ସାକ୍ଷୀ ପ୍ରଭାକର ସୈଲ ସତ୍ୟପାଠରେ ଆଣିଥିବା ରାନ୍‌ସମ (ମୁକ୍ତି ଅର୍ଥ) ଦାବି ସମ୍ପର୍କିତ ଅଭିଯୋଗରୁ ଏହା ସ୍ପଷ୍ଟ ହେଉଛି। ଏପରି କି ସେ କେତେକ ବିଦେଶୀ ଡ୍ରଗ୍ସ ନେଟୱାର୍କ ସହ ଯୋଗସୂତ୍ରରେ ଥିଲେ, ଯାହାକୁ ଠାବ କରିବା ପାଇଁ ଅଧିକ ସମୟ ଦରକାର ବୋଲି ଏଜେନ୍ସି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହି ମାମଲାର ୨୦ ଅଭିଯୁକ୍ତଙ୍କ ମଧ୍ୟରୁ ମନୀଷ ରାଜଗରିଆ ଏବଂ ଅଭିନ ସାହୁଙ୍କୁ ସ୍ୱତନ୍ତ୍ର ଅଦାଲତ ମଙ୍ଗଳବାର ଜାମିନ ପ୍ରଦାନ କରିଛନ୍ତି। ୧୧ ନମ୍ବର ଅଭିଯୁକ୍ତ ମନୀଷ ନିଜ ପାଖରେ ୨.୪ ଗ୍ରାମ ଗଞ୍ଜେଇ ରଖିଥିବାରୁ ତାଙ୍କୁ ଏନ୍‌ସିବି ଗିରଫ କରିଥିଲା। ୫୦,୦୦୦ ଟଙ୍କାର ବଣ୍ଡ ଦାଖଲ କରି ଜାମିନରେ ଯିବା ପାଇଁ କୋର୍ଟ ତାଙ୍କୁ କହିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାନ ପଶିଲା, ଜର ଆଣିଲା,**
**ମୋ କତରା କାହିଁ ?**
**ଭାତ ଫୁଟିଲା, ଜର ତୁଟିଲା,**
**ମୋ ପଥୁରି କାହିଁ ?**

କାମ କରିବାକୁ କହିଲେ ଅନେକେ ଦେହ ଖରାପ ଥିବା ନେଇ ନାନା ବାହାନା ଦେଖାଇଥାନ୍ତି। କାମଦାମ କଲାବେଳକୁ ଜରର ଛଳନା ଓ ଭାତ ଖାଇବା ବେଳକୁ ଜର ଛାଡିଯିବା ଭଳି ତୁଚ୍ଛା ବାହାନା କରୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧାନ ଟାଏ**
**ଧାନ ଭିତରେ ଚାଉଳ ଟାଏ।**

ଧାନ ଭିତରେ ଚାଉଳ ରହିଥିବା କଥା ସମସ୍ତେ ଜାଣିଥାନ୍ତି। ତେଣୁ ଯେଉଁ କଥା ସମସ୍ତେ ଜାଣନ୍ତି, ତାହାକୁ ଗୋପନୀୟ ଭାବରେ ବଖାଣିବା ନିଷ୍ପ୍ରୟୋଜନ। ସାମାନ୍ୟ କଥା ପାଇଁ ବିଶେଷ ଆନ୍ଦୋଳନ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ଡିକି ଭାଙ୍ଗି ଲୁଟିନେଲେ ୧୨ଲକ୍ଷର ସୁନା, ରୁପା

**ଭଦ୍ରକ ଅଫିସ, ୨୬।୧୦**

ଭଦ୍ରକ ସହରାଞ୍ଚଳ ଥାନା ଛକ ନିକଟରେ ଥିବା ଏକ ସୁନା ଦୋକାନ ସମ୍ମୁଖରୁ ବାଇକ୍ ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୧୨ ଲକ୍ଷ ଟଙ୍କାର ସୁନା ଓ ରୁପା ଲୁଟି ନେଇଛନ୍ତି। ଭଦ୍ରକ ସହର ଅନ୍ତର୍ଗତ ନରିପୁର ଅଞ୍ଚଳର ଅଜୟ କୁମାର ସାହୁଙ୍କର ଥାନା ଛକ ନିକଟରେ ଏକ ସୁନା ଦୋକାନ ଅଛି। ସବୁଦିନ ଭଳି ମଙ୍ଗଳବାର ଅଜୟ ବାଇକ୍ ଯୋଗେ ନିଜ ଦୋକାନକୁ ଆସିଥିଲେ। ବ୍ୟାଗରେ ୧୫୦ ଗ୍ରାମ ସୁନା ଓ ୧୦ କିଲୋ ରୁପା ଭର୍ତ୍ତିକରି ବାଇକ୍ ଡିକିରେ ରଖିଥିଲେ। ବାଇକ୍‌ଟିକୁ ରଖି ଦୋକାନ ଖୋଲିବା ସମୟରେ କେହି ଦୁର୍ବୃତ୍ତ ଡିକି ଭାଙ୍ଗି ସୁନା ଓ ରୁପା ବ୍ୟାଗକୁ ନେଇ ଚମ୍ପଟ ମାରିଥିଲେ। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ ଜାରିରଖିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ବହୁପୂର୍ବରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ, କିନ୍ତୁ ଏଥିପାଇଁ ଅର୍ଥଶ୍ରାଦ୍ଧ ଓ ବୁଦ୍ଧି ଖର୍ଚ୍ଚ କରିବାକୁ ପଡ଼ିବ। ବନ୍ଧୁମାନଙ୍କ ସଙ୍ଗ ଲାଭରୁ ଧର୍ମକାର୍ଯ୍ୟ ପାଇଁ ପ୍ରେରଣା ମିଳିପାରେ। ଘର ଲୋକଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ।

**ବୃଷ**

ପାରିବାରିକ ଅସ୍ଥିରତା ସଙ୍ଗକୁ କର୍ମକ୍ଷେତ୍ର ମଧ ସମସ୍ୟା ବହୁଳ ରହିବ। ଘରର କେତେକ ବ୍ୟତିକ୍ରମକୁ ନେଇ ଚିନ୍ତା ପ୍ରକଟ କରିପାରନ୍ତି। ପ୍ରିୟ ଲୋକଟି ସକାଶେ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ମାଲିକଙ୍କ ସହ ଛୋଟ କଥାରୁ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ।

**ମିଥୁନ**

ଆତ୍ମୀୟଙ୍କ ସହ ଭୁଲ୍ ବୁଝାମଣାରୁ କଳହ ସମ୍ଭାବନା ରହିଛି। ରାଜନୀତି, ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ଅଟକି ରହିଥିବା କାମଟିକୁ ଆରମ୍ଭ କରିବାକୁ ମନ ବଳାଇବେ। କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ କିମ୍ବା ହଜିଯାଇପାରେ। ଯାତ୍ରା ସମୟରେ ଅନାବଶ୍ୟକ ଖର୍ଚ୍ଚ କରି ଅନୁତାପ କରିପାରନ୍ତି।

**କର୍କଟ**

ନିଜର ସ୍ୱାର୍ଥ ସାଧନ ଦିଗରେ ଅନ୍ୟକୁ ନିୟୋଜିତ କରିବା ସକାଶେ ଯୋଜନା କରିବେ। ବାଣିଜ୍ୟ,ଶିଳ୍ପ ଓ ବ୍ୟବସାୟରେ ଦ୍ୱନ୍ଦ୍ୱର ଅବସାନ ଘଟିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ମନ କଥା ମନରେ ମାରି ମନ ଦୁଃଖରେ ରହିପାରନ୍ତି।

**ସିଂହ**

କୌଣସି କାମ ସକାଶେ ବାରମ୍ବାର ଅସଫଳତା ହେତୁ ନିଜ ଲୋକମାନଙ୍କ ଉପରୁ ଭରସା ତୁଟି ଯାଇପାରେ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ସହମତିରେ କାମ କଲେ ଉପକୃତ ହେବେ। ସଭାସମିତି ଓ ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଅନିୟମିତ ଆହାର ଗ୍ରହଣ ଫଳରେ ଶାରୀରିକ ଅସୁସ୍ଥତା ଅନୁଭବ କରିବେ।

**କନ୍ୟା**

ସୁଚିନ୍ତିତ ଯୋଜନା ଅନୁଯାୟୀ କାର୍ଯ୍ୟ ହାସଲରେ ଅସୁବିଧା ରହିବ ନାହିଁ। ରପ୍ତାନି ବାଣିଜ୍ୟ,ପରିବହନ ଓ ନୂତନ ବ୍ୟବସାୟରେ ଆଶାଜନକ ଫଳ ପାଇବେ। ବନ୍ଧୁଙ୍କ କଥା ଓ କାମକୁ ପ୍ରାଧାନ୍ୟ ଦେଇ ଘର କାମକୁ ଅବହେଳା କରିପାରନ୍ତି। ଅଟକି ରହିଥିବା କାମଟିକୁ ସମ୍ପୂର୍ଣ୍ଣ କରିବାକୁ ଅନ୍ୟର ସହଯୋଗ ଲୋଡ଼ିବେ।

**ତୁଳା**

କର୍ମକ୍ଷେତ୍ରରେ ସ୍ଥାନାନ୍ତର ସହ ପରିସ୍ଥିତି ଦୂର ଭ୍ରମଣ ପାଇଁ ସୁଯୋଗ ସୃଷ୍ଟି କରିବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣ ଓ ଅକାରଣ ଜିଦ୍ ମନକୁ ବିଭ୍ରାନ୍ତ କରିପାରେ। ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ସ୍ୱର ଉତ୍ତୋଳନ କରିପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବା କାରଣରୁ ମନରେ ସରସତା ରହିବ ନାହିଁ।

**ବିଛା**

କୌଣସି ନୂତନ ବନ୍ଧୁତ୍ୱ ସଙ୍ଗକୁ କର୍ମକ୍ଷେତ୍ର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। କିଣା ବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ ନ କଲେ ଠକାମିରେ ପଡିପାରନ୍ତି। ବୃଥା ସନ୍ଦେହଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଅନାବଶ୍ୟକ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**ଧନୁ**

ପ୍ରିୟ ବନ୍ଧୁଙ୍କର ସାନ୍ନିଧ ଲାଭ କିମ୍ବା ଦର୍ଶନଜନିତ ଆନନ୍ଦ ଅନୁଭବ କରିବେ। ଆଜିର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ପ୍ରଶାସନିକ ଆଲୋଚନା କ୍ଷେତ୍ରରେ ଅପରାହ୍ନ ସମୟରେ ଟେନସନ୍ କିଛି ମାତ୍ରାରେ କମିଯିବ। ବ୍ୟବସାୟ କ୍ଷେତ୍ରରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇପାରେ।

**ମକର**

କାମ ହାସଲର ଦୀର୍ଘତା ମନକୁ ଭାରାକ୍ରାନ୍ତ କରି ରଖିବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ମିଥ୍ୟା ଗୁଜବରେ ଆତଙ୍କିତ ହେବା ଠିକ୍ ହେବ ନାହିଁ। ବିବାଦୀୟ ଘଟଣାରେ ବିଜୟୀ ହେବେ ଓ ବ୍ୟବସାୟ ତଥା ପରିବହନରେ ସଫଳତା ମିଳିବ। ଆକସ୍ମିକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ**

ପ୍ରତ୍ୟେକ କାମ ବିଳମ୍ବିତ ସମୟରେ ସମ୍ପନ୍ନ ହେଉଥିବାରୁ ଧୈର୍ଯ୍ୟଚ୍ୟୁତି ଘଟିପାରେ। ଯାହା ଓ ଯେପରି ଭାବୁଛନ୍ତି ଶୀଘ୍ର ଆରମ୍ଭ କରନ୍ତୁ, ସଫଳତା ନିଶ୍ଚିତ ମିଳିବ। ସାମ୍ବାଦିକତା, ପ୍ରଶାସନ, ପ୍ରକାଶନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଶୁଭଫଳ ପାଇବେ। ବିବାଦୀୟ ପରିସ୍ଥିତିରେ ମନଭୁଲାଣିଆ କଥା କହି ପରିବେଶକୁ ସ୍ୱାଭାବିକ କରିପାରିବେ।

**ମୀନ**

ସ୍ୱାସ୍ଥ୍ୟ ସମସ୍ୟାରେ ସୁଧାର ଆସିବ ଓ ବିଦେଶଯାତ୍ରା, ମାଲିମକଦ୍ଦମା, ରାଜନୈତିକ ଆଲୋଚନା କ୍ଷେତ୍ରରେ ଶୁଭଫଳ ପାଇବେ। ଶୁଣା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦୂରେଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

## ବିଡିଏ ବିକିବ ୨୦ ଆବାସିକ ପ୍ଲଟ୍

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଶହୀଦନଗର ଏବଂ ଘାଟିକିଆରେ ଥିବା ୨୦ଟି ଆବାସିକ ପ୍ଲଟ୍‌କୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛି। ମଙ୍ଗଳବାର ବିଡିଏ ପକ୍ଷରୁ ଇ–ଅକ୍ସନ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଆସନ୍ତା ନଭେମ୍ବର ୩ ତାରିଖ ୧୧ଟା ୫୯ ମିନିଟ ସୁଦ୍ଧା ପ୍ଲଟ୍ କିଣିବାକୁ ଆଗ୍ରହୀ ଥିବା ପ୍ରାର୍ଥୀମାନେ ଅନ୍‌ଲାଇନ ଫର୍ମ ଦାଖଲ କରିପାରିବେ। ଏଥିପାଇଁ ୫ ଲକ୍ଷ ଟଙ୍କାର ଇଏମ୍‌ଡି ଦାଖଲ କରିବାକୁ ହେବ। ନଭେମ୍ବର ୩୦ ତାରିଖ ପୂର୍ବାହ୍ନ ୧୧ଟାରେ ଇ–ଅକ୍ସନ କରାଯିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୫୧,୪୦,୭୬୪ | ୪୯,୭୫,୩୪୫ | ୨୨,୨୧,୯୨,୦୧୩ |
| ଭାରତ | ୩,୪୨,୧୪,୮୬୫ | ୪,୫୫,୬୮୪ | ୩,୩୫,୮୯,୬୭୨ |
| ଓଡ଼ିଶା | ୧୦,୩୯,୨୨୯ | ୮୩୧୬(+୫୩) | ୧୦,୨୬,୭୭୪ |

ମଙ୍ଗଳବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବାଣ ଦୋକାନରେ ବିସ୍ଫୋରଣ: ୫ ମୃତ

**ଚେନ୍ନାଇ,୨୬।୧୦:** ତାମିଲନାଡୁର କଲ୍ଲାକୁରିଚି ଜିଲାର ଏକ ବାଣ ଦୋକାନରେ ମଙ୍ଗଳବାର ବଡ଼ଧରଣର ବିସ୍ଫୋରଣ ଘଟିଛି। ଏଥିରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୫ ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ଦୀପାବଳି ପୂର୍ବରୁ ଶଙ୍କରପୁରମ୍‌ର ଏକ ଦୋକାନରେ ବାଣ ବିକ୍ରି ପାଇଁ ରଖାଯାଇଥିଲା। ମଙ୍ଗଳବାର ଅପରାହ୍ନରେ ବାଣଗୁଡ଼ିକ ଆପେ ଫୁଟିବାରେ ଲାଗିଲା। ସେଥିରୁ ଅଗ୍ନିକାଣ୍ଡ ଘଟି ଦେଖୁ ଦେଖୁ ଚତୁର୍ଦ୍ଦିଗକୁ ନିଆଁ ବ୍ୟାପିଯାଇଥିଲା। ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ଶୁଣି ସହରବାସୀ ଆତଙ୍କିତ ହୋଇଯାଇଥିଲେ। ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କିନ୍ତୁ ସେତେବେଳ ଯାଏ ଅନେକ ଲୋକ ନିଆଁର ଝାସରେ ଆସିଯାଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ କଲ୍ଲାକୁରିଚି ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମଧ୍ୟରେ ଦୋକାନ ମାଲିକ ଥିବା କୁହାଯାଉଛି। ଆହତମାନଙ୍କୁ ମଧ୍ୟ ଜଣ ପିଛା ୧ ଲକ୍ଷ ଟଙ୍କା ସହାୟତା ଦିଆଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି।

### କେନ୍ଦ୍ରୀୟ ଡେପୁଟେଶନରେ ଢେଙ୍କାନାଳ ଏସ୍‌ପି

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ):** ଢେଙ୍କାନାଳ ଏସ୍‌ପି କେ.ଶିବା ସୁବ୍ରମଣି କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ତାଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ଆବସ୍ଥାପିତ କରାଯାଇଥିବା ନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ୪ ବର୍ଷ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ସିବିଆଇର ଏସ୍‌ପି ଭାବେ କାର୍ଯ୍ୟ କରିବେ। ସୁବ୍ରମଣି ହେଉଛନ୍ତି ୨୦୧୦ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର। ସେ ପୂର୍ବରୁ ରାଉରକେଲା ଓ ବଲାଙ୍ଗୀର ଏସ୍‌ପି ଭାବେ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି।

# ପାରମିତା ପାଇଲେ 'ଶାରଳା ପୁରସ୍କାର'

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**



ଜୟନ୍ତ କୁମାର ବେହେରା, ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ଓ ପାରମିତା ଶତପଥୀ ପୁରସ୍କାର ଗ୍ରହଣ କରୁଛନ୍ତି।

## ୪୨ତମ ଶାରଳା ପୁରସ୍କାର ଉତ୍ସବ
### ଜଗଦୀଶ ଓ ଜୟନ୍ତଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'

ଇମ୍ପା ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ୪୨ତମ ଶାରଳା ପୁରସ୍କାର ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଶ୍ରେଷ୍ଠ ସାହିତ୍ୟ କୃତି ପାଇଁ କଥାକାର ପାରମିତା ଶତପଥୀଙ୍କୁ ଚଳିତ ବର୍ଷର ସମ୍ମାନଜନକ 'ଶାରଳା ପୁରସ୍କାର' ପ୍ରଦାନ କରାଯାଇଛି। ଇମ୍ପା କାର୍ଯ୍ୟାଳୟରେ ଆୟୋଜିତ ଏକ ସଂକ୍ଷିପ୍ତ ସମାବେଶରେ ଉପନ୍ୟାସ 'ଅଭିପ୍ରେତ କାଳ' ପାଇଁ ପାରମିତାଙ୍କୁ ଏହି ସମ୍ମାନ ମିଳିଛି। ପୁରସ୍କାର ସ୍ୱରୂପ ସମ୍ମାନପତ୍ର ଓ ଫଳକ ସହିତ ୫ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି। ସେହିପରି ବରିଷ୍ଠ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ଏବଂ ବିଶିଷ୍ଟ ଘୁମୁରାଶିଳ୍ପୀ ଜୟନ୍ତ କୁମାର ବେହେରାଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ମିଳିଛି। ପୁରସ୍କାର ବାବଦରେ ଉଭୟଙ୍କୁ ସମ୍ମାନପତ୍ର ଓ ଫଳକ ସହିତ ଦେଢ଼ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି।

ଇମ୍ପା ଚାରିଟେବଲ୍ ଟ୍ରଷ୍ଟର ଟ୍ରଷ୍ଟି ପାରମିତା ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରତିଭାମାନଙ୍କୁ ପୁରସ୍କୃତ କରି ଅଭିନନ୍ଦନ ଜଣାଇଥିଲେ। ଭାଷା, ସାହିତ୍ୟ, କଳା, ସଂସ୍କୃତି ଓ ପ୍ରାଚୀନତା ଦୃଷ୍ଟିରୁ ସମୃଦ୍ଧ ଓଡ଼ିଶାକୁ ଅଧିକ ମଜଭୁତ ଓ ସ୍ୱୟଂସମ୍ପୂର୍ଣ୍ଣ କରିବା ଦିଗରେ ସ୍ୱର୍ଗତ ବଂଶୀଧର ପଣ୍ଡା ଓ ଇଲା ପଣ୍ଡାଙ୍କ ଦୂରଦୃଷ୍ଟି ତଥା ଉଦ୍ୟମକୁ ସ୍ମରଣ କରି ଆନନ୍ଦ ଅନୁଭବ କରୁଥିବା ସେ କହିଥିଲେ। ଏହି ଅବସରରେ ପୁରସ୍କୃତ ବ୍ୟକ୍ତିତ୍ୱଙ୍କ ଉପରେ ନିର୍ମିତ ୩ଟି ସଂକ୍ଷିପ୍ତ ବୃତ୍ତଚିତ୍ର ପ୍ରଦର୍ଶିତ ହେବା ସହ ଶାରଳା ପୁରସ୍କାର ୨୦୨୧ର ସୂଚନା ପୁସ୍ତିକା ଲୋକାର୍ପିତ ହୋଇଥିଲା। ଉତ୍ସବରେ ଡ. ହୃଷୀକେଶ ମଲ୍ଲିକ, ଡ. କୃଷ୍ଣଚନ୍ଦ୍ର ପ୍ରଧାନ, ଡ. ବାବାଜୀ ଚରଣ ପଟ୍ଟନାୟକ, ଡ. ପ୍ରବୀଣା ମହାନ୍ତି, ସୂର୍ଯ୍ୟ ମିଶ୍ର, ଅକ୍ଷୟ ବେହେରା, ପଦ୍ମଶ୍ରୀ ଅରୁଣା ମହାନ୍ତି, ଡ. ଶ୍ୟାମାମଣି ଦେବୀ, ଦେବପ୍ରସାଦ ଦାଶ, ପଞ୍ଚମୀ ମାନୁ ଉକୀଲ ପ୍ରମୁଖ ବିରାଚକମଣ୍ଡଳୀ ଉପସ୍ଥିତ ରହି ନିଜ ନିଜ ଅଭିମତ ରଖିଥିଲେ। କାର୍ଯ୍ୟକ୍ରମକୁ ଯୁବଲେଖକ ତଥା ଶାରଳା ସଚିବାଳୟର ମୁଖ୍ୟ ସଂଯୋଜକ ସରୋଜ ବଳ ସଞ୍ଚାଳନ କରିଥିଲେ।

ସୂଚନାଯୋଗ୍ୟ, ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ସ୍ୱର୍ଗତ ଡ. ବଂଶୀଧର ପଣ୍ଡା ଏବଂ ସ୍ୱର୍ଗତା ଇଲା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଶାରଳା ପୁରସ୍କାର' ଇମ୍ପା ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍‌ସ ପବ୍ଲିକ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ଆନୁକୂଲ୍ୟରେ ୧୯୮୦ ମସିହାରୁ ପ୍ରତିବର୍ଷ ପ୍ରଦାନ କରାଯାଇଆସୁଛି।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**

### ସତ୍ୟ ରଞ୍ଜନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓସ୍‌ଡମା) କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ରଞ୍ଜନ ସାହୁଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଏଥିସହିତ ସେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଇବେ। ସେହିପରି ସମ୍ବଲପୁର ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀଙ୍କୁ ସମ୍ବଲପୁର ବନ୍ଦୋବସ୍ତ ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଥିବା ବେଳେ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ଦିଲୀପ କୁମାର ବଳଙ୍କୁ ସମ୍ବଲପୁର ପିଡି ଡିଆରଡିଏ, ମୟୂରଭଞ୍ଜ ଏଡିଏମ୍ ପ୍ରକାଶ ବେହେରାଙ୍କୁ ସାଧାରଣ ପ୍ରଶାସନ ବିଭାଗର ରେଷ୍ଟ ଅଫିସର, ବୌଦ୍ଧ ଏଡିଏମ୍ ଏନ୍.ସି. ଜ୍ୟୋତିରଞ୍ଜନ ନାୟକଙ୍କୁ ଭୁବନେଶ୍ୱର ରାଜ୍ୟ ଅତିଥି ଭବନ ମ୍ୟାନେଜର, ରାୟଗଡ଼ା ପିଡି ଡିଆରଡିଏ ମହେଶ୍ୱର ଚନ୍ଦ୍ର ନାଏକଙ୍କୁ ସୁନ୍ଦରଗଡ଼ ଏଡିଏମ୍, ବୌଦ୍ଧ ଡିଆରଡିଏ ଏପିଡି ବବିତା ରାଣୀ ଦଳବେହେରାଙ୍କୁ ବୌଦ୍ଧ ଏଡିଏମ୍ ଭାବେ ବଦଳି କରାଯାଇଛି। ପାନପୋଷ ଅତିରିକ୍ତ ଉପଜିଲାପାଳ ରୀତା ଡାଙ୍ଗଙ୍କୁ ସୁନ୍ଦରଗଡ଼ ଡୁଡା ପିଡି ଭାବେ ବଦଳି କରାଯାଇଥିବା ବେଳେ ବୌଦ୍ଧ ଉପଜିଲାପାଳ ଅଶ୍ୱିନୀ କୁମାର ମେହେରଙ୍କୁ ବୌଦ୍ଧ ପିଡି ଡିଆରଡିଏ, ବୌଦ୍ଧ ତହସିଲଦାର ସନତ କୁମାର ନାଏକଙ୍କୁ ବୌଦ୍ଧ ଉପଜିଲାପାଳ ଏବଂ କେନ୍ଦ୍ରାପଡ଼ା ଅତିରିକ୍ତ ଉପଜିଲାପାଳ ବିରଜା ପ୍ରସାଦ ରାଉତରାୟଙ୍କୁ କେନ୍ଦ୍ରାପଡ଼ା ସିଡିଏମ୍‌ଓ ପ୍ରଶାସନିକ ଅଧିକାରୀ ଭାବେ ବଦଳି କରାଯାଇଛି।

# ୩୪ ଶିଶୁ ଅନୁକୂଳ ଥାନା ପ୍ରତିଷ୍ଠା ହେବ

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ)**

ରାଜ୍ୟରେ ସମୁଦାୟ ୩୪ଟି ପୋଲିସ ଜିଲା ରହିଛି। ପ୍ରତ୍ୟେକ ପୋଲିସ ଜିଲାରେ ଗୋଟିଏ ଲେଖାଏ ଶିଶୁ ଅନୁକୂଳ ପୋଲିସ ଷ୍ଟେଶନ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ସମୟରେ ଅନେକ କାରଣରୁ ଆଇନର ପରିସରକୁ ଆସୁଥିବା ଅନେକ ପିଲା ତଥା ସହାୟତା ଆବଶ୍ୟକତା କରୁଥିବା ପିଲାମାନଙ୍କ ପାଇଁ ଥାନା ଭିତରେ ଅନୁକୂଳ ପରିବେଶର ଆବଶ୍ୟକତାକୁ ଅନୁଭବ କରି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ଏହିସବୁ ପୋଲିସ ଷ୍ଟେଶନରେ ପିଲାଙ୍କ ପାଇଁ ଛୋଟ ପୁସ୍ତକାଗାର ମଧ୍ୟ କରାଯିବ। ଏଥିରେ ବିଭିନ୍ନ ରୁଚିସମ୍ପନ୍ନ ପୁସ୍ତକ, ପତ୍ରପତ୍ରିକା ଓ ଖବରକାଗଜ ରଖାଯିବ। ପିଲାମାନଙ୍କ ସୁବିଧା ପାଇଁ ବିଛଣା, ଚୌକି ଓ ଟେବୁଲ ମଧ୍ୟ ରଖାଯିବ। ଏହା ସହିତ ଶିଶୁମାନଙ୍କ ଅଧିକାର ସମ୍ପର୍କିତ ଫଳକ ଏବଂ ପୋଲିସ ପାଇଁ 'କ'ଣ କରିବେ ବା ନ କରିବେ' ସେ ସମ୍ପର୍କରେ ମଧ୍ୟ ସୂଚନା ଫଳକ ରହିବ। ଶିଶୁକଲ୍ୟାଣ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ତାଙ୍କ ନାମ ଓ ଅନ୍ୟାନ୍ୟ ସୂଚନା ସମ୍ପର୍କରେ ଏକ ସ୍ୱତନ୍ତ୍ର ଫଳକ ରହିବ। ଏଥିସହିତ ପିଲାଙ୍କ ପାଇଁ ଖେଳଣା, ଫାଷ୍ଟଏଡ୍ କିଟ୍ ମଧ୍ୟ ରଖାଯିବ।

# ଓଡ଼ିଶାରେ ଗ୍ରୀନ୍ ଫିଲ୍ଡ ମେଗା ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ହେଉ

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ)**

### ପୀୟୂଷ ଗୋୟଲଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର ପ୍ରଧାନ

ବୟନ ଶିଳ୍ପ କ୍ଷେତ୍ରରେ ଅପାର ସମ୍ଭାବନା ଥିବା ଓଡ଼ିଶାରେ ପିଏମ୍ ମିତ୍ର ଯୋଜନାରେ ଏକ ଗ୍ରୀନ୍ ଫିଲ୍ଡ ମେଗା ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରିବା ପାଇଁ ବିଚାର କରିବାକୁ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ମଙ୍ଗଳବାର ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି।

ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ନିକଟରେ ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ଦେଶରେ ପିଏମ୍ ମେଗା ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ ରିଜିଓନ ଆଣ୍ଡ୍ ଆପାରେଲ(ମିତ୍ର) ଯୋଜନାରେ ୭ଟି ମେଗା ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଛି। ପିପିପି ମୋଡ୍‌ରେ ଭାରତୀୟ କମ୍ପାନୀଙ୍କୁ ବୟନ ଏବଂ କପଡ଼ା ଶିଳ୍ପ କ୍ଷେତ୍ରରେ ବିଶ୍ୱ ଚାମ୍ପିୟନ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହଭାଗିତାରେ ଏକ ସ୍ପେଶାଲ ପ୍ରୋପଜ ଭେହିକିଲ୍ ବିକଶିତ କରାଯାଉଛି। ପ୍ରସ୍ତାବିତ ଗ୍ରୀନ୍ ଫିଲ୍ଡ ମିତ୍ର ପାର୍କ ପ୍ରତିଷ୍ଠା ହେଲେ ବୟନଶିଳ୍ପ ସହ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ହୋଇପାରିବ। ଓଡ଼ିଶାର ହସ୍ତତନ୍ତ ଉଚ୍ଚକୋଟିର ଡିଜାଇନ ଏବଂ ଗୁଣବତ୍ତା ପାଇଁ ବିଶ୍ୱ ବିଖ୍ୟାତ। ସମ୍ବଲପୁରୀ, ବୋମକେଇ ଏବଂ ବ୍ରହ୍ମପୁରୀ ଭଳି ଅନେକ ଡିଜାଇନ ଏଠାରେ ରହିଥିବା ବେଳେ ଇକତ୍ ପାଇଁ ପ୍ରସିଦ୍ଧ ଲାଭ କରିଛି। ନିଜର ସମୃଦ୍ଧ ଇତିହାସ ଏବଂ ଆଳିକ ସମ୍ପନ୍ନତା ଯୋଗୁ ଓଡ଼ିଶା ବୟନ ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ଅନେକ ସୁଯୋଗ ରହିଛି। ଆନୁଷଙ୍ଗିକ ବ୍ୟବସ୍ଥା ସହ ବୃହତ୍ ଧାମରା ବନ୍ଦର ଏବଂ ଭୁବନେଶ୍ୱର ନିକଟ ମଳିପଡ଼ାଠାରେ ଦୁଇଟି ଟେକ୍ସଟାଇଲ ଏବଂ କପଡ଼ା ପାର୍କ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହାସହିତ ଭଦ୍ରକଠାରେ ଟେକ୍ନିକାଲ ଟେକ୍ସଟାଇଲ ପାର୍କକୁ ମଧ୍ୟ ବିକଶିତ କରାଯାଉଛି। ଏହି ପାର୍କ ବାର୍ଷିକ ୩୦୦ କିଲୋ ଟନ୍ ବିଶିଷ୍ଟ ଆଇଓସିଏଲ୍ ପଲିଷ୍ଟର ଏବଂ ଫାଇବର ପ୍ଲାଣ୍ଟ ସାହାଯ୍ୟରେ ବାର୍ଷିକ ୧୦୦ କିଲୋ ଟନ୍ ବିଶିଷ୍ଟ ପଲିଷ୍ଟର ଷ୍ଟାପଲ ଫାଇବର, ବାର୍ଷିକ ୧୬୫ କିଲୋ ଟନ୍ ବିଶିଷ୍ଟ ଡ୍ରୋନ୍ ଟେକ୍ସଚରଡ୍ ୟାର୍ନ ଏବଂ ବାର୍ଷିକ ୩୫ କିଲୋ ଟନ ବିଶିଷ୍ଟ ଫୁଲି ଡ୍ରୋନ ୟାର୍ନ ଏହି ପାର୍କ ପାଇଁ ଫିଡ୍ ଷ୍ଟକ୍ ରହିଛି। ତେଣୁ ଏହି ସମ୍ଭାବନାକୁ ଦୃଷ୍ଟିରେ ରଖି ଏକ ଗ୍ରୀନ୍ ଫିଲ୍ଡ ମିତ୍ର ପାର୍କ ପ୍ରତିଷ୍ଠା କରିବା ପାଇଁ ବିଚାର କରିବାକୁ ଗୋଏଲଙ୍କୁ ଅନୁରୋଧ କରିଛନ୍ତି।

# ଯୁବତୀଙ୍କୁ ଗଣବଳାତ୍କାର ପରେ ମାରିଥିଲେ ୪ ସାଙ୍ଗ

**କେନ୍ଦୁଝର, ୨୬।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅଧୀନ ଏକ ଗାଁରୁ ରବିବାର ଅପରାହ୍ନରେ ହାତଗୋଡ଼ ବନ୍ଧା ଅବସ୍ଥାରେ ଜଣେ ୨୦ବର୍ଷୀୟା ଯୁବତୀଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ୪ ସାଙ୍ଗ ମିଶି ଗଣବଳାତ୍କାର କରିବା ପରେ ସମ୍ପୃକ୍ତ ଯୁବତୀଙ୍କୁ ତଣ୍ଟି ଚିପି ମାରି ଦେଇଥିଲେ ବୋଲି ଏସ୍‌ଡିପିଓ ପି. ଜେ. ଟପ୍ପୋ କହିଛନ୍ତି। ଏହି ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବଲାଣିପଶି ଅଞ୍ଚଳର ଦୁଆରୀ ପଡ୍ଡୁରିଆ, ବିଭୂତି ଖଟୁଆ, ସୁଶାନ୍ତ ନାୟକ ଓ ପୁରୁଷୋତ୍ତମ ନାୟକ।

# ପ୍ରଥମ ପର୍ଯ୍ୟାୟରେ ଦେଢ଼ କୋଟି ଅନୁଦାନ

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**

### ମୋ କଲେଜ ଅଭିଯାନ
■ ୧୨ କଲେଜ, ୨ ବିଶ୍ୱବିଦ୍ୟାଳୟର ବିକାଶମୂଳକ କାର୍ଯ୍ୟ ହେବ

'ମୋ କଲେଜ ଅଭିଯାନ' ଅଧୀନରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ପର୍ଯ୍ୟାୟରେ ୧.୫ କୋଟି ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ୧୨ କଲେଜ ଓ ୨ ବିଶ୍ୱବିଦ୍ୟାଳୟକୁ ଏହି ଅର୍ଥରାଶି ଦିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କଲେଜ ଦିନ ଆମ ଜୀବନର ଏକ ସୁବର୍ଣ୍ଣ ସମୟ। ଏହି ସମୟରେ ଆମେ ଆମର ସ୍ୱପ୍ନ, ସଂଘର୍ଷ ଓ ଅସୀମ ସମ୍ଭାବନା ନେଇ ବଞ୍ଚୁ। ମୋ କଲେଜ ଅଭିଯାନରେ ନିଜ ଶିକ୍ଷାନୁଷ୍ଠାନକୁ ଦାନ କରିଥିବା ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଲେ, ତୁମମାନଙ୍କ ଜୀବନକୁ ସଜାଡ଼ିଥିବା ଅନୁଷ୍ଠାନଗୁଡ଼ିକର ବିକାଶର ଅଂଶ ହେବା ନିଶ୍ଚିତ ଭାବେ ସବୁଠାରୁ ଆନନ୍ଦଦାୟକ ଅନୁଭୂତି। ଏଥିରେ ଅଧିକରୁ ଅଧିକ ଆଲୁମ୍ନି ସଦସ୍ୟ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୪୦ ଉଚ୍ଚଶିକ୍ଷାନୁଷ୍ଠାନର ବିକାଶ କରାଯିବ ବୋଲି ଘୋଷଣା କରିଥିଲେ। ୟୁଜି ଓ ପିଜିରେ ରାଜ୍ୟର ୩୦ ହଜାରରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହେବେ। ରୂପାନ୍ତରଣ କାର୍ଯ୍ୟକ୍ରମରେ ୧,୦୭୦ ବିଦ୍ୟାଳୟର ବିକାଶ କରାଯାଉଛି। ନଭେମ୍ବର ୧୪ ସୁଦ୍ଧା କାର୍ଯ୍ୟ ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ 'ମୋ କଲେଜ ଅଭିଯାନ' ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ଶିକ୍ଷାଗତ ପରିବେଶକୁ ଏକ ନୂତନ ସ୍ତରକୁ ଆଣିବାରେ ସଫଳ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ମୋ କଲେଜ ଅଧ୍ୟକ୍ଷ ଆକାଶ ଦାଶ ନାୟକ ସ୍ୱାଗତ ଭାଷଣ ଓ ଉଚ୍ଚଶିକ୍ଷା ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟମାନେ ଭର୍ଚୁଆଲରେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର, ଗଞ୍ଜାମ, ଯାଜପୁର, ନୟାଗଡ଼, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ଅନୁଗୋଳ, ବରଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା ଆଦି ଜିଲାର ୧୫ଟି ଶିକ୍ଷାନୁଷ୍ଠାନରୁ ୮୩,୫୨,୨୭୨ଟଙ୍କା ଆସିଥିବାବେଳେ ରାଜ୍ୟ ସରକାର ୧,୬୭,୦୪,୫୪୪ ଟଙ୍କା ପ୍ରଦାନ କରିଛନ୍ତି। ତେଣୁ ଏସବୁ ଶିକ୍ଷାନୁଷ୍ଠାନରେ ମୋଟ ୨,୫୦,୫୬,୮୧୬ ଟଙ୍କା ଖର୍ଚ୍ଚ ହେବ।

# ଆନ୍ଧ୍ର ପକ୍ଷରୁ ୪ ସୀମାନ୍ତ ଗ୍ରାମବାସୀଙ୍କୁ ନେଇ ଗ୍ରାମସଭା

**ପଟ୍ଟାଙ୍ଗୀ,୨୬।୧୦(ଡି.ଏନ.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତ ଉପରୁ ଆନ୍ଧ୍ର ନଜର ହଟାଉନି। ସୀମାନ୍ତରେ ସ୍ଥିତାବସ୍ଥା ଜାରି ରଖିବା ନେଇ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ, କୋରାପୁଟ ଜିଲା ପ୍ରଶାସନର ଚେତାବନୀକୁ ଖାତିର କରୁନାହିଁ ପଡୋଶୀ ଆନ୍ଧ୍ର। ବାରମ୍ବାର ସୀମାନ୍ତ ଗ୍ରାମରେ ଅନୁପ୍ରବେଶ କରି ବିଭିନ୍ନ କାର୍ଯ୍ୟକ୍ରମ କରୁଛି। ମଙ୍ଗଳବାର ଆନ୍ଧ୍ର ସୀମାନ୍ତ ଅଞ୍ଚଳର ୪ଟି ଗ୍ରାମର ଗ୍ରାମବାସୀଙ୍କୁ ନେଇ ଗ୍ରାମସଭା କରିବା ସହ ଜବ୍‌କାର୍ଡ ବଣ୍ଟନ କରିଛି।

ଖବରରୁ ଜଣାପଡ଼ିଛି କୋଟିଆର ନେରେଡିବାଲସା ଗ୍ରାମରେ ଥିବା ଆନ୍ଧ୍ରର ଆଇଟିଡିଏ ସଭା ଗୃହ ପରିସରରେ ଗ୍ରାମସଭା ଆୟୋଜନ କରି ସାଲୁର ବ୍ଲକ ପ୍ରଶାସନ ଉପର ପନିକି ଗ୍ରାମର ୨୨, ରଣାସିଂ ଗ୍ରାମର ୩୦, ତନପନିକି ଗ୍ରାମର ୧୦ ଏବଂ ନୂଆଗାଁ ପଞ୍ଚାୟତ ଗାଲିଗାବଡାର ଗ୍ରାମର ୧୪୭ ଜଣଙ୍କୁ ଏମ୍‌ଜିଏନଆରଇଜିଏସରେ ଜବ୍‌କାର୍ଡ ବଣ୍ଟନ କରିଛି। ଏହି ଯୋଜନାରେ କାମକରି କିପରି ଗ୍ରାମବାସୀ ରୋଜଗାରକ୍ଷମ ହୋଇପାରିବେ ସେନେଇ ସେମାନଙ୍କୁ ଡିଷ୍ଟ୍ରିକ୍ଟ ୱାଟର ମ୍ୟାନେଜମେଣ୍ଟ ଏଜେନ୍ସି (ପିଡି ଡିଡବ୍ଲୁଏମଏ) ଜି. ଉମା ମହେଶ୍ୱର ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସାଲୁର ଏପିଡି ଚିନ୍ନାମ ନାଇଡୁ, ଏପିଓ ଏସ୍. କ୍ରିଷ୍ଣା ରାଓ, କନିଷ୍ଠଯନ୍ତ୍ରୀ ଗୋପାଳ କ୍ରିଷ୍ଣା ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।



ଆନ୍ଧ୍ର ପୋଲିସ ପଟ୍ଟାଙ୍ଗୀ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।

ଅନ୍ୟପକ୍ଷରେ ନେରେଡିବାଲସାରେ ଆନ୍ଧ୍ର ଗ୍ରାମସଭା କରୁଥିବା ବେଳେ ନିକଟସ୍ଥ ତାଡିବାଲସା ଗ୍ରାମରେ ଓଡ଼ିଶାର ପଟ୍ଟାଙ୍ଗୀ ବିଡିଓ ସୋମ୍ୟ ସାର୍ଥକ ମିଶ୍ର, ଏପିଓ ସୌମେନ୍ଦ୍ର ନାୟକ, ଏବିଡିଓ କୃଷ୍ଣଚନ୍ଦ୍ର ବିଶ୍ୱାସରାଏ ଓ ପିଇଓ ନବ ହନ୍ତାଳ ନବନିର୍ମିତ ବିଦ୍ୟାଳୟ ଆଶ୍ରମ ଗୃହ କାର୍ଯ୍ୟ ତଦାରଖ କରି ନଭେମ୍ବରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରବ ପାଇଁ ସ୍ଥିତି ଅନୁଧ୍ୟାନ କରୁଥିଲେ। ଏହି ସମୟରେ ଆନ୍ଧ୍ର ପୋଲିସ ପଟାଙ୍ଗୀ ବିଡିଓଙ୍କ ସହ କିଛି ସମୟ ଧରି ଆଲୋଚନା କରିଥିଲେ। ଉଭୟ ରାଜ୍ୟ ମଧ୍ୟରେ କେବେଠାରୁ ବିବାଦ ଆରମ୍ଭ ହୋଇଛି ଜାଣିବାକୁ ଚାହିଁଥିଲେ।



# ମିଲିଟାରୀ ହାତରେ ସୁଦାନ

ଉତ୍ତରପୂର୍ବ ଆଫ୍ରିକାରେ ସୁଦାନ ଅବସ୍ଥିତ। ବିଶ୍ୱର ଅନ୍ୟତମ ଅତ୍ୟନ୍ତ ଦରିଦ୍ର ଦେଶ ଭାବେ ସର୍ବଦା ଦୁଃଖୀ ଅଡ଼ି ଅର୍ଜନ କରିଆସିଛି। ଅନେକ ହଜାର ଶିଶୁ ଅପପୁଷ୍ଟି ଯୋଗୁ ମୃତ୍ୟୁମୁଖରେ ପଡ଼ିବା ଖବର ସର୍ବଦା ଶୁଣିବାକୁ ମିଳେ। ଗୃହଯୁଦ୍ଧ ଯୋଗୁ ଏହାର ଅର୍ଥନୀତି ନିମ୍ନସ୍ତରରେ ଅଛି। ଏବେ ସେଠାରେ ସାମରିକ ବଳପ୍ରୟୋଗ ଯୋଗୁ ରାଜନୈତିକ ସଙ୍କଟ ଗମ୍ଭୀର ସ୍ଥିତି ସୃଷ୍ଟି କରିଛି। ଦୀର୍ଘବର୍ଷ ଧରି ଏକଛତ୍ରବାଦ ଚଳାଇ ଆସିଥିବା ତତ୍କାଳୀନ ରାଷ୍ଟ୍ରପତି ଓମାର ଅଲ୍-ବଶିରଙ୍କୁ ୨୦୧୯ରେ କ୍ଷମତାଚ୍ୟୁତ କରାଯାଇଥିଲା। ପରେ ସେଠାରେ ସେନା ଓ ନାଗରିକ ନେତାମାନେ ମିଶି ସରକାର ଗଠନ କରିଥିଲେ। ସଂସ୍କାର ଆଣିବା ନାମରେ ସେନା କ୍ୟାବିନେଟକୁ ହଟେଇବା ଲାଗି ଚାହିଁବାରୁ ନାଗରିକ ନେତାମାନେ ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ପରିଣାମ ସ୍ୱରୂପ ସେନା ୨୫ ଅକ୍ଟୋବରରେ ସାମରିକ ବିଦ୍ରୋହ କରି ଦେଶର ଅନ୍ତରୀଣ ସରକାରର ପ୍ରଧାନମନ୍ତ୍ରୀ ଥିବା ଅବଦୁଲ୍ଲା ହମ୍‌ଦୋକଙ୍କୁ ଅଜ୍ଞାତ ସ୍ଥାନକୁ ନେଇଯାଇଛନ୍ତି। ତାଙ୍କ ସହିତ ସରକାରରେ ଥିବା କେତେକ ମନ୍ତ୍ରୀ ଓ ନେତାଙ୍କୁ ଅଟକ ରଖାଯାଇଥିବା ଖବର ମିଳିଛି। ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଚାଲିଥିବା ପ୍ରକ୍ରିୟାକୁ ବ୍ୟାହତ ସୃଷ୍ଟି କରି ସେନା ବଳପୂର୍ବକ ଶାସନକୁ ନିଜ ଆଡ଼କୁ ନେବାରେ କରିଥିବା ଉଦ୍ୟମକୁ ଦେଶବାସୀ ନିନ୍ଦା କରିଛନ୍ତି। ରାଜଧାନୀ ଖାର୍ଟୁମ ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରତିବାଦ ସ୍ୱରୂପ ନାଗରିକମାନେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିରେ ଦୁଇ ପ୍ରତିବାଦକାରୀ ପ୍ରାଣ ହରାଇଛନ୍ତି। ହିଂସାକାଣ୍ଡ ବ୍ୟାପକ ହେବା ଆଶଙ୍କାରେ ଦେଶରେ ଜରୁରିକାଳୀନ ସ୍ଥିତି ଜାରି କରାଯାଇଛି। ଫଳରେ ବିଶ୍ୱବ୍ୟାପୀ ଏ ନେଇ ଚିନ୍ତା ପ୍ରକଟ ପାଉଛି।

ଆମେରିକୀୟ ଗବେଷକ ଜୋନାଥନ୍ ପାଓ୍ୱେଲ ଓ କ୍ଲେଟନ୍ ଡାଇନିଙ୍କ ରିପୋର୍ଟ ଅନୁଯାୟୀ ୧୯୫୦ରୁ ଆଫ୍ରିକାର ବିଭିନ୍ନ ଦେଶରେ ୨୦୦ ଥର ସାମରିକ ବିଦ୍ରୋହ କରାଯାଇ କ୍ଷମତା ଦଖଲ କରାଯାଇଛି। ୧୯୫୬ରେ ସୁଦାନ ବ୍ରିଟେନଠାରୁ ସ୍ୱାଧୀନ ହୋଇଥିଲା। ଏହା ପରେ ସେଠାରେ ହୋଇଥିବା ୮ ଥର ସାମରିକ ବିଦ୍ରୋହ ମଧ୍ୟରୁ ୫ଟି ସଫଳ ହୋଇଛି। ଅଲ୍-ବଶିର ୧୯୮୯ରେ କ୍ଷମତାକୁ ଆସିବା ପରେ ଦେଶର ଅର୍ଥନୀତି ଅଧିକ ଦୁର୍ବଳ ହୋଇଯାଇଥିଲା। ଏବର ସ୍ଥିତି ଅର୍ଥ ବ୍ୟବସ୍ଥାକୁ ଆହୁରି ଦୟନୀୟ କରିଦେବାର ଆଶଙ୍କା ସୃଷ୍ଟି ହୋଇଛି।

ବିଶ୍ୱର ଭୂ-ରାଜନୈତିକ ମାନଚିତ୍ରକୁ ଦେଖିଲେ ଗତ ଅଗଷ୍ଟ ୧୫ରେ ତାଲିବାନ୍ ଆଫଗାନିସ୍ତାନରେ କ୍ଷମତା ଦଖଲ କରିବା ପରଠାରୁ ଆତଙ୍କବାଦୀ ଓ ଉଗ୍ରପନ୍ଥୀମାନେ ଅଧିକ ସକ୍ରିୟ ହୋଇଯାଇଥିବା ଦେଖିବାକୁ ମିଳୁଛି। ଏହାର କାରଣ ହେଉଛି ତାଲିବାନ୍ ସେଠାରେ ଯେତେ ଅତ୍ୟାଚାର କଲେ ମଧ୍ୟ ନାଗରିକଙ୍କୁ ସୁରକ୍ଷା ଦେବା, ଏପରି କି ବଡ଼ ଧମକଟିଏ ଦେବାରେ ଜାତିସଂଘ ବିଫଳ ହୋଇଛି। ବିଶ୍ୱର ବିଭିନ୍ନ ଦେଶରୁ ଅନୁଦାନ ପାଇ ସମୃଦ୍ଧ ହୋଇଛି ଜାତିସଂଘ। ବିଶ୍ୱଯୁଦ୍ଧ ପରେ ଚିନ୍ତା କରାଯାଇଥିଲା ଏହି ସଙ୍ଗଠନ ପ୍ରତି ସବୁ ଦେଶର ସାମାଜିକ, ଆର୍ଥିକ ଓ ରାଜନୈତିକ ସମର୍ଥନ ରହିବ। ଫଳରେ ପୃଥିବୀର ଯେକୌଣସି ସ୍ଥାନରେ ଅଶାନ୍ତି ସୃଷ୍ଟି ହେଲେ ସେଥିରେ ହସ୍ତକ୍ଷେପ କରି ମାନବ ଅଧିକାର ସୁରକ୍ଷିତ କରିବାରେ ଜାତିସଂଘ ଚେଷ୍ଟିତ ହେବ। ଏବେ ତାହାର ବାସ୍ତବତା ନ ଥିବା ଭଳି ମନେହେଉଛି। ଯେଉଁ ନେତାମାନେ ନ୍ୟୁୟର୍କ ଯାଇ ଜାତିସଂଘରେ ଭାଷଣ ଦେଉଛନ୍ତି, ସେହି ସଂସ୍ଥାର କାର୍ଯ୍ୟ ସେତିକିରେ ସୀମିତ ରହିଲା ଭଳି ପ୍ରତୀୟମାନ ହେଉଛି। ଏଭଳି ସ୍ଥିତିରେ ସୁଦାନ ଭଳି ଦେଶକୁ ସୁରକ୍ଷା ଦେବାକୁ କେହି ଆଗେଇ ଆସିବେ ବୋଲି ବିଶ୍ୱାସ ହେଉନାହିଁ। ବର୍ତ୍ତମାନ ସ୍ଥିତି ଏଭଳି ହୋଇଛି ଯେ, ଚାଇନା ଓ ରୁଷିଆ ଭଳି ଦେଶ ନିଜ ସ୍ୱାର୍ଥ ପାଇଁ ତାଲିବାନକୁ ସମର୍ଥନ କରୁଛନ୍ତି। ବିଶ୍ୱର ସୁପରପାଓ୍ୱାର କୁହାଯାଉଥିବା ଆମେରିକା ଓ ନାଟୋର ସେନା ଆଫଗାନିସ୍ତାନରୁ ପ୍ରତ୍ୟାହାର ହେବା ଆରମ୍ଭ କରିବା ଦିନୁ ତାଲିବାନ୍ ଆତଙ୍କରାଜ ସୃଷ୍ଟି କରିଦେଇଥିଲା। ତାଲିବାନ୍ ବଳୀୟାନ ହେବା ଦେଖି ମନେହେଉଛି ଯେପରି ଅନ୍ୟସବୁ ମୁସଲମାନ ଦେଶର ଅରାଜକତା ବୃଦ୍ଧି କରାଉଥିବା ଶକ୍ତି ବଳବାନ ହେଉଛନ୍ତି। ସୁଦାନ ତାହାର ଏକ ଜ୍ୱଳନ୍ତ ଉଦାହରଣ।

କିଛିବର୍ଷ ତଳେ ଆତଙ୍କବାଦ ଉଗ୍ର ରୂପ ଧାରଣ କରିଥିବା ବେଳେ ଜାତିସଂଘ ସହ ଅନ୍ତର୍ଜାତୀୟ ସ୍ତରୀୟ ବହୁ ସଙ୍ଗଠନ ଏହାକୁ ବିରୋଧ କରିଥିଲେ। କେତେକ ଦେଶ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ତା' ପରେ ଉଗ୍ରପନ୍ଥୀମାନେ ଡରିବାକୁ ଲାଗିଥିଲେ। ଏହା ପରେ ସେହି ପ୍ରସଙ୍ଗକୁ ଗୌଣ କରି ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନକୁ ଅଗ୍ରାଧିକାର ଦିଆଗଲା। ଆଜିର ସ୍ଥିତିରେ ଏହା ଗୁରୁତ୍ୱ ପାଇବା ଦରକାର। କିନ୍ତୁ ଏଥିସହିତ ଏକଚ୍ଛତ୍ରବାଦ, ଆତଙ୍କବାଦ ଓ ସାମରିକ ବଳ ପ୍ରୟୋଗ କରୁଥିବା ବ୍ୟକ୍ତି ଏବଂ ସଙ୍ଗଠନ ଉପରେ ବିଶ୍ୱସ୍ତରରେ ତୀକ୍ଷ୍ଣ ନଜର ରଖା ନ ଗଲେ ଆଫଗାନିସ୍ତାନ ଭଳି ସୁଦାନ ମଧ୍ୟ ଅନ୍ଧାର ଯୁଗକୁ ଠେଲି ହୋଇଯାଇପାରେ। ଏଥିସହିତ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ନିକଟରେ କହିଛନ୍ତି, ପୃଥିବୀ ପାଇଁ ଏବେ ମୁଖ୍ୟ ବିପଦ ଭାବେ ପୁନଃ ଆତଙ୍କବାଦ ଆବିର୍ଭାବ ହୋଇଛି। ଚାଇନା ନେତାଙ୍କ ଏଭଳି ମତ ବିଶ୍ୱକୁ ବିବ୍ରତ କରିବା କଥା।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଅକ୍ଟୋବର ୧୯୯୬

- ଅସ୍ତ୍ରଶସ୍ତ୍ର ଦୁର୍ନୀତିରେ ଦକ୍ଷିଣ କୋରିଆର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଲୀ ୟାଙ୍ଗ ହୋ ଗିରଫ।
- ଏଲ୍‌ଟିଟିଇ ଆତ୍ମଘାତୀ ବାହିନୀର ଏକ ନୌକା ସହ ସଂଘର୍ଷ ଘଟି ନୌବାହିନୀର ଗୋଟିଏ ଜାହାଜ ଧ୍ୱଂସ ହୋଇଯାଇଥିବା ବେଳେ ଏଥିରେ ଥିବା ଦୁଇ ଅଫିସରଙ୍କ ସମେତ ୧୨ କର୍ମଚାରୀ ପ୍ରାଣ ହରାଇଛନ୍ତି।
- ବିଦ୍ୟୁତ୍ ଓ ଜଳ ବିଲ୍ କ୍ଷେତ୍ରରେ ଏକ ଘରୋଇ କମ୍ପାନୀକୁ ଅହେତୁକ ଅନୁଗ୍ରହ ପ୍ରଦର୍ଶନ କରି ବିପୁଳ ପରିମାଣର ଅର୍ଥ ଆତ୍ମସାତ୍ କରିଥିବା ଅଭିଯୋଗରେ ନୂଆଦିଲ୍ଲୀ ପୌର ପରିଷଦର ୩ ବରିଷ୍ଠ ଅଫିସର ସିବିଆଇ ଦ୍ୱାରା ଗିରଫ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 9 | | | |
| 7 | 5 | | | | | | | 6 |
| | | 9 | | 3 | | | 5 | |
| | 4 | 5 | | | | | | |
| 1 | 9 | | | | | | | |
| 8 | 2 | | | 6 | | | | 1 |
| | | | 2 | | | | | 7 |
| | | | | | 4 | 2 | | |
| | | 3 | | | 7 | 1 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 1 | 7 | 8 | 2 | 4 | 5 | 3 |
| 2 | 5 | 3 | 9 | 4 | 1 | 8 | 6 | 7 |
| 4 | 8 | 7 | 5 | 6 | 3 | 1 | 2 | 9 |
| 8 | 7 | 6 | 2 | 3 | 4 | 5 | 9 | 1 |
| 3 | 4 | 9 | 1 | 5 | 7 | 6 | 8 | 2 |
| 1 | 2 | 5 | 8 | 9 | 6 | 7 | 3 | 4 |
| 5 | 1 | 8 | 3 | 7 | 9 | 2 | 4 | 6 |
| 7 | 3 | 4 | 6 | 2 | 8 | 9 | 1 | 5 |
| 9 | 6 | 2 | 4 | 1 | 5 | 3 | 7 | 8 |

ଗତକାଲିର ଉତ୍ତର



# ଚିତ୍ରରୁ ଆରମ୍ଭ

ଡ. ଗୌରହରି ରାଉତ

ପାଠ ନ ପଢ଼ି ପିଲାଟି ସବୁବେଳେ ଚିତ୍ରରେ ମନ ଦେଉଥିଲା। ଏଥିପାଇଁ ଘରେ ସମସ୍ତଙ୍କର ରୋଷର ଶିକାର ହେଲା ସେ, ଦୂର୍ ଦୂର୍ ମାର୍ ମାର୍ କଲେ ସଭିଏଁ। ପିତାଙ୍କର ଚିନ୍ତା ବଢ଼ିଲା, କୋଷ୍ଠି ନେଇ ଦେଖାଇଲେ ଜ୍ୟୋତିଷୀଙ୍କୁ। 'ଏ ପିଲାର ଭବିଷ୍ୟତ ବହୁତ ଉଜ୍ଜ୍ୱଳ। ଜୀବନରେ ଅସରନ୍ତି ଯଶକୀର୍ତ୍ତି ଅର୍ଜନ କରିବା ସହ ଦୂର ବିଦେଶର ଏକ କୁମାରୀଙ୍କୁ ବିବାହ କରିବାର ଯୋଗ ଅଛି ଏହାର' – ଜ୍ୟୋତିଷୀଙ୍କର ଏ ପ୍ରକାର ଭବିଷ୍ୟବାଣୀ ଆନ୍ଦୋଳିତ କଲା ପିତାଙ୍କ ମନକୁ। ତଥାପି ମନ କଥା ମନରେ ରଖି ପିଲାର ମନକୁ ପାଠରେ ବାନ୍ଧି ରଖିବାକୁ ଯତ୍ନବାନ ହେଲେ। ମାତ୍ର ସବୁ ଚେଷ୍ଟା ବିଫଳ। ପିଲାଟି ସବୁବେଳେ ସମସ୍ତଙ୍କ ଦୃଷ୍ଟି ଆଢ଼ୁଆଳରେ ଆଙ୍କୁଥିଲା ଚିତ୍ର। ଶେଷରେ ଯେନତେନ ଭାବରେ ମାଟ୍ରିକ ପାସ୍ ପରେ ନିଜର ଅନିଚ୍ଛା ସତ୍ତ୍ୱେ ପିତା ବାଧ୍ୟ ହୋଇ ଆର୍ଟ କଲେଜରେ ପିଲାର ନାମ ଲେଖାଇଦେଲେ ଏବଂ ସମୟକ୍ରମେ ସେ ସେଥିରେ ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ି ଚାଲିଥାଏ। କଳା ଶିକ୍ଷା ସମାପ୍ତ କରି ଦିଲ୍ଲୀର ଏକ ଜନଗହଳି ପୂର୍ଣ୍ଣ ସ୍ଥାନରେ ଲୋକଙ୍କର ପ୍ରତିକୃତି ଆଙ୍କୁଥିବା ଅବସରରେ ଏକ ବିଦେଶୀ ତରୁଣୀଙ୍କ ଅନୁରୋଧକ୍ରମେ ତାଙ୍କ ଛବି ଅଙ୍କନ କଲେ। ପ୍ରତିକୃତିର ଅବିକଳତାରେ ବିଭୋର ହୋଇଗଲେ ବିଦେଶିନୀ। ସେବେଠାରୁ ସେମାନଙ୍କ ମଧ୍ୟରେ ସମ୍ପର୍କ ବଢ଼ିଲା। ୟା' ଭିତରେ ତରୁଣୀ ନିଜ ଦେଶକୁ ଫେରିବା ପୂର୍ବରୁ ଯୁବଶିଳ୍ପୀଙ୍କୁ ତାଙ୍କର ଠିକଣା ସହ ଫୋନ୍ ନମ୍ବର ଦେଇଯାନ୍ତି। ଦୁହିଁଙ୍କ ମଧ୍ୟରେ ଚିଠି ଓ ଫୋନ୍ ମାଧ୍ୟମରେ ଭାବର ଆଦାନ ପ୍ରଦାନ ଅତୁଟ ରହେ। ବିରହ ବ୍ୟାକୁଳରେ ସନ୍ତୁଳି ହୋଇ ଯୁବଶିଳ୍ପୀ ଦିନେ ସିଦ୍ଧାନ୍ତ ନିଅନ୍ତି – ସେ ବିଦେଶ ଯିବେ ତାଙ୍କ ପ୍ରାଣପ୍ରିୟାଙ୍କୁ ଦେଖା କରିବାକୁ। ହେଲେ ଯିବେ କେମିତି ? ପ୍ରତିବନ୍ଧକ ସାଜେ ଭିଜା ଏବଂ ଅର୍ଥ ସମ୍ବଳ। ମାତ୍ର ଦୃଢ଼ ମନୋବଳ ନେଇ ଶେଷରେ ନିଜର ପୁରୁଣା ସାଇକେଲ ଖଣ୍ଡେ ଧରି ଦିଲ୍ଲୀରୁ ବିଦେଶ ଯିବାର ଦୁଃସାହସିକ ସ୍ୱପ୍ନ ଦେଖନ୍ତି ଏବଂ କହିବା ବାହୁଲ୍ୟ– ଯନ୍ତ୍ରଣା, ତୁଷାରପାତକୁ ଖାତିର ନ କରି ଦୁର୍ଗମ ପଥରେ ମାସାଧିକ ଅହୋରାତ୍ର ଯାତ୍ରାକରି ତାଙ୍କ ସ୍ୱପ୍ନର ସାଥୀଙ୍କ ନିକଟରେ ପହଞ୍ଚିବାରେ ସଫଳ ହୁଅନ୍ତି ଓ ବିଦେଶିନୀଙ୍କୁ ବିବାହ କରନ୍ତି। ଜ୍ୟୋତିଷୀଙ୍କ ଭବିଷ୍ୟବାଣୀ ସତ ହେଲା। ସେ ଆଉ କେହି ନୁହନ୍ତି, ଆଠମଲ୍ଲିକରେ ଜନ୍ମିତ ପ୍ରଦ୍ୟୁମ୍ନ କୁମାର ମହାନନ୍ଦିଆ– ଯାହାଙ୍କୁ ଆମେ ସଂକ୍ଷେପରେ ପି.କେ.ମହାନନ୍ଦିଆ ଭାବରେ ଜାଣୁ। କେବଳ ଆମ ଓଡ଼ିଶା ନୁହେଁ, ପରନ୍ତୁ ଆମ ଦେଶର ଗର୍ବ ଓ ଗୌରବର ଜଣେ ବିଶ୍ୱ ପ୍ରସିଦ୍ଧ ବ୍ୟକ୍ତିତ୍ୱ। ବର୍ତ୍ତମାନ ସେ ସୁଇଡେନର ନାଗରିକତ୍ୱ ଗ୍ରହଣ କଲେ ମଧ୍ୟ ମାଟିର ଆକର୍ଷଣରେ ପ୍ରତି ବର୍ଷ ନିଜର ଧର୍ମପତ୍ନୀ 'ଚାରଲୋଟ' (ବିବାହ ପରେ ଭାରତୀୟ ନାମକରଣ ଅନୁସାରେ ମହାନନ୍ଦିଆ ତାଙ୍କର ନାମ 'ଚାରୁଲତା' ଦେଇଛନ୍ତି)ଙ୍କ ସହ ଓଡ଼ିଶା ଆସନ୍ତି। ଏକଦା ସେ ଓଡ଼ିଶା ଆସିଥିବା ଅବସରରେ ଏ ଲେଖକ ତାଙ୍କୁ ଏକ ପଞ୍ଚତାରକା ହୋଟେଲରେ ସାକ୍ଷାତ୍ କରିଥିଲା।

ଆମେ ଅନେକ ସମୟରେ ଶିଶୁ ବା କିଶୋରମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଅନୁଧ୍ୟାନ ନ କରି ତଥାକଥିତ ପାଠ ପଢ଼ିବାକୁ ବାଧ୍ୟ କରିଥାଉ। ଆମ ସାଧାରଣ ଦୃଷ୍ଟିରେ ଗଣିତ, ଇଂଲିଶ, ଇତିହାସ, ଭୂଗୋଳ ଆଦି ବିଷୟବସ୍ତୁ କେବଳ ପାଠର ଅନ୍ତର୍ଭୁକ୍ତ ଏବଂ ୟା ବାହାରେ ଯାହା ଅଛି ସେସବୁ ପାଠ ନୁହେଁ। ଯଦି ପିଲାଏ ତଥାକଥିତ ପାଠ ନ ପଢ଼ି ଚିତ୍ର ଆଙ୍କିଲେ, ନୃତ୍ୟ କଲେ କିମ୍ବା ଗୀତ ଗାଇଲେ, ଆମେ କହୁ– ସେମାନେ ବିଗିଡ଼ିଗଲେ। କିନ୍ତୁ ତାଙ୍କ ଭିତରେ ଲୁଚିରହିଥିବା ପ୍ରତିଭାକୁ ନ ଚିହ୍ନିବାର ଅର୍ଥ ପ୍ରତିଭାକୁ ହତ୍ୟା କରିବା। କୌଣସି ଶିଶୁର ସୃଜନାତ୍ମକ ଗୁଣକୁ ଅଣଦେଖା କରିବାର ଅଧିକାର ମାତାପିତା, ଅଭିଭାବକ ଅଥବା ଶିକ୍ଷକ ଶିକ୍ଷୟିତ୍ରୀଙ୍କର ନାହିଁ। ପ୍ରତିଭାକୁ ପ୍ରୋତ୍ସାହିତ ନ କରିବା ଏକ ଅପରାଧ ବୋଲି ଗଣାଯାଇପାରେ। ନାଲିଆଖି ଦେଖାଇ କେବଳ ତଥାକଥିତ ପାଠ ପଢ଼ିବାକୁ ତାଗିଦ କଲେ କିଛି ସୁଫଳ ତ ମିଳିବନି ବରଂ ନକାରାତ୍ମକ ପ୍ରଭାବ ପଡ଼ିବ ସେମାନଙ୍କ ଜୀବନ ଉପରେ। ଚିତ୍ର, ସଙ୍ଗୀତ, ନୃତ୍ୟ – ଏ ସବୁ ଈଶ୍ୱରପ୍ରଦତ୍ତ ଐଶୀ ଗୁଣ, ଯାହା ସମସ୍ତଙ୍କଠାରେ ଦେଖାଯାଏ ନାହିଁ। ଈଶ୍ୱର ଯଦି କାଣିଚାଏ କରୁଣା କରି କାହାକୁ ଏପ୍ରକାର ପ୍ରତିଭାରେ ଧନୀ କରିଥାନ୍ତି, ଜୋର ଜବରଦସ୍ତ ନାଲିଆଖି ଦେଖାଇ ମାଡ଼ ଗାଳି ଦେଇ ଶିଶୁଠାରୁ ସେସବୁ ଲୁଟିବାର ଅପଚେଷ୍ଟା କରିବାର ଅର୍ଥ ଈଶ୍ୱରଙ୍କ ଠାରେ ଦ୍ରୋହୀ ହେବା। ଆମେ ଯେତେ ଚେଷ୍ଟା କଲେ ବି ଈଶ୍ୱରଦତ୍ତ ଦିବ୍ୟ ଧନକୁ ତାଙ୍କ ଠାରୁ ଛଡ଼ାଇ ନେଇପାରିବା ନାହିଁ। ପ୍ରକୃତିରୁ ଏଇ ଦିବ୍ୟ ଧନକୁ ଶିଶୁ ଆହରଣ କରି ନିଜ ଭିତରେ ବିକଶିତ କରିଥାଏ। ଏ ସଂକ୍ରାନ୍ତରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଦୃଷ୍ଟିଭଙ୍ଗୀ ହେଲା – ଯେଉଁ ଶିକ୍ଷା ପ୍ରକୃତି ସହ ଯୋଡ଼ି ନ ହେଲା, ପିଲାର ଅନ୍ତର୍ନିହିତ ସୃଜନାତ୍ମକ ପ୍ରତିଭା ସହ ଯୋଡ଼ି ନ ହେଲା ତାହା ପୂର୍ଣ୍ଣାଙ୍ଗ ଶିକ୍ଷା ନୁହେଁ। ରବୀନ୍ଦ୍ରନାଥଙ୍କ ଦୃଷ୍ଟିଭଙ୍ଗୀକୁ ସମ୍ମାନ ଜଣାଇ ଭାରତ ସରକାର ନୂତନ ଶିକ୍ଷା ନୀତି ପ୍ରଣୟନ କରିଛନ୍ତି, ଯେଉଁଥିରେ ଶିଶୁ ମନର ସୃଜନାତ୍ମକ ଦିଗକୁ ଅଗ୍ରାଧିକାର ଦିଆଯାଇଛି।

ନୃତ୍ୟ, ସଙ୍ଗୀତ ସମେତ ଚିତ୍ର ଅଙ୍କନ ଏକ ଖରାପ ଅଭ୍ୟାସ ବା ଏସବୁରେ ମନ ଦେଲେ ତଥାକଥିତ ପାଠପଢ଼ା ନଷ୍ଟ ହୁଏ ବୋଲି ସାଧାରଣରେ ଯାହା ଧାରଣା ଅଛି ତାହା ସମ୍ପୂର୍ଣ୍ଣ ଅମୂଳକ ତଥା ଭିତ୍ତିହୀନ। ପ୍ରଥମତଃ ଏଥିରେ ବାଧା ଦେଲେ ଶିଶୁର ସୃଜନଶୀଳତା ସହ ପଢ଼ିବାର ଏକାଗ୍ରତା ନଷ୍ଟ ହୁଏ। ଦ୍ୱିତୀୟତଃ ଚିତ୍ର କଲେ କେବଳ ଯେ ଚିତ୍ରକଳାଜନିତ ସୃଜନଶୀଳତା ବୃଦ୍ଧି ହୁଏ ତା' ନୁହେଁ – ବରଂ ସାହିତ୍ୟ, ସଙ୍ଗୀତ, ବିଜ୍ଞାନ ଆଦି ଯେ କୌଣସି ସୃଜନଶୀଳତାକୁ ଆମନ୍ତ୍ରଣ କରିଥାଏ ଚିତ୍ରକଳା। ବିଶ୍ୱରେ ବହୁ ଖ୍ୟାତନାମା ଚିତ୍ରଶିଳ୍ପୀ ଅଛନ୍ତି, ଯେଉଁମାନେ କେବଳ ନିଜ କ୍ଷେତ୍ରରେ ପାରଦର୍ଶିତା ଦେଖାଇ ନାହାନ୍ତି ବରଂ ଅନ୍ୟ ଅନେକ ସୃଜନାତ୍ମକ ଦିଗକୁ ସଞ୍ଚରିଯାଇଛି ତାଙ୍କ ପ୍ରତିଭା। ମାଇକେଲ ଏଞ୍ଜେଲୋ ତ ଥିଲେ ଏକାଧାରରେ ଭାସ୍କର, ଚିତ୍ରକର, ସ୍ଥପତି ଓ କବି। ଲିଓନାର୍ଦୋ – ଦା – ଭିଞ୍ଚିଙ୍କ କଥା ଚିନ୍ତା କରନ୍ତୁ ତ! ଜଣେ ଚିତ୍ରକର, ସ୍ଥପତି, ଲେଖକ ଓ ବୈଜ୍ଞାନିକ ଭାବରେ କମ୍ ଖ୍ୟାତି ସାଉଁଟିନାହାନ୍ତି ସେ। ଏଇ କ୍ରମରେ ଆମ ଭାରତୀୟ ଚିତ୍ରକରଙ୍କ ଭିତରେ ଅଛନ୍ତି ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର। ଏକାଧାରରେ ଜଣେ ଚିତ୍ରଶିଳ୍ପୀ, କବି, ନାଟ୍ୟଶିଳ୍ପୀ, ସଙ୍ଗୀତକାର, ନାଟ୍ୟକାର, ଲେଖକ, ଦାର୍ଶନିକ, ଶିକ୍ଷାବିତ୍– ଏମିତି ବହୁ ପ୍ରତିଭାର ଅଧିକାରୀ ରବୀନ୍ଦ୍ରନାଥ ଭାରତୀୟ ଶିକ୍ଷା, ସଂସ୍କୃତି କ୍ଷେତ୍ରରେ ନବଜାଗରଣ ଆଣିଛନ୍ତି। ସତ୍ୟଜିତ ରାୟ ମଧ୍ୟ ଅନନ୍ୟ ପ୍ରତିଭାଧାରୀ ଆଉ ଏକ ବ୍ୟକ୍ତିତ୍ୱ। ଆମ ଓଡ଼ିଶାର ଚିତ୍ରକରମାନେ ଅନ୍ୟ ସୃଜନଶୀଳ କ୍ଷେତ୍ରରେ କମ୍ ପରାକାଷ୍ଠା ଦେଖାଇ ନାହାନ୍ତି। ଚିତ୍ରଶିଳ୍ପୀ ଗୋପାଳ କାନୁନ୍‌ଗୋଙ୍କ ଅନୁଦିତ 'ଓମର ରୁବାୟତ' ଯେ ପଢ଼ିଥିବେ ସେ ନିଶ୍ଚୟ ଅନୁଭବ କରିବେ ସାହିତ୍ୟରେ ତାଙ୍କର କେତେ ଗଭୀର ପ୍ରବେଶ ଥିଲା। ଶିଳ୍ପୀ ବିଦ୍ୟାଧର ବର୍ମା, ବିନୋଦ ରାଉତରାୟ, ଡକ୍ଟର ଦୀନନାଥ ପାଠୀ, ଅସୀମ ବସୁ, ଦୁର୍ଗା ଚରଣ ପଣ୍ଡା ଏବଂ ଆହୁରି ଅନେକ ପ୍ରତିଷ୍ଠିତ ଶିଳ୍ପୀ ସାହିତ୍ୟ କ୍ଷେତ୍ରରେ ବିଶେଷ ଛାପ ସୃଷ୍ଟି କରିଛନ୍ତି। ଲଣ୍ଡନରେ ରହୁଥିବା ଚିତ୍ରଶିଳ୍ପୀ ଓ ସ୍ଥପତି ପ୍ରଫୁଲ୍ଲ ମହାନ୍ତିଙ୍କ 'ମାଇଁ ଭିଲେଜ ମାଇଁ ଲାଇଫ' ତ ଶିଳ୍ପୀ ଆତ୍ମଲିପିର ଏକ ମାଇଲଖୁଣ୍ଟ! ଆଧୁନିକ ଚିତ୍ରଶିଳ୍ପୀ ଯତୀନ ଦାସ ବହୁମୁଖୀ ପ୍ରତିଭାର ଆଉ ଏକ ଉଦାହରଣ। ଏମିତି ଦେଖିଲେ ଦେଶଠାରୁ ବିଦେଶ ପର୍ଯ୍ୟନ୍ତ ପ୍ରତିଷ୍ଠିତ ଶିଳ୍ପୀମାନେ ଚିତ୍ରକଳା ବ୍ୟତିରେକେ ଅନ୍ୟ ଅନେକ ସୃଜନାତ୍ମକ କ୍ଷେତ୍ରରେ ନିଜର ପ୍ରତିଭା ପ୍ରତିପାଦନ କରିପାରିଛନ୍ତି।

ସୃଜନାତ୍ମକ ପ୍ରତିଭାର ଅଙ୍କୁରୋଦ୍‌ଗମ ହେଲେ ତାହା କେଉଁ ଦିଗକୁ ବିସ୍ତାରିତ ହେବ– ଏହା କହିବା ମୁସ୍କିଲ। ମାଟି ଫଟାଇ ଉଠିବାକୁ ଉପକ୍ରମ କରୁଥିବା ଗଜା ଉପରେ ପଥର ଲଦିଦେଲେ ତାହା ଅନ୍ୟ ପଥ ଦେଇ ନିଶ୍ଚୟ ସୂର୍ଯ୍ୟାଭିମୁଖୀ ହେବ। କିଏ ଜାଣେ – ଛୋଟିଆ ବୀଜ ଭିତରେ ବିରାଟ ବଟଦ୍ରୁମର ଆକାଶୋନ୍ମୁଖୀ ସମ୍ଭାବନା ଥିଲା ପରି କଅଁଳ ଶିଶୁ ପ୍ରାଣରେ କି ପ୍ରକାର ପ୍ରଚଣ୍ଡ ପ୍ରତିଭା ଲୁକ୍କାୟିତ ହୋଇ ନ ଥିବ ବୋଲି! କଳ୍ପନା ଶକ୍ତିକୁ ଚିଆଁଇଲେ /ଜଗାଇଲେ ତାହା ବିଶମୁଖୀ ହେବ – ଏଥିରେ ଦ୍ୱିରୁକ୍ତି ନାହିଁ। ପିଲାଏ ଚିତ୍ର କରନ୍ତୁ – ଏଥିରେ ଅଙ୍କୁଶ ନ ଲଗାଇ ଉତ୍ସାହିତ କରାଯାଉ। କେବଳ ଜଗିବାର ଅଛି – ଚିତ୍ର ଭିତରେ ମଜ୍ଜିଯାଇ ପାଠ ଦିଗକୁ ସମ୍ପୂର୍ଣ୍ଣ ଅଣଦେଖା ନ କରନ୍ତୁ ସେମାନେ। ପ୍ରତ୍ୟହ ସେମାନେ ଯେପରି ଖୋଲା ଆକାଶର ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ ଦେଖିବେ, ପକ୍ଷୀର କାକଳି ଶୁଣିବେ ଏବଂ ପ୍ରକୃତି ସହ ଯୋଡ଼ିହେବେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଚିତ୍ରରୁ ଆରମ୍ଭ ପ୍ରତିଭା ଯେକୌଣସି ସମୟରେ ଅନ୍ୟ ଯେକୌଣସି ପ୍ରତିଭାକୁ ସଞ୍ଚରିଯାଇପାରେ। ଅତଏବ ଶିଶୁ ପ୍ରତିଭାର ଜୟଗାନ କରାଯାଉ।

**ଭୋଇନଗର, ଭୁବନେଶ୍ୱର,**
**ମୋ– ୮୭୬୩୮୫୩୨୪୪**



# ମୁଦ୍ରୀକରଣ ଓ ଭିତ୍ତିଭୂମି ବିକାଶ

ଡ. ଅସୀମା ସାହୁ

ଚଳିତବର୍ଷ ଅଗଷ୍ଟ ୨୩ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ରାଷ୍ଟ୍ରୀୟ ମୁଦ୍ରୀକରଣ ପାଇପଲାଇନ (ଏନ୍‌ଏମ୍‌ପି) ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏନ୍‌ଏମ୍‌ପି ଅଧୀନରେ ଆଗାମୀ ଚାରିବର୍ଷ ଅର୍ଥାତ୍ ୨୦୨୨–୨୫ ଆର୍ଥିକବର୍ଷ ମଧ୍ୟରେ ମୋଟ ୬ଲକ୍ଷ କୋଟି ଟଙ୍କାର ଏକ ବିପୁଳ ଅର୍ଥ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି। ସେହି ଅର୍ଥ ଦେଶର ଉତ୍ତମ ଏବଂ ଗୁଣାତ୍ମକ ଭିତ୍ତିଭୂମି ପାଇଁ ବ୍ୟୟ କରାଯିବ; ଯାହାଦ୍ୱାରା ଆର୍ଥିକ ବିକାଶ ଓ କର୍ମ ନିଯୁକ୍ତି ନିମନ୍ତେ ସୁଯୋଗ ସୃଷ୍ଟି ହୋଇପାରିବ। ଏପରି ଏକ ସମ୍ପତ୍ତି ପରିଚାଳନା ଓ ଜନକଲ୍ୟାଣ ଯୋଜନାର ପରିକଳ୍ପନା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ମାତ୍ର ଏଥିରେ ଥିବା ସଂଶୟ ଓ ଆଶଙ୍କା ମଧ୍ୟ ଆଲୋଚନା ପରିସରଭୁକ୍ତ।

ପ୍ରଥମେ ବୁଝିବାକୁ ପଡ଼ିବ ସମ୍ପଦ ମୁଦ୍ରୀକରଣର ଅର୍ଥ କ'ଣ। ଅର୍ଥ ହେଲା– ''ସରକାରୀ ଉଦ୍ୟୋଗଗୁଡ଼ିକ ଯେଉଁଥିରୁ ଅଧିକତର ଭାବେ ଉପଯୋଗ କରାଯାଇ ନାହିଁ ସେଇଥିରୁ କିପରି ଅଧିକ ରାଜସ୍ୱ ଅଥବା ଅର୍ଥ ଉପାର୍ଜନର ନୂଆ ନୂଆ ଉପାୟ ଖୋଜି ବାହାର କରାଯାଇ ପାରିବ ତା'ର ମାର୍ଗ ଆପଣେଇବା''। ରାଜସ୍ୱ ଆଦାୟ ସହିତ ସମ୍ପତ୍ତିର ଉତ୍ତମ ରକ୍ଷଣାବେକ୍ଷଣ ଓ ପରିଚାଳନାକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଏହାକୁ ଅର୍ଥନୀତିରେ 'ବ୍ରାଉନ ଫିଲ୍ଡ ସଂପଦ' ବୋଲି ଆଖ୍ୟାୟିତ କରାଯାଇଥାଏ। ଆମ ଦେଶର ନୀତି ଆୟୋଗ ରାଷ୍ଟ୍ରୀୟ ମୁଦ୍ରୀକରଣ ପାଇପଲାଇନ୍ ଯୋଜନାରେ ବିଭିନ୍ନ କ୍ଷେତ୍ର ମଧ୍ୟରୁ ସଡ଼କ ପରିବହନ ଓ ରାଜମାର୍ଗ, ରେଳବାଇ, ଜାହାଜ ଚଳାଚଳ, ଟେଲିକମ୍, ଶକ୍ତି, ବେସାମରିକ ବିମାନ ଚଳାଚଳ, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ, ଯୁବ ବ୍ୟାପାର ଓ କ୍ରୀଡ଼ା ଭଳି କ୍ଷେତ୍ରକୁ ସଂପଦ ମୁଦ୍ରୀକରଣ ପାଇଁ ଚୟନ କରିଛନ୍ତି। ଏହି ଯୋଜନାରେ ଆଗାମୀ ଚାରିବର୍ଷ ମଧ୍ୟରେ ପୁଞ୍ଜି ନିବେଶ କରିବା ସକାଶେ ଘରୋଇ କମ୍ପାନୀଗୁଡ଼ିକୁ ଆହ୍ୱାନ କରାଯିବ। ଲମ୍ବା ଅବଧିର ଲିଜ୍ ଦ୍ୱାରା ସେମାନେ ନୂଆ ନୂଆ ସଂସାଧନରେ ପୁଞ୍ଜି ନିବେଶ କରିବେ; ଯାହାଦ୍ୱାରା ୬ ଲକ୍ଷ କୋଟି ଟଙ୍କାର ଅର୍ଥ ରାଶି ସଂଗ୍ରହର ବାଟ ଫିଟିବ ଓ ପୁନଃ ଚକ୍ରାକାରରେ ଭିତ୍ତିଭୂମିର ବିକାଶ ସମ୍ଭବ ହୋଇପାରିବ।

ଯୋଜନା ମୁତାବକ ଏହି ୬ଲକ୍ଷ କୋଟି ଟଙ୍କା ପାଇଁ ସଡ଼କ କ୍ଷେତ୍ରରୁ ସର୍ବାଧିକ ୧.୬ ଲକ୍ଷ କୋଟି ଟଙ୍କା, ସରକାର ବିଲ୍ଡ– ଅପରେଟ ଟ୍ରାନ୍ସଫର (ପିଓଟି) ମଡେଲ ଭାବେ ରାଜମାର୍ଗଗୁଡ଼ିକୁ ହସ୍ତାନ୍ତର କରି ୧.୫ ଲକ୍ଷ କୋଟି ଟଙ୍କା, ରେଳବାଇର ୪୦୦ଟି ଷ୍ଟେଶନ, ୧୫୦ଟି ଟ୍ରେନ, ସମର୍ପିତ ମାଲ ପରିବହନ କରିଡର ଏବଂ ଟ୍ରାକ ଜରିଆରେ ୧.୫ ଲକ୍ଷ କୋଟି ଟଙ୍କା, ଶକ୍ତି କ୍ଷେତ୍ର ପାୱାର ଗ୍ରୀଡ୍‌ଗୁଡ଼ିକର ବିଜୁଳି ସରବରାହ ଲାଇନ୍‌ରୁ ୪୫,୦୦୦ କୋଟି, ଏନ୍‌ଟିପିସି, ଏନ୍‌ଏଚ୍‌ପିସିର ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ କୋଲ୍ ଇଣ୍ଡିଆ ଭଳି ପ୍ରକଳ୍ପରୁ ୩୯,୮୩୨ କୋଟି ଟଙ୍କା, ବାଷ୍ପ କ୍ଷେତ୍ରରୁ ୨୪,୦୦୦ କୋଟି ଟଙ୍କା, ଆଇଓସିଏଲ୍ ଏବଂ ଏଚ୍‌ପିସିଏଲ୍‌ର ପାଇପ ଲାଇନ ମୁଦ୍ରୀକରଣ କରାଯାଇ ୨୨,୦୦୦ କୋଟିଟଙ୍କା ସଂଗ୍ରହର ଲକ୍ଷ୍ୟ ରଖାଯାଇଛି।

ଲୋକଙ୍କର ଆଶଙ୍କାକୁ ଦୂର କରିବା ପାଇଁ ଅର୍ଥମନ୍ତ୍ରୀ ସୀତାରାମନ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ସରକାର ଏ ସମ୍ପତ୍ତି ବିକ୍ରି କରୁଛନ୍ତି ବୋଲି କୌଣସି ଭ୍ରାନ୍ତ ଧାରଣା ସୃଷ୍ଟି ନ ହେବା ଉଚିତ। ବରଂ ସରକାରଙ୍କ ହାତରେ ଏସବୁର ମାଲିକାନା ଯଥାରୀତି କାଏମ ରହିବ ଏବଂ କିଛିବର୍ଷ ପରେ ଘରୋଇ କମ୍ପାନୀଗୁଡ଼ିକ ବାଧ୍ୟତାମୂଳକ ଭାବେ ସେସବୁ ସଂସ୍ଥାଗୁଡ଼ିକୁ ସରକାରଙ୍କ ହାତରେ ଅର୍ପଣ କରିବେ। ମାତ୍ର ଏହା ମଧ୍ୟ ସତ୍ୟ ଯେ, ଘରୋଇ କମ୍ପାନୀକୁ ଲିଜ୍ ମାଧ୍ୟମରେ ହସ୍ତାନ୍ତର କରିବାର ନିର୍ଦ୍ଦିଷ୍ଟ ନୀତି ଓ ନିୟନ୍ତ୍ରଣ ପଦ୍ଧତି ସରକାରଙ୍କ ତରଫରୁ ଏପର୍ଯ୍ୟନ୍ତ ଅସ୍ପଷ୍ଟ। ଏପରି କି ୬ ଲକ୍ଷ କୋଟି ଟଙ୍କା ପରି ଏକ ବୃହତ୍ ରାଜସ୍ୱ ଆଦାୟର ପରିକଳ୍ପନାକୁ ସାକାର କରିପାରିବା କେତେ ଦୂର ସମ୍ଭବ ତାହା ନିଜ ଭିତରେ ଏକ ବଡ଼ ପ୍ରଶ୍ନ ହୋଇରହିଛି। ବିଭିନ୍ନ ସମ୍ପତ୍ତିର ଚିହ୍ନଟ ଯୋଗ୍ୟ ରାଜସ୍ୱ ଧାରା ଅଭାବ ଅନ୍ୟ ଏକ ସମସ୍ୟା। ବିନା ମାଲିକାନା ସ୍ୱତ୍ୱରେ ଘରୋଇ କମ୍ପାନୀକୁ ଏପରି ବଡ଼ ପୁଞ୍ଜିନିବେଶ ପାଇଁ ଆକର୍ଷିତ କରିବା ଓ ମନେଇବା ଏତେ ସହଜ ନୁହେଁ। ନିକଟରେ ରେଳବାଇରେ ଆରମ୍ଭ ହୋଇଥିବା 'ଘରୋଇ ସରକାରୀ ସହଭାଗିତା' (ପିପିପି)ର ଅସୁବିଧା, ସରକାରୀ କମ୍ପାନୀରେ ଘରୋଇକରଣଜନିତ ଧିମା ଅବସ୍ଥାର ପରିଣାମ ଭାରତୀୟ ଅର୍ଥନୀତିରେ ବେଶ୍ ପ୍ରତିଫଳିତ। ସେହିପରି ଗ୍ୟାସ ଓ ପେଟ୍ରୋଲର ପାଇପ ଲାଇନ୍ ନେଟ୍‌ୱର୍କର କ୍ଷମତା ଉପଯୋଗ ମଧ୍ୟ ନିମ୍ନସ୍ତରର।

ଘରୋଇ କମ୍ପାନୀମାନେ ଏତେ ଅର୍ଥ ବ୍ୟୟ କଲା ପରେ ଲିଜ୍ ନେଇଥିବା କ୍ଷେତ୍ରଗୁଡ଼ିକର ପରିଚାଳନାରେ ପୂର୍ଣ୍ଣ ସ୍ୱାଧୀନତା ଆଶା କରିବେ। ଯଦି ପୂର୍ଣ୍ଣ ସ୍ୱାଧୀନତା ମିଳେ ତେବେ ନିଯୁକ୍ତି ଓ ନିଷ୍ପତ୍ତିରେ ଜନକଲ୍ୟାଣ ବିରୋଧୀ ସମସ୍ୟା ସୃଷ୍ଟି ହୋଇପାରେ। ଆମେ ଜାଣୁ ସାର୍ବଜନୀନ କ୍ଷେତ୍ରରେ ଲାଭାଂଶ ଅପେକ୍ଷା ସରକାର କର୍ମନିଯୁକ୍ତି ଓ କଲ୍ୟାଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇଥା'ନ୍ତି। ମାତ୍ର ଘରୋଇ କମ୍ପାନୀରେ ପୁଞ୍ଜିନିବେଶର ମୂଳ ଲକ୍ଷ୍ୟ ହେଲା ବ୍ୟବସାୟିକ ଲାଭ। ଏଥିସହିତ ନିଯୁକ୍ତି କ୍ଷେତ୍ରରେ ଥିବା ସଂରକ୍ଷଣ ମଧ୍ୟ ରହିବା ସମ୍ଭବ ହେବ ନାହିଁ। ଆକଳନ ଅନୁଯାୟୀ କେନ୍ଦ୍ରୀୟ ସରକାରୀ କ୍ଷେତ୍ରରେ ପାଖାପାଖି ୧୦ ଲକ୍ଷ କର୍ମଚାରୀ କାର୍ଯ୍ୟ କରନ୍ତି। ସେଥିମଧ୍ୟରୁ ୧.୫ ଲକ୍ଷ ଅନୁସୂଚିତ ଜାତି, ୧ ଲକ୍ଷ ଅନୁସୂଚିତ ଜନଜାତି ଏବଂ ୨ ଲକ୍ଷ ପଛୁଆବର୍ଗ ଅନ୍ତର୍ଭୁକ୍ତ। ୩୦ ରୁ ୪୦ ବର୍ଷର ଲମ୍ବା ଅବଧି ପାଇଁ ଏଇ ସରକାରୀ କ୍ଷେତ୍ରଗୁଡ଼ିକ ଘରୋଇ କମ୍ପାନୀକୁ ଚାଲିଗଲେ ସରକାରୀ ଚାକିରି କରୁଥିବା ଓ ସଂରକ୍ଷିତ କର୍ମଚାରୀଙ୍କ ଭବିଷ୍ୟତ ସଙ୍କଟରେ ପଡ଼ିଯାଇପାରେ। ସେହିପରି ଲାଭକୁ ହିସାବକୁ ନ ନେଇ ସରକାର କ୍ଷେତ୍ରସବୁର ରକ୍ଷଣାବେକ୍ଷଣ ଓ ପରିଚାଳନାକୁ ସମାନ ଭାବରେ ଦେଖନ୍ତି। ଉଦାହରଣ ସ୍ୱରୂପ ରେଳ ଚଳାଚଳ ଓ ସଡ଼କର ଟୋଲ୍–ଗେଟ୍‌ରୁ ସମପରିମାଣ ଲାଭ ନ ମିଳିଲେ ବି ସେସବୁ ପରିଚାଳିତ ହେଉଛି। ଘରୋଇ କମ୍ପାନୀ ଦ୍ୱାରା ଏହା ସମ୍ଭବ ନୁହେଁ। ଯେପରି ଷ୍ଟାଡିୟମ୍‌ରେ କେବଳ ଯଦି ଲାଭ ଜନତା କ୍ରିକେଟ୍ ଖେଳେଇବାର ସିଦ୍ଧାନ୍ତ ନିଆଯାଏ ତେବେ ହକି, ଫୁଟବଲ ପରି ଅନ୍ୟାନ୍ୟ ଖେଳର ବିକଳ୍ପ ବ୍ୟବସ୍ଥା ଓ ଭବିଷ୍ୟତ କ'ଣ ହେବ। ଏଥିସହିତ 'ଫୋର–ଲେନ୍' ତଳକୁ ଥିବା ରାଷ୍ଟ୍ରୀୟ ରାଜମାର୍ଗକୁ ଲିଜ୍‌ରେ ନେବାପାଇଁ ଘରୋଇ କମ୍ପାନୀମାନେ ଅନିଚ୍ଛା ପ୍ରକାଶ କରିବେ। ଏହିପରି ଅନେକ ଅସମାହିତ ପ୍ରଶ୍ନ ଏ ପ୍ରକଳ୍ପ ସହ ରହିଛି।

ଏସବୁ ସତ୍ତ୍ୱେ ମୁଦ୍ରୀକରଣ ପାଇପଲାଇନ କାର୍ଯ୍ୟକ୍ରମ ନିଶ୍ଚିତ ଭାବରେ ଏକ ବିକାଶମୁଖୀ ଏବଂ ଜନକଲ୍ୟାଣ ଯୋଜନା। ଯଦି ଏହାର ନୀତି ଓ ନିୟନ୍ତ୍ରଣ ପଦ୍ଧତିକୁ ଠିକ୍ ରୂପରେଖ ଦେଇ ତୃଣମୂଳ ସ୍ତରରେ ରୂପାୟନ କରାଯାଏ ତେବେ 'ସର୍ବଶ୍ରେଷ୍ଠ ସଂସାଧନ' କେବଳ ସାଧାରଣ ନାଗରିକଙ୍କ ପାଇଁ ସହାୟକ ହେବନାହିଁ, ଅପରପକ୍ଷେ ଏହା ବ୍ୟାପକ ଭାବେ ତଥା ଦୀର୍ଘକାଳୀନ 'ସମାବେଶୀ ଓ ସଶକ୍ତୀକରଣ' ସ୍ୱପ୍ନକୁ ମଧ୍ୟ ସାକାର କରିପାରିବ। ଏକ ଉଜ୍ଜ୍ୱଳ ଭିତ୍ତିଭୂମି ଦେଶରେ ନୂତନ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବ।

**ଅଧ୍ୟକ୍ଷା, ଏସ.ସି.ବି. ଡିଗ୍ରୀ**
**ମହାବିଦ୍ୟାଳୟ, ରାଗ୍ଡା, ମୟୂରଭଞ୍ଜ**
**ମୋ:୯୪୩୭୩୮୦୭୭୦**

## ଏଇ ଭାରତରେ

ଔପଚାରିକ ଶିକ୍ଷାରୁ ବଞ୍ଚିତ ତଥା ଅଧାରୁ ପାଠ ଛାଡ଼ିଦେଉଥିବା ଏଭଳି ବସ୍ତି ପିଲାଙ୍କୁ ଶିକ୍ଷାର ଧାରାରେ ସାମିଲ କରୁଛନ୍ତି ରାଜସ୍ଥାନର ଭୁନେଶ ଶର୍ମା। ଜୟପୁର ନିବାସୀ ଭୁନେଶ 'ସ୍ମାଇଲ ଫର୍ ଅଲ୍ ସୋସାଇଟି' ଏନ୍‌ଜିଓ ଗଠନ କରି ମାଗଣାରେ ଶିକ୍ଷା ଦେବାର ବ୍ୟବସ୍ଥା କରିଛନ୍ତି। ୨୦୧୫ରେ ଏଭଳି କେତେଜଣ ପିଲାଙ୍କୁ ଜୟପୁରର ଏକ ଟ୍ରାଫିକ୍ ସିଗ୍‌ନାଲରେ ଦେଖିବାକୁ ପାଇଥିଲେ। ଅନ୍ୟ ପିଲାଙ୍କ ଭଳି ଏମାନେ ଭିକ୍ଷା ନ କରି ପଢ଼ିବା ଲାଗି ସାହାଯ୍ୟ କରିବାକୁ କହିଥିଲେ। ସେମାନଙ୍କୁ ଭୁନେଶ ନିକଟସ୍ଥ ଦୋକାନରୁ ପେନ୍‌ସିଲ ଓ ଅନ୍ୟ ପାଠ୍ୟ ଉପକରଣ କିଣି ଦେଇଥିଲେ ଓ ବସ୍ତିରେ ସେମାନଙ୍କ ମାତାପିତାଙ୍କୁ ମଧ୍ୟ ଭେଟିଥିଲେ। ଏହି ଘଟଣା ପରେ ସେ ଏଭଳି ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ସମୟରେ ସେ ଏକ ଷ୍ଟାର୍ଟଅପ୍‌ରେ କାମ କରୁଥିଲେ ଓ ସେହି ପିଲାମାନଙ୍କୁ ଦିନକୁ ଘଣ୍ଟାଏ ପଢ଼ାଇବା ଆରମ୍ଭ କରିଥିଲେ। ୨୦୧୭ ସୁଦ୍ଧା ପିଲାଙ୍କ ସଂଖ୍ୟା ୪୦ରେ ପହଞ୍ଚିଲା। ବିଭିନ୍ନ ଘରୋଇ ସ୍କୁଲରେ ଏମାନଙ୍କ ନାମ ଲେଖାଇବା ସହ ସେମାନଙ୍କ ଟ୍ୟୁଶନ ଫି ଦେବା ଲାଗି ୧.୫ ଲକ୍ଷ ଟଙ୍କା ଋଣ କରିଥିଲେ। ପିଲା ସଂଖ୍ୟା ବଢ଼ିବା ଯୋଗୁ ଭୁନେଶଙ୍କ ସ୍ତ୍ରୀ ନେହା ତାଙ୍କ ସହ ଯୋଗଦେଲେ। ପିଲା ସଂଖ୍ୟା ୧୨୫ ଟପିବା ପରେ ସେମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଲେ। ପରେ ୨୦୧୯ରେ 'ସ୍ମାଇଲ ଫର ଅଲ ସୋସାଇଟି' ଗଠନ କରି ନେଟ୍‌ଫ୍ଲିକ୍ସ ଓ ହଟ୍‌ଷ୍ଟାର ଭଳି ନିଆରା ସବ୍‌ସ୍କ୍ରିପ୍‌ସନ ମଡେଲରେ ଡୋନରଙ୍କଠାରୁ ସ୍ପନସରଙ୍କୁ ଆକର୍ଷିତ କରୁଛନ୍ତି। ଏଥିରେ ୪,୦୦୦ ସ୍ୱେଚ୍ଛାସେବୀ ଯୋଡ଼ି ହୋଇ କୋଲକାତା, ଜୟପୁର, ମୁମ୍ବାଇ ଏବଂ ନଏଡା ସମେତ ଦେଶର ୧୦୦ଟି ବସ୍ତିର ପିଲାମାନଙ୍କୁ ପଢ଼ାଇବା ଲାଗି ସମୟ ଦେଉଛନ୍ତି। ଏହି ଏନ୍‌ଜିଓରେ ୫୧୨ ସବ୍‌ସ୍କ୍ରାଇବର ରହିଛନ୍ତି ଓ ସେମାନେ ୨୫୦ ସହରର ୧,୦୦୦ ପିଲାଙ୍କ ପାଇଁ ଶିକ୍ଷା ସ୍ପନ୍‌ସର କରୁଛନ୍ତି। ବିଭିନ୍ନ ରାଜ୍ୟରେ ଏବେ ୩୫ଟି ସ୍କୁଲ୍ ଚାଲିଛି। ଶିକ୍ଷା ପାଇଁ ପିଲାଙ୍କ ଆବଶ୍ୟକ ଡକ୍ୟୁମେଣ୍ଟସ୍‌ଠାରୁ ଆରମ୍ଭ କରି ସମସ୍ତ ପାଠ୍ୟ ଉପକରଣ ଯୋଗାଉଛନ୍ତି ଭୁନେଶ।

## ଚିରନ୍ତନୀ

ଦୁନିଆ ଉପରେ ବଜାଇ ବିଜୟ ଭେରୀ
ଅନ୍ଧାର କୋଳୁଁ ଭାରତ ଆସିବ ଫେରି
ଆସିବ ଫେରି ସେ ନିଜ ଗଉରବେ
ଚକିତ ଧରାରେ ଚାହିଁବେ ସରବେ
ବିଶ୍ୱ ସଭାରେ ଆଦରେ ତାହାକୁ ବସିବେ
ସକଳେ ଘେରି
ଅନ୍ଧାର କୋଳୁଁ ଭାରତ ଆସିବ ଫେରି।
–(ଭାରତ ଆସିବ ଫେରି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚାଉଳ ଗୁଣ୍ଡରେ ବିସ୍କୁଟ କରାଯାଉ

ମହାଶୟ,

ରାଜ୍ୟରେ ପ୍ରଚୁର ଧାନ ଉତ୍ପାଦନ ହେବା ସଙ୍ଗେ ସଙ୍ଗେ ପ୍ୟାକେଟ ଚାଉଳ ଯୁଗରେ ଚାଉଳ ହାଟଗୁଡିକ ବନ୍ଦ ହୋଇଗଲାଣି। ଦାନ ଧାନ ବେଳେ ଚାଉଳ ଅପେକ୍ଷା ଟଙ୍କା ଅଧିକ ଗୁରୁତ୍ୱ ବହନ କରୁଛି। ଖାଉଟି ବିଭାଗର ଆଗୁଆ ପଦକ୍ଷେପ ପାଇଁ ରାଶନ କାର୍ଡଧାରୀ ଲୋକଙ୍କ ଘରେ ଚାଉଳ ଗଦା ହୋଇଗଲାଣି। ବୋରା ଉପରେ ବୋରା ନଦି ଭୀରୁଖାଇ ଚାଲିଥିବା ବେଳେ ତଳ ବୋରାରେ ଥିବା ଚାଉଳ ଖରାପ ହୋଇଯାଉଛି। ଚାଉଳର ବଜାର ଦର ମାଗଣା ଚାଉଳ ପାଇଁ କାବୁରେ ରହୁଛି ଓ କିଣିଖିଆ ଫାଇଦାରେ ରହୁଛନ୍ତି। ହାଣ୍ଡିଆ ବିକ୍ରେତା ଶସ୍ତାରେ ଚାଉଳ ପାଇପାରୁଛନ୍ତି। ହୋଟେଲ ମାଲିକଙ୍କୁ ଚାଉଳ ଦର ବାଧୁନି। ଲୋକଙ୍କ ଘରୁ ଧାନଚାଉଳ ଚୋରି ବନ୍ଦ ହୋଇଯାଇଛି। ଭିକାରୀ ଚାଉଳ ନେବାକୁ ନାରାଜ। ତେବେ ଗହମ ସହିତ ଚାଉଳ ଟକ୍କର ଦେବା ଦରକାର। ଚାଉଳ ଗୁଣ୍ଡରେ ମଇଦା ମିଶାଇ ବିସ୍କୁଟ ତିଆରି ହୋଇପାରିବ। ଏଥିପାଇଁ ବ୍ୟବସାୟୀମାନେ ଚେଷ୍ଟା କରିବା ଦରକାର। ଗହମରୁ ତିଆରି ବିସ୍କୁଟ ଭଳି ଏହା ଯଦି ଚାହିଦା ସୃଷ୍ଟି କରିପାରିବ ତେବେ ଚାଷୀମାନଙ୍କର ଭାଗ୍ୟ ଖୋଲିଯିବ। ସେମାନେ ଧାନଚାଷ କରିବା ପାଇଁ ଉତ୍ସାହିତ ହେବେ ଓ କହିବେ ଆମେ ବର୍ଷରେ ତିନିଥର ଧାନ ଚାଷ କରିବୁ।

**–ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଦିନକରେ ୩୬.୨ ବିଲିୟନ ଡଲାର ବଢ଼ିଲା ମସ୍କଙ୍କ ସମ୍ପତ୍ତି

**ନୂଆଦିଲ୍ଲୀ,୨୬।୧୦:** ବିଶ୍ୱର ସବୁଠାରୁ ବଡ ଧନୀ ଏଲନ ମସ୍କଙ୍କର ସମ୍ପତ୍ତି ଦିନକରେ ୩୬.୨ ବିଲିୟନ ଡଲାର ବଢ଼ିଛି। ବ୍ଲୁମବର୍ଗ ବିଲିୟନେୟାର ସୂଚୀରେ କୌଣସି ଧନୀ ବ୍ୟକ୍ତିଙ୍କ ସମ୍ପତ୍ତି ଗୋଟିଏ ଦିନରେ ଏଭଳି ବୃଦ୍ଧିରେ ଏହା ଏକ ରେକର୍ଡ ବୋଲି କୁହାଯାଉଛି। ଏଲନ ମସ୍କଙ୍କ କମ୍ପାନୀ ଟେସଲାକୁ ହର୍ଟଜ ଗ୍ଲୋବାଲ ହୋଲ୍ଡିଂଠାରୁ ୧ ଲକ୍ଷ ୟୁନିଟ ଗାଡି ଅର୍ଡର ମିଳିବା ପରେ ସମ୍ପତ୍ତିରେ ଏଭଳି ବୃଦ୍ଧି ଦେଖାଯାଇଛି। ଏହା ପୂର୍ବରୁ ସମ୍ପତ୍ତି ବୃଦ୍ଧିରେ ଏହି ରେକର୍ଡ ଚାଇନାର ବିଲିୟନେୟାର ହଙ୍ଗ ସାନସାନଙ୍କ ନାମରେ ରହିଥିଲା। ଗତ ବର୍ଷ ସାଙ୍ଗସାଙ୍ଗଙ୍କ ସମ୍ପତ୍ତି ଗୋଟିଏ ଦିନରେ ୩୨ ବିଲିୟନ ଡଲାର ବୃଦ୍ଧି ଘଟିଥିଲା। ବର୍ତ୍ତମାନ ଏଲନ ମସ୍କଙ୍କର ସମ୍ପତ୍ତି ୨୮୯ ବିଲିୟନ ଡଲାର ଛୁଇଁଛି। ଫଳରେ ମସ୍କଙ୍କର ସମ୍ପତ୍ତି ମୂଲ୍ୟ ଏକ୍ସନ ମୋବିଲର ବଜାର ପୁଞ୍ଜିକରଣଠାରୁ ଅଧିକ ରହିଥିବା ଜଣାପଡିଛି।

### ଦେବାଳିଆ ହେଲା ଚାଇନାର ମଡର୍ନ ଲ୍ୟାଣ୍ଡ ଡେଭଲପର

**ନୂଆଦିଲ୍ଲୀ,୨୬।୧୦:** ଚାଇନା ଭିତ୍ତିକ ରିୟଲ ଇଷ୍ଟେଟ ଡେଭଲପର କମ୍ପାନୀ ମଡର୍ନ ଲ୍ୟାଣ୍ଡ ଦେବାଳିଆ ଘୋଷିତ ହୋଇଛି। ବଣ୍ଡ୍ ଦେୟ୍ ଜନୀତ ଅର୍ଥ ପଇଠ କରିବାରେ ଏହି କମ୍ପାନୀ ବିଫଳ ହୋଇଛି। ନିକଟରେ ଏଭରଗ୍ରାଣ୍ଡେ ଗ୍ରୁପ ମଧ ଦେବାଳିଆ ଘୋଷିତ ହୋଇଥିଲା। ନଗଦ ସମସ୍ୟା ଯୋଗୁ ବଣ୍ଡ୍ ଦେୟ୍ ପ୍ରଦାନ କରିବାକୁ ସକ୍ଷମ ହୋଇ ନ ଥିବା ଏହି କମ୍ପାନୀ ଷ୍ଟକ ବଜାରକୁ ଜଣାଇଛି। ଏହା ଦ୍ୱାରା କମ୍ପାନୀର ଅଂଶୀଦାର ମାନେ ପ୍ରଭାବିତ ହେବେ ବୋଲି କୁହାଯାଉଛି। ନିକଟରେ ରେଟିଂ ଏଜେନ୍ସି ଫିଚ୍ ମଡର୍ନ ଲ୍ୟାଣ୍ଡର ରେଟିଂକୁ ବିରୁ ସି କରିଛି। କୋଭିଡ ଯୋଗୁ ବଜାର ପ୍ରଭାବିତ ହୋଇଥିବା ବେଳେ ବିଭିନ୍ନ କମ୍ପାନୀଗୁଡିକର କାରବାର ପ୍ରଭାବିତ ହୋଇଛି। କମ୍ପାନୀଗୁଡିକ ନଗଦ ସମସ୍ୟା ସାମ୍ନା କରୁଛନ୍ତି। ଫଳରେ ଚାପଗ୍ରସ୍ତ ହୋଇ କମ୍ପାନୀଗୁଡିକ ଦେବାଳିଆ ହୋଇ ଯାଉଥିବା ବଜାର ବିଶେଷଜ୍ଞ କହିଛନ୍ତି।

# ଟିକସ ରାଜସ୍ୱ ୧୦% ବଢ଼ିପାରେ

**ନୂଆଦିଲ୍ଲୀ,୨୬।୧୦**




ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ଟିକସ ଜନୀତ ରାଜସ୍ୱ ବଜେଟ ଲକ୍ଷ୍ୟ ତୁଳନାରେ ପ୍ରାୟ ୧୦% ଉର୍ଦ୍ଧ୍ୱରେ ରହିବ। ଗତ ୪ ବର୍ଷରେ ପ୍ରଥମ ଥର ଲାଗି ଏଭଳି ହେବ ବୋଲି ଆକଳନ କରାଯାଇଥିବା କେନ୍ଦ୍ର ସରକାରଙ୍କ ୨ ବରିଷ୍ଠ ଅଧିକାରୀ କହିଛନ୍ତି। ଅର୍ଥ ବ୍ୟବସ୍ଥା କୋଭିଡ ପୂର୍ବ ସ୍ଥିତିକୁ ଫେରୁ ଥିବାରୁ ଏଭଳି ହେବ ବୋଲି କୁହାଯାଉଛି। ୧୫.୪୫ ଲକ୍ଷ କୋଟି ଟଙ୍କା ଟିକସ ରାଜସ୍ୱ ହାସଲ କରିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷ ପରଠାରୁ ଏହା ସର୍ବନିମ୍ନ। କୋଭିଡ୍-୧୯ ମହାମାରୀ ଯୋଗୁ ଅର୍ଥ ବ୍ୟବସ୍ଥାର ସଙ୍କଟ ସ୍ଥିତିକୁ ଚାଲି ଯାଇଛି। ଏହାର ପ୍ରଭାବ ଯୋଗୁ ମାନ୍ଦାବସ୍ଥା ସୃଷ୍ଟି ହୋଇଛି। ଫଳରେ ରାଜସ୍ୱ ସଂଗ୍ରହରେ ସରକାରଙ୍କୁ ବିଭିନ୍ନ ସମସ୍ୟା ସାମ୍ନା କରିବାକୁ ପଡୁଛି।

ମାତ୍ର ଧୀରେ ଧୀରେ ପୁଣି ଥରେ ଅର୍ଥ ବ୍ୟବସ୍ଥା ଅଣ୍ଟା ସଳଖିବାକୁ ଲାଗିଲାଣି। ଖୁଚୁରା ବିକ୍ରିରେ ଉନ୍ନତି ପରିଲକ୍ଷିତ ହୋଇଛି। ରପ୍ତାନୀ ମଧ ରେକର୍ଡ ଉଚ୍ଚ ସ୍ତର ଛୁଇଁଛି। ଚଳିତ ବର୍ଷ କରୋନାର ଦ୍ୱିତୀୟ ଲହରରେ ଅର୍ଥ ବ୍ୟବସ୍ଥା ଗଭୀର ଭାବେ ପ୍ରଭାବିତ ହେବା ପରେ ପୁଣି ଥରେ ଛିଡା ହେବାକୁ ଲାଗିଛି। ଏପ୍ରିଲ-ଜୁନ ତ୍ରୈମାସରେ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ୨୦.୧% ରହିଛି। ଗତ ଆର୍ଥିକ ବର୍ଷ ସମାନ ତ୍ରୈମାସରେ ଏହା ୨୦.୧% ହ୍ରାସ ହୋଇଥିଲା। ଅର୍ଥ ବ୍ୟବସ୍ଥାର ବିଭିନ୍ନ କ୍ଷେତ୍ର ପୁଣି ଥରେ ଚଳଚଞ୍ଚଳ ହେଉଥିବା ଦେଖାଯାଇଛି। ସୁଧାର ପ୍ରକ୍ରିୟା ମଧ ଅଶାଠାରୁ ଉନ୍ନତ ରହିଛି। ଏହାକୁ ଦେଖିଲେ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଟିକସ ଆଦାୟ ଉନ୍ନତ ହେବ ବୋଲି ଅଧିକାରୀ କହିଛନ୍ତି।

ଏହି ପ୍ରସଙ୍ଗକୁ ନେଇ ଅର୍ଥ ମନ୍ତ୍ରଣାଳୟର ଉତ୍ତର ଲୋଡାଯାଇଥିଲେ ମଧ ଏହା ମିଳି ପାରିନାହିଁ। ଚଳିତ ଆର୍ଥିକ ବର୍ଷରେ ଟିକସ ଆଦାୟ ଉନ୍ନତ ହେଲେ ଏହା ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହେବ। ସେହିଭଳି ପୁଞ୍ଜି ପ୍ରତ୍ୟାହାର କାର୍ଯ୍ୟକ୍ରମରୁ ସରକାର ଉନ୍ନତ ରାଜସ୍ୱ ଲାଭ କରିବା ନେଇ ଆଶା ରଖିଛନ୍ତି। ସେହିଭଳି ୬.୮% ବିତ୍ତୀୟ ଦିଗରେ ୩୦ରୁ ୪୦ ବେସିସ ପଏଣ୍ଟ ହ୍ରାସ କରିବାରେ ସରକାରଙ୍କୁ ସହାୟତା ମିଳିପାରିବ। ଚଳିତ ଆର୍ଥିକ ବର୍ଷରେ ୧.୭୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଏଲଆଇସି ପୁଞ୍ଜି ପ୍ରତ୍ୟାହାରରୁ ୧ ଲକ୍ଷ କୋଟି ଟଙ୍କା ପାଇବାକୁ ସରକାର ଆଶା ରଖିଛନ୍ତି।

## ତନିସ୍କ ପକ୍ଷରୁ ଦୀପାବଳି ଅଫର




**ଭୁବନେଶ୍ୱର,୨୬।୧୦**

ଉତ୍ସବ ଋତୁକୁ ଧ୍ୟାନରେ ରଖି ପ୍ରମୁଖ ଗହଣା ବ୍ରାଣ୍ଡ ତନିସ୍କ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଗ୍ରାହକମାନେ ଏବେ ସୁନାର ଗଢ଼ା ମୂଲ୍ୟ ଓ ହୀରା ଅଳଙ୍କାର ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ଅଫର କେବଳ ସୀମିତ ସମୟ ପାଇଁ ରହିଛି। ଅଫର ସମ୍ପର୍କରେ ଅଧିକ ବିବରଣୀ ପାଇଁ ନିକଟତମ ତନିସ୍କ ଷ୍ଟୋରକୁ ଯାଆନ୍ତୁ କିମ୍ବା କମ୍ପାନୀର ୱେବ୍‌ସାଇଟ ପରିଦର୍ଶନ କରନ୍ତୁ। ତନିସ୍କ ସ୍ୱତନ୍ତ୍ର ଉତ୍ସବ ସମ୍ଭାର ଉତ୍ସାହ-ଦି ଫେଷ୍ଟିଭାଲ ଅଫ୍ ଲାଇଫ୍ ଆଣିଛି। ଏହି ସଦ୍ୟତମ ଉତ୍ସବ ସମ୍ଭାର ହେଉଛି ବିଶୁଦ୍ଧ ସୁନା ସହିତ ଏଥନିକ୍ ଓ ଆଧୁନିକତାର ନିରବଚ୍ଛିନ୍ନ ମିଶ୍ରଣରେ ସମସାମୟିକ ଗହଣାର ଏକ ପରିପ୍ରକାଶ। ଏହି ସମ୍ଭାର ସମୃଦ୍ଧ ଭାରତୀୟ ଐତିହ୍ୟକୁ ନିର୍ଦ୍ଦିଷ୍ଟ ଆଧୁନିକ ଅଳଙ୍କାର ଭାବେ ପୁନର୍ମାର୍ଜିତ କରିବା ସହ ସାଦା ସୁନା ଓ ଅଳଙ୍କାର ସୁନାରେ ଗୁଢ଼ ଓ ସ୍ୱତନ୍ତ୍ର ସମ୍ପୂର୍ଣ୍ଣ ଡିଜାଇନ ରହିଥିବା ଏହି ସମ୍ଭାର ଏଥନୋ-ସମସାମୟିକକୁ ଜଣାଉଛି। ଆଧୁନିକତା ଓ ବିବିଧତା ଖୋଜୁଥିବା ଏବଂ ଡିଜାଇନ ପାଇଁ ନିର୍ଦ୍ଦିଷ୍ଟ ଦୃଷ୍ଟି ରହିଥିବା ମହିଳାଙ୍କ ପାଇଁ ଏହି ସମ୍ଭାରକୁ ଡିଜାଇନ୍ କରାଯାଇଛି। ଉତ୍ସାହ ସମ୍ଭାରରେ ରହିଛି ପରିମାର୍ଜିତ ସିଲ୍‌ହୋଟ୍ ସହିତ ସତେଜ ଷ୍ଟାଇଲ୍ ଏବଂ ଅଦମ୍ୟ ପାରମ୍ପରିକ କାମ ସହିତ ଜ୍ୟାମିତିକ ଆକାରରେ ଆଧୁନିକ ପାରମ୍ପରିକ ମୋଟିଫ୍ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ଦୃଢ଼ ଏବଂ ଶାଣିତ ସମ୍ଭାରରେ ଆଧୁନିକ ତାରକସି, ଷ୍ଟାମ୍ପ୍, ତାର କାମ, ଏନାମେଲ୍, ଷ୍ଟୋନ୍ ଉପରେ ଜାଲି, ଟିକିଲି, ରାୱା ଓ ବଲ୍ କାମ ଭଳି ସଂଖ୍ୟାଧିକ କାରିଗରି ପଦ୍ଧତି ବ୍ୟବହାର କରାଯାଇଛି। ଉତ୍ସାହ ସମ୍ଭାରରେ ଥିବା ଉତ୍ପାଦର ମୂଲ୍ୟ ବର୍ଗମାଳା ୩୫ ହଜାର ଟଙ୍କାରୁ ଆରମ୍ଭ ହୋଇଛି।

# ପ୍ରେଷ୍ଟିଜ୍‌ର ନୂଆ ଷ୍ଟୋର ଶୁଭାରମ୍ଭ



**ଝାରସୁଗଡ଼ା ଅଫିସ,୨୬।୧୦**

ପ୍ରମୁଖ ବ୍ରାଣ୍ଡ ପ୍ରେଷ୍ଟିଜ ପକ୍ଷରୁ ଝାରସୁଗୁଡ଼ାରେ ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ସହରର ମୁଖ୍ୟ ମାର୍ଗ ସରବାହାଲରେ ଥିବା ଅଞ୍ଜିତା ଏଣ୍ଟରପ୍ରାଇଜେସ୍‌ରେ ଏହି ନୂଆ ଷ୍ଟୋର ଅବସ୍ଥିତ। ଝାରସୁଗୁଡ଼ାରେ ପ୍ରେଷ୍ଟିଜ୍ କମ୍ପାନୀ ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ଆପ୍ଲାଏନ୍ସର ଚାହିଦା ରହିଛି। ଏହାକୁ ନଜରରେ ରଖି ନୂଆ ଷ୍ଟୋର ଖୋଲାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ନୂଆ ଷ୍ଟୋରକୁ ସ୍ୱତ୍ୱାଧିକାରୀ ଉତ୍କର୍ଷ କୁମାର ସିଂଙ୍କ ଜେଜେମା ବିମଳା ପ୍ରସାଦ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରେଷ୍ଟିଜ କମ୍ପାନୀର ଓଡ଼ିଶା ଶାଖା ପ୍ରବନ୍ଧକ ଅଙ୍କିତ କୁମାର, ଜୈନେନ୍ଦ୍ର କୁମାର ସିଂ, ଅଞ୍ଜିତା ସିଂ, ଶ୍ୱେତା କୁମାରୀ, ଅମିତ ଭୂୟାଁ, ରତ୍ନେଶ ଝା, ଅକ୍ଷୟ ଶୁକ୍ଳା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭଲ କାରବାର ହାସଲ କରିବା ଆଶା ରହିଥିବା ଶାଖା ପ୍ରବନ୍ଧକ ଅଙ୍କିତ କୁମାର କହିଛନ୍ତି। ନୂଆ ଷ୍ଟୋରରେ ଗ୍ରାହକଙ୍କୁ ପ୍ରେଷ୍ଟିଜ୍‌ର ବିଭିନ୍ନ ସାମଗ୍ରୀ ଯୋଗାଣ ଲକ୍ଷ୍ୟ ରହିଥିବା ସ୍ୱତ୍ୱାଧିକାରୀ ସିଂ ସୂଚନା ଦେଇଥିଲେ। କମ୍ପାନୀର ପ୍ରେସର କୁକର, ମିକ୍ସର ଗ୍ରାଇଣ୍ଡର, ଇଲେକ୍ଟ୍ରିକ କେଟଲ, ଇଲେକ୍ଟ୍ରିକ ରାଇସ କୁକର, ରୋଟି, ମେକର, ଇଲେକ୍ଟ୍ରିକ ଚପର, ବିଭିନ୍ନ ବର୍ଗର କୁକୱେର, କୁକଟପ୍ ଏବଂ ଚିମ୍ନି ଭଳି ବର୍ଗରେ ପ୍ରଡକ୍ଟଗୁଡିକୁ ଗ୍ରାହକ ବେଶ୍ ଭଲ ପାଇବା ଦେଉଛନ୍ତି। ସେହିଭଳି ପ୍ରେଷ୍ଟିଜ ସ୍ମାର୍ଟ ସେଫ୍ ବର୍ଗରେ ଓଭନ ଟୋଷ୍ଟର ଆଣ୍ଡ ଗ୍ରୀଲ, ଏୟାର ଫ୍ରାୟର, କ୍ଲିପ୍‌ଅନ ଷ୍ଟେନ୍‌ଲେସ ଷ୍ଟିଲ୍ ପ୍ରେସର ହାଣ୍ଡି ଭଳି ପ୍ରଡକ୍ଟ କମ୍ପାନୀ ଉପଲବ୍ଧ କରୁଥିବା ସୂଚନା ଦେଇଛି।

## ଏଆଇପିଏନ୍‌ବିଓଏର ସହାୟକ ସାଧାରଣ ସମ୍ପାଦକ ନିର୍ବାଚିତ

**ଭୁବନେଶ୍ୱର,୨୬।୧୦**

ସର୍ବଭାରତୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇପିଏନ୍‌ବିଓଏ)ର ନୂତନ ସହାୟକ ସାଧାରଣ ସମ୍ପାଦକ ଭାବେ ବୈଲୋଚନ ସାହୁ ନିର୍ବାଚିତ ହୋଇଛନ୍ତି। ଏହି ବୈଠକରେ ଏଆଇପିଏନ୍‌ବିଓଏର ସାଧାରଣ ସମ୍ପାଦକ ଅଧ୍ୟକ୍ଷତା କରିଥିଲେ ଏବଂ ଏଥିରେ ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର ଏବଂ ସମ୍ବଲପୁର ସର୍କଲର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟମାନେ ଉପସ୍ଥିତ ରହି ସାହୁଙ୍କୁ ନିର୍ବାଚନ କରିଥିଲେ। ଏହି ପଦବୀରେ ନିର୍ବାଚିତ ହେଲା ପରେ ବୈଲୋଚନ କହିଛନ୍ତି, ତାଙ୍କ ଉପରେ ବିଶ୍ୱାସ ରଖିଥିବା ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ସେ ସଂଘର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଥିଲେ।

## ପ୍ଲାଷ୍ଟିକ ବ୍ୟବହାର କମାଇବ ଗୋଦ୍‌ରେଜ ଇଣ୍ଟେରିଓ

**ଭୁବନେଶ୍ୱର,୨୬।୧୦**

ଗୋଦରେଜ୍ ଇଣ୍ଟେରିଓ ପକ୍ଷରୁ ପ୍ଲାଷ୍ଟିକ୍ ପ୍ରଦୂଷଣ ଯୋଗୁ ପରିବେଶ ଉପରେ ପଡୁଥିବା ପ୍ରଭାବର ମୁକାବିଲା କରିବା ଲାଗି ନିଜ ପ୍ରତିବଦ୍ଧତାକୁ ସୁଦୃଢ଼ କରାଯାଇଛି। ଏହାକୁ ପ୍ୟାକେଜିଂରେ ବ୍ୟବହାର କରାଯାଉଥିବା ଯୋଗୁ ପ୍ଲାଷ୍ଟିକ୍ ପରିମାଣକୁ ବାର୍ଷିକ ଭିତ୍ତିରେ ୫% ଲେଖାଏ ହ୍ରାସ କରିବାକୁ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଗୁଡ୍ ଆଣ୍ଡ୍ ଗ୍ରିନ୍ କାର୍ଯ୍ୟକ୍ରମର 'ଗ୍ରିନର ଇଣ୍ଡିଆ' ଅଭିଯାନ ଅଧୀନରେ ଗୋଦରେଜ୍ ଇଣ୍ଟେରିଓ ଏହି ପଦକ୍ଷେପ ଗ୍ରହଣ କରିବ। ସିଆଇଆଇ ଓ ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଇଣ୍ଡିଆର ମିଳିତ ସହଯୋଗରେ ଏସିଆରେ ପ୍ରଥମ ଥର ଲାଗି 'ଭାରତ ପ୍ଲାଷ୍ଟିକ୍ ବୁଝାମଣା' କରାଯାଇଛି। ଏହାର ଲକ୍ଷ୍ୟ ହେଉଛି ପ୍ଲାଷ୍ଟିକ୍‌କୁ ପରିବେଶ ପ୍ରଦୂଷଣକାରୀ ଭାବେ ନୁହେଁ ବରଂ ମୂଲ୍ୟବାନ ସାମଗ୍ରୀ ଭାବେ ବ୍ୟବହାର କରିବା। ଘରୋଇ ସରକାରୀ ସହଭାଗିତାରେ ପ୍ଲାଷ୍ଟିକ୍‌କୁ ଚକ୍ରାକାର ଅର୍ଥନୀତି ଭାବେ ପ୍ରସାର କରି ପ୍ଲାଷ୍ଟିକ୍ ପ୍ୟାକେଜିଂକୁ ଦୂର କରିବା, ପୁନଃବ୍ୟବହାରକ୍ଷମ କରିବା ଏବଂ ରିସାଇକଲ୍ କରିବା ଲକ୍ଷ୍ୟ ହାସଲ କରିବାକୁ ଉଦ୍ୟମ କରାଯାଉଛି।

## ଫୁର୍‌ସତ୍

# ଚିକେନ ପକୋଡ଼ା ଖାଇଲେ ମିଳିବ ଚାକିରି

**ଲଣ୍ଡନ:** ବ୍ରିଟେନର ଏକ କମ୍ପାନୀ ଚିକେନ ପକୋଡ଼ା ଖାଇଲେ ୧ ଲକ୍ଷ ଟଙ୍କାର ଦରମା ମିଳିବ ବୋଲି ଘୋଷଣା କରିଛି। ଚିକେନ ପକୋଡ଼ା ଖାଇବା ପରେ ଏହି ଚାକିରି ଦେବାକୁ ଏଠାକାର ଏକ ଫୁଡ୍ କମ୍ପାନୀ ଅଫର ଦେଇଛି। ଏଥିପାଇଁ କମ୍ପାନୀ ପକ୍ଷରୁ ନିକଟରେ ବିଜ୍ଞାପନ ମଧ ଜାରି କରାଯାଇଥିଲା। ଏହି କମ୍ପାନୀର ନାମ 'ବାର୍ଡସ୍ ଆଇ' ଯାହା ଚିକେନର ଡିପର୍ସ ତିଆରି କରେ। ଉକ୍ତ କମ୍ପାନୀ ଏହାର ଟେଷ୍ଟ ଟେଷ୍ଟର୍ ଭାକାନ୍ସି ବାହାର କରିଛି। ଯିଏ କମ୍ପାନୀର ପ୍ରଡକ୍ଟ (ଚିକେନ ପକଡ଼ା ଏବଂ ସସ୍)

### ଲକ୍ଷେ ଦରମା ଦେବାକୁ କମ୍ପାନୀର ଘୋଷଣା



ଟେଷ୍ଟ ଟେଷ୍ଟର ଅର୍ଥାତ୍ ସ୍ୱାଦ ଚାଖିବା ପାଇଁ ଲୋକଙ୍କୁ ଦରମା ଦେବ ବୋଲି ଘୋଷଣା କରିଛି। ଚିକେନ ପକୋଡା, କ୍ରିସ୍ପ, କ୍ରଞ୍ଚ୍, ସସ୍ ଆଦିକୁ ପରଫେକ୍ଟ ବାଲାନ୍ସ ଜାଣିବା ପାଇଁ ଚାହିଁଛି। ଚୟନ ହୋଇଥିବା ପ୍ରାର୍ଥୀଙ୍କୁ କମ୍ପାନୀ ୧ ଲକ୍ଷ ଟଙ୍କାର ଦରମା ଦେବ ବୋଲି କହିଛି। କମ୍ପାନୀର ଚିଫ୍ ଡିପିଂ ଅଫିସର ଏହି ପୋଷ୍ଟକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। www.birdseye.co.uk ୱେବ୍‌ସାଇଟ୍ ମାଧ୍ୟମରେ ଆବେଦନ କରିହେବ ବୋଲି ସେ ସୂଚନା ଦେଇଛନ୍ତି। ଏହା ବ୍ୟତୀତ BirdseyeHR@chiefdippingofficer.co.ukରେ ୨୫୦ ଶବ୍ଦ ମଧ୍ୟରେ ଏକ ଲେଟର ପଠାଇ ଆବେଦନ କରିପାରିବେ ବୋଲି ସୂଚନା ଦିଆଯାଇଛି।

## ବାପାଙ୍କ ମୃତଦେହ ସାମ୍‌ନାରେ ପୋଜ୍ ଦେଇ ଟ୍ରୋଲ୍

**ୱାଶିଂଟନ:** ସୋସିଆଲ ମିଡିଆରେ ଜଣେ ଆମେରିକୀୟ ଯୁବତୀଙ୍କ ଫଟୋ ଭାଇରାଲ ହୋଇଛି। ଫଟୋରେ ଯୁବତୀଙ୍କ ଜଣଙ୍କ ନିଜ ବାପାଙ୍କ ପାର୍ଥିବ ଶରୀର ନିକଟରେ ଗ୍ଲାମରସ୍ ପୋଜ ଦେଉଥିବାର ଦେଖାଯାଇଛି। ଏହି ଫଟୋ ଭାଇରାଲ ହେବା ପରେ ତାଙ୍କୁ ଟ୍ରୋଲ କରାଯାଉଛି। ଯୁବତୀ ଜଣଙ୍କ ଏକ କଳା ଡ୍ରେସ୍ ପିନ୍ଧି



ଫଟୋ ପୋଜ୍ ଦେଉଥିବାବେଳେ ତାଙ୍କ ପଛ ପଟେ ତାଙ୍କ ବାପାଙ୍କ ପାର୍ଥିବ ଶରୀର ଦାହ ପାଇଁ କଫିନରେ ପଶି ରଖାଯାଇଛି। ଏହି ଫଟୋ ଦେଖି ୟୁଜର୍ସ ଘଟଣାକୁ ଲଜ୍ଜାଜନକ ବୋଲି କହିଛନ୍ତି। ଯୁବତୀଙ୍କୁ ଏଭଳି କରିବା ଶୋଭା ଦେଉ ନାହିଁ ବୋଲି କିଛି ୟୁଜର୍ସ କହିଛନ୍ତି। ତେବେ ଏ ନେଇ ଯୁବତୀ ଜଣଙ୍କ ପ୍ରତିକ୍ରିୟା ରଖିନାହାନ୍ତି।

## କାର୍‌ଗିଲ ଯୁଦ୍ଧବେଳେ ରବିନାଙ୍କୁ ମାଗିଥିଲା ପାକ୍

**ମୁମ୍ବାଇ:** ୯୦ ଦଶକରେ ବଲିଉଡ ମସ୍ତ-ମସ୍ତ ଗର୍ଲ ଭାବେ ଜଣାଶୁଣା ରବିନା ଟଣ୍ଡନ ମଙ୍ଗଳବାର ୪୭ ବର୍ଷରେ ପହଞ୍ଚିଛନ୍ତି। ତାଙ୍କ ଜନ୍ମ ଦିନରେ ବଲିଉଡ୍ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ଅଭିନେତ୍ରୀ ଏଥର ଜନ୍ମଦିନକୁ ପରିବାର ସହ ପାଳନ କରିଛନ୍ତି। ସେ ୱେବ୍ ସିରିଜ୍‌ର ଶୁଟିଂ ପାଇଁ ହିମାଚଳ ପ୍ରଦେଶରେ ରହିଛନ୍ତି। ସ୍ୱାମୀ ଅନିଲ ଥାଡାନି ମୁମ୍ବାଇରୁ ସେଠାକୁ ଯାତ୍ରା କରି ରବିନାଙ୍କୁ ସରପ୍ରାଇଜ୍ ଦେଇଛନ୍ତି। ଅଭିନେତ୍ରୀ ସୋସିଆଲ ମିଡିଆରେ ସ୍ୱାମୀଙ୍କ ସହ ଏକ ବୁମରାଙ୍ଗ ଭିଡିଓ ଅପଲୋଡ୍ କରିବା ସହ ଏଭଳି ଏକ ଉପହାର ପାଇଁ ବହୁତ ଖୁସି ଥିବା ଜଣାଇଛନ୍ତି। ସୋସିଆଲ ମିଡିଆରେ ଶିଳ୍ପା ସେଟ୍ଟୀ, ଜୁହି ଚାୱଲା, ମନିଷ ମାଲହୋତ୍ରା ଓ ଅନ୍ୟାନ୍ୟ ପ୍ରମୁଖ କଳାକାରମାନେ ଶୁଭେଚ୍ଛା ଜଣାଇଛନ୍ତି। ଜୁଇ ରବିନାଙ୍କ ସହ ପୁରୁଣା ଫଟୋକୁ ଶେୟାର କରି ସୁନ୍ଦରୀ ଅଭିନେତ୍ରୀ ତାଙ୍କୁ 'ଜୁ' ଡାକୁଥିବା ପୋଷ୍ଟରେ ଲେଖିଛନ୍ତି। ସେହିପରି ଶିଳ୍ପା 'ହାପି ବାର୍ଥ ଡେ ଡାର୍ଲିଙ୍ଗ' ଲେଖି ଏହି ସ୍ୱତନ୍ତ୍ର ଦିନ ପାଇଁ ଭଲପାଇବା ଦେଇଛନ୍ତି। କେବଳ ଭାରତ ନୁହେଁ ସେତେବେଳେ ସୀମା ପାର୍ ପାକିସ୍ତାନରେ ମଧ ରବିନାଙ୍କ ଖ୍ୟାତି ବ୍ୟାପିଥିଲା। ୧୯୯୯ରେ କାର୍‌ଗିଲ ଯୁଦ୍ଧବେଳେ ଭାରତ ଶହୀଦଙ୍କ ମୃତଦେହ ମାଗିବାବେଳେ ବଦଳରେ ପାକିସ୍ତାନ ମାଧୁରୀ ଦୀକ୍ଷିତ ଏବଂ ରବିନା ଟଣ୍ଡନଙ୍କୁ ପଠାଇବାକୁ କହିଥିଲା। ଜବାବରେ ଭାରତ ରବିନାଙ୍କ ନାଁ ଥିବା ଏକ ବୋମା ପାକିସ୍ତାନକୁ ପଠାଇଥିଲା।




**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

DIWALI DHAMAKA
AADARSH FINANCE
ଦିପାବଳିର ଶୁଭ ଅବସରରେ ଆଦର୍ଶ ଫାଇନାନ୍ସ୍ ଆପଣଙ୍କୁ ୧ ଲକ୍ଷ ରୁ ୫୦ ଲକ୍ଷ ଲୋନ୍ ଯୋଗାଇଦେଉଛି।
୨% ସୁଧ, ୫୦% ଛାଡ।
ଘରେ ବସି ONLINE ମାଧ୍ୟମରେ ସୁବିଧାରେ ଲୋନ୍‌ର ସୁବିଧା ପାଆନ୍ତୁ।
9432985505, 9471160476
Whatsapp: 8797985140

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କେମିତି ମଦ ଛାଡ଼ିବେ
ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନ ଆଣି କିମ୍ବା ନ କହି। ସମୟ ଦିବା ୧୦ଟାରୁ ୨ଟା।
ବାଲେଶ୍ୱର: ପ୍ରତିମାସ ୧ ଓ ୧୫ ତାରିଖ, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁ ଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭ ତାରିଖ, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ ପାଖ, ଯାଜପୁର ରୋଡ୍। କଟକ: ୪ ଓ ୧୮ ତାରିଖ, ହୋଟେଲ ରକ୍ସି, ବାଦାମବାଡ଼ି ବସ୍‌ଷ୍ଟାଣ୍ଡ। ଭୁବନେଶ୍ୱର: ୫ ଓ ୧୯ ତାରିଖ, ହୋଟେଲ ଗ୍ରାଣ୍ଡେଣ୍ଟ, ଅଶୋକନଗର। ପୁରୀ: ୬ ଏବଂ ୨୦ ତାରିଖ, ହୋଟେଲ ପାରାଡାଇଜ, ଗ୍ରାଣ୍ଡରୋଡ୍। ବାରିପଦା: ୭ ଏବଂ ୨୧ ତାରିଖ, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ସୁଜାତା, ଭି.ଏସ୍.ଏସ୍.ମାର୍ଗ। ରାଉରକେଲା: ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଶ୍ୟାମ, ବିସ୍ରାରୋଡ଼, ରେଳୱେଷ୍ଟେସନ ପାଖ। ପାରାଦୀପ: ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ଆରିଷ୍ଟୋକ୍ରାଟ। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଗୋଲ୍‌ଡେନ ପ୍ୟାଲେସ୍, ବସ୍‌ଷ୍ଟାଣ୍ଡ ପାଖ। କେନ୍ଦୁଝର: ପ୍ରତିମାସ ୧୦ ଏବଂ ୨୪ ତାରିଖ, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ପାଖ। ଝାରସୁଗୁଡ଼ା: ୧୦ ଏବଂ ୨୪ ତାରିଖ, ହୋଟେଲ ଉପହାର, ଏମ୍.ବି.ରୋଡ୍। ଅନୁଗୁଳ: ୧୧ ଏବଂ ୨୫ ତାରିଖ, ହୋଟେଲ ଶାନ୍ତି ଗେଷ୍ଟ ହାଉସ୍, ବସ୍‌ଷ୍ଟାଣ୍ଡ ପାଖ। ବ୍ରହ୍ମପୁର: ୧୨ ଏବଂ ୨୬ ତାରିଖ, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ୍, ସରକାରୀ ବସ୍‌ଷ୍ଟାଣ୍ଡ ପାଖ। ଭବାନୀପାଟଣା: ୧୩ ଏବଂ ୨୭ ତାରିଖ, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଏବଂ ୨୮ ତାରିଖ, ହୋଟେଲ ଶାଳନା, ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ପାଖ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ।
ପୂଜା ସ୍ୱାସ୍ଥ୍ୟ କେନ୍ଦ୍ର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ଲାଭ ପାଇଁ ଫଳପ୍ରଦ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573


# ଟୁଥ୍‌ପେଷ୍ଟ କଫି

**ନୂଆଦିଲ୍ଲୀ:** ଟୁଥପେଷ୍ଟ କଫି। ଏକଥା ଶୁଣିବା ମାତ୍ରେ ଅଜବ ମନେ ହେବା ସ୍ୱାଭାବିକ କଥା। କିନ୍ତୁ ଏଭଳି ଅଜବ ଧରଣର ଖାଦ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବ୍ଲାକ କଫି କିମ୍ବା କଫିର ସ୍ୱାଦ ହୁଏତ ସମସ୍ତଙ୍କୁ ଜଣାଥିବ। କିନ୍ତୁ ଟୁଥପେଷ୍ଟ କଫିର ସ୍ୱାଦ କଥା କେହି ହୁଏତ ଚିନ୍ତା ବି କରିପାରିବେ ନାହିଁ।




ଟୁଥପେଷ୍ଟକୁ ବ୍ୟବହାର କରି କଫି ତିଆରି କରିହେବ ଏକଥାକୁ ସହଜରେ ମନ ଗ୍ରହଣ କରି ନ ପାରେ। କିନ୍ତୁ ଏମିତି ଏକ କଫି ତିଆରି କରି ସୋସିଆଲ ମିଡିଆରେ ଶେୟାର କରିଛନ୍ତି ଜଣେ ବ୍ୟକ୍ତି। ଇନଷ୍ଟାଗ୍ରାମର ହ୍ୱାଟହାଓଟ୍ରି ଆକାଉଣ୍ଟରେ ଏଭଳି କଫି ପ୍ରସ୍ତୁତି ନେଇ ଏକ ଭିଡିଓ ଶେୟାର କରାଯାଇଛି। ଭିଡିଓରେ ପ୍ରଥମେ ଏକ କପ୍‌ରେ ଟୁଥପେଷ୍ଟ ପକାଇ କଫି ମିଶାଯାଉଛି। ତାପରେ କଫି ପ୍ରସ୍ତୁତ ହୋଇଯାଉଛି। ଏହି କଫିକୁ ପିଇବା ପରେ ତାର ସ୍ୱାଦ ବେଶ୍ ଭଲ ବୋଲି ଭିଡିଓରେ ଜଣେ ବ୍ୟକ୍ତି ପିଇବା ପରେ କହୁଛନ୍ତି। ଏଭଳି ଏକ କଫି ପୁଣି ତାର ସ୍ୱାଦ ଯେ ଭଲ ଲାଗିପାରେ ଏକଥାକୁ କିନ୍ତୁ କେହି ବି ସହଜରେ ଗ୍ରହଣ କରା ପାରୁ ନାହାନ୍ତି। ତେଣୁ ସୋସିଆଲ ମିଡିଆରେ ଏହାକୁ ହଜାର ହଜାର ଲୋକ ଦେଖିବା ପରେ ନକାରାତ୍ମକ କମେଣ୍ଟ ଦେଇଛନ୍ତି। ଖାଦ୍ୟର ସ୍ୱାଦକୁ ନଷ୍ଟ କରି ବିରକ୍ତିକର ଖାଦ୍ୟ ପ୍ରସ୍ତୁତ କରିବା ଆଦୌ ଉଚିତ୍ ନୁହେଁ ବୋଲି କେତେଜଣ ମତ ଦେଇଛନ୍ତି। ଏମିତିକି କେହି କେବେ ଏଭଳି ଖାଦ୍ୟ ପ୍ରସ୍ତୁତି ନିମନ୍ତେ ଚେଷ୍ଟା ବି କରିବା କଥା ନୁହେଁ ବୋଲି ଅନେକ ମତ ଦେଇଛନ୍ତି।


## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶୁଭେନ୍ଦୁ ଭୂଷଣ କର
ଲୁଇସ ରୋଡ୍, ଭୁବନେଶ୍ୱର
ଆବିର୍ଭାବ: ୧୪।୦୩।୧୯୫୦
ତିରୋଧାନ: ୨୭।୧୦।୨୦
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ପ୍ରତି ମୁହୂର୍ତ୍ତରେ ଆମେ ତୁମର ଉପସ୍ଥିତି ଅନୁଭବ କରୁଛୁ ଓ କରୁଥିବୁ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଜଣାଉଛୁ।
ଶୋକସନ୍ତପ୍ତ:- 'କର' ପରିବାରବର୍ଗ
ଧ-୭୦୭୫୦

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଦେବେନ୍ଦ୍ର କୁମାର ମହାନ୍ତି
ନୀଳାଦ୍ରି ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୫-୧୧-୧୯୪୨
ତିରୋଧାନ : ୧୭-୧୦-୨୦୨୧
ଆପଣଙ୍କ ଅନାବିଳ ସ୍ନେହ, ସରଳତା, କର୍ମନିଷ୍ଠା ଓ ସଚ୍ଚୋଟତା ସମସ୍ତଙ୍କ ପାଇଁ ଅବିସ୍ମରଣୀୟ ଓ ଆମ ସମସ୍ତଙ୍କର ମାର୍ଗଦର୍ଶିକା ହେଉ। ପ୍ରଭୁ ଜଗନ୍ନାଥଙ୍କ ଠାରେ ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ: ଅଳକା. ପୁତ୍ର: ଶମ୍ଭୁରାଶ. ବୋହୂ: ଧାରା. କନ୍ୟା: ସାଗରିକା ଓ ମାଳବିକା. ଜାମାତା: ସୁବ୍ରତ ଓ ସୁଶାନ୍ତ. ନାତୁଣୀ: ପୂଜା. ନାତି: ଚନ୍ଦନ, ରାଜ, ସୁମନ ଓ କ୍ରିସ୍ ଏବଂ ଆତ୍ମୀୟସ୍ୱଜନ
ଧ-୭୧୧୯୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୭/୨୦୨୧ Bhubaneswar, Wednesday, October 27/ 2021

# ପାକିସ୍ତାନର ଦ୍ୱିତୀୟ ବିଜୟ

**ଶାରଜା,୨୬।୧୦**

ଚଳିତ ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଭାରତକୁ ହରାଇବା ପରେ ପାକିସ୍ତାନ ସୁପର-୧୨ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡକୁ ମଙ୍ଗଳବାର ୫ ଉଇକେଟରେ ପରାସ୍ତ କରିଛି। ୪ ପଏଣ୍ଟ ହାସଲ କରି ପାକିସ୍ତାନ ଗ୍ରୁପ୍-୨ର ଶୀର୍ଷକୁ ଉଠିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ୮ ଉଇକେଟ ହରାଇ ୧୩୪ ରନରେ ସୀମିତ ରହିଥିଲା। ଜବାବରେ ପାକିସ୍ତାନ ୧୮.୪ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଛି। ପାକିସ୍ତାନ ତରଫରୁ ଅଭିଜ୍ଞ ସୋଏବ ମଲିକ ୨୦ ବଲରୁ ୨ ଚୌକା ଓ ୧ ଛକା ସହ ୨୬ ରନ ଓ ଆସିଫ ଅଲି ୧୨ ବଲରୁ ୧ ଚୌକା ଓ ୩ ଛକା ସହ ୨୭ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ମହମ୍ମଦ ରିଜୱାନ ୩୩, ବାବର ଆଜମ ୯, ଫଖର ଜମାନ ୧୧, ମହମ୍ମଦ ହାଫିଜ ୧୧ ଓ ଇମାଦ ୱାସିମ ୧୧ ରନକରି ଆଉଟ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଇଶ ସୋଧୀ ୨, ମିଚେଲ ସାଣ୍ଟନର, ଟିମ ସୌଦି ଓ ଟ୍ରେଣ୍ଟ ବୋଲ୍ଟ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ଏକଦା ୮ ଓଭରରେ ଗୋଟିଏ ଉଇକେଟ ହରାଇ ୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରି ବେଶ୍ ଭଲ ଆରମ୍ଭ କରିଥିଲା। ୨୦ଟି ବଲର ସମ୍ମୁଖୀନ ହୋଇ ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ପ୍ରଥମେ ୧୭ ରନକରି ହାରିସଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଅନ୍ୟତମ ଓପନର ଡାରିଲ ମିଚେଲ ୨୦ ବଲର ସମ୍ମୁଖୀନ ହୋଇ ୧ ଚୌକା ଓ ୨ ଛକା ସହ ୨୭ ରନକରି ଇମାଦ ୱାସିମଙ୍କ ବଲ୍‌ରେ ଫଖର ଜମାନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଜେମ୍ସ ନିଶାମ ମହମ୍ମଦ ହାଫିଜଙ୍କ ବଲ୍‌ରେ ଫଖରଙ୍କୁ କ୍ୟାଚ ଦେଇ ଆଉଟ ହେବା ସହ ମାତ୍ର ୧ ରନ ସଂଗ୍ରହ କରିଥିଲେ। ଅଧିନାୟକ କେନ ୱିଲିୟମସନ ୨୬ ବଲରୁ ୨ ଚୌକା ଓ ୧ ଛକା ସହ ୨୫ ରନକରି କ୍ରିଜ୍‌ରେ ଜମିଆସୁଥିବା ବେଳେ ହାସନ ଅଲିଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ ଆଉଟ ହୋଇଥିଲେ। ୨୪ ବଲରୁ ୩ ଚୌକା ସହ ୨୭ ରନ କରି ଦଳର ସ୍କୋରକୁ ଆଗକୁ ବଢାଇ ନେଉଥିବା ବେଳେ ଡେଭନ କନୱେ ଆଉଟ ହୋଇଥିଲେ। ସେହିପରି ଗ୍ଲେନ ଫିଲିପ୍ସ ୧୩ ରନ କରିଥିବା ବେଳେ ହାସନ ଅଲିଙ୍କୁ କ୍ୟାଚ୍ ଦେଇ ହାରିସଙ୍କ ତୃତୀୟ ଶିକାର ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଇକେଟକିପର ବ୍ୟାଟର ଟିମ୍ ସିଫର୍ଟ ୮, ମିଚେଲ ସାଣ୍ଟନର ୬ ରନକରି ଆଉଟ ହୋଇଥିବା ବେଳେ ଇଶ ସୋଧି ୨ ରନକରି ଅପରାଜିତ ରହିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ହାରିସ ସର୍ବାଧିକ ୪, ଶାହିନ ଶାହା ଆଫ୍ରିଦି, ଇମାଦ ୱାସିମ ଓ ମହମ୍ମଦ ହାଫିଜ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୩୪/୮ (ଡେଭନ କନୱେ- ୨୭, ଡାରିଲ ମିଚେଲ- ୨୭, କେନ ୱିଲିୟମସନ- ୨୫, ମାର୍ଟିନ ଗୁପ୍ଟିଲ- ୧୭, ଗ୍ଲେନ ଫିଲିପ୍ସ- ୧୩, ହାରିସ ରୌଫ- ୪/ ୨୨, ଶାହିନ ଶାହା ଆଫ୍ରିଦି- ୧/୨୧, ଇମାଦ ୱାସିମ- ୧/୨୪, ମହମ୍ମଦ ହାଫିଜ- ୧/ ୧୬)। ପାକିସ୍ତାନ ୧୮.୪ ଓଭରରେ ୧୩୫/୫ (ମହମ୍ମଦ ରିଜୱାନ- ୩୩, ସୋଏବ ମଲିକ- ୨୬*, ଆସିଫ ଅଲି- ୨୭*, ଇଶ ସୋଧୀ- ୨/୨୮ )।



ମାର୍ଟିନ ଗୁପ୍ଟିଲଙ୍କୁ ଆଉଟ୍ କରିବା ପରେ ଉଲ୍ଲସିତ ପ୍ଲେୟର ଅଫ୍ ଦି ମ୍ୟାଚ୍ ହାରିସ ରୌଫ।

**ଟି୨୦ ବିଶ୍ୱକପ**

(ଆଜିର ମ୍ୟାଚ)

**ଇଂଲଣ୍ଡ ବନାମ ବାଂଲାଦେଶ**

ସ୍ଥାନ: ଆବୁଧାବି, ସମୟ: ଅପରାହ୍ନ ୩ଟା ୩୦

**ସ୍କଟଲାଣ୍ଡ ବନାମ ନାମ୍ବିଆ**

ସ୍ଥାନ: ଆବୁଧାବି, ସମୟ: ରାତି ୭ଟା ୩୦

## ସିଏସ୍ଏ ନିର୍ଦ୍ଦେଶକୁ ମାନିଲେନି ଡି'କକ୍

**ଦୁବାଇ, ୨୬।୧୦ (ପି.ଟି.):** ମଙ୍ଗଳବାର ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଉଇକେଟକିପର-ବ୍ୟାଟର କ୍ୱିଣ୍ଟନ ଡି'କକ୍ କ୍ରିକେଟ ସାଉଥ ଆଫ୍ରିକା (ସିଏସ୍ଏ) ନିର୍ଦ୍ଦେଶକୁ ମାନିବା ଲାଗି ରାଜି ହୋଇ ନ ଥିଲେ। ଏପରିକି ମ୍ୟାଚରୁ ଓହରିଯାଇଥିଲେ, ଯାହାଫଳରେ ଦଳ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିବା ଜଣାଯାଇଛି। ଖବର ଅନୁସାରେ 'ବ୍ଲାକ ଲାଇଭ୍ସ ମ୍ୟାଟର' ମୁଭମେଣ୍ଟକୁ ସମର୍ଥନ ଜଣାଇ କ୍ରିକେଟ ସାଉଥ ଆଫ୍ରିକା ପକ୍ଷରୁ ଏହାର ଖେଳାଳିମାନଙ୍କ ଲାଗି ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଏହାର ସମସ୍ତ ମ୍ୟାଚ ପୂର୍ବରୁ ଖେଳାଳିମାନଙ୍କୁ ସେମାନଙ୍କ ଗୋଟିଏ ଆଣ୍ଠୁରେ କିଛି ସମୟ ଆଣ୍ଠେଇବା ଲାଗି କୁହାଯାଇଥିଲା। ହେଲେ ଡି'କକ୍ ତାହା କରି ନ ଥିଲେ। ସିଏସ୍ଏ ଟିମ୍ ମ୍ୟାନେଜମେଣ୍ଟ ରିପୋର୍ଟକୁ ଅପେକ୍ଷା କରିଛି। ରିପୋର୍ଟ ପାଇବା ପରେ ଡି'କକ୍‌ଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଦକ୍ଷିଣ ଆଫ୍ରିକୀୟ ଉଇକେଟକିପର-ବ୍ୟାଟର ପୂର୍ବରୁ ମଧ୍ୟ ଏଭଳି ଭଙ୍ଗୀ ପ୍ରଦର୍ଶନକୁ ନେଇ କୁଣ୍ଠାପ୍ରକାଶ କରିଥିଲେ। ସେ କହିଛନ୍ତି, କୌଣସି କାର୍ଯ୍ୟ କରିବା ଲାଗି ଜଣଙ୍କୁ ବାଧ୍ୟ କରିବା ଉଚିତ ନୁହେଁ। ଅତୀତରେ ଦେଶରେ ରଙ୍ଗଭେଦ ନୀତି ଚାଲିଥିଲା। ଯାହାଫଳରେ କୃଷ୍ଣକାୟ ଖେଳାଳିମାନଙ୍କୁ ଜାତୀୟ ଦଳରେ ସ୍ଥାନ ମିଳୁ ନ ଥିଲା। କିନ୍ତୁ ବର୍ତ୍ତମାନ ଆଉ ସେହି ସମୟ ନାହିଁ। ତାହାର ଏକ ନମୁନା ପ୍ରଦର୍ଶନ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିବା ସିଏସ୍ଏ କହିଛି।

# ଦକ୍ଷିଣ ଆଫ୍ରିକାଠାରୁ ହାରିଲା ୱେଷ୍ଟଇଣ୍ଡିଜ

**ଦୁବାଇ,୨୬।୧୦**

ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍-୧ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୮ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୫ ଉଇକେଟରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ତେବେ ପ୍ରତ୍ୟାବର୍ତ୍ତନ କରି ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍‌ରେ ବିଜୟୀ ହୋଇଛି। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ୮ ଉଇକେଟ ହରାଇ ୧୪୩ ରନ କରିପାରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୨ ଉଇକେଟ ହରାଇ ୧୮.୨ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟପଟେ ୱେଷ୍ଟଇଣ୍ଡିଜ ଏପର୍ଯ୍ୟନ୍ତ ୨ଟି ମ୍ୟାଚ୍ ଖେଳି ଦୁଇଟିରେ ପରାଜୟ ବରଣ କରିଛି। ଏଥିସହ ୱେଷ୍ଟଇଣ୍ଡିଜ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିବା ଆଶଙ୍କା ଦେଖାଦେଇଛି। ଏହା ପୂର୍ବରୁ ଇଂଲଣ୍ଡଠାରୁ ୬ ଉଇକେଟରେ ୱେଷ୍ଟଇଣ୍ଡିଜ ହାରିଥିଲା। ଦକ୍ଷିଣ ଆଫ୍ରିକା ତା'ର ପରବର୍ତ୍ତୀ ତଥା ତୃତୀୟ ମ୍ୟାଚରେ ଶ୍ରୀଲଙ୍କାକୁ ଆସନ୍ତା ୩୦ ତାରିଖରେ ଭେଟିବ। ସେହିପରି ୨୯ ତାରିଖରେ ୱେଷ୍ଟଇଣ୍ଡିଜ ତା'ର ତୃତୀୟ ମୁକାବିଲାରେ ବାଂଲାଦେଶକୁ ଭେଟିବ। ୪ ଓଭରରେ ୧୪ ରନ ବ୍ୟୟ କରି ଗୋଟିଏ ଉଇକେଟ ନେଇଥିବା ଆନରିଚ ନୋର୍ଜ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୪୪ ରନ ଆଭରେଜ ଟାର୍ଗେଟର ପିଛା କରି ଦକ୍ଷିଣ ଆଫ୍ରିକା ସହଜରେ ବିଜୟୀ ହୋଇଥିଲା। ତେବେ ଅଧିନାୟକ ତଥା ଓପନର ଟେମ୍ବା ବାଭୁମା (୨ରନ)ଙ୍କୁ ହରାଇ ଦଳ ପ୍ରାରମ୍ଭିକ ଝଟକା ଖାଇଥିଲା। ଦ୍ୱିତୀୟ ଉଇକେଟରେ ରିଜା ହେଣ୍ଡ୍ରିକ୍ସ ଓ ରସି ଭାନ ଡର ଡସେନ ୫୦ ବଲରୁ ୫୭ ରନକରି ସ୍ଥିତି ସମ୍ଭାଳିଥିଲେ। ୩୦ଟି ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ୧ ଛକା ସହ ୩୯ ରନକରି ହେଣ୍ଡ୍ରିକ୍ସ ଅକିଲ ହୋସେନଙ୍କ ବଲ୍‌ରେ ଶିମରନ ହେଟମେୟରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ତୃତୀୟ ଉଇକେଟରେ ଡସେନ ଓ ଏଡେନ ମାରାକ୍ରାମ ୫୪ ବଲରୁ ଦ୍ରୁତ ଅପରାଜିତ ୮୩ ରନକରି ଦଳକୁ ଜିତାଇଥିଲେ। ମାରାକ୍ରାମ ୨୬ ବଲରୁ ୨ ଚୌକା ଓ ୪ ଛକା ସହ ୫୧ ରନକରି ଅପରାଜିତ ରହିଥିଲେ। ସେହିପରି ଡସେନ ୫୧ ବଲରୁ ୪୩ ରନକରି ଅପରାଜିତ ରହିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ତରଫରୁ ଓପନର ଏଭିନ ଲୁଇସ୍ ସର୍ବାଧିକ ୫୬ ରନ (୩୫ ବଲ, ୩ ଚୌକା, ୬ ଛକା) କରି କେଶବ ମହାରାଜଙ୍କ ବଲ୍‌ରେ କାଗିସୋ ରାବାଡ଼ାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। କିରନ ପୋଲାର୍ଡ ୨୦ ବଲରୁ ୨ ଚୌକା ଓ ୧ ଛକା ସହ ୨୬ ରନକରି ଆଉଟ ହୋଇଥିଲେ ଓ ଅନ୍ୟମାନେ ବିଫଳ ହୋଇଥିଲେ। ଏହି କ୍ରମରେ ଲିଣ୍ଡେଲ ସିମନ୍ସ ୧୬, ନିକୋଲାସ ପୁରନ ୧୨, କ୍ରିସ ଗେଲ ୧୨ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଡ୍ୱେନ ପ୍ରିଟୋରିୟସ ୩, କେଶବ ମହରାଜ ୨, ରାବାଡ଼ା ଓ ନୋର୍ଜ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଆକ୍ରମଣାତ୍ମକ ଶଟ୍ ଖେଳୁଛନ୍ତି ଏଡେନ ମାରାକ୍ରାମ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୪୩/୮ (ଏଭିନ ଲୁଇସ୍- ୫୬, କିରନ ପୋଲାର୍ଡ- ୨୬, ଡ୍ୱେନ ପ୍ରିଟୋରିୟସ- ୩/ ୧୭, କେଶବ ମହାରାଜ- ୨/ ୨୪)। ଦକ୍ଷିଣ ଆଫ୍ରିକା ୧୮.୨ ଓଭରରେ ୧୪୪/୨ (ଏଡେନ ମାରାକ୍ରାମ- ୫୧*, ରସି ଭାନ ଡର ଡସେନ- ୪୩*, ରିଜା ହେଣ୍ଡ୍ରିକ୍ସ- ୩୯, ଅକିଲ ହୋସେନ-୧/ ୨୭)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

(ପୃଷ୍ଠା-୮+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୭/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Wednesday, October 27/2021 | ପୃଷ୍ଠା-୧

# ଆନ୍ଧ୍ରରେ ବନ୍ଧା ୨ ହଜାର ବଣ୍ଡା

**ବଣ୍ଡା ଜନଜାତିର ବହୁ କୋମଳମତି ନାବାଳିକା, ନାବାଳକଙ୍କ ପାଠପଢ଼ାରେ ଡୋରି ବାନ୍ଧିଦେଲା କରୋନା। ଏହାପରେ ସେମାନେ ଆସିଗଲେ ଆନ୍ଧ୍ର ଦଲାଲଙ୍କ ଟାର୍ଗେଟ୍‌ରେ, ସାଜିଗଲେ ଦାଦନ ଶ୍ରମିକ। ନିୟୋଜିତ ହେଲେ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ବିପଦଜ୍ଜନକ କାର୍ଯ୍ୟରେ। ସେମାନଙ୍କ ମଧ୍ୟରୁ କେତେଜଣ ସେଠାରେ ପ୍ରାଣ ହରାଇଥିବାବେଳେ ଅନ୍ୟ କେତେଜଣ ଗୁରୁତର ଅବସ୍ଥାରେ ଗାଁକୁ ଫେରି ଜୀବନ ହାରିଛନ୍ତି। ଦୁର୍ଦ୍ଦଶା ଏଠି ସରିଯାଇନି, ଏବେବି ବଣ୍ଡା ଜନଜାତିର ବହୁ ଶିଶୁ ଶ୍ରମିକ, ଯୁବତୀଯୁବକ ଆନ୍ଧ୍ରରେ ଦୁର୍ବିଷହ ଅବସ୍ଥାରେ ବନ୍ଧା ପଡ଼ିଛନ୍ତି। ଅନେକଙ୍କ ସହ ପରିବାର ଲୋକଙ୍କ ଯୋଗାଯୋଗ ନାହିଁ। ଅଶିକ୍ଷିତ ଏବଂ ଅତ୍ୟନ୍ତ ଗରିବ ମା'ବାପା ସେମାନଙ୍କ ଝିଅପୁଅଙ୍କ ନିଖୋଜ ସମ୍ପର୍କରେ କାହାକୁ ଜଣାଇବେ ତାହା ମଧ୍ୟ ଜାଣିପାରୁନାହାନ୍ତି। କେବଳ ଆଖିରୁ ଲୁହ ଗଡ଼ାଇ ଚାହିଁ ରହିଛନ୍ତି ସନ୍ତାନର ଫେରିବା ବାଟକୁ।**



ଆନ୍ଧ୍ରରେ ବଣ୍ଡା ଛାତ୍ରୀଛାତ୍ର, ଯୁବତୀଯୁବକ ନିଖୋଜ ଏବଂ ଅଟକ ରହିବା ନେଇ ଅଭିଯୋଗ କରିଥିବା ୪ ବଣ୍ଡା ଯୁବତୀ।

- **କରୋନା ଯୋଗୁ ପାଠପଢ଼ାରେ ଡୋରି**
- **ଦଲାଲ ହାବୁଡ଼ରେ ପଡ଼ି ଭବିଷ୍ୟତ ନଷ୍ଟ**
- **ଯୁବତୀଙ୍କୁ ଅନୈତିକ କାର୍ଯ୍ୟରେ ବ୍ୟବହାର**

ଦୁର୍ଯ୍ୟୋଧନ ପାତ୍ର
ମାଲକାନଗିରି,୨୬।୧୦

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଣ୍ଡାଘାଟିରେ ରହୁଛନ୍ତି ବଣ୍ଡା ଆଦିବାସୀ। ଏହି ଆଦିମ ଜନଜାତିଙ୍କ ଜୀବନମାନରେ ଉନ୍ନତି ଆଣିବା ପାଇଁ ସରକାରୀ ଓ ଘରୋଇ ସଂସ୍ଥା ପକ୍ଷରୁ ଚେଷ୍ଟା ହୋଇଛି। କିନ୍ତୁ ତାହା ସମ୍ଭବ ହୋଇପାରିନାହିଁ। ଏହାର ମୁଖ୍ୟ କାରଣ ହେଲା ବଣ୍ଡା ଗ୍ରାମଗୁଡ଼ିକର ଭୌଗୋଳିକ ଅବସ୍ଥିତି। ପାହାଡ଼ ଉପରେ ଘଞ୍ଚ ଜଙ୍ଗଲରେ ଥିବା ଉକ୍ତ ଗ୍ରାମଗୁଡ଼ିକୁ ପହଞ୍ଚିବା କଷ୍ଟସାଧ୍ୟ। ଏହାର ଫାଇଦା ଉଠାଉଛନ୍ତି ପଡ଼ୋଶୀ ରାଜ୍ୟ ଆନ୍ଧ୍ରର ଦଲାଲମାନେ। ସେମାନେ ବଣ୍ଡା ପରିବାର ଲୋକଙ୍କୁ ଆର୍ଥିକ ଲୋଭ ଦେଖାଇ ନିରୀହ ପିଲାଙ୍କୁ ଶ୍ରମିକ ଭାବେ କାମ କରିବା ପାଇଁ ନିଜ ରାଜ୍ୟକୁ ନେଇଯାଉଛନ୍ତି। ସେଠାରେ ସେମାନଙ୍କୁ ନିର୍ଯାତନା ଦେଇ ଅନୈତିକ କାର୍ଯ୍ୟରେ ଲିପ୍ତ କରାଉଛନ୍ତି। ବଣ୍ଡା ଜନଜାତିଙ୍କ ସମ୍ପର୍କରେ ଖବର ସଂଗ୍ରହ ପାଇଁ ଯାଇଥିବା ଧରିତ୍ରୀ ଜିଲା ପ୍ରତିନିଧି ଦୁର୍ଯ୍ୟୋଧନ ପାତ୍ରଙ୍କ ନିକଟରେ ଏଭଳି ଅଭିଯୋଗ ଆଣିଛନ୍ତି ବଣ୍ଡାଘାଟିର ଅଣ୍ଡ୍ରାହାଲ୍ ପଞ୍ଚାୟତ ବଡ଼ବେଲ ଗ୍ରାମର ସଙ୍ଗୀତା କିର୍ସାନୀ, ନନ୍ଦିନୀ କିର୍ସାନୀ, ମୁସକାନ କିର୍ସାନୀ, ପଦ୍ମିନୀ କିର୍ସାନୀ, ଶାନ୍ତି ବାତ୍ରିଙ୍କ ସମେତ ବହୁ ଗ୍ରାମବାସୀ।

ସଙ୍ଗୀତା ଓ ନନ୍ଦିନୀ ଗୋବିନ୍ଦପାଲି ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ ହୋଇଥିବାବେଳେ ମୁସ୍କାନ୍ ଖଇରପୁଟ ହାଇସ୍କୁଲ, ପଦ୍ମିନୀ ପାଙ୍ଗାମ୍ ଓ ଶାନ୍ତି କଦମ୍‌ଗୁଡା ହାଇସ୍କୁଲ୍‌ରେ ଶିକ୍ଷା ଗ୍ରହଣ କରୁଥିଲେ। ମହାମାରୀ କରୋନାଜନିତ କଟକଣା ଯୋଗୁ ଗତ ପ୍ରାୟ ୨ ବର୍ଷ ଧରି ମହାବିଦ୍ୟାଳୟ, ବିଦ୍ୟାଳୟ ବନ୍ଦ ଥିବାରୁ ଏମାନେ ଏବେ ଗ୍ରାମରେ ଅଛନ୍ତି। ହଷ୍ଟେଲ୍ ଖୋଲି ନ ଥିବାରୁ ଏବଂ ଗ୍ରାମରେ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ନ ଥିବା ହେତୁ ଏମାନେ ଅନ୍‌ଲାଇନ୍ ☞ପୃଷ୍ଠା-୬

# ସତ କହିବାରୁ ବଦଳି ହୋଇଥିଲା

- **ରାଜ୍ୟପାଳ ଆଣିଥିଲେ ଲାଞ୍ଚ ଅଭିଯୋଗ**

ନୂଆଦିଲ୍ଲୀ,୨୬।୧୦



ସତ୍ୟପାଳ ମଲିକ

ମେଘାଳୟ ରାଜ୍ୟପାଳ ସତ୍ୟପାଳ ମଲିକ ଆଣିଥିବା ଲାଞ୍ଚ ଅଭିଯୋଗର ତଦନ୍ତ ଜଣେ ସୁପ୍ରିମକୋର୍ଟ ବିଚାରପତିଙ୍କ ଦ୍ୱାରା କରାଇବାକୁ ମଙ୍ଗଳବାର କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଭାଜପା ଶାସିତ ରାଜ୍ୟରେ କୋଭିଡ୍ ସମୟରେ ହୋଇଥିବା ଦୁର୍ନୀତିର ସମୟବଦ୍ଧ ତଦନ୍ତ ଜରୁରୀ। ସର୍ବୋଚ୍ଚ ଅଦାଲତରେ କାର୍ଯ୍ୟରତ ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ କରାଯାଉ ବୋଲି ଏଆଇସିସି ମୁଖପାତ୍ର ରଣଦୀପ ସୁର୍ଯ୍ୟେୱାଲା ଏବଂ ଗୋଆ ପ୍ରଭାରୀ ଦୀନେଶ ଗୁଣ୍ଡୁରାଓ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ☞ପୃଷ୍ଠା-୬

INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha

SPOT ADMISSION NOTICE 2021-22

IMBA
INTEGRATED MASTER OF BUSINESS ADMINISTRATION
(Affiliated to Utkal University)
QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
|---|---|---|
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed +2 or its equivalent in any discipline with minimum 45% marks in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed 3 year BBA (six semesters) from any recognized university with minimum 50% marks in aggregate. | |

Applications are invited for taking Spot Admission into IMBA 5 years programme for the session 2021-22. The Application Form is available in Institute's website www.iedodisha.org.in. Interested eligible candidates can take spot admission into IMBA Course after verifying all required original documents and deposit of requisite fees to the Institute.

**Hostel Facility is available within the premises of the Institute.**

Last Date for Spot Admission into IMBA 1st Semester and IMBA 7th Semester (Lateral Entry) at IED Odisha: 03.11.2021

Plot No. 123, Sector-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609/2587176, Mob. 9437163828, 7978120939

# ୧୫ ଜିଲାପାଳ ପଠାଇଲେ ଚୂଡ଼ାନ୍ତ ସଂରକ୍ଷଣ ତାଲିକା

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

**ଓବିସିରୁ ହଟିବ ଗଜପତି**

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଆସନ୍ତା ବର୍ଷ ଫେବୃୟାରୀରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାର ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ୱାର୍ଡ ସୀମା ନିର୍ଦ୍ଧାରଣ ଓ ସ୍ଥାନ ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ମାସ ୩୦ ତାରିଖ ସୁଦ୍ଧା ସଂରକ୍ଷଣ ପ୍ରକ୍ରିୟା ଶେଷ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଜିଲା ପରିଷଦ ଅଧ୍ୟକ୍ଷ ଓ ସଦସ୍ୟଙ୍କ ବ୍ୟତୀତ ସମସ୍ତ ୱାର୍ଡମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଏବଂ ବ୍ଲକ ଅଧ୍ୟକ୍ଷଙ୍କ ଲାଗି ସଂରକ୍ଷଣ ତାଲିକା ଜିଲାସ୍ତରରେ ଚୂଡ଼ାନ୍ତ ହୋଇଛି। ଏହି କ୍ରମରେ ମଙ୍ଗଳବାର ୧୫ ଜିଲାର ଚୂଡ଼ାନ୍ତ ତାଲିକା ରାଜ୍ୟ ନିର୍ବାଚନ କମିଶନଙ୍କ ହସ୍ତଗତ ହୋଇଛି। ବୁଧବାର ସୁଦ୍ଧା ସମସ୍ତ ତାଲିକା କମିଶନଙ୍କ ନିକଟରେ ପହଞ୍ଚିବ ବୋଲି କମିଶନଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଜିଲା ପରିଷଦ ସଭାପତି ଏବଂ ସଦସ୍ୟଙ୍କ ସଂରକ୍ଷଣ ତାଲିକା ଚୂଡ଼ାନ୍ତ କରି ରାଜ୍ୟ ସରକାର ୩୦ ତାରିଖରେ ନିର୍ବାଚନ କମିଶନଙ୍କ ନିକଟକୁ ପଠାଇବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି। ଏ ପର୍ଯ୍ୟନ୍ତ ୧୨ ଜିଲାର ଜିଲା ପରିଷଦ ସଭ୍ୟଙ୍କ ତାଲିକାର ତର୍ଜମା ଶେଷ ହୋଇଛି। ଆଉ ୧୮ ଜିଲାର ତାଲିକା ଆସନ୍ତା ୩ ଦିନ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଅକ୍ଟୋବର ୧୬ ତାରିଖରେ ପ୍ରକାଶିତ ଚିଠା ବିଜ୍ଞପ୍ତିରେ ଅନେକ ପରିବର୍ତ୍ତନ ହେବ। ଗଜପତି ଜିଲା ଓବିସିଙ୍କ ପାଇଁ ସଂରକ୍ଷଣ ରଖିବାକୁ ଚିଠା ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ବେଳେ ସେଠାରେ ଓବିସି ନ ଥିବା ଜଣାପଡ଼ିଛି। ଏହାକୁ ପରିବର୍ତ୍ତନ କରି ଅନୁସୂଚିତ ଜନଜାତିଙ୍କ ଲାଗି ସଂରକ୍ଷଣ କରାଯିବ ବୋଲି ସୂଚନା ମିଳିଛି। ସେହିପରି ଅନ୍ୟ କେତେକ ଜିଲାର ☞ପୃଷ୍ଠା-୬

ଆଗକୁ ଆସୁଛି ଧନତେରାସ ଓ ଦୀପାବଳୀ। ନୂଆ ବେଶ ପୋଷାକ, ଅଳଙ୍କାର କିଣିବା ପାଇଁ ସଭିଙ୍କ ମନରେ ଉତ୍ସାହ। ଏହି ଅବସରରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ମଧ୍ୟ ଗ୍ରାହକମାନଙ୍କ ପାଇଁ ନେଇ ଆସିଛି ଲାଟେଷ୍ଟ୍ ଜୁଏଲାରୀ ଡିଜାଇନ୍ ଓ ଆକର୍ଷଣୀୟ ଅଫର।

ଏ ସଂପର୍କରେ ଲାଲ୍‌ଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଶ୍ରୀ ସଂଜୟ ହଂସ କହନ୍ତି- ବର୍ଷ ତମାମ୍ ଆମ ପାଖରେ ଗ୍ରାହକ-ମାନଙ୍କ ପାଇଁ ବିଭିନ୍ନ ପ୍ରକାର ଅଫର ଥାଏ। ଆମେ ଗ୍ରାହକମାନଙ୍କୁ ଯେଉଁ ଅଫର ଦେଇଥାଉ, ତାହା ସଂପୂର୍ଣ୍ଣ ପୂର୍ବ ଭାରତରେ ବିରଳ। ଚଳିତ ନଭେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଯଦି ବଜାର ସହିତ ତୁଳନା କରାଯାଏ ଏପରି ଅଫର ଗ୍ରାହକମାନେ ଲାଲ୍‌ଚାନ୍ଦ୍ ଷ୍ଟୋର୍ ବ୍ୟତୀତ ଅନ୍ୟ କେଉଁଠି ପାଇବେ ନାହିଁ। ଗଢ଼ା ମଜୁରୀରେ ଦେଖିବାକୁ ଗଲେ ଲାଲ୍‌ଚାନ୍ଦ୍‌ର ଗଢ଼ା ମଜୁରୀ ସବୁଠୁ କମ୍ ରହିଛି। ତା' ସହିତ କେବଳ ଲାଲ୍‌ଚାନ୍ଦ୍‌ରେ କ୍ରୟ ଉପରେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ଓ ରୌପ୍ୟ ମୁଦ୍ରା ଦିଆଯାଉଛି। ଚଳିତ ଦୀପାବଳି ଓ ଧନତେରାସ ଅବସରରେ ଗ୍ରାହକମାନଙ୍କ ପାଇଁ ଏହାଠାରୁ ବଳି ଭଲ ଅଫର ଆଉ କ'ଣ ଆଇପାରେ? ଏହା ବ୍ୟତୀତ ଗ୍ରାହକମାନଙ୍କୁ ସର୍ବୋତ୍କୃଷ୍ଟ ଲେଟେଷ୍ଟ୍ ଡିଜାଇନ୍, ସବୁଠୁ ସୁଲଭ ମୂଲ୍ୟରେ ଯୋଗାଇଦେବାକୁ ଆମେ ସର୍ବଦା ଆଉ କେଉଁଠି ଖୋଜିଲେ ବି ମିଳିବ ନାହିଁ।

ଏବେ ଅଳଙ୍କାର ବଜାରରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି। କାରଣ ସୁନାର ମୂଲ୍ୟ ଉଚ୍ଚତମ ସ୍ତରରୁ ପ୍ରାୟ ୨୫ ପ୍ରତିଶତ କମ୍ ଅଛି। ତେଣୁ ସୁନା କିଣିବା ପାଇଁ ଏଇଟା ଠିକ୍ ସମୟ ବୋଲି କୁହାଯାଇପାରେ।

ସଂପର୍କରେ ସେ କହନ୍ତି - "ପାରମ୍ପରିକ ଭାବେ କହିବାକୁ ଗଲେ ଲାଲ୍‌ଚାନ୍ଦ୍‌ର ବିଶୁଦ୍ଧ ସ୍ୱର୍ଣ୍ଣ ଓ ଅଳଙ୍କାର ଡିଜାଇନ୍‌କୁ ଓଡ଼ିଶାବାସୀ ବିଶେଷ ପସନ୍ଦ କରନ୍ତି। ଆମେ ଦେଶ ବିଦେଶରୁ ଉଚ୍ଚକୋଟୀର ଅଳଙ୍କାର ଡିଜାଇନ୍ ସଂଗ୍ରହ କରିଥାଉ। ଏଗୁଡ଼ିକ ସ୍ୱତନ୍ତ୍ର ଭାବେ କେବଳ ସବୁବେଳେ ପ୍ରଶଂସାର ଶୀର୍ଷରେ ରହିଆସିଛି। ଏଥିପାଇଁ ବିଗତ ବର୍ଷମାନଙ୍କରେ ଅନେକ ପୁରସ୍କାର ଓ ସମ୍ମାନ ମିଳିଛି।"

ଲାଲ୍‌ଚାନ୍ଦ୍ ଜୁଏଲର୍ସର ଅଳଙ୍କାର ଡିଜାଇନ୍ ସଂପର୍କରେ ଶ୍ରୀ ହଂସ କହିଲେ







ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କ୍ରୟ ଉପରେ ମାଗଣା ସ୍ୱର୍ଣ୍ଣ ମୁଦ୍ରା
୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ କ୍ରୟ ଉପରେ ମାଗଣା ରୌପ୍ୟ ମୁଦ୍ରା
ଷ୍ଟାଣ୍ଡାର୍ଡ ଗୋଲ୍ଡ୍ ଜ୍ୱେଲରୀ ଗଢ଼ା ମଜୁରୀ ଗ୍ରାମ୍ ପିଛା ଫ୍ଲାଟ୍ ୪୯୯ ଟଙ୍କା
ଡିଜାଇନର ଗୋଲ୍ଡ୍ ଜ୍ୱେଲରୀ ଗଢେଇ ମୂଲ୍ୟ ଗ୍ରାମ୍ ପ୍ରତି ଫ୍ଲାଟ୍ ୬୯୯ ଟଙ୍କା
ହାଇ ଏଣ୍ଡ୍ ଜ୍ୱେଲରୀ ଗ୍ରାମ୍ ପ୍ରତି ଗଢ଼ା ମଜୁରୀ ଫ୍ଲାଟ୍ ୭୯୯ ଟଙ୍କା
ସାର୍ଟିଫାଏଡ୍ ଡାଇମଣ୍ଡ୍ ଉପରେ ଫ୍ଲାଟ୍ ୨୦% ରିହାତି
ଅକ୍ଟୋବର ୨୭ ତାରିଖରୁ..

**ଅଳଙ୍କାରର ଡିଜାଇନ୍ ଓ ଉନ୍ନତ କାରିଗରୀ ପାଇଁ ଲାଲ୍‌ଚାନ୍ଦ୍ ସୁପରିଚିତ। ଏଠି ଯେଉଁସବୁ ଡିଜାଇନ୍ ମିଳେ ସେଗୁଡ଼ିକ ଦେଶ ବିଦେଶର ବିଭିନ୍ନ ସ୍ଥାନରୁ ଆସିଥାଏ। ଯେପରି ସମୟ ସହ ତାଳ ଦେଇ ଫେସନର ସଜ୍ଞା ବଦଳେ, ଆମେ ସେଭଳି ଲୋକଙ୍କୁ କେଉଁଭଳି ଡିଜାଇନ୍ ପସନ୍ଦ ହେବ ତାହା ସର୍ବଦା ଅନୁଶୀଳନ କରିଥାଉ। - ସଂଜୟ ହଂସ, ପ୍ରତିଷ୍ଠାତା, ଲାଲ୍‌ଚାନ୍ଦ୍ ଜୁଏଲର୍ସ**

## ଆଜିଠାରୁ ଲାଲ୍‌ଚାନ୍ଦ୍‌ର
## "ଦି ଗ୍ରେଟ୍ ଦିୱାଲୀ ଫେଷ୍ଟିଭାଲ୍"

- "ସମସ୍ତ ପ୍ରକାର ସାମାଜିକ ଓ ସାଂସ୍କୃତିକ ପର୍ବ-ପର୍ବାଣୀ ଯଥା ବିବାହ, ବ୍ରତୋପନୟନ, ନିର୍ବନ୍ଧ, ଜନ୍ମଦିନ, ବିବାହ-ବାର୍ଷିକୀ ପାଇଁ ସମସ୍ତ ଅଳଙ୍କାର, ଯେପରିକି ହାଲକା ମୁଦିରୁ ଆରମ୍ଭ କରି ଓଜନିଆ ହାର ପର୍ଯ୍ୟନ୍ତ, ଗୋଡ ମୁଦିରୁ ଆରମ୍ଭ କରି ମଥାମଣି ପର୍ଯ୍ୟନ୍ତ ସବୁ କିଛି ଲାଲ୍‌ଚାନ୍ଦ୍‌ରେ ଉପଲବ୍ଧ। ସ୍ୱର୍ଣ୍ଣ ଅଳଙ୍କାରର ବିଶେଷ ଡିଜାଇନ୍ ଯେପରିକି ଆଣ୍ଟିକ, ପାରମ୍ପରିକ ଜନଜାତି ଅଳଙ୍କାର ମଧ୍ୟ ଏଠାରେ ଉପଲବ୍ଧ। ହୀରା ଅଳଙ୍କାରରେ ବିବାହ ଓ ନିର୍ବନ୍ଧ ପାଇଁ ଯୋଡା ରିଂ, କାର୍ଯ୍ୟରତ ମହିଳା ମାନଙ୍କ ପାଇଁ ଛୋଟ ହୀରା ଗହଣା ସହିତ ପତଳା ଚେନ୍ ଓ ଲକେଟର ବିଶାଳ ରେଞ୍ଜ ଏଠାରେ ଦେଖିବାକୁ ପାଇବେ। ଭାରତର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ସବୁ ଭାଗର ସୁପ୍ରସିଦ୍ଧ ଅଳଙ୍କାର କାରିଗରୀ ଲାଲ୍‌ଚାନ୍ଦ୍‌ରେ ଉପଲବ୍ଧ। ବିଶ୍ୱ ପ୍ରସିଦ୍ଧ ରୂପା ତାରକସି କାମର ଅନନ୍ୟ ସମ୍ଭାର, ଚାନ୍ଦି ବାସନ, ଚାନ୍ଦିର ଡିନର ସେଟ, ପୂଜା ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଚାନ୍ଦି ଉପକରଣ ଲାଲ୍‌ଚାନ୍ଦ୍‌ରେ ଉପଲବ୍ଧ। ତା' ସହିତ ବରାଦ ମୁତାବକ ଦେବା-ଦେବୀଙ୍କ ମୁକୁଟ, ମୂର୍ତ୍ତି, ସ୍ମାରକୀ କଳାକୃତି ଆଦି ମଧ୍ୟ ପ୍ରସ୍ତୁତ କରାଯାଏ। ଯୁବ ବର୍ଗଙ୍କ ପସନ୍ଦ ମୁତାବକ ଫ୍ୟାସନେବଲ ଓ ଟ୍ରେଣ୍ଡି ଜୁଏଲାରୀ, ୨୪ କ୍ୟାରେଟ ସ୍ୱର୍ଣ୍ଣ ମୁଦ୍ରା, ରୁପା ମୁଦ୍ରା ଏଠାରେ ଉପଲବ୍ଧ।"

ଧନ୍‌ତେରାସ ଓ ଦୀପାବଳୀ ଉପଲକ୍ଷେ ଲାଲ୍‌ଚାନ୍ଦ୍ ଆରମ୍ଭ କରିଛି "ଦି ଗ୍ରେଟ୍ ଦିୱାଲି ଫେଷ୍ଟିଭାଲ୍" ଏଥିରେ ଅନେକ ଡିସ୍‌କାଉଣ୍ଟ ଓ ଉପହାର ଯୋଜନା ରହିଛି।

ଲାଲ୍‌ଚାନ୍ଦ୍ ଗ୍ରାହକମାନଙ୍କୁ ପୂଜା ଅବସରରେ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କ୍ରୟ ଉପରେ ଦେଉଛି ମାଗଣା ସ୍ୱର୍ଣ୍ଣ ମୁଦ୍ରା। ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ କ୍ରୟ ଉପରେ ଦେଉଛି ମାଗଣା ରୌପ୍ୟ ମୁଦ୍ରା। ଗଢ଼ା ମଜୁରୀ ମଧ୍ୟ କମ୍ କରାଯାଇଛି। ଷ୍ଟାଣ୍ଡାର୍ଡ ଗୋଲ୍ଡ୍ ଜ୍ୱେଲରୀ ଗଢ଼ା ମଜୁରୀ ଗ୍ରାମ୍ ପିଛା ଫ୍ଲାଟ୍ ୪୯୯ ଟଙ୍କା, ଡିଜାଇନର ଗୋଲ୍ଡ୍ ଜ୍ୱେଲରୀ ଗଢେଇ ମୂଲ୍ୟ ଗ୍ରାମ୍ ପ୍ରତି ଫ୍ଲାଟ୍ ୬୯୯ ଟଙ୍କା ଓ ହାଇ ଏଣ୍ଡ୍ ଜ୍ୱେଲରୀ ଗ୍ରାମ୍ ପ୍ରତି ଗଢ଼ା ମଜୁରୀ ଫ୍ଲାଟ୍ ୭୯୯ ଟଙ୍କା ରଖାଯାଇଛି। ତା' ସହିତ ସାର୍ଟିଫାଏଡ୍ ଡାଇମଣ୍ଡ ଉପରେ ଫ୍ଲାଟ୍ ୨୦% ରିହାତି ଅଛି। ଲାଲ୍‌ଚାନ୍ଦ୍‌ର ସବୁ ଷ୍ଟୋର୍‌ରେ ଏହି ଅଫର ଅକ୍ଟୋବର ୨୭ ତାରିଖରୁ ଆରମ୍ଭ ହୋଇ ପ୍ରତିଶ୍ରୁତିବଦ୍ଧ।

ଅଳଙ୍କାର ଡିଜାଇନ୍ ଓ ଉନ୍ନତ କାରିଗରୀ ପାଇଁ ଲାଲ୍‌ଚାନ୍ଦ୍ ସୁପରିଚିତ। ଏଠି ଯେଉଁସବୁ ଡିଜାଇନ୍ ମିଳେ ସେଗୁଡ଼ିକ ଦେଶ ବିଦେଶର ବିଭିନ୍ନ ସ୍ଥାନରୁ ଆସିଥାଏ। ଯେପରି ସମୟ ସହ ତାଳ ଦେଇ ଫେସନର ସଂଜ୍ଞା ବଦଳେ, ଆମେ ସେଭଳି ଲୋକଙ୍କୁ କେଉଁଭଳି ଡିଜାଇନ୍ ପସନ୍ଦ ହେବ ତାହା ସବୁବେଳେ ଅନୁଶୀଳନ କରିଥାଉ। ଚଳିତ ଉତ୍ସବ ଋତୁ ପାଇଁ ହଜାର ହଜାର ସଂଖ୍ୟାରେ ନୂଆ ଡିଜାଇନ୍‌ର ଷ୍ଟକ୍ ଆମ ପାଖରେ ମହଜୁଦ ଅଛି। ସବୁଠୁ ବଡ କଥା ହେଲା ଆପଣ ଲାଲ୍‌ଚାନ୍ଦ୍‌ରେ ଯେଉଁଭଳି ଡିଜାଇନ୍ ପାଇବେ ସେଭଳି ଡିଜାଇନ୍



ଲାଲ୍‌ଚାନ୍ଦ୍ ଜୁଏଲର୍ସର ସଂପ୍ରସାରଣ ଯୋଜନା ସଂପର୍କରେ ପଚାରିବାରୁ ସେ କହିଲେ- "ଆମର ଅନେକ ଗ୍ରାହକ ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ଅଛନ୍ତି। ଗ୍ରାହକ-ମାନଙ୍କ ଅନୁରୋଧକୁ ଦୃଷ୍ଟିରେ ରଖି ଓଡ଼ିଶାର ସେଇ ସବୁ ଅଞ୍ଚଳରେ ବ୍ୟବସାୟ ସଂପ୍ରସାରଣ କରିବାର ଯୋଜନା ରଖିଛୁ। ଖୁବ୍ ନିକଟରେ ଲାଲ୍‌ଚାନ୍ଦ୍ କେତୋଟି ନୂଆ ଷ୍ଟୋର୍ ଖୋଲିବାକୁ ଯାଉଛି।"

ଲାଲ୍‌ଚାନ୍ଦ୍ ଜୁଏଲର୍ସର ବିଶେଷତ୍ୱ ଲାଲ୍‌ଚାନ୍ଦ୍ ଜୁଏଲର୍ସରେ ଉପଲବ୍ଧ। ଲାଲ୍‌ଚାନ୍ଦ୍ ସବୁବେଳେ ଫେସନ୍ ଟ୍ରେଣ୍ଡ୍ ଅନୁସରଣ କରିବା ସହିତ ଗ୍ରାହକମାନଙ୍କ ପସନ୍ଦକୁ ଗୁରୁତ୍ୱ ଦେଇଥାଏ। ବିଶ୍ୱର ସୁପ୍ରସିଦ୍ଧ ଡିଜାଇନରମାନଙ୍କ ଦ୍ୱାରା ପ୍ରସ୍ତୁତ ଅଳଙ୍କାର ଡିଜାଇନ୍ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରୟାସ କରିଥାଏ। ଏବେ ହୀରା ଅଳଙ୍କାର ମଧ୍ୟ ଧିରେ ଧିରେ ଲୋକପ୍ରିୟ ହେବାରେ ଲାଗିଛି। ଗୁଣାତ୍ମକ ମାନ ଓ ଅଦ୍ୱିତୀୟ କାରିଗରୀ ଲାଲ୍‌ଚାନ୍ଦ୍ ଜୁଏଲର୍ସର ବିଶେଷତ୍ୱ। ଶୁଦ୍ଧ ସୁନା ଓ ଆଧୁନିକ କାରିଗରୀ କୌଶଳର ସମ୍ମିଶ୍ରଣରେ ପ୍ରସ୍ତୁତ ହୁଏ ପ୍ରତ୍ୟେକଟି ଅଳଙ୍କାର। ସେଥିପାଇଁ ଲାଲ୍‌ଚାନ୍ଦ୍‌ରେ ପ୍ରତ୍ୟେକଟି ଅଳଙ୍କାର ଗୋଟିଏ ଗୋଟିଏ ମାଷ୍ଟରପିସ୍। ତା' ସହିତ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଗ୍ରାହକମାନଙ୍କ ପାଇଁ ଆଣିଛନ୍ତି ହଲ୍‌ମାର୍କ ଯୁକ୍ତ ବିଶୁଦ୍ଧ ୨୪ କ୍ୟାରେଟ୍ ସ୍ୱର୍ଣ୍ଣ ମୁଦ୍ରାର ବିଶାଳ ରେଞ୍ଜ୍। ଅଳଙ୍କାରର ଶୁଦ୍ଧତା ଓ ଚମତ୍କାର ଡିଜାଇନ୍ ପାଇଁ ଲାଲ୍‌ଚାନ୍ଦ୍

ପବିତ୍ର ଧନତେରାସ ଓ ଦୀପାବଳୀ ଅବସରରେ ଶ୍ରୀ ହଂସ ଗ୍ରାହକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଲେ- "ସମସ୍ତେ ସ୍ୱର୍ଣ୍ଣ ଅଳଙ୍କାର କିଣିବା ପୂର୍ବରୁ ହଲ୍‌ମାର୍କ ଚିହ୍ନ ଦେଖି ଅଳଙ୍କାର କିଣନ୍ତୁ। ଲାଲ୍‌ଚାନ୍ଦ୍‌ରେ ପ୍ରତ୍ୟେକଟି ଅଳଙ୍କାର ହଲ୍‌ମାର୍କ ଯୁକ୍ତ।" ତା' ସହିତ ସେ ଗ୍ରାହକମାନଙ୍କୁ ଏକ ଖାସ୍ ଟିପ୍ସ ଦେବାକୁ ଭୁଲି ନଥିଲେ। ତାଙ୍କ ମତରେ ଅଳଙ୍କାର ଡିଜାଇନ୍‌ର ବିଶାଳ ରେଞ୍ଜ୍ ଭିତରୁ ମନପସନ୍ଦର ଅଳଙ୍କାର ବାଛିବା ପାଇଁ ଏବେ ହେଉଛି ଉଚିତ୍ ସମୟ। ଗ୍ରାହକମାନେ ଚାହିଁଲେ ଏବେଠାରୁ ନିଜ ମନପସନ୍ଦର ଡିଜାଇନ୍ କ୍ରୟ କରି ଧନତେରାସ ଓ ଦୀପାବଳୀ ଅବସରରେ ପୂଜା କରିପାରିବେ।

LALCHND
Odisha's Most Trusted Jeweller

**ଭାରତ ଉପରୁ ଯାତ୍ରା କଟକଣା ଉଠାଇଲା ଆମେରିକା**

ଆମେରିକା ଯିବାକୁ ଚାହୁଁଥିବା ଭାରତ, ଚାଇନା ଓ ୟୁରୋପୀୟ ନାଗରିକମାନଙ୍କ ପାଇଁ ବିମାନ ଯାତ୍ରା କଟକଣା ଉଠାଇଦିଆଯାଇଛି। ରାଷ୍ଟ୍ରପତି ଜୋ ବାଇଡେନ୍ ସୋମବାର ଏନେଇ ଏକ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି। ନଭେମ୍ବର ୮ରୁ ଏହା ଲାଗୁ ହେବ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। କୋଭିଡ୍ ସଂକ୍ରମଣ ରୋକିବା ଲାଗି ୨୦୨୦ ଆରମ୍ଭରେ ଆମେରିକା ବିମାନ ଯାତ୍ରା ଉପରେ କଟକଣା ଲଗାଇଥିଲା।



## ସଂକ୍ଷେପରେ

### ପେଗାସସ୍ ରାୟ ଆଜି

**ନୂଆଦିଲ୍ଲୀ, ୨୬।୧୦:** ପେଗାସସ୍ ଗୁପ୍ତଚରଗିରି ମାମଲାରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ନିମନ୍ତେ ହୋଇଥିବା ପିଟିଶନର ରାୟ ବୁଧବାର ପ୍ରକାଶ ପାଇବ। ପେଗାସସ୍ ସ୍ପାଏୱେର ବ୍ୟବହାର ଦ୍ୱାରା ଖବରଦାତା, ସାମାଜିକ କର୍ମୀ, ରାଜନେତା ପ୍ରମୁଖଙ୍କ ମୋବାଇଲ ହ୍ୟାକ୍ କରାଯାଇ ସେମାନଙ୍କ ଉପରେ ନଜର ରଖାଯାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହାର ତଦନ୍ତ ନିମନ୍ତେ ଏକ ବୈଷୟିକ କମିଟି ଗଠନ କରାଯାଇପାରେ ବୋଲି ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ବୈଷୟିକ କମିଟିର ସଦସ୍ୟ ହେବାକୁ ଚାହୁଁଥିବା କେତେଜଣ କମିଟିରେ ରହିବାକୁ ବ୍ୟକ୍ତିଗତ ଅସୁବିଧା ପ୍ରକାଶ କରିବାରୁ ଏହି ନିର୍ଦ୍ଦେଶକୁ ସ୍ଥଗିତ ରଖାଯାଇଥିଲା।

### ୫ ଟ୍ରେକରଙ୍କ ମୃତଦେହ ଠାବ

**ପିଥୋରାଗଡ଼, ୨୬।୧୦:** ଉତ୍ତରାଖଣ୍ଡର ବାଗେଶ୍ୱର ଜିଲା ଅନ୍ତର୍ଗତ ସୁନ୍ଦରଧୁଙ୍ଗା ଗ୍ଲେସିୟରରୁ ମଙ୍ଗଳବାର ୫ ଜଣ ଟ୍ରେକରଙ୍କ ମୃତଦେହ ମିଳିଛି। ପଶ୍ଚିମବଙ୍ଗର ଏହି ପର୍ବତ ଆରୋହଣକାରୀମାନେ ହିମାଳୟକୁ ଅଭିଯାନରେ ଯାଇଥିବାବେଳେ ଗତ ୧୯ରୁ ୧୯ ତାରିଖ ଲଗାଣ ବର୍ଷା ଯୋଗୁ ନିଖୋଜ ହୋଇଯାଇଥିଲେ। ବ୍ୟବଚ୍ଛେଦ ପାଇଁ ମୃତଦେହଗୁଡ଼ିକୁ କାପକୋଟ ପଠାଯାଇଛି। ଖରାପ ପାଗ ଯୋଗୁ ମୃତଦେହ ଖୋଜି ବାହାର କରିବାରେ ବିଳମ୍ବ ହେଲା ବୋଲି ବାଗେଶ୍ୱର ଜିଲାପାଳ ବିନୀତ କୁମାର କହିଛନ୍ତି।

### ମସ୍‌ଜିଦରେ ୧୮ ଜଣଙ୍କୁ ଗୁଳିକରି ହତ୍ୟା

**ଲାଗୋସ୍, ୨୬।୧୦:** ନାଇଜେରିଆର ଏକ ମସ୍‌ଜିଦରେ କେତେଜଣ ବନ୍ଧୁକଧାରୀ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବାରୁ ୧୮ ଜଣ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଛି ଓ ୪ ଜଣ ଆହତ ହୋଇଛନ୍ତି। ନାଇଜର ପ୍ରଦେଶର ମାଶେଗୁ ଅନ୍ତର୍ଗତ ମାଜାକୁକା ଗ୍ରାମରେ ସୋମବାର ଏହି ଆକ୍ରମଣ ହୋଇଛି। ଆକ୍ରମଣ ବେଳେ ଲୋକମାନେ ମସ୍‌ଜିଦରେ ନମାଜ ପାଠ କରୁଥିଲେ। ଅକ୍ରମଣକାରୀମାନେ ଫୁଲାନି ଯାଯାବର ସମ୍ପ୍ରଦାୟର ବୋଲି ବିଶ୍ୱାସ କରାଯାଉଛି। ଉକ୍ତ ଅଞ୍ଚଳରେ ଜଳ ଜମିକୁ ନେଇ ଦୀର୍ଘବର୍ଷ ହେଲା ଫୁଲାନି ଓ ସ୍ଥାନୀୟ ହାଉସା ଚାଷୀ ସମ୍ପ୍ରଦାୟ ମଧ୍ୟରେ ବିବାଦ ଲାଗି ରହିଛି। ବିଭିନ୍ନ ସମୟରେ ସାମ୍ପ୍ରଦାୟିକ ହିଂସାକାଣ୍ଡରେ ଶତାଧିକ ଲୋକଙ୍କ ଜୀବନ ଯାଇଛି।

### ରାଜସ୍ଥାନ: ଜାତି ପ୍ରମାଣପତ୍ରରେ ଦରକାର ହେବନି ବାପାଙ୍କ ନାଁ

**ଜୟପୁର, ୨୬।୧୦(ଆଇଏଏନ୍‌ଏସ୍):** ଜାତି ପ୍ରମାଣପତ୍ରରେ ବାପାଙ୍କ ନାଁ ଉଲ୍ଲେଖ ରହିବା ଜରୁରୀ ହୋଇଥିବାରୁ କେବଳ ମା' ଥିବା ପିଲା ସାର୍ଟିଫିକେଟ ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ସେମାନଙ୍କ ପାଇଁ ବାପାଙ୍କ ନାଁ ଉଲ୍ଲେଖ କରିବା ଆଉ ଆବଶ୍ୟକ ପଡ଼ିବ ନାହିଁ। ମାଆଙ୍କ ନାମରେ ଜାତି ପ୍ରମାଣପତ୍ର ଇସ୍ୟୁ କରିବାକୁ ରାଜସ୍ଥାନ ସରକାର ନିଷ୍ପତ୍ତି ନେଇଛନ୍ତି। ସେହିପରି ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲୁଏସ) ସାର୍ଟିଫିକେଟ ମଧ୍ୟ ମା'ଙ୍କ ନାମରେ ଦିଆଯିବ। ଏଭଳି ନିଷ୍ପତ୍ତି ନେବାରେ ରାଜସ୍ଥାନ ପ୍ରଥମ ରାଜ୍ୟ। ସଂଶୋଧିତ ନିୟମାବଳୀ ଦ୍ୱାରା କେବଳ ମାଆ ଥିବା ପିଲା ବିଭିନ୍ନ ସରକାରୀ ଯୋଜନାରୁ ଉପକୃତ ହେବା ସହ ମହିଳା ସଶକ୍ତୀକରଣ ହୋଇପାରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

### ସମଲିଙ୍ଗୀ ବିବାହକୁ କେନ୍ଦ୍ରର ବିରୋଧ

**ନୂଆଦିଲ୍ଲୀ, ୨୬।୧୦:** ବର୍ତ୍ତମାନର ଆଇନରେ ସମଲିଙ୍ଗୀ ବିବାହ ପଞ୍ଜୀକରଣ ପାଇଁ ଅନୁମତି ଦେବା ଓ ଏହାକୁ ସ୍ୱୀକୃତି ପ୍ରଦାନ ଲାଗି ଦିଲ୍ଲୀ ହାଇକୋର୍ଟରେ ହୋଇଥିବା ଆବେଦନକୁ କେନ୍ଦ୍ର ସରକାର ବିରୋଧ କରିଛନ୍ତି। କେବଳ ପୁରୁଷ ଓ ମହିଳାଙ୍କ ମଧ୍ୟରେ ବିବାହ ବନ୍ଧନକୁ ଆଇନ ସ୍ୱୀକୃତି ଦେଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ପିଟିଶନଗୁଡ଼ିକର ଚୂଡ଼ାନ୍ତ ଶୁଣାଣି ନଭେମ୍ବର ୩୦କୁ ଧାର୍ଯ୍ୟ କରାଯାଇଛି। ହିନ୍ଦୁ ବିବାହ ଆଇନ, ସ୍ୱତନ୍ତ୍ର ବିବାହ ଆଇନ, ବିଦେଶୀ ବିବାହ ଆଇନରେ ସମଲିଙ୍ଗୀ ବିବାହକୁ ବୈଧ କରିବା ଏବଂ ସମ୍ବିଧାନର ଧାରା ୧୪, ୧୫, ୧୯ ଏବଂ ୨୧ରେ ସମଲିଙ୍ଗୀ ବିବାହକୁ ମୌଳିକ ଅଧିକାର ଭାବେ ସ୍ୱୀକୃତି ଦେବା ଲାଗି ୫ଟି ପିଟିଶନ ଦାଏର ହୋଇଥିଲା।

## 'କରୱାଚୌଥ୍' ବିଜ୍ଞାପନ ହଟାଇଲା ଡାବର



ବିବାଦୀୟ 'କରୱାଚୌଥ୍' ବିଜ୍ଞାପନକୁ ନେଇ ଟ୍ରୋଲ୍ ହେବା ପରେ ପ୍ରାଇଭେଟ୍ ଏଫ୍‌ଏମ୍‌ସିଜି କମ୍ପାନୀ ଡାବର ତାହାକୁ ମଙ୍ଗଳବାର ହଟାଇଦେଇଛି। ଏଥିସହ ଏହି ବିଜ୍ଞାପନ ପାଇଁ କମ୍ପାନୀ ନିଃସର୍ତ୍ତ କ୍ଷମା ମାଗିଛି। ସୋସିଆଲ ମିଡିଆରୁ କମ୍ପାନୀର କ୍ୟାମ୍ପେନ୍‌କୁ ହଟାଯାଇଛି। ଲୋକଙ୍କ ଭାବାବେଗକୁ ଅନିଚ୍ଛାକୃତ ଭାବେ ଆଘାତ ପହଞ୍ଚାଇଥିବାରୁ କମ୍ପାନୀ ଏକ ବିବୃତିରେ କ୍ଷମାପ୍ରାର୍ଥନା କରିଛି। ଡାବର ଏହାର ବିଜ୍ଞାପନରେ ଦୁଇ ସମଲିଙ୍ଗୀଙ୍କୁ ପ୍ରଦର୍ଶିତ କରିଥିଲା। ଦୁଇ ଜଣ ଯୁବତୀ କିପରି ପରସ୍ପର ପାଇଁ କରୱାଚୌଥ ପାଳୁଛନ୍ତି ତାହା ଏଥିରେ ଦେଖିବାକୁ ମିଳିଥିଲା। ଏ ନେଇ ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର କମ୍ପାନୀକୁ ସମାଲୋଚନା କରିଥିଲେ। ଆଗକୁ କମ୍ପାନୀ ୨ ପୁରୁଷ ହିନ୍ଦୁ ନୀତି ଅନୁଯାୟୀ 'ଫେରା' ନେଉଥିବା ଦୃଶ୍ୟ ମଧ୍ୟ ଦେଖାଇବ ବୋଲି ସେ କହିଥିଲେ। ଏଭଳି ବିଜ୍ଞାପନ ତୁରନ୍ତ ହଟାଇବା ପାଇଁ ଡାବରକୁ ନିର୍ଦ୍ଦେଶ ଦେବାକୁ ପୋଲିସ କୁହାଯାଇଥିଲା।

## ବିବାହ କଲେ ଜାପାନ ରାଜକୁମାରୀ



ଜାପାନ ରାଜକନ୍ୟା ମାକୋ ତାଙ୍କ କଲେଜ ସହପାଠୀ ପ୍ରେମିକ କେଇ କୋମୁରୋଙ୍କୁ ବିବାହ କରିଛନ୍ତି। ଏକ ସାଧାରଣ ପରିବାରରେ ବିବାହ କରିଥିବାରୁ ମାକୋଙ୍କୁ ରାଜକୀୟ ମାନ୍ୟତା ହରାଇବାକୁ ପଡ଼ିଛି। ମଙ୍ଗଳବାର ଟୋକିଓରେ ଏକ ଖବରଦାତା ସମ୍ମିଳନୀରେ ସେମାନେ ଏଥିପାଇଁ ଦୁଃଖ ପ୍ରକାଶ କରିଛନ୍ତି। ରାଜ ପରିବାର ବାହାରେ ଜଣେ ଛାତ୍ରଙ୍କ ସହ ସମ୍ପର୍କ ରଖିବା ନେଇ ମାକୋ ସମାଲୋଚନାର ସରବ୍ୟ ହୋଇ ଆସୁଥିଲେ, ଯାହା ତାଙ୍କ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥିଲା। ସେମାନେ ବିବାହ କରିସାରିଛନ୍ତି ବୋଲି ଘୋଷଣା କରିବା ସହ ଅନ୍ୟ ପ୍ରଶ୍ନଗୁଡ଼ିକୁ ଏଡ଼ାଇ ଯାଇଥିଲେ। ୨୦୧୮ ନଭେମ୍ବରରେ ସେମାନଙ୍କର ବିବାହ ଅନୁଷ୍ଠିତ ହେବାକୁ ଥିଲା। ତେବେ କୋମୁରୋଙ୍କ ମାଆ ଏକ ଦୁର୍ନୀତିରେ ସମ୍ପୃକ୍ତ ଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିବାହକୁ ସ୍ଥଗିତ ରଖାଯାଇଥିଲା।

# ସମୁଦ୍ର ଗର୍ଭରେ ବୋମା ପରୀକ୍ଷଣ

**ବେଜିଂ, ୨୬।୧୦**



ସୀମା ବିସ୍ତାର କରିବାକୁ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ଚାଇନା ଏବେ ଅନ୍ୟଦେଶ ବନ୍ଦରକୁ ନଷ୍ଟ କରିବା ନିମନ୍ତେ କ୍ଷମତା ବୃଦ୍ଧି କରିଛି। ଚାଇନା ସୈନ୍ୟ ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍‌ଏ) ପ୍ରଥମ କରି ସମୁଦ୍ର ଭିତରେ ବୋମା ପରୀକ୍ଷଣ କରିଛି, ଯାହାକି ଉପକୂଳରୁ ପାଣି ଭିତରେ ନିର୍ମିତ ଢାଞ୍ଚାକୁ ନଷ୍ଟ କରିବାରେ ସକ୍ଷମ। ଏହି ପରୀକ୍ଷଣ ଦ୍ୱାରା ଚାଇନା ଅନେକ ଡାଟା ସଂଗ୍ରହ କରିଛି ଯାହାକୁ ଶତ୍ରୁର ବନ୍ଦର ଉପରେ ଆକ୍ରମଣ ତଥା ଭବିଷ୍ୟତରେ ହେବାକୁ ଥିବା ଯୁଦ୍ଧରେ ବ୍ୟବହାର କରିପାରିବ। ଏହାଦ୍ୱାରା ଶତ୍ରୁଦେଶର ଯୋଗାଣ ଶୃଙ୍ଖଳ ବା ସପ୍ଲାଇ ଲାଇନ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇପାରେ ବୋଲି ସାମରିକ ବିଶେଷଜ୍ଞମାନେ ମତ ରଖିଛନ୍ତି।

ପିଏଲ୍‌ଏ ଅଧୀନରେ ପରିଚାଳିତ ନାଭାଲ ରିସର୍ଚ୍ଚ ଏକାଡେମୀ ଦ୍ୱାରା ଏକ ଅଜ୍ଞାତ ନୌସେନା ବନ୍ଦରରେ ଏହାର ପରୀକ୍ଷଣ ହୋଇଥିବା ଚାଇନା ସେଣ୍ଟ୍ରାଲ ଟେଲିଭିଜନ(ସିସିଟିଭି) ରିପୋର୍ଟ ପ୍ରକାଶ କରିଛି। ଏହି ଶକ୍ତିଶାଳୀ ବିସ୍ଫୋରଣ କୌଣସି ଘାଟି ବା ୱାର୍ଫକୁ ସଫଳତାର ସହ ନଷ୍ଟ କରିବାରେ ସକ୍ଷମ। ପରୀକ୍ଷଣ ପାଇଁ ୱାର୍ଫର ପ୍ରମୁଖ ଷ୍ଟ୍ରକଚରାଲ ପଏଣ୍ଟରେ ଅନେକ ସେନ୍ସର ଲଗାଯାଇଥିଲା। ବିସ୍ଫୋରଣବେଳେ ୧ ହଜାରରୁ ଅଧିକ ଡାଟା ସଂଗ୍ରହ ହୋଇଛି ଯାହା, କୌଣସି ୱାର୍ଫକୁ ନଷ୍ଟ କରିବାରେ କେତେ ଦକ୍ଷ ତାହା ଆକଳନ କରାଯାଇଥିବା ସିସିଟିଭି ରିପୋର୍ଟରେ ଦର୍ଶାଯାଇଛି। ଅଣ୍ଡରୱାଟର ବିସ୍ଫୋରଣ ଭଳି ଗୁପ୍ତ ଉପାୟ ବ୍ୟବହାର ଦ୍ୱାରା ଶତ୍ରୁର ଯୁଦ୍ଧ କ୍ଷମତା ହ୍ରାସ କରାଯାଇପାରିବ ବୋଲି ଏହି ପ୍ରୋଗ୍ରାମର ଉପନିର୍ଦ୍ଦେଶକ ଝାଓ ପେଙ୍ଗ୍‌ୟୁଓ କହିଛନ୍ତି। ଚାଇନାକୁ ଟାର୍ଗେଟ କରୁଥିବା ଆମେରିକାର ନୌସେନାକୁ ପରାସ୍ତ କରିବା ପାଇଁ ଏହି ଯୁଦ୍ଧକୌଶଳ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଗ୍ଲୋବାଲ ଟାଇମ୍ସ ଉଲ୍ଲେଖ କରିଛି। ଅନ୍ୟପକ୍ଷରେ ଆମେରିକା ଏହାର ବିମାନ ପରିବହନକାରୀ ଜାହାଜ ଏବଂ ଚାଇନା ନିକଟବର୍ତ୍ତୀ ବୃହତ୍ ସାମରିକ ପ୍ରତିଷ୍ଠାନ ଆକ୍ରମଣର ଶିକାର ହୋଇପାରେ ବୋଲି ହୃଦ୍‌ବୋଧ କରିଛି। ତେଣୁ ଚାଇନାର ଆକ୍ରମଣକୁ କଷ୍ଟସାଧ କରିବା ପାଇଁ ଆମେରିକା ଏହାର ସୈନ୍ୟବାହିନୀକୁ ପୃଥକ୍ ଭାବେ ଛୋଟ ଛୋଟ ସ୍ଥାନରେ ମୁତୟନ କରୁଛି।

- ■ଶତ୍ରୁ ବନ୍ଦର ଉପରେ ଚାଇନା ନଜର
- ■ଟାର୍ଗେଟରେ ଆମେରିକା ନୌସେନା

### ତାୱାଙ୍ଗରେ ପିଏଲ୍‌ଏର କଡ଼ା ପାଟ୍ରୋଲିଂ



ତାୱାଙ୍ଗ୍, ୨୬।୧୦: ଗତ ବର୍ଷ ଲଦାଖ ସେକ୍ଟରରେ ଭାରତ ସହ ବିବାଦ ପରେ ଚାଇନାର ପିପୁଲ୍ସ ଲିବରେସନ୍ ଆର୍ମି (ପିଏଲ୍‌ଏ) ଅରୁଣାଚଳ ପ୍ରଦେଶର ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂ ଜୋର୍‌ଦାର କରିଛି। ଏହା ସହିତ ଭାରତୀୟ ସୈନ୍ୟ ତଥା ସାମରିକ କାର୍ଯ୍ୟକଳାନ ଉପରେ ନଜର ରଖିବା ପାଇଁ ପିଏଲ୍‌ଏର ବରିଷ୍ଠ ଅଧିକାରୀମାନେ ବାରମ୍ବାର ଏଠାକୁ ଗସ୍ତ କରୁଛନ୍ତି। ତାୱାଙ୍ଗ ସେକ୍ଟରରେ ପିଏଲ୍‌ଏ ଏହାର ଗତିବିଧି ବୃଦ୍ଧି କରିଛି। ପୂର୍ବ ବର୍ଷଗୁଡ଼ିକ ତୁଳନାରେ ୨୦୨୦ ଏବଂ ୨୦୨୧ରେ ପିଏଲ୍‌ଏର ବହୁ ଅଧିକାରୀ ଏହି ସେକ୍ଟର ଗସ୍ତ କରିବା ସହ ପାଟ୍ରୋଲିଂ ବୃଦ୍ଧି ପାଇଛି। ତାୱାଙ୍ଗ୍‌ର ୩ଟି ସେକ୍ଟର ଲଙ୍ଗ୍ରୋଲା, ଜିମିଥାଙ୍ଗ୍ ଏବଂ ବୁମ୍‌ଲାରେ ଗତ ବର୍ଷଠାରୁ ଚାଇନାର ବହୁ ବରିଷ୍ଠ ଅଧିକାରୀ ପହଞ୍ଚିବା ସହ ଟ୍ରେନିଂ କାର୍ଯ୍ୟକ୍ରମ କରିଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ଜିମିଥାଙ୍ଗ୍‌ଠାରେ ସର୍ବାଧିକ ପାଟ୍ରୋଲିଂ ହୋଇଛି। ୨୦୧୯ରେ ପିଏଲ୍‌ଏ ଅଧିକାରୀମାନେ ୩୩ ଥର ସେଠାକୁ ଗସ୍ତ କରିଥିବାବେଳେ ୨୦୨୦ରେ ତାହା ୧୦୨କୁ ବୃଦ୍ଧି ପାଇଛି। ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ୮୪ ଥର ଚାଇନା ଅଧିକାରୀ ସେଠାକୁ ଯାଇସାରିଲେଣି। ଲଙ୍ଗ୍ରୋଲାରେ ଏହି ଗସ୍ତ ସଂଖ୍ୟା ୨୦୧୮ ଓ ୨୦୧୯ରେ ଯଥାକ୍ରମେ ୨୧ ଏବଂ ୧୯ ଥିବାବେଳେ ୨୦୨୦ରେ ତାହା ୩୪ ରହିଛି। ଚଳିତ ସେପ୍ଟେମ୍ବର ସୁଦ୍ଧା ଲଙ୍ଗ୍ରୋଲକୁ ୨୦ ଏବଂ ବୁମ୍‌ଲାକୁ ମଧ୍ୟ ୨୦ ଥର ଆସିସାରିଲେଣି ପିଏଲ୍‌ଏ ଅଧିକାରୀ।

### ଶିକ୍ଷା ବ୍ୟବସ୍ଥାକୁ ଦାୟୀ କରି ଛାତ୍ରଙ୍କ ଆତ୍ମହତ୍ୟା

**ବେଙ୍ଗାଲୁରୁ, ୨୬।୧୦**

ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାକୁ ବିରୋଧ କରି କର୍ଣ୍ଣାଟକ ହାସନ ଜିଲାର ଜଣେ ଇଞ୍ଜିନିୟରିଂ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଜୀବନ ହାରିବା ପୂର୍ବରୁ ସେ ଏକ ଭିଡିଓ ରେକର୍ଡିଂ କରି ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଲାଗି ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ, ବିଭିନ୍ନ ଦଳର ପ୍ରମୁଖ ନେତା ଏବଂ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ଅନୁରୋଧ କରିଛନ୍ତି। ଛାତ୍ର ଜଣକ ୨୫ ତାରିଖରେ ହଷ୍ଟେଲ ରୁମ୍‌ରେ ଆତ୍ମହତ୍ୟା କରିଥିଲେ। ସେ ରେକର୍ଡ କରିଥିବା ଭିଡିଓ ତା' ପରଦିନ ପୋଲିସକୁ ମିଳିଥିଲା। ୧୩ ମିନିଟରେ ଉକ୍ତ ଭିଡିଓରେ ଛାତ୍ର ଜଣକ କହିଛନ୍ତି, ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା କୌଣସି କାମକୁ ନୁହେଁ। ଏହା ବଦଳିବା ଆବଶ୍ୟକ। ଭିଡିଓକୁ ବିଭିନ୍ନ ନ୍ୟୁଜ୍ ଚ୍ୟାନେଲ ଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବା ଲାଗି ସେ ଅନୁରୋଧ କରିବା ସହ ତାଙ୍କ ଅଙ୍ଗକୁ ଦାନ କରିବା ପାଇଁ କହିଥିଲେ। ଏଥିସହିତ ତାଙ୍କ ଶେଷକୃତ୍ୟ ବେଳେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ସାଧୁସନ୍ଥମାନେ ଉପସ୍ଥିତ ରହିବାକୁ ସେ ନିବେଦନ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଲଖିମ୍‌ପୁର ଖେରି ହିଂସା ମାମଲା
### ସାକ୍ଷୀଙ୍କୁ ସୁରକ୍ଷା ଦେବାକୁ ୟୁପି ସରକାରଙ୍କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୬।୧୦**

ଉତ୍ତରପ୍ରଦେଶର ଲଖିମ୍‌ପୁର ଖେରି ହିଂସା ମାମଲାରେ ସାକ୍ଷୀମାନଙ୍କୁ ସୁରକ୍ଷା ଯୋଗାଇଦେବା ନିମନ୍ତେ ସୁପ୍ରିମକୋର୍ଟ ମଙ୍ଗଳବାର ୟୁପି ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୩ ତାରିଖରେ ଉକ୍ତ ଅଞ୍ଚଳରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇ ୪ ଜଣଙ୍କୁ ହତ୍ୟା କରାଯାଇଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୮କୁ ଧାର୍ଯ୍ୟ କରାଯାଇଛି। ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ତଦନ୍ତର ଷ୍ଟାଟସ୍ ରିପୋର୍ଟ ମାଗିବା ସହ ଡିଜିଟାଲ ଡାଟାଗୁଡ଼ିକର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ଖଣ୍ଡପୀଠ ଫୋରେନ୍‌ସିକ୍ ଲାବରେଟୋରିକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ମାମଲା ସହ ସମ୍ପୃକ୍ତ ଅଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି।

## ମେଡିକାଲ ଛାତ୍ରୀଙ୍କ ନାଁରେ ୟୁଏପିଏ ମାମଲା

**ଶ୍ରୀନଗର/ଜୟପୁର, ୨୬।୧୦**

- ■ପାକିସ୍ତାନର ବିଜୟରେ ଉତ୍ସବ ମନାଇଥିଲେ
- ■ରାଜସ୍ଥାନରେ ଶିକ୍ଷୟିତ୍ରୀଙ୍କ ଚାକିରି ଗଲା

ଶ୍ରୀନଗରର ମେଡିକାଲ କଲେଜର କେତେଜଣ ଛାତ୍ରୀଙ୍କ ବିରୋଧରେ ଆତଙ୍କବାଦ ନିରୋଧୀ ଆଇନ ଏବଂ ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନ (ୟୁଏପିଏ)ରେ ମାମଲା ରୁଜୁ ହୋଇଛି। ଗତ ରବିବାର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତ ବିରୋଧରେ ପାକିସ୍ତାନ କ୍ରିକେଟ ଟିମ୍‌ର ବିଜୟରେ ସେମାନେ ବାଣ ଫୁଟାଇ ଉତ୍ସବ ମନାଇଥିଲେ। ମେଡିକାଲ କଲେଜ ଶ୍ରୀନଗର ଏବଂ ଶେରେ କଶ୍ମୀର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଛାତ୍ରୀନିବାସରେ ଛାତ୍ରୀମାନେ ଉତ୍ସବ ମନାଇବା ସହ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଅନ୍ୟ ଏକ ଘଟଣାରେ ରାଜସ୍ଥାନ ଉଦୟପୁରର ଏକ ଘରୋଇ ସ୍କୁଲର ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ବହିଷ୍କାର କରାଯିବା ସହ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପାକିସ୍ତାନର ବିଜୟ ପରେ ନଫିସା ଅଟ୍ଟାରି ନାମ୍ନୀ ଉକ୍ତ ଶିକ୍ଷୟିତ୍ରୀ 'ଆମେ ଜିତିଗଲୁ' ବୋଲି ହ୍ୱାଟ୍ସଆପ୍‌ରେ ମେସେଜ୍ ଛାଡ଼ିଥିଲେ, ଯାହାର ସ୍କ୍ରିନ୍ ଶଟ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।



ତେଲ ଓ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ମହାରାଷ୍ଟ୍ରର କରାଦଠାରେ ବଳିରାଜା ସେଥ୍‌କରି ସଂଗଠନ ପକ୍ଷରୁ ଚୁଲିରେ ଚା ତିଆରି କରି ବିକ୍ଷୋଭ।

# ଦ୍ୱିତୀୟ ଡୋଜ୍ ଟିକା ନେଇନାହାନ୍ତି ୧୧ କୋଟି

**ନୂଆଦିଲ୍ଲୀ, ୨୬।୧୦**

ଦେଶର ସାବାଳକ ଜନସଂଖ୍ୟାର ୭୬ ପ୍ରତିଶତରୁ ଉର୍ଦ୍ଧ୍ୱ କୋଭିଡ୍ ଟିକାର ଅନ୍ୟୁନ ଗୋଟିଏ ଡୋଜ୍ ନେଇଥିବାବେଳେ ମାତ୍ର ୩୨ ପ୍ରତିଶତ ଦୁଇଟି ଡୋଜ୍ ନେଇଥିବା ଜଣାପଡ଼ିଛି। ଧାର୍ଯ୍ୟ ସମୟ ଅତିକ୍ରମ କରିଥିଲେ ମଧ୍ୟ ୧୧ କୋଟି ଲୋକ ଦ୍ୱିତୀୟ ଡୋଜ୍ ନେଇନାହାନ୍ତି। ସଂକ୍ରମଣ କମିଥିବାରୁ ଅଧିକାଂଶ ଦ୍ୱିତୀୟ ଡୋଜ୍ ନେବା କଥା ଭୁଲିଯାଇଛନ୍ତି କିମ୍ବା ନେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହାକୁ ନେଇ ସରକାର ଚିନ୍ତା ପ୍ରକଟ କରିଥିବାବେଳେ ଏଭଳି ସମସ୍ୟାର କାରଣ ସମ୍ପର୍କରେ ଆଲୋଚନା କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖଲାଲ୍ ମାଣ୍ଡବ୍ୟ ବୁଧବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ବୈଠକ ଡାକିଛନ୍ତି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ରାଜ୍ୟଗୁଡ଼ିକୁ ୧୦୭ କୋଟିରୁ ଉର୍ଦ୍ଧ୍ୱ ଡୋଜ୍ ଟିକା ଯୋଗାଇଦେଇଛନ୍ତି। ସେଥିରୁ ୧୨.୩୭ କୋଟିରୁ ଅଧିକ ଡୋଜ୍ ବ୍ୟବହାର ନ ହୋଇ ରାଜ୍ୟଗୁଡ଼ିକ ନିକଟରେ ପଡ଼ିରହିଛି। ଯଦିଓ ଗତ ସପ୍ତାହରେ ଭାରତରେ କୋଭିଡ୍ ଟିକାଦାନ ୧୦୦ କୋଟି ଡୋଜ୍ ଟପିଛି, ବହୁସଂଖ୍ୟାରେ ଲୋକ ଦ୍ୱିତୀୟ ଡୋଜ୍ ନେଇ ନ ଥିବାରୁ ଏହା ସରକାରଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। କୋୱିନ୍ ପ୍ଲାଟ୍‌ଫର୍ମରେ ଉପଲବ୍ଧ ତଥ୍ୟରୁ ଦ୍ୱିତୀୟ ଡୋଜ୍ ନେବାକୁ ଥିବା ହିତାଧିକାରୀମାନଙ୍କ ତାଲିକା ପ୍ରସ୍ତୁତ କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଦୁଇଦିନ ପୂର୍ବରୁ କୋଭିଡ୍ ଟିକାକରଣ ସମୀକ୍ଷା ବୈଠକରେ ରାଜ୍ୟଗୁଡ଼ିକୁ କହିଥିଲେ।



ନୂଆଦିଲ୍ଲୀର ବୁରାରିଠାରେ ମଙ୍ଗଳବାର ଏକ ସ୍ୱତନ୍ତ୍ର ଟିକାକରଣ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଓ ଭାଜପା ଏମ୍‌ପି ମନୋଜ ତିୱାରୀ।

### ଆଜି ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ବୈଠକ

### କର୍ଣ୍ଣାଟକରେ ନୂଆ କୋଭିଡ୍ ଭାରିଆଣ୍ଟ

**ବେଙ୍ଗାଲୁରୁ, ୨୬।୧୦**

କର୍ଣ୍ଣାଟକରେ ୭ ଜଣଙ୍କଠାରେ କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଏୱାଇ ୪.୨ ଚିହ୍ନଟ ହୋଇଛି। ଉକ୍ତ ଭାରିଆଣ୍ଟ ଯୋଗୁ ରାଜ୍ୟରେ ମହାମାରୀର ଦ୍ୱିତୀୟ ଲହର ଆସିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ନୂଆ ଭାରିଆଣ୍ଟ ସଂକ୍ରମଣ ରୋକିବା ଦିଗରେ ପ୍ରଶାସନ ଏବେ ପ୍ରତିକାର କାର୍ଯ୍ୟଯୋଜନା ପ୍ରସ୍ତୁତି ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ମଙ୍ଗଳବାର ଏନେଇ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। ତେବେ ନୂଆ ଭାରିଆଣ୍ଟକୁ ନେଇ ଭୟଭୀତ ନ ହେବାକୁ ଶିକ୍ଷାମନ୍ତ୍ରୀ ବି.ସି. ନାଗେଶ କହିଛନ୍ତି।

## ୩ ନୌସେନା ଅଧିକାରୀ ଗିରଫ

**ନୂଆଦିଲ୍ଲୀ, ୨୬।୧୦**

ଏକ ବୁଡ଼ାଜାହାଜ ଆଧୁନିକୀକରଣ ପ୍ରକଳ୍ପ ସହିତ ଜଡ଼ିତ ସମ୍ବେଦନଶୀଳ ସୂଚନା ଲିକ୍ କରିବା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ମଙ୍ଗଳବାର ଭାରତୀୟ ନୌସେନାର ୩ ଅଧିକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ କମାଣ୍ଡର ର୍‍ୟାଙ୍କ୍‌ର ଜଣେ ଅଫିସର ରହିଛନ୍ତି। ସୂଚନା ଅନୁସାରେ ନୌସେନାରେ ଥିବା ଜଣେ ଅଧିକାରୀ ଅବସରପ୍ରାପ୍ତ ୨ ଅଫିସରଙ୍କୁ ଗୁପ୍ତ ତଥ୍ୟ ଦେଉଥିଲେ। ଗୋଇନ୍ଦା ସୂଚନାରୁ ଏହା ଜଣାପଡ଼ିବା ପରେ ସିବିଆଇ ତଦନ୍ତ କରିଥିଲା। କାର୍ଯ୍ୟରତ ଅଫିସର ଜଣକ ମୁମ୍ବାଇରେ ନିଯୁକ୍ତି ପାଇଥିବାବେଳେ ସିବିଆଇ ସେଠାରୁ ହିଁ ତାଙ୍କୁ ଗିରଫ କରିଛି। ଭାଇସ୍ ଆଡମିରାଲଙ୍କ ତତ୍ତ୍ୱାବଧାନରେ ଘଟଣାର ଅଧିକ ତଦନ୍ତ ପାଇଁ ନୌସେନା ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି।

### ତଥ୍ୟ ଲିକ୍ ଅଭିଯୋଗ

## ପଦୋନ୍ନତିରେ ସଂରକ୍ଷଣ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ, ୨୬।୧୦**

ସରକାରୀ ଚାକିରିରେ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀମାନଙ୍କୁ ପଦୋନ୍ନତି ପ୍ରଦାନରେ ସଂରକ୍ଷଣ ପ୍ରଦାନ ପ୍ରସଙ୍ଗରେ ସୁପ୍ରିମକୋର୍ଟ ରାୟକୁ ସଂରକ୍ଷିତ ରଖିଛନ୍ତି। ମଙ୍ଗଳବାର ଜଷ୍ଟିସ୍ ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିଥିଲେ। ୭୫ ବର୍ଷ ହେଲା ଏସ୍‌ସି ଏବଂ ଏସ୍‌ଟିମାନଙ୍କୁ ସଂରକ୍ଷଣ ସୁବିଧା ଦିଆଯିବା ପରେ ମଧ୍ୟ ସେମାନେ ଉଚ୍ଚଜାତିର ମେଧା ସ୍ତରକୁ ଆସିପାରି ନାହାନ୍ତି। ଗ୍ରୁପ୍ ଏ ବର୍ଗର ଉଚ୍ଚ ପଦବୀରେ ନିଯୁକ୍ତି ପାଇବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ତେଣୁ ଖାଲି ପଦବୀ ପୂରଣ ନିମନ୍ତେ ଏସ୍‌ସି, ଏସ୍‌ଟିଙ୍କ ସମେତ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ସୁବିଧା ଦେବା ଆବଶ୍ୟକ ବୋଲି ବେଣୁଗୋପାଳ ପୂର୍ବରୁ ଅଦାଲତଙ୍କୁ ଜଣାଇଥିଲେ।

# କଲେଜ ହଷ୍ଟେଲରେ ଛାତ୍ରୀଙ୍କ ଆତ୍ମହତ୍ୟା

ବଲାଙ୍ଗୀର ଅଫିସ/ଲୋଇସିଂହା, ୨୬।୧୦ (ଡି.ଏନ୍.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସକ୍‌ମା ଗାଁରେ ଥିବା ଏକ ଘରୋଇ କଲେଜ ହଷ୍ଟେଲରେ ଜଣେ ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଛାତ୍ରୀ ଜଣକ ହଷ୍ଟେଲ ଭିତରେ ପଙ୍ଖାରେ ଓଢ଼ଣୀ ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତା ଛାତ୍ରୀ ଜଣକ ବରଗଡ ଜିଲା ବୁଡେନ୍ ଥାନା ଅନ୍ତର୍ଗତ ଦହିତା ଗ୍ରାମର ଆଶା ମେହେର (୧୭) । ଖବର ପାଇବା ପରେ ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ତଦନ୍ତ ଆରମ୍ଭ କରିଛି। ଖବର ପାଇ ମୃତା ଛାତ୍ରୀଙ୍କ ପରିବାର ଲୋକେ ଘଟଣାସ୍ଥଳକୁ ଆସିଥିଲେ। ଏନେଇ ଏସ୍‌ଡିପିଓ ତୋଫାନ୍ ବାଗଙ୍କୁ ପଚରାଯିବାରୁ ଛାତ୍ରୀ ଜଣକ ଆତ୍ମହତ୍ୟା କରିଛନ୍ତି ଓ ସେନେଇ ତଦନ୍ତ ଚାଲିଛି ବୋଲି କହିଛନ୍ତି। ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପଠାଯାଇଛି। ଲୋଇସିଂହା ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଅଲିଭ୍ ରିଡ୍‌ଲେ ପ୍ରଜନନ: ୧ରୁ କଟକଣା

■ ୨୦୨୨ ମେ’ ୩୧ ପର୍ଯ୍ୟନ୍ତ ସମୁଦ୍ରରେ ମାଛଧରା ନିଷେଧ

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)

ଚଳିତବର୍ଷ ଅଲିଭ୍ ରିଡ୍‌ଲେ ପ୍ରଜନନ ଋତୁରେ ଏମାନଙ୍କ ସଂରକ୍ଷଣ ଓ ସୁରକ୍ଷା ପାଇଁ ବ୍ୟାପକ ପ୍ରଶାସନିକ ପ୍ରସ୍ତୁତି ହୋଇଛି। ନଭେମ୍ବର ୧ରୁ ୨୦୨୨ ମେ’ ୩୧ ପର୍ଯ୍ୟନ୍ତ କଟକଣା ଲାଗିବ। ଧାମରା, ଦେବୀ ଓ ଋଷିକୁଲ୍ୟା ନଦୀ ମୁହାଣ ନିକଟରେ ସମୁଦ୍ର ଉପକୂଳରୁ ୨୦ କି.ମି. ପର୍ଯ୍ୟନ୍ତ ନିର୍ଦ୍ଧାରିତ ଅଞ୍ଚଳ ମଧ୍ୟରେ ମାଛମରାକୁ ନିଷେଧ କରାଯାଇଛି। ସେହିପରି ଯନ୍ତ୍ର ଚାଳିତ ଡଙ୍ଗା, ଟ୍ରଲର ବା ଯାନ୍ତ୍ରିକ କୌଶଳରେ ମାଛମରାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ତେବେ ବିନା ମୋଟର ବୋଟ୍‌ରେ ପାରମ୍ପରିକ ଢଙ୍ଗରେ ମାଛ ଧରୁଥିବା ମତ୍ସ୍ୟଜୀବୀଙ୍କୁ ଅଯଥାରେ ଅସୁବିଧାରେ ନ ପକାଇବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଅଲିଭ୍ ରିଡ୍‌ଲେ ସଂରକ୍ଷଣ ନିମନ୍ତେ ମଙ୍ଗଳବାର ରାଜ୍ୟ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଥିଲା। ଅଲିଭ୍ ରିଡ୍‌ଲେ ସଂରକ୍ଷଣ କାର୍ଯ୍ୟରେ



ସାମାଜିକ ଅନୁଷ୍ଠାନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ସାମିଲ କରି ସଚେତନତା ଓ ସୁରକ୍ଷା କାର୍ଯ୍ୟକ୍ରମକୁ ଏକ ଲୋକ-ଅଭିଯାନରେ ପରିଣତ କରାଯିବ। କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ଡିଆର୍‌ଡିଓ ଏବଂ ଉପକୂଳବର୍ତ୍ତୀ ୩ ବନ୍ଦର କର୍ତ୍ତୃପକ୍ଷ ସଂରକ୍ଷଣ ନିୟମକୁ କଡ଼ାକଡ଼ି ଅନୁପାଳନ କରିବା ସହ ରାତିରେ ତୀବ୍ର ଆଲୋକ ରଶ୍ମିକୁ ଅବନତ କରିବେ। ମିଳିତ ଅପରେଶନ ନିମନ୍ତେ ଆବଶ୍ୟକ ସହଯୋଗ ଯୋଗାଇଦେବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ବନ୍ଦର କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନର ବୈଜ୍ଞାନିକ ଡ. ଶିବ କୁମାର ଓ ବିଶେଷଜ୍ଞ ଡ. ପ୍ରିୟମ୍ବଦା ମହାନ୍ତି(ହେଜମାଦି) କହିଲେ, ଓଡ଼ିଶାର ଆନ୍ତଃ ବିଭାଗୀୟ ଟିମ୍ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ସମନ୍ୱିତ ସୁରକ୍ଷା ମଡେଲ ଆନ୍ତର୍ଜାତିକ ସ୍ତରରେ ପ୍ରଶଂସିତ ହେବା ସହିତ ସର୍ବଶ୍ରେଷ୍ଠ ପ୍ରମାଣିତ ହୋଇଛି। ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କହିଲେ, ଚଳିତ ବର୍ଷ କଇଁଛ ସୁରକ୍ଷା ନିମନ୍ତେ ଭଦ୍ରକ, ରାଜନଗର, ପୁରୀ ଓ ବ୍ରହ୍ମପୁର ଆଦି ୪ଟି ବନ୍ୟଜନ୍ତୁ ବନଖଣ୍ଡକୁ ସମୁଦାୟ ୫ ତୀବ୍ରଗତି ସମ୍ପନ୍ନ ବୋଟ୍ ସହ ୧୩ ଟ୍ରଲର ଏବଂ ସହାୟକ ବୋଟ୍ ଯୋଗାଇ ଦିଆଯାଇଛି। ସେହିପରି ୬୬ଟି ପାଟ୍ରୋଲିଂ କ୍ୟାମ୍ପ କରାଯିବ। ପିସିସିଏଫ୍(ବନ୍ୟଜନ୍ତୁ) ଶଶୀ ପଲ୍ କହିଲେ, ଗତବର୍ଷ ଗହୀରମଥା ଉପକୂଳରେ ପ୍ରାୟ ୩.୫ଲକ୍ଷ କଇଁଛ ଅଣ୍ଡାଦେଇଥିଲେ। ଗତ ମାର୍ଚ୍ଚ ୧୦ରୁ ମାର୍ଚ୍ଚ ୨୪ ମଧ୍ୟରେ ସାମୂହିକ ଅଣ୍ଡାଦାନ ହୋଇଥିଲା। ପ୍ରବର୍ତ୍ତନ କାର୍ଯ୍ୟରେ ୩୮ ଟ୍ରଲର୍ ସିଜ୍ ସହ ୨୦୨ ଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିଲା। ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଶାସନ ସଚିବ ଆର୍.ରଘୁ ପ୍ରସାଦ କହିଲେ, ମତ୍ସ୍ୟଜୀବୀ ଏବଂ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ନିମନ୍ତେ ଏକ ମୋବାଇଲ୍ ଆପ୍ ପ୍ରସ୍ତୁତ କରାଯାଇଛି। ଏହି ଆପ୍ ମାଧ୍ୟମରେ ମତ୍ସ୍ୟଜୀବୀମାନେ ମାଛମରା ନିଷିଦ୍ଧ ଅଞ୍ଚଳର ସୀମା ଦେଖିପାରିବେ। ନିଷିଦ୍ଧ ଅଞ୍ଚଳକୁ ପଶିବା କ୍ଷଣି ଉକ୍ତ ଆପ୍ ଆଲର୍ଟ ମେସେଜ୍ ଦେବ। ବୈଠକରେ ପିସିସିଏଫ୍ ଶିଶିର କୁମାର ରଥଙ୍କ ସମେତ ତଟ ସୁରକ୍ଷା ବାହିନୀ କମାଣ୍ଡାଣ୍ଟ, ବନ୍ୟଜନ୍ତୁ ସଂରକ୍ଷଣ ଅନୁଷ୍ଠାନର ନିର୍ଦ୍ଦେଶକ ଓ ବୈଜ୍ଞାନିକଙ୍କ ସମେତ ଡିଆର୍‌ଡିଓ, ଆଇଟିଆର୍, ୩ ବନ୍ଦରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୩ ଅଭିଯୁକ୍ତଙ୍କ ଲାଏ ଡିଟେକ୍ସନ ଟେଷ୍ଟ

**ମନୀଷ ଅନୁରାଗ ହତ୍ୟା ମାମଲା**

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ବଡ଼ପୁଅ ମନୀଷ ଅନୁରାଗ ହତ୍ୟା ମାମଲାରେ କମିଶନରେଟ ପୋଲିସ ୩ ଅଭିଯୁକ୍ତଙ୍କୁ ୪ ଦିନିଆ ରିମାଣ୍ଡରେ ଆଣି ମାରାଥନ ଜେରା କରିଥିଲେ ବି ସେଭଳି କିଛି ବଡ଼ ତଥ୍ୟ ପାଇ ନ ଥିଲା। ସେମାନଙ୍କ କଥାରେ ତାଳମେଳ ନ ଥିଲା। ତେଣୁ ପ୍ରକୃତ ସତ୍ୟାସତ୍ୟ ଜାଣିବା ପାଇଁ ୩ ଅଭିଯୁକ୍ତଅମ୍ରିତ ପ୍ରୀତମ ବିଶ୍ୱାଳ, ଦୀନେଶ କୁମାର ମହାପାତ୍ର ଓ ମୃତ୍ୟୁଞ୍ଜୟ ମିଶ୍ରଙ୍କୁ ମଙ୍ଗଳବାର ଜେଲ୍‌ରୁ ଆଣି ରାଜ୍ୟ ଫରେନ୍‌ସିକ୍ ଲାବ୍‌ରେ ଲାଏ ଡେଟେକ୍ସନ୍ ଟେଷ୍ଟ କରିଛି।

କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଇନ୍‌ଫୋସିଟି ଥାନା ପୋଲିସର ଏକ ଟିମ୍ ଅଭିଯୁକ୍ତମାନଙ୍କୁ ଧରି ସକାଳ ୯ଟା ୩୦ରେ ଫରେନ୍‌ସିକ୍ ଲାବ୍‌କୁ ପ୍ରବେଶ କରିଥିଲା। ସାଢ଼େ ୭ ଘଣ୍ଟା ପରେ ଅର୍ଥାତ୍ ପ୍ରାୟ ୫ଟାରେ ଲାବରୁ ଅଣାଯାଇଥିଲା। ତେବେ ଏହିସମୟ ଭିତରେ ପୃଥକପୃଥକ ଭାବେ ୩ଜଣଙ୍କୁ ପ୍ରଶ୍ନ ପଚରା ଯାଇଥିଲା। ଅଧିକାଂଶ ପ୍ରଶ୍ନ ସମାନ ଥିଲା। ମନୀଷଙ୍କ ସହିତ ସାଙ୍ଗମାନଙ୍କର ସାଉଥ୍ ସିଟି ହୋଟେଲରେ କ’ଣ ଘଟିଥିଲା, ତାଙ୍କ ଭିତରେ ବିଲ୍ ପେମେଣ୍ଟକୁ ନେଇ କାହିଁକି ଝଗଡ଼ା ହେଲା, ହୋଟେଲରୁ ମନୀଷ କାହିଁକି ଏକୁଟିଆ ବାହାରି ଚାଲି ଆସିଥିଲେ, ରାସ୍ତାର କେଉଁଠି ଓ କ’ଣ ପାଇଁ ଝଗଡ଼ା ହେଲା, ମନୀଷଙ୍କୁ କିଏ ପ୍ରଥମେ ଆକ୍ରମଣ କଲେ, କାହା ମାଡ଼ରେ ତାଙ୍କର ମୃତ୍ୟୁ ହେଲା, ଠେଲାପେଲାର ଘଟଣାସ୍ଥଳ କେଉଁଠି, ହତ୍ୟା ପରେ ସେମାନେ କିପରି ପୋଖରୀରେ ମନୀଷଙ୍କୁ ଫୋପାଡି ଥିଲେ, ଏଭଳି ବିଭିନ୍ନ ଦିଗକୁ ନେଇ ଏକାଧିକ ପ୍ରଶ୍ନ ପଚରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

ଏନେଇ ଡିସିପି ଉମାଶଙ୍କର ଦାଶ ଗଣମାଧ୍ୟମକୁ କହିଛନ୍ତି, ଅଭିଯୁକ୍ତଙ୍କ ଲାଏ ଡିଟେକ୍ସନ୍ ରିପୋର୍ଟ ଆସିଲା ପରେ ତଦନ୍ତ ଆହୁରି ଆଗେଇବ। ଏହି ରିପୋର୍ଟ କୋର୍ଟଙ୍କୁ ଦିଆଯିବ ନାହିଁ। ଏହା କେବଳ



ତଦନ୍ତରେ ସାହାଯ୍ୟ କରିବ। ଅନ୍ୟପକ୍ଷରେ ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହୋଇଥିଲେ ବି ଏହା ଗଣମାଧ୍ୟମକୁ ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

ଗତ ୯ ତାରିଖ ୫ ଟାରେ ମନୀଷଙ୍କୁ ଅଭିଯୁକ୍ତ ଅମ୍ରିତ ଫୋନ କରି ଡାକିବା ସହ ୨ସାଙ୍ଗ ମୃତ୍ୟୁଞ୍ଜୟ ଓ ଦୀନେଶଙ୍କ ସହ ଏକ ବ୍ୟାଚଲର ପାର୍ଟିରେ ଯିବାକୁ କହି କାରରେ ଆଣିଥିଲେ। ବିଳମ୍ବିତ ରାତିରେ ସାଉଥ ସିଟି ହୋଟେଲ ଆଣ୍ଡ ବାର୍‌କୁ ଯାଇଥିଲେ। ସେଠାରେ ବିଲ୍ ଦେବାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ମନୀଷ ମା’ଙ୍କୁ ଫୋନ୍ କରି ଅନ୍‌ଲାଇନରେ ୮ହଜାର ଟଙ୍କା ମଗାଇ ବିଲ୍ ଦେଇଥିଲେ। ରାତି ୩ଟା ୨୯ରେ ମନୀଷ ଏକୁଟିଆ ହୋଟେଲ ବାହାରକୁ ଯିବାପରେ ଅଭିଯୁକ୍ତମାନେ ତାଙ୍କୁ ହତ୍ୟା କରି ପାତ୍ରପଡ଼ା ପୋଖରୀରେ ଫିଙ୍ଗିଦେଇଥିଲେ। କମିଶନରେଟ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଇଥିଲା। ଗତ ୧୮ ତାରିଖରେ ୪ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା। ଘଟଣା ଦିନ ସମସ୍ତେ ନିଶାରେ ଥିବାରୁ କେହି ହତ୍ୟା ସମ୍ପର୍କରେ ଅଧିକ କିଛି କହିପାରି ନ ଥିଲେ। ତେଣୁ ଲାଏ ଡିଟେକ୍ସନ ଟେଷ୍ଟ କରିବା ପାଇଁ ପୋଲିସ ଯୋଜନା କରିଥିଲା।

# ଧର୍ମେନ୍ଦ୍ରଙ୍କୁ ଭେଟିଲେ କ୍ଷୁଦ୍ର ଗ୍ରହ ଆବିଷ୍କାରକ ବନୀତା



ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସହ ବନୀତା।

ନବରଙ୍ଗପୁର, ୨୬।୧୦(ବି.ପ୍ର.)

କ୍ଷୁଦ୍ର ଗ୍ରହର ଆବିଷ୍କାରକ ନବରଙ୍ଗପୁରର ଓଡିଆ ଝିଅ ବନୀତା ଦାସ ମଙ୍ଗଳବାର ନୂଆ ଦିଲ୍ଲୀରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରିଛନ୍ତି। ମନ୍ତ୍ରୀ ପ୍ରଧାନ ବନୀତାଙ୍କୁ ସାଧୁବାଦ ଜଣାଇଛନ୍ତି। କ୍ଷୁଦ୍ର ଗ୍ରହ ଆବିଷ୍କାର କରି ବନୀତା ଓଡିଆ ମାଟିକୁ ଗର୍ବିତ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଭବିଷ୍ୟତରେ ଜଣେ ମହାକାଶ ବିଜ୍ଞାନୀ ହୋଇ ମାନବ ସେବା କରିବାକୁ ଧର୍ମେନ୍ଦ୍ର ତାଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରକାଶ ଯେ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତାଙ୍କ ନିମନ୍ତ୍ରଣକ୍ରମେ ବନୀତା ନୂଆଦିଲ୍ଲୀସ୍ଥିତ ଡିଆର୍‌ଡିଓ ତଥା ବିଭିନ୍ନ ଗବେଷଣା ସଂସ୍ଥାକୁ ଗସ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ନବରଙ୍ଗପୁର ଝିଅ ବନୀତା ମଧ୍ୟପ୍ରଦେଶର ଅନୁପୁରର ଜବାହର ନବୋଦୟ ବିଦ୍ୟାଳୟରେ ପଢୁଛନ୍ତି। ଚଳିତ ବର୍ଷ ଜାନୁଆରୀ ୨୦୨୧ରେ ଖାଗୋଲାଲା ଆଷ୍ଟ୍ରଏଡ ସର୍ଚ୍ଚ ଅଭିଯାନ (କେଏଏସ୍‌ସି)ରେ ସେ ଯୋଗ ଦେଇଥିଲେ। ଯେଉଁଠାରେ ଜବାହର ନବୋଦୟ ବିଦ୍ୟାଳୟର ପିଲାମାନଙ୍କୁ ଆଷ୍ଟ୍ରଏଡ ଚିହ୍ନଟ ତାଲିମ ଦିଆଯାଇଥିଲା। ସେ ହାୱାଇରେ ଅବସ୍ଥିତ ଏକ ଟେଲିସ୍କୋପ ବ୍ୟବହାର କରି ଆଷ୍ଟ୍ରଏଡ୍ ଆବିଷ୍କାର କରିଥିଲେ। ନାସା, ହାର୍ଡିନ୍-ସିମନ୍ସ ୟୁନିଭରସିଟି ଏବଂ ଆନ୍ତର୍ଜାତୀୟ ଜ୍ୟୋର୍ତିବିଜ୍ଞାନ ସନ୍ଧାନ ସହଯୋଗରେ ଉକ୍ତ ଗ୍ରହକୁ ସ୍ୱୀକୃତି ଦିଆଯାଇଛି।

# ୩୩ ମାଛର ଦାମ୍ ୧ କୋଟି



ଭୋଗରାଇ, ୨୬।୧୦(ଡି.ଏନ.ଏ.)

୩୩ଟି ମାଛର ଦାମ୍ ୧ କୋଟି ଟଙ୍କା। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଏହି ମାଛଗୁଡ଼ିକୁ ବଙ୍ଗୋପସାଗର ପଶ୍ଚିମବଙ୍ଗ ଦୀଘା ଉପକୂଳରୁ ଧରାଯାଇ ଟ୍ରଲର ଯୋଗେ ଦୀଘା ମାଛ ମାର୍କେଟ୍‌କୁ ଅଣାଯାଇ ବିକ୍ରି କରାଯାଇଛି। କୋଲକାତା ବାୟୋଟେକ୍ କମ୍ପାନୀର ସୁଭାଷ ରାନା ନାମକ କର୍ମଚାରୀ ଏହି ବିରଳ ପ୍ରଜାତିର ମାଛକୁ ନିଲାମରେ କିଣିଛନ୍ତି। ଉକ୍ତ ମାଛର ପେଟଅଂଶରେ ଏକ ବ୍ଲାଡ଼ାର ରହୁଥିବାରୁ ଔଷଧୀୟ କାର୍ଯ୍ୟରେ ବ୍ୟବହାର ହୋଇଥାଏ। ଉଲ୍ଲେଖଯୋଗ୍ୟ, ଗତ ଜୁଲାଇ ୭ତାରିଖରେ ୬୨ଟି ତେଲିଆ ମାଛକୁ ୧କୋଟିରେ ବିକ୍ରି କରାଯାଇଥିଲା। ଗୋଟିଏ ମାଛର ଓଜନ ୨୨ରୁ ୨୫ କେଜି ରହିଛି।

# ଖାଦ୍ୟ ନିରାପତ୍ତା ପ୍ରମାଣପତ୍ର ନେବା ବାଧ୍ୟତାମୂଳକ

ଭୁବନେଶ୍ୱର,୨୬।୧୦

ଦୁଗ୍ଧ, ଦୁଗ୍ଧଜାତ ସାମଗ୍ରୀ, ମାଂସ, କୁକୁଡା, ମାଛ, ସାମୁଦ୍ରିକ ଖାଦ୍ୟ ସାମଗ୍ରୀ, ପାଣି ପ୍ୟାକେଟ, ତେଲ, ବେକରି, ଷ୍ଟ୍ରିଟ ଫୁଡ୍ ଭେଣ୍ଡିଂ, ମାନୁଫାକ୍‌ଚରିଂ, କ୍ୟାଟରିଂ, ଷ୍ଟୋରେଜ୍ ଏବଂ ଟ୍ରାନ୍ସପୋର୍ଟ, ରିଟେଲିଂ ଏବଂ ଡିଷ୍ଟ୍ରିବ୍ୟୁଶନ ସହ ଜଡ଼ିତ ବ୍ୟକ୍ତି ବିଶେଷଙ୍କୁ ଫୋସ୍‌ଟାକ ପ୍ରମାଣପତ୍ର ନେବା ବାଧ୍ୟତାମୂଳକ କରାଯାଇଛି। ବର୍ତ୍ତମାନ ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ ଅପମିଶ୍ରଣ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏହାର ନିରାକରଣ ଲାଗି କେନ୍ଦ୍ର ସରକାର ଫୁଡ୍ ସେଫ୍ଟି ଟ୍ରେନିଂ ଆଣ୍ଡ ସାର୍ଟିଫିକେଶନ ବା ଫୋସ୍‌ଟାକ୍ ପ୍ରମାଣପତ୍ର ନେବାକୁ ବିଭିନ୍ନ ଅଂଶୀଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଏଫ୍‌ଏସ୍‌ଏସ୍‌ଆଇ କୋଭିଡ୍-୧୯ ତାଲିମ ପ୍ରମାଣପତ୍ର ନେବା ମଧ୍ୟ ଅନିବାର୍ଯ୍ୟ କରାଯାଇଛି। ଓଡ଼ିଶାରେ ଏହି ସଂକ୍ରାନ୍ତ ତାଲିମ ସଞ୍ଚୟ ଏଜୁକେଶନ ସୋସାଇଟି ଦ୍ୱାରା ସମ୍ପାଦନ କରାଯିବ। ଏଥିଲାଗି ଦିଲ୍ଲୀପ କୁମାର ବେହେରାଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି। ପ୍ରମାଣପତ୍ର ନ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି।







## ୧୦୧ ୟୁନିଟ ରକ୍ତ ସଂଗ୍ରହ

**ଭୁବନେଶ୍ୱର,(ବ୍ୟୁରୋ):** ଓଡିଶା ମୋ ପରିବାର ଆନୁକୁଲ୍ୟରେ ଜୟ ଓଡ଼ିଶା ପକ୍ଷରୁ ଏକ ଭ୍ରାମ୍ୟମାଣ ରକ୍ତଦାନ ଶିବିର ଆୟୋଜିତ ହୋଇଛି। କ୍ୟାପିଟାଲ ହସ୍ପିଟାଲ ବ୍ଲଡ ବ୍ୟାଙ୍କ ଦ୍ୱାରା ଏକ ଗାଡ଼ି ଯୋଗେ ସହରର ବିଭିନ୍ନ ସ୍ଥାନରୁ ମୋଟ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ରକ୍ତଦାନ ଶିବିର ମାଷ୍ଟର କ୍ୟାଣ୍ଟିନରୁ ଆରମ୍ଭ ହୋଇ ଶହୀଦନଗର ୱିନର ଆସୋସିଏଶନ୍‌ରେ ଉଦ୍‌ଯାପିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜଣେ ଦିବ୍ୟାଙ୍ଗ ସୋନୁ ଶୁଭମ୍ ମହାନନ୍ଦ ସ୍ୱଇଚ୍ଛାରେ ରକ୍ତଦାନ କରି ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା କନିଷ୍ଠ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ଗଣଆନ୍ଦୋଳନ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଇଷ୍ଟ କୋଷ୍ଟ ରେଲୱେ ପୋର୍ଟରସ୍ ୟୁନିୟନର ବାର୍ଷିକ ସମ୍ମିଳନୀ, ଭୁବନେଶ୍ୱର ଷ୍ଟେଶନ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଖବରଦାତା ସମ୍ମିଳନୀ, ଲୋହିଆ ଏକାଡେମୀ, ଅପରାହ୍ନ ୪ଟା।
- ରାଜ୍ୟ କଳା ସଂସ୍କୃତି ସଂଘ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ପାଳନ ଅବସରରେ ଗୀତିନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ସଂଘବଦ୍ଧ ଆକ୍ରମଣ ଘଟଣା

## ୩ ଗିରଫ, ଏବେବି ୧୦ ଫେରାର



**ଭୁବନେଶ୍ୱର,୨୬।୧୦(ବ୍ୟୁରୋ):** ସିଆର୍‌ପି ଛକରେ ଗତ ୨୧ ତାରିଖ ସନ୍ଧ୍ୟାରେ ଗାଡ଼ି ସାଇଡ୍ ମରାକୁ କେନ୍ଦ୍ରକରି ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗୁରୁବାର ଗିରଫ କରିଛି। ସେମାନେ ହେଲେ ଏୟାରପୋର୍ଟ ଥାନା ଭିମ୍‌ପୁରର ଜିବିତେଷ ପାତ୍ର(୨୪), ନୟାପଲ୍ଲୀ ଥାନା ବେହେରା ସାହିର ସୁମନ କୁମାର ପରିଡ଼ା(୨୬), ଖଣ୍ଡଗିରି ଥାନା ଡେଲ୍‌ଟା ଛକର ନରେନ୍ଦ୍ର କୁମାର ସାହୁ(୨୦)। ଅଭିଯୁକ୍ତଙ୍କଠାରୁ ଦୁଇଟି କାର୍, ୫ଟି ବାଇକ୍, ବିଭିନ୍ନ ମାରଣାସ୍ତ୍ର ପୋଲିସ ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଦେବୀପ୍ରସାଦ ଜେନା ଓରଫ ବୁବୁଙ୍କ ସମେତ ରାଜେଶ ବେହେରା ଓରଫ ଚେଙ୍ଗ, ସୁବ୍ରତ ସ୍ୱାଇଁ ଓରଫ ଡୁଡୁଲୁ, ଅମ୍ଳାନ ମହାନ୍ତି, ଦେବାଶିଷ ମଙ୍ଗରାଜ ଓରଫ ପିଙ୍କୁନ, ପ୍ରଭୁଦତ୍ତ ତ୍ରିପାଠୀ, ଅମନ ଚମ୍ପତି, ଲିପୁନ, ସନାତନ ବେହେରା ଓ ସାହିଲ କୁମାର ଷଡ଼ଙ୍ଗୀ ଫେରାର ଅଛନ୍ତି। ପୋଲିସ ଆର୍ମସ ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ଏକ ମାମଲା (ନଂ.୪୯୪/୨୧) ରୁଜୁ କରିଛି। ଫେରାରଙ୍କୁ ଧରିବାକୁ ପୋଲିସ ଅନୁସନ୍ଧାନ ଜାରି ରଖିଛି। ପ୍ରକାଶ ଯେ, ଗାଡ଼ି ସାଇଡ୍ ମରାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ସିଆର୍‌ପି ଲକ୍ଷ୍ମୀପୂଜା ମଣ୍ଡପରେ ଥିବା ଚେୟାର ଓ ଟେବୁଲ୍‌କୁ ଭଙ୍ଗାରୁଜା କରିଥିଲେ। ଏହାକୁ ବରମୁଣ୍ଡା ପାଇକନଗରର ବିନୟ ଆଚାର୍ଯ୍ୟ ଓ ଆଶୁତୋଷ ବେହେରା ବିରୋଧ କରିବାରୁ ସେମାନଙ୍କୁ ଅଭିଯୁକ୍ତମାନେ ଖଣ୍ଡା ଓ ଭୁଜାଲିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ।

## ଅଣଗେଜେଟେଡ୍ ବନସେବା ସଂଘର ନୂତନ କର୍ମକର୍ତ୍ତା

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ):** ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘର ୫୩ତମ ସାଧାରଣ ଅଧିବେଶନ ମଙ୍ଗଳବାର ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଷେତ୍ର କର୍ମଚାରୀ (ଡେପୁଟି ରେଞ୍ଜର, ଫରେଷ୍ଟର ଓ ଫରେଷ୍ଟ ଗାର୍ଡ)ଙ୍କ ବିଭିନ୍ନ ସମସ୍ୟାର ଆସୁ ସମାଧାନ ସହ ଜଙ୍ଗଲ, ବନ୍ୟଜନ୍ତୁ, ଜୈବ ବିବିଧତାରେ କିଭଳି ଉନ୍ନତି ହୋଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଏହାପୂର୍ବରୁ ସୋମବାର ସଂଘର ସାଧାରଣ ନିର୍ବାଚନ ହୋଇଥିଲା। ସଂଘର ଅଧକ୍ଷ ଭାବେ ବାରିପଦା ବନଖଣ୍ଡର ଖଗେଶ୍ୱର ସେଠୀ, ସଭାପତି ଭାବେ ବୌଦ୍ଧ ବନଖଣ୍ଡର ଜଗବନ୍ଧୁ ପାତ୍ର, ଉପସଭାପତି ଭାବେ କଳାହାଣ୍ଡି ବନଖଣ୍ଡର ଭବାନୀ ପରିଚ୍ଛା ଓ ରାଇରଙ୍ଗପୁର ବନଖଣ୍ଡର ପ୍ରଭାତ ରଞ୍ଜନ ମହାନ୍ତ, ସାଧାରଣ ସମ୍ପାଦକ ଭାବେ ନଗର ବନଖଣ୍ଡ ଭୁବନେଶ୍ୱରର ଦିଲୀପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ଢେଙ୍କାନାଳ ବନଖଣ୍ଡର ହିମାଂଶୁ ପୃଷ୍ଟି ଓ ଜୟପୁର ବନଖଣ୍ଡର ରବୀନ୍ଦ୍ର କୁମାର ପ୍ରଧାନ, ସହସମ୍ପାଦକ ଭାବେ ପାରଳାଖେମୁଣ୍ଡି ବନଖଣ୍ଡର ସନ୍ତୋଷ କୁମାର ବିଶୋୟୀ ରତ୍ନ ଓ ଆଠଗଡ ବନଖଣ୍ଡର ଆଶିଷ କୁମାର ନାୟକ ଏବଂ କୋଷାଧକ୍ଷ ଭାବେ ଭୁବନେଶ୍ୱର ନଗର ବନଖଣ୍ଡ ର କମଳାକାନ୍ତ ଶ୍ରୀଚନ୍ଦନ ନିର୍ବାଚିତ ହୋଇଛନ୍ତି।

# କଟକ-ଭୁବନେଶ୍ୱର ରୋଡର ୩ ବାର୍ ସିଲ୍

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ)**

ଉଚ୍ଚ ବାଦ୍ୟଯନ୍ତ୍ର ଓ ନାଚଗୀତର ଆସର ପାଇଁ ଲାଇସେନ୍ସ ନ ଥାଇ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁଥିଲା ବାର୍। ରଙ୍ଗିନ୍ ହେଉଥିଲା ରାତି। ଖୋଲାଖୋଲି ନିୟମର ଉଲ୍ଲଂଘନ କରାଯାଉଥିଲା। ଏଭଳି ଅଭିଯୋଗ ପାଇବା ପରେ ମଙ୍ଗଳବାର କଟକର ଫ୍ଲାଇଂ ସ୍କ୍ୱାଡ୍, ଇଆଇବି ଓ ଭୁବନେଶ୍ୱର ଅବକାରୀ ଟିମ୍ ରାଜଧାନୀର ବିଭିନ୍ନ ଡ୍ୟାନ୍ସ ବାର୍ ଉପରେ ଏକକାଳୀନ ଚଢ଼ାଉ କରିଛନ୍ତି। ବିନା ଲାଇସେନ୍‌ସରେ ନାଚଗୀତ ଚାଲୁଥିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡର ୩ ବାର୍ ଯଥା ଲିଭ୍-ଇଟ୍ ଅପ୍, ନସା ଓ ଏକାମ୍ର ବାର୍‌କୁ ଅବକାରୀ ବିଭାଗ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସିଲ୍ କରି ଦିଆଯାଇଛି। ଏହି ୩ ବାର୍‌ର ମ୍ୟୁଜିକ୍ ଓ ଡ୍ୟାନ୍ସଫ୍ଲୋର୍ ଲାଇସେନ୍ସ ନ ଥିଲା। ସେହିପରି କଟକ ରୋଡ୍‌ସ୍ଥିତ ସେଲ୍ଟି ଓ ଅଶୋକା ଡ୍ୟାନ୍ସ, ଚନ୍ଦ୍ରଶେଖରପୁରସ୍ଥିତ ଏମ୍ବାସି ଏବଂ ୟୁନିଟ୍-୮ସ୍ଥିତ ଅଜିତ୍ ବାରରେ କୋଭିଡ୍ ଗାଇଡ୍‌ଲାଇନ୍ ଓ ଅବକାରୀ ଆଇନ ଉଲ୍ଲଂଘନ କରାଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁଥିଲା। ତେଣୁ ଏଗୁଡିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏଥିସହ ଉକ୍ତ ବାର୍ ଗୁଡ଼ିକରେ ନାଚୁଥିବା ୧୫ରୁ ଊର୍ଦ୍ଧ୍ୱ ବଙ୍ଗୀୟ ଯୁବତୀଙ୍କୁ ଅବକାରୀ ଟିମ୍ ପଚରାଉଚରା ପରେ ଛାଡ଼ିଦେଇଛି। ଏନେଇ ବାର୍‌ଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳଙ୍କୁ ଅବକାରୀ ବିଭାଗ ରିପୋର୍ଟ ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ରାଜଧାନୀରେ ବିଭିନ୍ନ ବାରରେ ବିନା ଲାଇସେନ୍ସରେ ଅନେକ ବାର ଚାଲୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏପରିକି ବିନା ଲାଇସେନ୍ସରେ କେତେକ ବାର ବାଦ୍ୟଯନ୍ତ୍ର ବଜେଇବା ସହ ନାଚଗୀତ ଆସର ଜମାଉଥିବା ଅଭିଯୋଗ ହେବା ପରେ ଅବକାରୀ କମିଶନର ଆଶିଷ ସିଂ ଓ ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ରାତି ୧୦ଟା ପରେ କଟକ ଫ୍ଲାଇଂସ୍କ୍ୱାଡ୍, କଟକର ଇଣ୍ଟେଲିଜେନ୍‌ସ ୟୁନିଟ ଓ ଭୁବନେଶ୍ୱର ଅବକାରୀ ଟିମ୍ ମିଳିତ ଭାବେ ରାଜଧାନୀର ବିଭିନ୍ନ ଡ୍ୟାନ୍ସ ବାର୍ ଉପରେ ଚଢ଼ାଉ କରିଥିଲେ।

### ବିନା ଲାଇସେନ୍ସରେ ଚାଲିଥିଲା ନାଚଗୀତର ଆସର



**ଅବକାରୀ, ଫ୍ଲାଇଂ ସ୍କ୍ୱାଡ୍‌ର ଚଢ଼ାଉ**

**୪ ବାର୍‌କୁ କାରଣ ଦର୍ଶାଅ ନୋଟିସ**

### ସନ୍ଦେହ ଘେରରେ ପୋଲିସ କାର୍ଯ୍ୟାନୁଷ୍ଠାନ

ରାଜଧାନୀରେ ଅନେକ ଡ୍ୟାନ୍ସ ବାର୍ ଚାଲୁଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଭିତରେ ନାଚଗୀତର ଆସର ଜମୁଛି। ମନୀଷ ହତ୍ୟା ଘଟଣା ପରେ ତମାଣ୍ଡୋ ଥାନା ଅନ୍ତର୍ଗତ ସାଉଥସିଟି ହୋଟେଲ ଆଣ୍ଡ୍ ବାର୍‌ର କଳାକାରନାମା ପଦାକୁ ଆସିଥିଲା। ରାତିସାରା ସେଠାରେ କିପରି ମଦର ଆସର ଜମିବା ସହ ରାତି ରଙ୍ଗିନ ହେଉଥିଲା ତାହା ଏବେ ଜଣାପଡ଼ିଛି। ତମାଣ୍ଡୋ ଥାନା ଅଧିକାରୀଙ୍କ ଜାଣତରେ ଏହା ଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିଲା। ଖାଲି ସାଉଥ ସିଟି ବାର୍ ନୁହେଁ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଏପରି ଅନେକ ବାର୍ ଚାଲୁଛି। ଏନେଇ ବିଭିନ୍ନ ସମୟରେ ଅଭିଯୋଗ ମଧ୍ୟ ହେଉଛି। ହେଲେ ପୋଲିସ ଜାଣି ନ ଜାଣିବା ପରି ଅଭିନୟ କରୁଛି। ବାର୍ ମାଲିକମାନେ ସ୍ଥାନୀୟ ପୋଲିସକୁ ମାସିକିଆ ଚାନ୍ଦା ଦେଇ ବାର୍ ଚଳାଉଥିବା ମଧ୍ୟ ଅଭିଯୋଗ ହେଉଛି। ଫଳରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




ଉତ୍ତରପ୍ରଦେଶର ଲଖିମ୍‌ପୁର ଖେରି କୃଷକ ଗଣହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ପିଏମ୍‌ଜିଠାରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ରାମାୟଣରେ ସଫଳ, ସାର୍ଥକ ଜୀବନ ଜିଇଁବାର ସୂତ୍ର ରହିଛି

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**

ରାମାୟଣ ହେଉଛି ଦିବ୍ୟପ୍ରେମର ସର୍ବଶ୍ରେଷ୍ଠ ଗ୍ରନ୍ଥ। ଏଥିରେ ସଫଳ ଓ ସାର୍ଥକ ଜୀବନ ଜିଇଁବାର ସୂତ୍ର ରହିଛି। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ର ସକଳ ଶାଶ୍ୱତ ଗୁଣର ଆଧାର ଓ ତାଙ୍କ ଆଦର୍ଶର ଚିରନ୍ତନ ପ୍ରାସଙ୍ଗିକତା ରହିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ମଙ୍ଗଳବାର ରାଜଭବନରେ ଅଖିଳ ଭାରତୀୟ ରାଷ୍ଟ୍ରୀୟ କବି ସଙ୍ଗମ ଆନୁକୂଲ୍ୟରେ ଆୟୋଜିତ ଶ୍ରୀରାମ କାବ୍ୟପାଠ କବି ସମ୍ମେଳନରେ ଯୋଗଦେଇ ରାଜ୍ୟପାଳ କହିଲେ, ପୁରୁଷ ଓ ପ୍ରକୃତିର ସଙ୍ଗମ ହେଉଛନ୍ତି ଶ୍ରୀରାମ। ସେ ସମସ୍ତ ଦିବ୍ୟଗୁଣର ଅଧିକାରୀ । ତେବେ ସୀତାଙ୍କ ବ୍ୟତିରେକେ ସେ ଅପୂର୍ଣ୍ଣ। ରାମାୟଣରେ ସୀତାଙ୍କ ଚରିତ୍ରର ପୁନଃମୂଲ୍ୟାୟନର ଆବଶ୍ୟକତା ରହିଥିବା ସେ କହିଥିଲେ।

ରାଷ୍ଟ୍ରୀୟ କବି ସଙ୍ଗମର ଅଧକ୍ଷ ଜଗଦୀଶ ମିତ୍ତଲ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରାଷ୍ଟ୍ରୀୟ ସହମହାମନ୍ତ୍ରୀ ମହେଶ ଶର୍ମା, ଓଡ଼ିଶା ଶାଖାର ଅଧକ୍ଷ ଗଜାନନ୍ଦ ଶର୍ମା, ସଂରକ୍ଷକ ଅଜୟ ଅଗ୍ରୱାଲ, ମହାମନ୍ତ୍ରୀ ପୁଷ୍ପା ସିନ୍ଧି ପ୍ରମୁଖ ଶ୍ରୀରାମ ବନ ଗମନ ପଥ କାବ୍ୟଯାତ୍ରାର ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଥିଲେ । କବିତା ପାଠୋତ୍ସବର ଆୟୋଜନ କରାଯିବା ସହ ପୂର୍ବରୁ ଅନୁଷ୍ଠିତ କବିତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ରାଜଭବନରେ ମଙ୍ଗଳବାର ଆୟୋଜିତ ଶ୍ରୀରାମ କାବ୍ୟପାଠ କବି ସମ୍ମେଳନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟମାନେ।

## ରାଜ୍ୟପାଳଙ୍କୁ ପ୍ରତିଛବି ଦେଲେ ଚିତ୍ରଶିଳ୍ପୀ ପ୍ରିୟଙ୍କା

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**

ଚିତ୍ରଶିଳ୍ପୀ ପ୍ରିୟଙ୍କା ସାହାଣୀ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଭେଟି ନିଜ ତୂଳୀରୁ ଅଙ୍କିତ ପ୍ରତିଛବି ପ୍ରଦାନ କରିଛନ୍ତି। ନିଜର ଅବିକଳ ପ୍ରତିଛବି ଦେଖି ରାଜ୍ୟପାଳ ଭାବପ୍ରବଣ ହେବା ସହ ଏପରି ଛବି ଆଙ୍କି କେହି ପ୍ରଦାନ କରିବା ତାଙ୍କ ପାଇଁ ପ୍ରଥମ ଅନୁଭୂତି ବୋଲି କହିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଶସ୍ୟରେ ୮ ଫୁଟ୍ ଉଚ୍ଚତାବିଶିଷ୍ଟ ପ୍ରତିକୃତି ସମ୍ପର୍କରେ ରାଜ୍ୟପାଳ ତାଙ୍କ ସହ ଆଲୋଚନା କରିବା ସହ ଆଗକୁ ବଢ଼ିବା ପାଇଁ ଉତ୍ସାହିତ ମଧ୍ୟ କରିଛନ୍ତି। ଏ ଅବସରରେ ବିଗତ ଗୋଟିଏ ବର୍ଷ ଧରି ପ୍ରିୟଙ୍କା ତିଆରି କରିଥିବା ସମସ୍ତ କଳାକୃତିର ଏକ ବୁକଲେଟ ମଧ୍ୟ ପ୍ରଦାନ କରିଛନ୍ତି। ପ୍ରିୟଙ୍କା ତାଙ୍କ ମିନିଏଚର ଆର୍ଟରେ ରାଜ୍ୟପାଳଙ୍କ ପ୍ରତିଛବି ସହ ଦଶଟଙ୍କିଆ ମୁଦ୍ରାରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ଚିତ୍ର ଅତି ସୁନ୍ଦର ଭାବେ ଉପସ୍ଥାପନ କରିଛନ୍ତି।

# ନୂଆ ରୂପ ନେବ ୬ ମାଛ ମାର୍କେଟ

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ଥିବା ୬ ମାଛ ମାର୍କେଟ ନୂଆ ରୂପ ନେବ। ସେଠାରେ ବ୍ୟାପକ ଉନ୍ନତୀକରଣ କରାଯିବା ସହ ଅତ୍ୟାଧୁନିକ କୋଠା ନିର୍ମାଣ କରାଯିବ। ଏ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପ୍ରକ୍ରିୟା ଆରମ୍ଭ କରିଛି। ବିଏମ୍‌ସି ଅତିରିକ୍ତ ଆୟୁକ୍ତ ଲକ୍ଷ୍ମୀକାନ୍ତ ସେଠୀଙ୍କ ସୂଚନା ମୁତାବକ, ରାଜ୍ୟ ସରକାରଙ୍କ ମତ୍ସ୍ୟ ନିର୍ଦ୍ଦେଶାଳୟଙ୍କ ପକ୍ଷରୁ ଏ ନେଇ ଚିଠି ହୋଇଛି। ଡମଣା, ନୀଳାଦ୍ରି ବିହାର, ଭିଏସ୍‌ଏସ୍ ନଗର, ପଳାଶୁଣୀ, ବଡ଼ଗଡ଼ ଓ ୟୁନିଟ୍-୪ ମାଛ ମାର୍କେଟର ପୁନରୁଦ୍ଧାର କରାଯିବା ସହ ନୂଆ ଢାଞ୍ଚା ହେବ। ଫଳରେ ସେଠାରେ ଗନ୍ଧମୟ ପରିବେଶ ଦୂର ହେବ ବୋଲି ସେ କହିଛନ୍ତି।

ମାଛ ମାର୍କେଟରେ ଥିବା ହୋଲ୍‌ସେଲ୍ ଓ ରିଟେଲ୍ ବ୍ୟବସାୟକୁ ପୃଥକ କରାଯିବ। ବଡ଼ଗଡ଼, ପଳାଶୁଣୀ ଓ ୟୁନିଟ୍-୪ରେ ହୋଲ୍‌ସେଲ୍ ମାର୍କେଟ ରଖାଯିବାବେଳେ ଅନ୍ୟ ସବୁଠି ରିଟେଲ୍ ପଏଣ୍ଟ ରହିବ। ଏହାଦ୍ୱାରା ମାର୍କେଟରେ ଭିଡ଼ କମିବା ସହ ବ୍ୟବସାୟ ପ୍ରକ୍ରିୟା ସୁଗମ ହୋଇପାରିବ। ୟୁନିଟ୍-୪ ମାଛ ମାର୍କେଟରେ ଶୀତତାପ ନିୟନ୍ତ୍ରିତ ୫ମହଲା ବିଶିଷ୍ଟ କୋଠା ନିର୍ମାଣ ହେବ। ସେହିପରି ପଳାଶୁଣୀରେ ନିର୍ମାଣ ହେବାକୁ ଥିବା ମାଛ ମାର୍କେଟ ପାଇଁ ପୁରୀ ବାଇପାସ୍ ନିକଟରେ ୧୦ହଜାର ବର୍ଗଫୁଟ୍‌ର ସ୍ଥାନ ଚିହ୍ନଟ ହୋଇଛି। ସାଧାରଣ ପ୍ରଶାସନ ବିଭାଗ ସହ ଆଲୋଚନା ପରେ ସେଠାରେ ମତ୍ସ୍ୟ ନିର୍ଦ୍ଦେଶାଳୟ ଓ ବିଏମ୍‌ସିର ମିଳିତ ସହଯୋଗରେ କୋଠା ନିର୍ମାଣ ହେବ। ଏଯାବତ୍ ମତ୍ସ୍ୟ ନିର୍ଦ୍ଦେଶାଳୟ ଚିଠିକୁ ଆଧାର କରି ବିଏମ୍‌ସି ମାଛ ମାର୍କେଟ ପାଇଁ ସ୍ଥାନ ଓ ବେପାରୀଙ୍କ ତାଲିକା ପ୍ରସ୍ତୁତ କରିଛି। ପ୍ରାଥମିକ ପର୍ଯ୍ୟାୟରେ ୩ଟି ହୋଲ୍‌ସେଲ ମାଛ ମାର୍କେଟ୍ ଖୋଲିବାକୁ ସ୍ଥିର ହୋଇଛି। ପରେ ଆବଶ୍ୟକତା ଦେଖି ଅଧିକ ଖୋଲାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଏହି ବଜାରର ସମସ୍ତ ନିର୍ମାଣ ଖର୍ଚ୍ଚ ମତ୍ସ୍ୟ ନିର୍ଦ୍ଦେଶାଳୟ ବହନ କରିବ ଓ ବିଏମ୍‌ସି ବିଭିନ୍ନ ସୁବିଧା ଯୋଗାଇଦେବ। ନୂଆ ବଜାର ପାଇଁ ପଳାଶୁଣୀ, ବଡ଼ଗଡ଼ ଓ ୟୁନିଟ୍-୪ ଅଞ୍ଚଳରେ ଜାଗା ଚିହ୍ନଟ ହୋଇଛି। ଗୋଟିଏ ବଜାରରେ ୧୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ବସିପାରିବେ। ସେହିଭଳି ପୁରୁଣା ବଜାରଗୁଡ଼ିକର ଉନ୍ନତୀକରଣ କରାଯିବ। ନୂଆ ବଜାର ତିଆରି ପୂର୍ବରୁ ପୁରୁଣା ବଜାରରେ ଅତ୍ୟାବଶ୍ୟକ ସୁବିଧା ଉପଲବ୍ଧ କରାଇବାକୁ ସ୍ଥିର କରାଯାଇଛି। ପୁରୁଣା ବଜାରରେ ନିରବଚ୍ଛିନ୍ନ ପାଣି ଯୋଗାଣ, ବର୍ଜ୍ୟବସ୍ତୁ ପରିଚାଳନା, ଉନ୍ମୁକ୍ତ ଡ୍ରେନେଜ୍ ବ୍ୟବସ୍ଥା, ଗ୍ରାହକ ଚଲାବୁଲା କରିବା ପାଇଁ ଉନ୍ମୁକ୍ତ ଜାଗା ପାଇଁ ବ୍ୟବସ୍ଥା ହେବ। ବେପାରୀମାନେ ବଜାର ଛାଡ଼ି ଗଛମୂଳେ, ରାସ୍ତା କଡ଼ରେ, ଜନବସତି ପାଖରେ ନ ବସିବେ ସେଥିପ୍ରତି ବିଏମ୍‌ସି ନଜର ରଖିବ। ସେଭଳି କଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ଉପରେ ବିଏମ୍‌ସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସୂଚନା ଦିଆଯାଇଛି।



- ପୃଥକ ହେବ ହୋଲ୍‌ସେଲ, ରିଟେଲ୍ ବ୍ୟବସାୟ
- ବଡ଼ଗଡ଼, ପଳାଶୁଣୀ ଓ ୟୁନିଟ୍-୪ରେ ହୋଲ୍‌ସେଲ୍ ମାର୍କେଟ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତୃପ୍ତିସ୍ମିତା



@ ଧର୍ମେନ୍ଦ୍ର



@ ବୁଢିଆ



@ କାହ୍ନୁ



@ ନିର୍ମଳ



@ ସମିମ୍ ଅଖ୍‌ତାର

## ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା ସଚେତନତା ସପ୍ତାହ




**ଭୁବନେଶ୍ୱର,୨୬।୧୦**

ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା ସଚେତନତା ସପ୍ତାହ-୨୦୨୧ ପାଳନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ୱାଲ୍‌ଟିୟର ରେଳମଣ୍ଡଳ ମୁଖ୍ୟାଳୟ ପରିସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ରେଳପଥ କର୍ମଚାରୀ ଓ ଅଧିକାରୀମାନଙ୍କୁ ସମସ୍ତ କ୍ଷେତ୍ରରେ ସତ୍ୟନିଷ୍ଠା ଓ ସ୍ୱଚ୍ଛତା ଆଣିବାକୁ ଶପଥ ପାଠ କରାଇଥିଲେ। ସେହିଭଳି ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ପୂର୍ବତଟ ରେଳପଥ ମୁଖ୍ୟାଳୟରେ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ଅଖଣ୍ଡତା ଉପରେ ଶପଥ ପାଠ କରାଇଥିଲେ।

ଜୀବନରେ ସମସ୍ତ କ୍ଷେତ୍ରରେ ସାଧୁତା ସହିତ ନିୟମର ପାଳନ କରିବା, କାହାଠାରୁ ଲାଞ୍ଚ ନ ନେବା କିମ୍ବା ନ ଦେବା ଭଳି ସମସ୍ତ କାର୍ଯ୍ୟକୁ ସଚ୍ଚୋଟତା ସହ ପାରଦର୍ଶିତା ଭଳି କାର୍ଯ୍ୟକରିବା ଏବଂ ସାର୍ବଜନୀନ ହିତରେ କାର୍ଯ୍ୟକରିବା ଓ ବ୍ୟକ୍ତିଗତ ବ୍ୟବହାରରେ ସତ୍ୟନିଷ୍ଠା ପ୍ରଦର୍ଶନ କରିବା ସହ ଉଦାହରଣ ଦ୍ୱାରା ନେତୃତ୍ୱ ନେବା ଏବଂ ଭ୍ରଷ୍ଟାଚାରର ଯେକୌଣସି ଘଟଣାକୁ ଉଚିତ ଅଧିକାରୀଙ୍କୁ ଜଣାଇବାକୁ ମଧ ରେଳ କର୍ମଚାରୀମାନେ ସଂକଳ୍ପ ନେଇଛନ୍ତି। ଏହି ଶପଥ ଗ୍ରହଣ ଉତ୍ସବରେ ବିଭାଗୀୟ ପ୍ରମୁଖ ଅଧିକାରୀ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇଥିଲେ। ବରିଷ୍ଠ ଉପମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ସଞ୍ଜୟ ମହାପାତ୍ର ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## କପାରେ ପତ୍ରଡିଆଁ ପୋକ ଦମନ

ଚାଷ ହୋଇଥିବା କପାରେ ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ । କପା ଚାଷ ହୋଇଥିବା ଜମି/ସ୍ଥାନରେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ଚାରି ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ ।



## ମାଛ ଯାଆଁଳ ଛାଡ଼ିବା ପରେ...

ମାଛ ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନକୁ ପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ । ବର୍ଷା ଯୋଗୁଁ ପାଣି ଗୋଳିଆ ହୋଇଥିଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ । ଖାଦ୍ୟପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ଯଦି ଏବେ ପୋଖରୀରେ ଯାଆଁଳ ଛାଡୁଥାଆନ୍ତି ତେବେ ଜାତୀୟା ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣିବା ଭଲ ।





# ଜୋଆର ଚାଷ



ପରେଶ କୁମାର ପଣ୍ଡା





ଜୋଆରର ଇଂଲିଶ ନାମ 'ସୋର୍‌ଗମ। ଆମ ରାଜ୍ୟର ଜଳବାୟୁରେ ଏହି ଚାଷ ଭଲ ହୋଇଥାଏ। ବିଶେଷକରି ଆଭ୍ୟନ୍ତରୀଣ ପାହାଡ଼ିଆ ଅଞ୍ଚଳ ଓ ଜିଲାଗୁଡ଼ିକରେ ଏହାର ଚାଷ ଭଲ ଭାବରେ କରାଯାଇପାରିବ। ଧାନ ବଦଳରେ ଉଚ୍ଚ ଜମିରେ ଏହାର ଚାଷ ବର୍ଷତମାମ କରାଯାଇପାରେ। ଜୋଆର ଫସଲ ୩ ମାସରୁ ୪ ମାସ ମଧ୍ୟରେ ଅମଳ ହୋଇଥାଏ।

**ବିହନ :** ନିଗିଡା, ଦୋରସା ବା ମଟାଳ ମାଟିରେ ଏହାର ଚାଷ ଭଲ ହୋଇଥାଏ। ପାଣି ଜମି ନ ରହିବା ଦରକାର। ଜୋଆରର ନୂତନ ଅଧିକ ଅମଳକ୍ଷମ କିସମଗୁଡ଼ିକ (କମ୍ପୋଜିଟ୍) ମଧ୍ୟରେ ରହିଛି ସିଏମଭି-୧୫, ଉତ୍ତରା, ହରିଆନା ଜୋଆର-୫୧୩, ବସୁଧା (ସଙ୍କର) ମଧ୍ୟରେ ସି.ଏଚ.ଏସ.-୨୦ ଏମ.ଏଫ. ଅନ୍ୟତମ। ଏକର ପ୍ରତି ୪ କିଗ୍ରା ବିହନ ଦରକାର ପଡିଥାଏ।

**ଜମି ପ୍ରସ୍ତୁତି:** ଜମିକୁ ୩-୪ ଥର ଭଲ ଭାବରେ ଚାଷ କରି ଗୁଣ୍ଡ ଓ ସମତୁଲ କରାଯାଏ। ଭଲ ଲାଗୁଥିବା ମୃତ୍ତିକାରେ କ୍ଲୋରପାଇରିଫସ୍ ୧.୫ ପ୍ରତିଶତ ଗୁଣ୍ଡର ୧୦ କିଗ୍ରା ଏକର ପ୍ରତି ଶେଷ ଓଡ ଚାଷ ବେଳେ ମାଟିରେ ମିଶାଇ ଦିଆଯାଏ। ଶୀତଋତୁରେ ଅକ୍ଟୋବର ମଧ୍ୟ ଭାଗରୁ ନଭେମ୍ବର ମଧ୍ୟରେ, ଖରାଦିନେ ଜାନୁୟାରୀରୁ ଫେବୃୟାରୀ ୧୫ ତାରିଖ ମଧ୍ୟରେ ଏବଂ ବର୍ଷା ଋତୁରେ ଜୁନ୍ ମାସ ମଧ୍ୟରେ ବୁଣିବା ଭଲ। ଧାଡିକୁ ଧାଡି ୪୫ ସେମି ଓ ଗଛକୁ ଗଛ ୧୫ ସେମି ଦୂରତା ରଖି ବୁଣିବା ଆବଶ୍ୟକ। ମଞ୍ଜି ବୁଣା ଯନ୍ତ୍ରରେ ଗଛ ଆବଶ୍ୟକୀୟ ଦୂରତାରେ ଓ ଠିକ୍ ଗଭୀରରେ ବୁଣା ଯାଇଥାଏ। ବୁଦା ପ୍ରତି ଗୋଟିଏ ଗଛ ରହିଲେ ଭଲ। ଏକର ପ୍ରତି ୨୦ କୁଇଣ୍ଟାଲ ଖତ ସହ୨୪:୧୨:୧୨ କିଗ୍ରା ଯବକ୍ଷାରଜାନ:ଫସଫରସ:ପଟାସ ଦିଆଯାଏ। ଅର୍ଥାତ୍, ଡି.ଏ.ପି. ୨୬ କିଗ୍ରା, ୟୁରିଆ ୪୨ କିଗ୍ରା ଓ ପଟାସ ସାର ୨୦ କିଗ୍ରା ଏକର ପ୍ରତି ଦରକାର ପଡିଥାଏ। ସାର ପ୍ରୟୋଗ ବ୍ୟତୀତ ବାଜରା ଫସଲ ପରି କରାଯାଏ।

**ଜଳ ପରିଚାଳନା:** ଗଛ ଉଠିବାର ୨-୩ ସପ୍ତାହ ଏବଂ ପଞ୍ଚମ ସପ୍ତାହ ବେଳକୁ ମୂଳରେ ହାଲୁକା ଭାବେ ଖୁସାଇ ଘାସ ବଛାଯାଏ। ନଚେତ୍ ତୃଣନାଶକ ପ୍ରୟୋଗ କରି ବାଜରା ଫସଲ ପରି ଘାସ ନିୟନ୍ତ୍ରଣ କରାଯାଏ।

ପିଲ ମାରିବା, କେଣ୍ଡା ବାହାରିବା ଓ ଦାନା ଧରିବା ଜଳସେଚନର ସଙ୍କଟକାଳ। ଶୀତ ଓ ଖରାଦିନେ ବାଜରା ଫସଲ ପରି ୫ଟି ଜଳସେଚନ ଦରକାର କରିଥାଏ। ବର୍ଷାଦିନିଆ ଫସଲରେ ଯଦି ବର୍ଷା ନ ହୁଏ ତେବେ ଜଳସେଚନ କରିବା ଆବଶ୍ୟକ। ବାଜରା ଫସଲ ପରି ଏହି ଫସଲରେ ଅନ୍ତଃ ବା ମିଶ୍ରିତ ଫସଲ ଚାଷ କରାଯାଏ।

**ରୋଗପୋକ ନିୟନ୍ତ୍ରଣ :** ବାଜରା ଫସଲ ପରି ଏହି ଫସଲର ରୋଗପୋକ ପରିଚାଳନା ବ୍ୟବସ୍ଥା ଗ୍ରହଣ କରି ଫସଲକୁ ସୁରକ୍ଷା ଦିଆଯାଏ। ଅମଳ ଅବସ୍ଥା ଓ ଅମଳ ପରିମାଣ ବାଜରା ଫସଲ ପରି ହୋଇଥାଏ।

**ବିହନ ପ୍ରମାଣନ:** ବିହନ ଉତ୍ପାଦନ ନିମନ୍ତେ ପିଣ୍ଡ ଓ ପ୍ରାମାଣିକ ଫସଲରେ ଯଥାକ୍ରମେ ୨୦୦ ମିଟର, ୧୦୦ ମିଟର ବିଲଗନ ଦୂରତା ରଖିବା ଜରୁରୀ। ସର୍ବନିମ୍ନ ୩ଟି କ୍ଷେତ୍ର ପରିଦର୍ଶନ (ବାଜରା ବିହନ ଫସଲ ପରି) କରାଯାଏ। ଅନ୍ୟ କ୍ଷେତ୍ର ଓ ବିହନ ପରିମାପକ ବାଜରା ବିହନ ଫସଲ ପରି ହେବା ଆବଶ୍ୟକ।

-ବ୍ଲକ କୃଷି ଅଧିକାରୀ, ଯାଜପୁର
ମୋ : ୭୨୦୫୦୯୬୦୮୦



## ଜୈବିକ ପଦ୍ଧତିରେ ମୂଳା ଚାଷ

"ମୂଳା ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଏକର ପ୍ରତି ୮-୧୦ଟନ୍ ଶଢ଼ା କମ୍ପୋଷ୍ଟ ପ୍ରୟୋଗ କରାଯାଏ । ୨କି.ଗ୍ରା ଆଜୋଟୋ ବ୍ୟାକ୍ଟରକୁ ୫୦ କିଗ୍ରା କମ୍ପୋଷ୍ଟ ସହିତ ମିଶାଇ ୪୮ ଘଣ୍ଟା ପରେ ଅର୍ଥାତ ବିହନ ବୁଣିବା ପୂର୍ବରୁ ସିଆରରେ ଦେଇ ମଞ୍ଜି ବୁଣାଯାଏ।"



ମାନସ ରଞ୍ଜନ ପଟ୍ଟନାୟକ

ଆଜିର ଦିନରେ ଚାଷୀମାନେ ଜୈବିକ ପଦ୍ଧତିରେ ଚାଷ କରିବାକୁ ଆଗେଇ ଆସିଲେଣି। ରାସାୟନିକ ସାର ବ୍ୟବହାର କରିବାକୁ ଆଉ ଆଗଭଳି ପସନ୍ଦ କରୁ ନାହାନ୍ତି। କାରଣ ଅଧିକ ରାସାୟନିକ ସାରର ବ୍ୟବହାର ଦ୍ୱାରା ଜମିର ଉର୍ବରତା କମିବା ସହିତ ବାୟୁମଣ୍ଡଳରେ ପ୍ରଦୂଷଣ ବଢ଼ି ଚାଲିଛି। ତେଣୁ ଜୈବିକ ସାର ଆଜିର ଚାଷୀ ଭାଇଙ୍କର ବନ୍ଧୁ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଶୀତ ଦିନିଆ ପନିପରିବା ମଧ୍ୟରେ ମୂଳା ଅନ୍ୟତମ। ଏହାର ଚାହିଦା ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ମଧ୍ୟ ଅଧିକ ରହିଛି। ଅପରପକ୍ଷରେ ମୂଳା ଫସଲକୁ ପ୍ରତ୍ୟେକ ଋତୁରେ ବି ଚାଷ କରାଯାଇପାରିବ। ଏହାକୁ ସାଲାଡ୍, ଭଜା, ତରକାରି, ଆଚାର ରୂପେ ବ୍ୟବହାର କରିପାରିବା।

**ମୃତ୍ତିକା :** ଉର୍ବର, ନିଗିଡ଼ା, ଦୋରସାରୁ ବାଲି ଦୋରସା ଏବଂ ପି.ଏଚ୍‌୫.୫-୬.୮ ଥିବା ମାଟି ବେଶ୍ ଉତ୍କୃଷ୍ଟ। ରାସାୟନିକ କ୍ଷେତଠାରୁ ୨୫ରୁ ୫୦ ଫୁଟ୍ ବ୍ୟବଧାନରେ ଜୈବିକ କ୍ଷେତ କରନ୍ତୁ। ଋତୁ ଅନୁସାରେ କିସମ ଚୟନ କରନ୍ତୁ।



ମୂଳାର ଉନ୍ନତ କିସମଗୁଡିକ ମଧ୍ୟରେ ରହିଛି-ପୁଷାଚେତକୀ (ଗ୍ରୀଷ୍ମ ଋତୁରେ), ପୁଷାଦେଶୀ, ପୁଷାଚେତକୀ (ବର୍ଷା ଋତୁରେ) ଏବଂ ଶୀତ ଋତୁରେ କାପାନିଜ୍ ହ୍ୱାଇଟ୍, ପୁଷାରଶ୍ମି, ଆର୍କା ନିଷାନ୍ତ ବ୍ୟବହାର କରନ୍ତୁ।

**ବିହନ ପରିମାଣ :** ପ୍ରତି ଏକରରେ ୨-୩ କି.ଗ୍ରା ମଞ୍ଜି ବ୍ୟବହାର କରିପାରିବେ। ବୁଣିବା ପୂର୍ବରୁ ଟ୍ରାଇକୋଡର୍ମା ଭିରିଡ଼ (୫ଗ୍ରାମ +୨୦ମି.ଲି ପାଣି + ୧ କି.ଗ୍ରା ବିହନ)ରେ ବିହନ ବିଶୋଧନ କରନ୍ତୁ।

**ଖତସାର ପରିଚାଳନା :** ବୁଣିବାର ୧୫-୨୦ ଦିନରେ କୋଡ଼ା ଖୁସା କରି ଅନାବନା ଗଛ ମାଟିରେ ମିଶାଯାଏ। ଗଛକୁ ଗଛ ଦୂରତା ୬-୮ସେ.ମି. ଦରକାର। ତା'ପରେ ଗଛ ମୂଳକୁ ମାଟି ଟେକିବା ଆବଶ୍ୟକ। ୩୦-୪୦ ଦିନ ମଧ୍ୟରେ ଆଉ ଥରେ କୋଡ଼ା ଖୁସା କରି ଗଛ ମୂଳକୁ ମାଟି ଟେକି ଦିଅନ୍ତୁ। ଋତୁ ଓ ପାଗ ଅନୁସାରେ ୫-୧୦ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ।

**ଲଗାଇବା ପ୍ରଣାଳୀ :** ମୂଳା ଲଗାଇବାର ୩୦-୪୦ ସପ୍ତାହ ପୂର୍ବରୁ ଜମିକୁ ଚାଷ କରି ଏକର ପ୍ରତି ୧୨୦ କିଗ୍ରା କପା ଜଡ଼ା କିମ୍ବା ସୋରିଷ ପିଡ଼ିଆ, ୧୨୦ କିଗ୍ରା ରକ୍ ଫସଫେଟ୍ ଏବଂ ୪୦ କିଗ୍ରା କାଠ ପାଉଁଶ ମିଶାଯାଏ। ଅମ୍ଳୀୟ ମାଟିରେ ଏକର ପ୍ରତି ୨୦୦କିଗ୍ରା କାଗଜ କଳ ମଇଳା କିମ୍ବା ୮୦ କିଗ୍ରା ଜିପ୍‌ସମ ମିଶାଇଲେ ଭଲ। ଏଥିରେ ୨୦ କିଗ୍ରା ଛଣୀ ମଞ୍ଜି ବୁଣି ରୋପଣ ପୂର୍ବରୁ ଶଢ଼ା କମ୍ପୋଷ୍ଟ ସହିତ ମାଟିରେ ମିଶାନ୍ତୁ। ପଟାଳି କରିବା ପରେ ଧାଡ଼ିକୁ ଧାଡ଼ି ୩୦-୪୦ସେ.ମି. ବ୍ୟବଧାନରେ ଏବଂ ଗଛକୁ ଗଛ ୩-୪ସେ.ମି. ବ୍ୟବଧାନରେ ୧-୨ସେ.ମି. ଗଭୀରରେ କୃଷ୍ଣ ପକ୍ଷରେ ମଞ୍ଜି ପକାଇ ପାରବେ। ସମସ୍ତ ମଞ୍ଜିକୁ ଏକ ସମୟରେ ନ ଲଗାଇ ପର୍ଯ୍ୟାୟ କ୍ରମେ ୧୫-୨୦ଦିନ ବ୍ୟବଧାନରେ ଲଗାଇଲେ ବିକ୍ରିବଟା ସୁବିଧାରେ ହୋଇପାରିବ।

**ଧ୍ୟାନ ଦିଅନ୍ତୁ :** ଜମି ପ୍ରସ୍ତୁତ ସମୟରେ ଏକର ପ୍ରତି ୮-୧୦ଟନ୍ ଶଢ଼ା କମ୍ପୋଷ୍ଟ ପ୍ରୟୋଗ କରାଯାଏ। ୨କି.ଗ୍ରା ଆଜୋଟୋ ବ୍ୟାକ୍ଟରକୁ ୫୦ କିଗ୍ରା କମ୍ପୋଷ୍ଟ ସହିତ ମିଶାଇ ୪୮ ଘଣ୍ଟା ପରେ ବିହନ ବୁଣିବା ପୂର୍ବରୁ ସିଆରରେ ଦେଇ ମଞ୍ଜି ବୁଣାଯାଏ। ଏତତ୍ ବ୍ୟତୀତ ୧୫-୨୦ ଦିନରେ ଏକର ପ୍ରତି ୪୦ କି.ଗ୍ରା ଷ୍ଟେରାମିଲ୍ ଏବଂ ୧ ଟନ୍ ଜିଆ ଖତ ମିଶାଇବା ଆବଶ୍ୟକ।

**ରୋଗ ପୋକ ପରିଚାଳନା**

**ଚୁଟିଲା ରୋଗ-**ପ୍ରଥମ ଆକ୍ରାନ୍ତ ଗଛଗୁଡ଼ିକୁ ଯଥା ଶୀଘ୍ର ଉପାଡ଼ି ନଷ୍ଟ କରି ଦିଅନ୍ତୁ। ଜଉପୋକ ନିୟନ୍ତ୍ରଣ କରନ୍ତୁ ।

**ସୋରିଷ କରଡ଼ ମାରି :** ଫସଲରେ ନିମ୍ବ ମଞ୍ଜି ରସ ଉଦ୍ଧୃତାଂଶ (୫%) ସ୍ପ୍ରେ କରାଯାଏ।

**ଜଉପୋକ :** ନିମତେଲ(୩%) ସ୍ପ୍ରେ କରନ୍ତୁ।

**ଅମଳ :** ବୁଣିବାର ୪୫-୬୦ ଦିନରେ ଅମଳ କରିପାରିବେ। ଉପରୋକ୍ତ ପଦ୍ଧତି ଅନୁସାରେ ଚାଷ କଲେ ଏକର ପ୍ରତି ୫୦-୮୦ କୁଇଣ୍ଟାଲ୍ ମୂଳା ଅମଳ ହୋଇପାରିବ।

-ପ୍ରିନ୍ସିପାଲ୍, ଆଗ୍ରୋ ପଲିଟେକ୍‌ନିକ୍ ସେଣ୍ଟର, ଓ.ୟୁ.ଏ.ଟି, ବୌଦ୍ଧ,
ମୋ : ୯୪୩୯୬୩୮୦୦୪

## ଗୋରୁଙ୍କ ଯତ୍ନ

- ଗୋ-ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।
- ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ ।
- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ସାହାଣ ଓ ବଜବଜିଆ ଭଳି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ଆଉ ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।



## ଢିପ ଜମିରେ ଧାନ ଚାଷ କରିଥିଲେ...

ଢିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରି ବଛାବଛି ଓ ଖେଳୁଆ କାମ ସାରି ଦିଅନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବାପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ। କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ। ଢ଼ିପଜମି ଧାନରେ ପତ୍ରାଚ୍ଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ କରନ୍ତୁ। ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍/୧ ଲିଟର ପାଣିରେ) ବା କାସୁଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ପାଇଁ ଧାନ ରୁଆ ହେବାର ୩-୪ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ଔଷଧଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣି ଦିଅନ୍ତୁ।



## କୋଳଥରେ ସାର ପ୍ରୟୋଗ

କୋଳଥ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାଡିକୁ ଧାଡି ୩୦ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୫କି.ଗ୍ରା. ଯବକ୍ଷାରଜାନ, ୧୦କିଗ୍ରା. ଫସଫରସ ପ୍ରୟୋଗ କରନ୍ତୁ। ବୁଣିବାର ଦିନକ ପରେ ଘାସମରା ଔଷଧ ପେଣ୍ଡିମେଥାଲିନ୍ ଏକର ପ୍ରତି ୦.୩୦ କିଗ୍ରା. ହିସାବରେ କ୍ରିୟାଶୀଳ ଉପାଦାନ ସିଞ୍ଚନ କରନ୍ତୁ। କୋଳଥର ଉର୍ମି ଡିଏସ୍-୧-୨,ଡି.ଏସ୍୧-୨-୨ ଆଦି କିସମ ସଂଗ୍ରହ କରି ଶୀଘ୍ର ବୁଣାବୁଣି ଶେଷ କରନ୍ତୁ। ଏକର ପ୍ରତି ୨୦କିଗ୍ରା ବିହନ ବ୍ୟବହାର କରନ୍ତୁ।

# ମୁଖ୍ୟ କୋଚ୍ ପାଇଁ ଦ୍ରାବିଡଙ୍କ ଆବେଦନ

**ନୂଆଦିଲ୍ଲୀ,୨୬।୧୦**

ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଦ୍ରାବିଡ୍ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ପଦ ପାଇଁ ମଙ୍ଗଳବାର ଆବେଦନ କରିଛନ୍ତି। ଫଳରେ ସେ ଏହି ହାଇପ୍ରୋଫାଇଲ ପଦରେ ନିଯୁକ୍ତି ପାଇବା ଏକ ପ୍ରକାର ନିଶ୍ଚିତ ହୋଇଛି। ଦ୍ରାବିଡ୍ ଏବେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି। ଦ୍ରାବିଡ୍ ଏକ ବଡ଼ନାମ ହୋଇଥିବାରୁ ମୁଖ୍ୟ କୋଚ୍ ପାଇଁ ସବୁଠାରୁ ଯୋଗ୍ୟ ବ୍ୟକ୍ତି ବିବେଚିତ ହେଉଛନ୍ତି। ସେ

## ଏନ୍‌ସିଏ ଦୌଡ଼ରେ ଲକ୍ଷ୍ମଣ

ଆବେଦନ କରିଥିବାରୁ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ପାଇଁ ମୁଖ୍ୟ କୋଚ୍ ଚୟନ ନେଇ ଆଉ ସେତେଟା ସମସ୍ୟା ରହିବ ନାହିଁ। କୋଚ୍ ପଦ ପାଇଁ ସେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହାଙ୍କର ପ୍ରଥମ ଓ ଏକମାତ୍ର ପସନ୍ଦ ବୋଲି ବିଶ୍ୱସ୍ତସୂତ୍ରରୁ ଜଣାଯାଇଛି।

ମଙ୍ଗଳବାର ଆବେଦନ କରିବାର ଶେଷ ତାରିଖ ହୋଇଥିବା ବେଳେ ଦ୍ରାବିଡ୍ ଔପଚାରିକ ଭାବେ ଆବେଦନ କରିଛନ୍ତି। ଏନ୍‌ସିଏରେ ଥିବା ତାଙ୍କ ସାଥୀ କର୍ମଚାରୀ ବୋଲିଂ କୋଚ୍ ପାରାସ ମହାମ୍ବ୍ରେ ଓ ଫିଲ୍ଡିଂ କୋଚ୍ ଅଭୟ ଶର୍ମା ମଧ୍ୟ ପୂର୍ବରୁ ଆବେଦନ କରିସାରିଛନ୍ତି ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କିଛିଦିନ ତଳେ ଦ୍ରାବିଡ୍ ଆଇପିଏଲ୍ ଫାଇନାଲ ଖେଳାଯିବା ଅବସରରେ ଦୁବାଇରେ ବିସିସିଆଇ ପଦସ୍ଥ ଅଧିକାରୀମାନଙ୍କୁ ଭେଟିଥିଲେ। ଏହି ଅବସରରେ ସେ ଗାଙ୍ଗୁଲି ଓ ଶାହାଙ୍କୁ ଭେଟିଥିଲେ। ଉଲ୍ଲେଖଥାଉ କି, ଚଳିତ ଟି୨୦ ବିଶ୍ୱକପ୍ ଶେଷ ହେବା ପରେ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ କାର୍ଯ୍ୟକାଳ ଶେଷ ହେବ। ଦ୍ରାବିଡ୍‌ଙ୍କ ତତ୍ତ୍ୱାବଧାନରେ ଭାରତୀୟ କ୍ରିକେଟର ନୂଆ ଯୁଗ ଆରମ୍ଭ ହେବ। ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ସିରିଜରେ ସେ ନୂଆକରି ଦାୟିତ୍ୱ ନେବେ। ଏହି ସିରିଜରେ ରୋହିତ ଶର୍ମା ନୂଆ ଟି୨୦ ଅଧିନାୟକ ଭାବେ ଟିମ୍ ଇଣ୍ଡିଆର ଦାୟିତ୍ୱ ମଧ୍ୟ ନେବେ।

ସେହିପରି ପୂର୍ବତନ ବ୍ୟାଟର ଭିଭିଏସ୍ ଲକ୍ଷ୍ମଣ ଏନ୍‌ସିଏର ମୁଖ୍ୟ ଭାବେ ପୁଣିଥରେ ଦାୟିତ୍ୱ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ଦ୍ରାବିଡ୍ ଏନ୍‌ସିଏ ମୁଖ୍ୟ ଭାବେ ପଦ ଛାଡିବା ପରେ ଏହି ପଦ ଖାଲି ହେବ। ଯଦି ସେ ଏନ୍‌ସିଏ ମୁଖ୍ୟ ଭାବେ ନିଯୁକ୍ତ ପାଆନ୍ତି ତାହାହେଲେ ଲକ୍ଷ୍ମଣ ଆଇପିଏଲ୍ ଦଳ ସନରାଇଜର୍ସ ହାଇଦ୍ରାବାଦର ମେଣ୍ଟର ପଦ ଛାଡିବେ ବୋଲି ଶୁଣିବାକୁ ମିଳିଛି। କେବଳ ସେତିକି ନୁହେଁ ସେ କମେଣ୍ଟ୍ରି ଓ ଗଣମାଧ୍ୟମରେ ସ୍ତମ୍ଭ ଲେଖିବା କାର୍ଯ୍ୟ ମଧ୍ୟ ଛାଡିବେ। ଭାରତୀୟ କ୍ରିକେଟର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏନ୍‌ସିଏ ମୁଖ୍ୟ ଓ ଜାତୀୟ କୋଚ୍ ମିଳିତ ଭାବେ କାର୍ଯ୍ୟ କରିବେ। ଦ୍ରାବିଡ୍ ଓ ଲକ୍ଷ୍ମଣ ପୂର୍ବରୁ ସାଉଥଜୋନ ଓ ଭାରତ ପାଇଁ ପାଖାପାଖି ଦେଢ ଦଶନ୍ଧି ଧରି ସାଥୀ ହୋଇ ଖେଳି ଆସିଛନ୍ତି। ଲକ୍ଷ୍ମଣ ପରିବାର ସହ ହାଇଦ୍ରାବାଦ୍‌ରେ ରହୁଥିବାରୁ ତାଙ୍କ ପାଇଁ ଏନ୍‌ସିଏର ଦାୟିତ୍ୱ ନେବା ଅପେକ୍ଷାକୃତ ସହଜ ହେବ। ଲକ୍ଷ୍ମଣ ଅନିଚ୍ଛୁକ ଥିଲେ ମଧ୍ୟ ବିସିସିଆଇ ତାଙ୍କୁ ଏହି ପଦ ପାଇଁ ପୁଣିଥରେ ପ୍ରସ୍ତାବ ଦେଇଛି। ଯଦି ଲକ୍ଷ୍ମଣ ଏହି ପ୍ରସ୍ତାବ ଗ୍ରହଣ ନ କରନ୍ତି ତା'ହେଲେ ଅନିଲ କୁମ୍ବଲେଙ୍କୁ ବିସିସିଆଇ ତରଫରୁ ପ୍ରସ୍ତାବ ଦିଆଯାଇପାରେ। ଦ୍ରାବିଡ୍ ବେଙ୍ଗାଲୁରୁରେ ରହୁଥିବାରୁ ଏନ୍‌ସିଏ ପାଇଁ କାର୍ଯ୍ୟକରିବା ତାଙ୍କୁ ବେଶ୍ ସହଜ ହେଉଥିଲା। ଯଦି ଲକ୍ଷ୍ମଣ ଏନ୍‌ସିଏ ମୁଖ୍ୟ ଭାବେ ମନୋନୀତ ହୁଅନ୍ତି ତେବେ ତାଙ୍କୁ ବେଙ୍ଗାଲୁରୁରେ ଅତିକମ୍‌ରେ ୨୦୦ ଦିନ ରହିବାକୁ ହେବ ଓ ଏଥିପାଇଁ ହାଇଦ୍ରାବାଦ୍‌ରୁ ବେଙ୍ଗାଲୁରୁ ସିଫ୍ଟ କରିବାକୁ ହେବ।


ରାହୁଲ ଦ୍ରାବିଡ୍ ଓ ଭିଭିଏସ୍ ଲକ୍ଷ୍ମଣ।

# ଇକୋର୍ସା ୧୭୪ରେ ଅଲଆଉଟ୍

**ଭୁବନେଶ୍ୱର,୨୬।୧୦ (ସ୍ପୋର୍ଟସ୍ ବ୍ୟୁରୋ)**

କଟକର ରେଭେନ୍ସା କ୍ରିକେଟ ଗ୍ରାଉଣ୍ଡରେ କଳାହାଣ୍ଡି କପ୍ ସୁପରଲିଗ୍ ଫାଇନାଲ ମ୍ୟାଚ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ୨ ଦିନିଆ ଫାଇନାଲ ମୁକାବିଲାରେ କଟକ ଏ' ଓ ଇକୋର୍ସା ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି କଟକ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଇକୋର୍ସା ପ୍ରଥମ ଦିବସରେ ୫୮.୧ ଓଭରରେ ୧୭୪ ରନକରି ଅଲଆଉଟ ହୋଇଛି। ଦଳ ତରଫରୁ ଅଙ୍କିତ ଯାଦବ ୧୪୯ ବଲରୁ ୯୪ ରନର ଲଢୁଆ ଇନିଂସ ଖେଳି ଆଉଟ ହୋଇଛନ୍ତି। ସେ ମାତ୍ର ୬ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଛନ୍ତି। ସେହିପରି ସୁଜିତ ଲେଙ୍କା ୫୮ଟି ବଲ୍ ଖେଳି ୨୧ ରନ ସଂଗ୍ରହ କରିଛନ୍ତି। ବୋଲିଂରେ କଟକ ତରଫରୁ ଶୁଭମ ନାୟକ ୪୮ ରନ ଦେଇ ୩, ଜାମଲା ମହାପାତ୍ର ୪୯ ରନ ଦେଇ ୩

## କଳାହାଣ୍ଡି କପ୍ ଫାଇନାଲ

ଓ ସିଦ୍ଧାର୍ଥ ସିହ୍ନା ୨ଟି ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମ ଦିବସରେ କଟକ ଖେଳାଳିଙ୍କ ପ୍ରଭାବ ଦେଖିବାକୁ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଇକୋର୍ସା ୫୮.୧ ଓଭରରେ ୧୭୪ ଅଲଆଉଟ (ଅଙ୍କିତ ଯାଦବ– ୯୪, ସୁଜିତ ଲେଙ୍କା– ୨୧, ଶୁଭମ ନାୟକ– ୩/୪୮, ଜାମଲା ମହାପାତ୍ର– ୩/୪୯, ସିଦ୍ଧାର୍ଥ ସିହ୍ନା– ୨/୨୦)।


ଶତକରୁ ଅଳ୍ପକେ ବଞ୍ଚିତ ଅଙ୍କିତ ଯାଦବ।

# ଫିଲ୍ଡିଂ କୋଚ୍ ପଦ ଦୌଡ଼ରେ ରାତ୍ରା

**ମୁମ୍ବାଇ,୨୬।୧୦**

ଭାରତୀୟ କ୍ରିକେଟ ଦଳର ଫିଲ୍ଡିଂ କୋଚ୍ ପଦ ପାଇଁ ପୂର୍ବତନ କ୍ରିକେଟର ତଥା ଉଇକେଟକିପର ଅଜୟ ରାତ୍ରା ଦୌଡ଼ରେ ସାମିଲ ହୋଇଛନ୍ତି। ଏହି ପଦ ପାଇଁ ସେ ବିସିସିଆଇ ନିକଟରେ ଆବେଦନ କରିଛନ୍ତି। ଫରିଦାବାଦ୍‌ରେ ଜନ୍ମିତ ୩୯ ବର୍ଷୀୟ ରାତ୍ରା ଭାରତ ପାଇଁ ୧୨ଟି ଦିନିକିଆରେ ପ୍ରତିନିଧିତ୍ୱ କରିଥିବା ବେଳେ ୯୯ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି।

ଯଦି ସୁଯୋଗ ମିଳେ ତାହାହେଲେ ଟିମ୍ ଇଣ୍ଡିଆ ପାଇଁ କିଛି କରିବାକୁ ଚାହିଁବି ବୋଲି ହରିୟାଣା ତରଫରୁ ଘରୋଇ କ୍ରିକେଟ ଖେଳିଥିବା ରାତ୍ରା କହିଛନ୍ତି। କୋଚିଂରେ ରାତ୍ରାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି। ନଭେମ୍ବର ୪ ତାରିଖରୁ ଆରମ୍ଭ ହେବାକୁ ଥିବା ସୟଦ ମୁସ୍ତାକ ଅଲି ଟ୍ରଫିରେ ସେ ଆସାମର ମୁଖ୍ୟ କୋଚ୍ ଦାୟିତ୍ୱ ସମ୍ଭାଳିବେ। ଆଇପିଏଲ୍ ପାଇଁ ସେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ କାର୍ଯ୍ୟ କରିଛନ୍ତି ଓ ଅତୀତରେ ଭାରତୀୟ ମହିଳା ଦଳ ପାଇଁ ମଧ୍ୟ କାର୍ଯ୍ୟ କରିଛନ୍ତି। ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ମଧ୍ୟ ସେ ଭାରତୀୟ ଉଇକେଟକିପରମାନଙ୍କ ସହ ନିୟମିତ ଭାବେ ଦାୟିତ୍ୱ ବହନ କରିଆସିଛନ୍ତି। ସେ ଋଦ୍ଧିମାନ ଶାହା ଓ ଋଷଭ ପନ୍ତଙ୍କ ସହ କାର୍ଯ୍ୟ କରିଛନ୍ତି। ଉଲ୍ଲେଖଥାଉ କି ବିସିସିଆଇ କୋଚିଂ ନେଇ ବିଭିନ୍ନ ପଦ ପାଇଁ ଦରଖାସ୍ତ ଆହ୍ୱାନ କରିଛି।


ଅଜୟ ରାତ୍ରା

# ଋତୁରାଜ ମହାରାଷ୍ଟ୍ରର ନେତୃତ୍ୱ ନେବେ

**ପୁଣେ,୨୬।୧୦**

ନଭେମ୍ବର ୪ରୁ ଆରମ୍ଭ ହେବାକୁ ଯାଉଥିବା ସୟଦ ମୁସ୍ତାକ ଅଲି ଟ୍ରଫିରେ ଭାରତର ନୂଆ ବ୍ୟାଟିଂ ସେନସେସନ ଋତୁରାଜ ଗାଏକ୍ୱାଡ ମହାରାଷ୍ଟ୍ରର ନେତୃତ୍ୱ ନେବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଟି୨୦ ଫର୍ମାଟ୍‌ରେ ଏହି ଟୁର୍ନାମେଣ୍ଟ ଆୟୋଜନ ହୋଇଥାଏ। ମହାରାଷ୍ଟ୍ର

## ସୟଦ ମୁସ୍ତାକ ଅଲି ଟ୍ରଫି

ଏଲିଟ୍ ଗ୍ରୁପ୍ ଏ'ରେ ସ୍ଥାନ ପାଇଛି। ଦଳ ଲକ୍ଷ୍ନୌରେ ତା'ର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବ। ତାମିଲନାଡୁ ବିପକ୍ଷରେ ମହାରାଷ୍ଟ୍ର ପ୍ରଥମ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ।

ସଦ୍ୟ ସମାପ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଋତୁରାଜ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ପ୍ରତିନିଧିତ୍ୱ କରି ସର୍ବାଧିକ ରନ ସଂଗ୍ରହ କରି ଅରେଞ୍ଜ କ୍ୟାପ ହାସଲ କରିଥିଲେ। ନୌସାଦ ଶେଖଙ୍କୁ ଉପ– ଅଧିନାୟକ ଦାୟିତ୍ୱ ମିଳିଛି। କୋଲକାତା ନାଇଟ ରାଇଡର୍ସର ରାହୁଲ ତ୍ରିପାଠୀ ଗ୍ରୋନ୍ ଇଞ୍ଜୁରିରୁ ମୁକୁଳିପାରି ନ ଥିବାରୁ ନୌସାଦଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ସିନିୟର ବ୍ୟାଟର କେଦାର ଯାଦବ ଓ ଅନ୍ୟତମ ଆକ୍ରମଣାତ୍ମକ ଓପନର ଯଶ ନହର ମଧ୍ୟ ଏହି ଦଳରେ ସ୍ଥାନ ପାଇଛନ୍ତି। ରାହୁଲ ତ୍ରିପାଠୀ, ସିଦ୍ଧେଶ ବୀର ଓ ରାଜବର୍ଦ୍ଧନ ହଙ୍ଗରେକରଙ୍କ ବଦଳରେ ସ୍ୱପ୍ନିଲ ଗୁଗାଲ, ପବନ ଶାହ ଓ ଜଗଦୀଶ ଜୋପ ଦଳରେ ସ୍ଥାନ ପାଇଛନ୍ତି। ବୋଲିଂ ବିଭାଗରେ ଡାହାଣ ହାତୀ ମିଡିୟମ ପେସର ପ୍ରଦୀପ ଦଧେ, ବାମହାତୀ ସ୍ପିନର ମୁକେଶ ଚୌଧୁରୀ ଓ ସତ୍ୟଜିତ ବଚ୍ଛାଭଙ୍କୁ ଦଳରେ ସ୍ଥାନ ମିଳିଛି।


ଋତୁରାଜ ଗାଏକ୍ୱାଡ

# ଅଧିନାୟକତ୍ୱ କରିବେ ହରମନପ୍ରୀତ

**ନୂଆଦିଲ୍ଲୀ, ୨୬।୧୦ (ପି.ଟି.):** ଆସନ୍ତାବର୍ଷ ଫେୟାରବ୍ରେକ୍ସ ଉଦ୍‌ଘାଟନୀ ଆମନ୍ତ୍ରଣୀୟ ଟି୨୦ ଟୁର୍ନାମେଣ୍ଟ ହେବ। ଆୟୋଜକଙ୍କ ତରଫରୁ ମଙ୍ଗଳବାର ଘୋଷଣା କରାଯାଇଛି। ଭାରତୀୟ ମହିଳା ସୀମିତ ଓଭର ଦଳର ଅଧିନାୟିକା ହରମନପ୍ରୀତ ପ୍ରତିଯୋଗିତାରେ ଭାଗ ନେବାକୁଥିବା ଏକ ଦଳର ନେତୃତ୍ୱ ନେବେ। ଟୁର୍ନାମେଣ୍ଟ ଅନ୍ତର୍ଜାତୀୟ କ୍ରିକେଟ କମିଟି ଦ୍ୱାରା ମଞ୍ଜୁରୀ ପାଇଛି। ଏହା କ୍ରିକେଟ ହଂକଂର ସହଯୋଗରେ ହଂକଂରେ ମେ' ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବ। ଟୁର୍ନାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିବେ। ଏଥିରେ ବିଶ୍ୱର ବିଭିନ୍ନ ଦେଶର ଖେଳାଳି ଭାଗ ନେବେ।

# ହାରିଲା ଓଡ଼ିଶା

**ଭୁବନେଶ୍ୱର,୨୬।୧୦ (ସ୍ପୋର୍ଟସ୍ ବ୍ୟୁରୋ)**

ରାୟପୁର ଷ୍ଟାଡିୟମରେ ଚାଲିଥିବା ସିନିୟର ପୁରୁଷ ୱାର୍ମଅପ୍ ଟି୨୦ ସିରିଜରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ଘରୋଇ ଛତିଶଗଡ଼ଠାରୁ ୩୪ ରନରେ ପରାସ୍ତ ହୋଇଛି। ଟସ୍ ଜିତି ଛତିଶଗଡ଼ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଶଶାଙ୍କ ଚନ୍ଦ୍ରକର ୩୦ ବଲରୁ ୪୭, ଅମନଦୀପ ଖାରେ ୨୮ ବଲରୁ ଅପରାଜିତ ୪୫ ରନ ସଂଗ୍ରହ କରିଥିବା ବେଳେ ବୋଲିଂରେ ଓଡ଼ିଶା ପାଇଁ ବିକାଶ ରାଉତ ଓ ଜୟନ୍ତ ବେହେରା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରି ଓଡ଼ିଶା ୨୦ ଓଭରରେ ୭ ଉଇକେଟ ହରାଇ ୧୩୭ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଦଳ ତରଫରୁ ଗୋବିନ୍ଦ ପୋଦ୍ଦାର ୩୫ ବଲରୁ ୪୩ ଓ ରାଜେଶ ଧୂପର ୨୩ ବଲରୁ ୨୫ ରନ ସଂଗ୍ରହ କରିଥିଲେ।

# ଏଏଫସି ମହିଳା ଏସିଆନ୍ କପ୍ ଡ୍ର କୁଆଲାଲମ୍ପୁରରେ

**ନୂଆଦିଲ୍ଲୀ, ୨୬।୧୦ (ପି.ଟି.):** ଆସନ୍ତା ବର୍ଷର ଏଏଫ୍‌ସି ମହିଳା ଏସିଆନ କପ୍ ଫୁଟ୍‌ବଲ ଭାରତରେ ଜାନୁୟାରୀ ୨୦ରୁ ଫେବୃୟାରୀ ୬ ପର୍ଯ୍ୟନ୍ତ ହେବ, କିନ୍ତୁ ପ୍ରତିଯୋଗିତାର ଡ୍ର' ଗୁରୁବାର କୁଆଲାଲମ୍ପୁରରେ ହେବ। ଏସିଆର ଏହି ପ୍ରମୁଖ ଜାତୀୟ ଟିମ୍ ପ୍ରତିଯୋଗିତା ଲାଗି ଚାଇନିଜ ତାଇପେ, ଇଣ୍ଡୋନେସିଆ, ଇସ୍‌ଲାମିକ୍ ରିପବ୍ଲିକ ଅଫ୍ ଇରାନ, କୋରିଆ ରିପବ୍ଲିକ, ମ୍ୟାନମାର, ଫିଲିପାଇନ୍ସ, ଥାଇଲାଣ୍ଡ ଓ ଭିଏତନାମ ଆଦି ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ଜାପାନ, ଅଷ୍ଟ୍ରେଲିଆ, ଚାଇନା ଓ ଆୟୋଜକ ଭାରତ ସହ ଯୋଗ ଦେଇଛନ୍ତି। ଟୁର୍ନାମେଣ୍ଟର ଶ୍ରେଷ୍ଠ ୫ ଦଳ ୨୦୨୩ ଫିଫା ମହିଳା ବିଶ୍ୱକପ୍ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଏହାର ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବେ ଆୟୋଜନ କରୁଛନ୍ତି। ଇଣ୍ଟର କନଫେଡେରେଶନ ପ୍ଲେ–ଅଫ୍ ମ୍ୟାଚ ଖେଳିବା ଲାଗି ଏସିଆରୁ ଶ୍ରେଷ୍ଠ ଦୁଇ ପ୍ଲେଅଫ୍ ଦଳ ଭାଗ ନେବେ।

# ଆଇବା ଆଥଲେଟ୍ସ କମିଟି ସଦସ୍ୟ ଦୌଡ଼ରେ ଲଭଲିନା, ଶିବ

**ନୂଆଦିଲ୍ଲୀ, ୨୬।୧୦ (ପି.ଟି.)**

ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଆଇବା) ଆଥଲେଟ୍ସ କମିଟିରେ ଏସିଆରୁ ପ୍ରତିନିଧିତ୍ୱ ପାଇଁ ଦୌଡ଼ରେ ଭାରତର ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ଲଭଲିନା ବର୍ଗୋହେନ୍ ଓ ୫ଥର ଏସିଆନ ପଦକ ବିଜେତା ଶିବ ଥାପା ଅନ୍ୟତମ ରହିଛନ୍ତି। ପୁରୁଷ ଓ ମହିଳା ବିଶ୍ୱ ଚାମ୍ପିୟନଶିପ୍ ବେଳେ ଭୋଟିଂ ଜରିଆରେ ଏହି କମିଟି ଗଠନ କରାଯିବ। ବର୍ତ୍ତମାନ ବେଲ୍‌ଗ୍ରେଡ୍‌ଠାରେ ପୁରୁଷ ବିଶ୍ୱ ଚାମ୍ପିୟନଶିପ୍ ଚାଲିଛି। ସେଠାରେ ଥାପା ୬୩.୫କେଜି କାଟେଗୋରିରେ ମୁକାବିଲା କରୁଛନ୍ତି। ଆସାମର ଏହି ବକ୍ସର ଇଭେଣ୍ଟରେ ଜଣେ ପୂର୍ବତନ ବ୍ରୋଞ୍ଜ ପଦକ ବିଜେତା। ମହିଳା ଇଭେଣ୍ଟ ଡିସେମ୍ବରରେ ତୁର୍କୀରେ ଆୟୋଜିତ ହେବ। ଟୋକିଓ ଅଲିମ୍ପିକ୍ସ ପ୍ରଦର୍ଶନକୁ ଭିତ୍ତି କରି ବର୍ଗୋହେନ ଭାରତରୁ ପ୍ରତିନିଧିତ୍ୱ କରିପାରିବେ। ଆଇବା ୫ଟି କନ୍‌ଫେଡେରେଶନରୁ ୩୪ଟି ପ୍ରାର୍ଥିପତ୍ର ପାଇଛି। ତନ୍ମଧ୍ୟରୁ ଏଥିକ୍ସ କମିଟି ପାଇଁ ୨୭ଜଣଙ୍କର ଯୋଗ୍ୟତା ରହିଛି। ଦୁଇ ଭାରତୀୟଙ୍କ ପକ୍ଷରୁ ଯଦି ଜଣେ କେହି ନିର୍ବାଚିତ ହୁଅନ୍ତି ତେବେ କ୍ରମାଗତ ଦ୍ୱିତୀୟ ଥର ଏହି ପ୍ୟାନେଲରେ ଦେଶରୁ ଜଣେ ପ୍ରତିନିଧିତ୍ୱ କରିବା ସୁଯୋଗ ପାଇବେ। ପୂର୍ବରୁ ପୂର୍ବତନ ବିଶ୍ୱ ଚାମ୍ପିୟନ ଏଲ. ସରିତା ଦେବ ୨୦୧୯ରେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ସେତେବେଳେ ମହମ୍ମଦ ମୁସ୍ତାଶାନେ କାମଚଳା ସଭାପତି ଦାୟିତ୍ୱରେ ରହିଥିଲେ। ଏସିଆନ ବ୍ଲକରୁ ୩ ମହିଳା ଓ ୪ ପୁରୁଷ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ବର୍ଗୋହେନ୍ ଜଣେ ପୂର୍ବତନ ବିଶ୍ୱଚାମ୍ପିୟନ ଓ ଦୁଇଥର ଏସିଆନ୍ ପଦକ ବିଜେତା ଉତ୍ତରକୋରିଆର ପ୍ୟାଙ୍ଗ ଚୋଲ ମି' ଏବଂ ଦୁଇଥର ବିଶ୍ୱ ଚାମ୍ପିୟନ ଓ ବର୍ତ୍ତମାନର ଏସିଆନ ସ୍ୱର୍ଣ୍ଣ ବିଜୟିନୀ କାଜାଖସ୍ତାନର ନେଜିମ୍ କିଜାଇବେଙ୍କଠାରୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ସେହିପରି ଥାପାଙ୍କୁ ବର୍ତ୍ତମାନ ଅଲିମ୍ପିକ ଚାମ୍ପିୟନ ଉଜ୍‌ବେକିସ୍ତାନର ବାଖୋଦିର ଜାଲୋଲଭ୍, ପାକିସ୍ତାନର ଆୱାଇସ୍ ଅଲି ଖାଁ ଏବଂ ଦୁଇଥର ବିଶ୍ୱ ଏବଂ ଏସିଆନ ଚାମ୍ପିୟନ୍‌ଶିପ୍ ପଦକ ବିଜେତା କାଜାଖସ୍ତାନର ଆବ୍ଲେକହାନ୍ ଜୁସୁପୋଭ୍‌ଙ୍କଠାରୁ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ। ଆଥଲେଟ୍ସ କମିଟି ୧୦ଜଣ ସଦସ୍ୟଙ୍କୁ ନେଇ ଗଠିତ ହେବ। ନବ ନିର୍ବାଚିତ ଚେୟାରମ୍ୟାନ ଓ ଭାଇସ୍‌ଚେୟାରମ୍ୟାନ ଆଇବା ବୋର୍ଡ ଅଫ୍ ଡିରେକ୍ଟର୍ସର ଭୋଟିଂ ସଦସ୍ୟ ହେବେ ବୋଲି ଆଇବା କହିଛି।


ଲଭଲିନା ବର୍ଗୋହେନ୍ ଓ ଶିବ ଥାପା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଛଟେଇ ବିରୋଧରେ କର୍ମଚାରୀଙ୍କ ଧାରଣା

କଣ୍ଟାପଡା,(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ଅଧୀନ ଦେଉଳୀଠାରେ ଥିବା ଏକ କମ୍ପାନୀର ଓ୍ୟାର ହାଉସରୁ ୬ ଜଣ କର୍ମଚାରୀଙ୍କୁ ଛଟେଇ କରାଯାଇଛି। ଏହାର ପ୍ରତିବାଦରେ ଉକ୍ତ କର୍ମଚାରୀମାନେ ମଙ୍ଗଳବାର ଉକ୍ତ ୱେର ହାଉସ ରାସ୍ତା ଉପରେ ଧାରଣା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କାର୍ଯ୍ୟରେ ଅବହେଳା କରିବା ଅଭିଯୋଗରେ ଏହି କର୍ମଚାରୀମାନଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଛଟେଇ କରିଛନ୍ତି। ତେବେ କୌଣସି କାରଣ ନ ଥାଇ ଅଯଥାରେ ହଇରାଣ କରିବା ପାଇଁ ସେମାନଙ୍କ ବିରୋଧରେ ଏଭଳି ପଦକ୍ଷେପ ନିଆଯାଇଥିବା ସେମାନେ କହିଛନ୍ତି।



### ସଂକ୍ଷେପରେ

## ମିକ୍ସଚର ଦୋକାନରେ ଅଗ୍ନିକାଣ୍ଡ

**କଟକ ଅଫିସ,୨୬।୧୦:** କଟକ ବିଜୁ ପଟ୍ଟନାୟକ ଛକଠାରେ ଥିବା ଜଗନ୍ନାଥ ମିକ୍ସଚର ନାମକ ଏକ ଦୋକାନରେ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କିଛି ଆସବାବପତ୍ର ପୋଡି ଯାଇଛି। ଖବରପାଇ ବକ୍ସିବଜାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଏଥିରେ କୌଣସି କ୍ଷତି ହୋଇ ନ ଥିବା ସହକାରୀ ଅଗ୍ନିଶମ ଅଧିକାରୀ ଅବନୀ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଦୋକାନର ପଛପାର୍ଶ୍ୱରେ ଏକ ଛୋଟ ରୁମ୍ ରହିଛି। ସେଠାରେ ଦୋକାନୀ ଜଣକ ମିକ୍ସଚର ତିଆରି କରୁଥିବାବେଳେ ତେଲ କଡେଇରୁ ନିଆଁ ଉଡି ସିଲିଂରେ ଲାଗିଯାଇଥିଲା।

## ସାଇବର ସଚେତନତା କାର୍ଯ୍ୟକ୍ରମ

**କଟକ ସଦର,୨୬।୧୦(ଡି.ଏନ୍.ଏ.):** ବରିଷ୍ଠ ନାଗରିକମାନେ ଇଣ୍ଟରନେଟ୍ ବ୍ୟବହାର କଲାବେଳେ ସାଇବର ଠକାମିର ଶିକାର ହେଉଛନ୍ତି। ତେଣୁ ସେମାନଙ୍କୁ ସଚେତନ କରିବା ପାଇଁ ମଙ୍ଗଳବାର କନ୍ଦରପୁର ଥାନା ଓ କଟକ ସାଇବର ଥାନାର ମିଳିତ ଉଦ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କନ୍ଦରପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଇବର ଅଧିକାରୀ ରେଣୁବାଳା ତ୍ରିପାଠୀ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ଠକେଇ ଶିକାର ହେବାର ପୂର୍ବ ସୂଚନା ସମ୍ପର୍କରେ ବୁଝାଇଥିଲେ। କନ୍ଦରପୁର ଥାନାଧିକାରୀ ବିପିନ ବିହାରୀ ହୋତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମଳୟ ରଞ୍ଜନ ପରିଡ଼ା, ବରିଷ୍ଠ ନାଗରିକ ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀ, ସନ୍ତୋଷ ତ୍ରିପାଠୀ, ଅରକ୍ଷିତ ଭୋଇ, ମହାଦେବ ମହାରଣା, ବାବାଜୀ ଚରଣ ବିଶ୍ୱାଳ ଓ ମନମୋହନ ପରିଡ଼ା ଉପସ୍ଥିତ ଥିଲେ।

## ୩ ପ୍ରକଳ୍ପର ଶିଳାନ୍ୟାସ

**କଟକ ସଦର,୨୬।୧୦(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ସ୍ଥାୟୀ ଗୃହର ଶିଳାନ୍ୟାସ ମଙ୍ଗଳବାର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ଦ୍ୱାରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରଫୁଲ୍ଲ କୁମାର ଭୋଇ, ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ା, ବିଡିଓ ରାଜୀବଲୋଚନ ପରିଡ଼ା, ସହକାରୀ ଯନ୍ତ୍ରୀ ବିକାଶ ଭୂୟାଁ, ସମର ବେହେରା ଓ ରଜନୀକାନ୍ତ ସାହୁ ଯୋଗ ଦେଇଥିଲେ। ଏଥିସହ ସିଦ୍ଧେଶ୍ୱରପୁରଠାରେ ବିଧାୟକ ବେହେରା ମିଶନଶକ୍ତି ଗୃହର ଶିଳାନ୍ୟାସ କରିଥିଲେ। ଏଥିରେ ପ୍ରମୋଦ ମହାପାତ୍ର, ଜିଲା ପରିଷଦ ସଭ୍ୟା ଝିନୁ ବେହେରା, ଶରତ କୁମାର ରାୟ , ଭିକାରି ଚରଣ ବେହେରା ଉପସ୍ଥିତ ଥିଲେ। ସେହିପରି କନ୍ଦରପୁର କଲେଜ ରୋଡ ପାର୍ଶ୍ୱରେ କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରାଯାଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ପ୍ରମୋଦ ରାଉତ, ଅକ୍ଷୟ ଜେନା, ଶିବପ୍ରସାଦ ପ୍ରଧାନ, ପବିତ୍ର ବେହେରା ଓ ରାଜୀବ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

## ସାଧିକା ମା' ରୁକ୍ମିଣୀ ଦେବୀଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ,୨୬।୧୦:** କଟକ ବିଡାନାସୀସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ଓ ଆଦର୍ଶ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ପରିସରରେ ସାଧିକା ରୁକ୍ମିଣୀ ଦେବୀଙ୍କ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ସୁବାସ ସିଂ ଯୋଗଦେଇ କହିଥିଲେ, ରୁକ୍ମିଣୀ ଦେବୀ ୧୯୭୩ ମସିହାରୁ ସରକାରୀ ଚାକିରି ଛାଡି କୁମାର ଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନରେ ସାମିଲ ହୋଇଥିଲେ। ଶୋଭନୀୟ ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଡ. ପ୍ରମୋଦ ମିଶ୍ର, ଇଷ୍ଟକୋଷ୍ଟ ରେଲୱେର ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ ଶରତ ପ୍ରଧାନ, ଇତିଶ୍ରୀ ବେହେରା, ଜଗନ୍ନାଥ ସ୍ୱାଇଁ, ମା' ସାରଦା ଦେବୀ ପ୍ରମୁଖ ଯୋଗଦେଇଥିଲେ। ଡ. ବନଲତା ଦେବୀ ଧନ୍ୟବାଦ ଦେଇଥିଲେ।

# ଦେଢ଼ବର୍ଷ ପରେ ବି ଜଣାପଡ଼ିଲେନି ଅଭିଯୁକ୍ତ

### ପାଗ ପାନ ବ୍ୟବସାୟୀ ହତ୍ୟା ଘଟଣା

■ ଥାନାକୁ ଦୌଡ଼ି ନିରାଶ ପରିବାର

**କଟକ ଅଫିସ,୨୬।୧୦**

କୌଣସି ହତ୍ୟା ଘଟଣା ଘଟିଲେ ପୋଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥାଏ। ଏପରି କି ଅନେକ କ୍ଷେତ୍ରରେ ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁରର ମଧ୍ୟ ସହଯୋଗ ନିଆଯାଇଥାଏ। ହତ୍ୟାକାଣ୍ଡ ସମୟରେ ବିଭିନ୍ନ ସନ୍ଦିଗ୍ଧଙ୍କୁ ଘନଘନ ଜେରା ହେଉଛି। ମୃତକଙ୍କ ପରିବାର ଲୋକଙ୍କୁ ମଧ୍ୟ ପଚରାଉଚୁରା କରାଯାଉଛି। ହେଲେ କିଛିଦିନ ପରେ ତଦନ୍ତ ଶିଥିଳ ହୋଇଯାଉଛି। ଏପରିକି ମୃତକଙ୍କ ପରିବାର ଲୋକ ମଧ୍ୟ ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ବିଭିନ୍ନ କାରଣ ଦର୍ଶାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ତଦନ୍ତ ଶେଷ ହେଉ ନ ଥିବାରୁ ଏହା ଲୋକଲୋଚନରୁ ପାସୋରି ହୋଇଯାଉଛି ଏବଂ ଅଭିଯୁକ୍ତମାନେ ଖସି ଯିବାରେ ସଫଳ ହେଉଛନ୍ତି। ପାଗ ପାନ ବ୍ୟବସାୟୀ ହତ୍ୟା ଘଟଣା ଯାହାର ଏକ ଉଦାହରଣ ମାତ୍ର।

୨୦୨୦ ଫେବୃୟାରୀ ୧୮ ବିଳମ୍ବିତ ରାତିରେ କଟକ ଜଗତପୁର ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁରର ପାନ ବ୍ୟବସାୟୀ କ୍ଷୀରୋଦ ଭୋଇଙ୍କୁ ପାଗା-ଗୋପୀନାଥପୁର ବାଇପାସ୍ ନିକଟ ଦୋକାନ ଭିତରେ ହତ୍ୟା କରାଯାଇଥିଲା। ଦୋକାନ ନିକଟସ୍ଥ ସିସିଟିଭି ଫୁଟେଜକୁ ଜଗତପୁର ଥାନା ପୋଲିସ ଜବତ କରିଥିଲା। ହେଲେ କୁହୁଡି ଯୋଗୁ ହତ୍ୟାକାରୀଙ୍କୁ ଚିହ୍ନଟ କରାଯାଇ ପାରି ନ ଥିଲା। କ୍ଷୀରୋଦ ନିଆଳିରୁ ପାନ ଆଣି ବିଭିନ୍ନ ସ୍ଥାନରେ ଯୋଗାଉଥିଲେ। ତେଣୁ ବ୍ୟବସାୟିକ ଶତ୍ରୁତାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିଲା। ସେତେବେଳେ ଘଟକକେଶାର ତଦନ୍ତ ଏସ୍ଆଇ ଜଗନ୍ନାଥ ପରିଡ଼ା କରୁଥିଲେ। ମାତ୍ର ତାଙ୍କର ବଦଳି ପରେ ପାଗା ଫାଣ୍ଡି ଅଧିକାରୀ ରୋହିତ ବଳ କରୁଛନ୍ତି। ଏହି ଘଟଣାରେ ୭୦ଜଣଙ୍କୁ ପୋଲିସ ପକ୍ଷରୁ କକଜେରା କରାଯିବା ସହ ଘଟଣାର ସମସ୍ତ ଦିଗକୁ ଯାଞ୍ଚ କରାଯାଇ ତଦନ୍ତ ଚାଲିଛି। ଏପରି କି ଏକାଧିକ ମୋବାଇଲକୁ ଯାଞ୍ଚ କରାଯାଉଛି ବୋଲି ତଦନ୍ତକାରୀ ଅଧିକାରୀ ବଳ କହୁଥିଲେ ସୁଦ୍ଧା ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇପାରି ନାହିଁ। ଏହା ଏକ ହତ୍ୟା ଘଟଣା ହୋଇଥିବାରୁ ୯୦ଦିନ ମଧ୍ୟରେ ପୋଲିସ ଚାର୍ଜଶିଟ ଦେବା କଥା। କିନ୍ତୁ ପୋଲିସର କୋହଳ ତଦନ୍ତରୁ ଚାର୍ଜଶିଟ ଦାଖଲ ହୋଇପାରି ନାହିଁ କି ଅଭିଯୁକ୍ତଙ୍କ ପତ୍ତା ମିଳିପାରୁ ନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି।

### ଏମାନେ ଯାହା କୁହନ୍ତି:



"ହତ୍ୟାକାଣ୍ଡ ପରେ ପୋଲିସ ବାରମ୍ବାର ଗାଁକୁ ଆସି ତଦନ୍ତ କଲା। ଆମେ ବି ଥାନାକୁ ଦୌଡ଼ିଲୁ। ଇତିମଧ୍ୟରେ ଦେଢ଼ବର୍ଷ ବିତିଯାଇଥିଲେ ସୁଦ୍ଧା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରି ନାହିଁ। ବାପାଙ୍କ ରୋଜଗାରରେ ପରିବାର ଚଳୁଥିଲା। କିନ୍ତୁ ତାଙ୍କ ଦେହାନ୍ତ ପରେ ପେଟପାଟଣା ପାଇଁ ୩ ଭାଇ ମଜୁରିଆ ଭାବେ କାର୍ଯ୍ୟ କରୁଛୁ। ଏନେଇ ବହୁ ଖବର ପ୍ରକାଶ ପାଇଲା। କିନ୍ତୁ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ହୋଇପାରୁନି।

**- ଶଙ୍କର୍ଷଣ ଭୋଇ, ମୃତକଙ୍କ ପୁଅ**



"ହତ୍ୟା ଘଟଣାରେ ତଦନ୍ତକାରୀ ଅଧିକାରୀଙ୍କ ନିଷ୍ଠା ଓ ଉଦ୍ୟମ ଠିକଭାବେ ରହୁନାହିଁ। ସେ ଯେଉଁପରି ଭାବରେ ଫିଡବ୍ୟାକ ସଂଗ୍ରହ କରିବା କଥା, ତାହା କରିପାରୁ ନାହାନ୍ତି। ସେହିପରି ତାଙ୍କ ଏଜେନ୍ସି ଠିକଭାବେ କାମ କରୁନାହିଁ। ସେମାନେ ସ୍ୱାଇ ରଖି ତଦନ୍ତ କରିବା ଆବଶ୍ୟକ। ଏହି ଘଟଣାରେ ଅଭିଯୁକ୍ତ ଧରାପଡିବେ କ'ଣ, ପୋଲିସ ଅପରାଧୀ କିଏ ତାହା ଏପର୍ଯ୍ୟନ୍ତ ମଧ୍ୟ ଜାଣିପାରି ନାହିଁ। ଅପରାଧ ଘଟୁଛି, କିନ୍ତୁ ଅପରାଧୀଙ୍କୁ ପୋଲିସ ଚିହ୍ନଟ କରିପାରୁନି, ତେଣୁ ତଦନ୍ତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

**- ସୌରଚନ୍ଦ୍ର ମହାପାତ୍ର, ଆଇନଜୀବୀ**



"ପାଗା ପାନ ବ୍ୟବସାୟୀ କ୍ଷୀରୋଦ ହତ୍ୟାକାଣ୍ଡର ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରାଯିବ। ତେବେ ତଦନ୍ତ ଚାଲିଥିବାରୁ ଏନେଇ ବିଶେଷ କିଛି କୁହାଯାଇ ପାରିବ ନାହିଁ।

**-ପ୍ରତୀକ୍ ସିଂ, ଡିସିପି**



କଟକ ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ସଂଘମିତ୍ରା ମିଶ୍ରଙ୍କୁ ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ମାନ ପ୍ରଦାନ କରାଯାଉଛି।

## ସଂଘମିତ୍ରା ମିଶ୍ର ପାଇଲେ ଗୋଦାବରୀଶ ମିଶ୍ର ସମ୍ମାନ

**କଟକ ଅଫିସ,୨୬।୧୦**

କଟକ ସାରଳା ଭବନରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରିଥିଲେ। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କବି ଓ ଗବେଷକ ହରପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଗୋଦାବରୀଶଙ୍କ ସୃଷ୍ଟିସମ୍ଭାର କାଳଜୟୀ। ସେ ଜଣେ ତ୍ୟାଗୀ, ସାଧୁ, ନୀତିନିଷ୍ଠ ଓ କର୍ମନିଷ୍ଠ ବ୍ୟକ୍ତିତ୍ୱ ଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଯୋଗଦେଇ ସତ୍ୟବାଦୀର ଶିକ୍ଷକ କବି ଗୋଦାବରୀଶ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ । ଏହି ଅବସରରେ ବିଶିଷ୍ଟ ସାହିତ୍ୟ ସମୀକ୍ଷକ ଓ ନାଟ୍ୟକାର ପ୍ରଫେସର ସଂଘମିତ୍ରା ମିଶ୍ରଙ୍କୁ ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିରେ ଡ. ବିରଞ୍ଚି କୁମାର ସାହୁ , ଇଂ. ସୁଶାନ୍ତ କୁମାର ସେଠୀ, ଲକ୍ଷ୍ମୀପ୍ରକାଶ ମହାପାତ୍ର, ବନଶ୍ରୀ ମହାପାତ୍ର, ହେମନ୍ତ ମହାରଣା, ବିଭୂତି ସାମଲ, ବ୍ରଜକିଶୋର ବେଉରା, ବିଷ୍ଣୁ ପ୍ରସାଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

## ମଠ, ମନ୍ଦିର ସରକାରୀ ନିୟନ୍ତ୍ରଣମୁକ୍ତ ନ ହେଲେ ଆନ୍ଦୋଳନ

**କଟକ ଅଫିସ, ୨୬।୧୦**

ଦେବାଳୟ ବିମୋଚନ ଟ୍ରଷ୍ଟର ଏକ ବୈଠକ ନୂଆବଜାର ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆରଏସ୍ଏସ୍‌ର କାର୍ଯ୍ୟକର୍ତ୍ତା ବିନୟ କୁମାର ଭୂୟାଁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଙ୍ଗଠନିକ ଦିଗ ଉପରେ ଆଲୋକପାତ କରିଥିଲେ। ରାଜ୍ୟରେ ମଠ, ମନ୍ଦିରକୁ ଅବିଳମ୍ବେ ସରକାର ନିୟନ୍ତ୍ରଣମୁକ୍ତ ନ କଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏଥିସହିତ ସାରା ରାଜ୍ୟରୁ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିକଟକୁ ଏହି ମର୍ମରେ ପୋଷ୍ଟକାର୍ଡ ପଠାଇବା ସହ ସମସ୍ତ ଜିଲାରେ ସଂସ୍ଥାର ଶାଖା ଖୋଲି ସ୍ଥାନୀୟ କମିଟି ଗଠନ କରିବାକୁ ମତ ପ୍ରକାଶ ପାଇଥିଲା। ସମସ୍ତ ଜିଲାରେ ଏଦିଗରେ ଜନସଚେତନତା ସୃଷ୍ଟି କରିବା ପାଇଁ ଜଣେ ଦୁଇଜଣ ଲେଖାଏଁ ଉତ୍ସାହୀ ବ୍ୟକ୍ତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଆସନ୍ତା ଡିସେମ୍ବରରେ କଟକ ସହରର ସମସ୍ତ ସାହି ମୁରବୀ, ପୂଜା କମିଟି ଓ ସଂକୀର୍ତ୍ତନ ମଣ୍ଡଳୀ କର୍ମକର୍ତ୍ତାଙ୍କ ସହିତ ଏକ ବୈଠକ ଆୟୋଜନ ପାଇଁ ସ୍ଥିର କରାଯାଇଥିଲା। ବୈଠକରେ ସଙ୍ଗଠନର ମୁଖ୍ୟ ଟ୍ରଷ୍ଟି ପି.କେ. ଜେନା, ବିଭୂତି ଭୂଷଣ ଦାଶ, ଦେବେନ୍ଦ୍ର ପରିଡା, ସୁଦର୍ଶନ ସାସମଲ, ଅଗଣୀ ନାୟକ, ସାଗରିକା ସାହୁ, ବୀରକିଶୋର ବାରିକ, ରଘୁନାଥ ବାରିକ, ଲଳିତ କାନୁନଗୋଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## 'ପଞ୍ଚୁକ ପୂର୍ବରୁ ରାସ୍ତା ମରାମତି ଶେଷ କର'

### ପଞ୍ଚୁକ, ବଡ଼ଓଷା ପ୍ରସ୍ତୁତି ବୈଠକ

**ଖୁଣ୍ଟୁଣୀ,୨୬।୧୦(ଡି.ଏନ୍.ଏ.)**

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପଞ୍ଚୁକ ଓ ବଡଓଷା ପାଇଁ ମଙ୍ଗଳବାର ମଧ୍ୟାହ୍ନରେ ଧବଳେଶ୍ୱର ପୀଠ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରିଥିଲେ। ନଭେମ୍ବର ୧୫ ତାରିଖରେ ପଞ୍ଚୁକ ଓ ୧୭ ତାରିଖ ବଡଓଷା ପାଳନ କରାଯିବ। ପଞ୍ଚୁକ ପୂର୍ବରୁ ପୀଠ ସଂଲଗ୍ନ ଉଭୟ ପାର୍ଶ୍ୱ ରାସ୍ତା ମରାମତି, ପୀଠକୁ ଆଲୋକରେ ସଜ୍ଜିତ କରିବା, ବିଦ୍ୟୁତ୍ ସେବା, ନିରବଚ୍ଛିନ୍ନ ଜଳଯୋଗାଣ, ୧୦ ଦିନ ମଧ୍ୟରେ ଝୁଲାପୋଲର ମରାମତି ଓ ରଙ୍ଗ କରିବା, ପୀଠ ଭିତର ଏବଂ ବାହାର ଆବର୍ଜନା ସଫା କରିବା, ମନ୍ଦିର ସହିତ ସମସ୍ତ ଗୃହର ରଙ୍ଗ କରିବା ପାଇଁ ଜିଲାପାଳ ଚୟନୀ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାବାଦ୍ ସରକାରଙ୍କ ନଭେମ୍ବର ଗାଇଡ୍‌ଲାଇନ୍ ଘୋଷଣା ପରେ ମନ୍ଦିର ଭିତରକୁ ଭକ୍ତଙ୍କୁ ପ୍ରବେଶ ପାଇଁ ଅନୁମତି ଦିଆଯିବ କି ନାହିଁ ତାହା ସ୍ପଷ୍ଟ ହେବ ବୋଲି ଜିଲାପାଳ କହିଥିଲେ। ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ ଶିବସ୍ତୋତ୍ର ପାଠ କରିଥିଲେ। ଏହି ବୈଠକରେ ଉପଜିଲାପାଳ ଅଜାମ୍ବର ମହାନ୍ତି, ଅମ୍ବର କର, ଅଲେଖ ଚନ୍ଦ୍ର ପହି, ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଆଠଗଡ ତହସିଲଦାର ପ୍ରିୟବ୍ରତ ଦାସ, ବିଡ଼ିଓ ଅରୁଣ ଦାସ, ଆଠଗଡ଼ ଏନ୍ଏସି ଅଧ୍ୟକ୍ଷା ଆଶାଲତା ରଚମାଳା, ଅଲେଖ ଚନ୍ଦ୍ର ଦାସ, ଭବାନୀ ଶଙ୍କର ପଣ୍ଡା, ମଞ୍ଚେଶ୍ୱର ସରପଞ୍ଚ ପ୍ରିୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶୋଭାଯାତ୍ରାରେ ସଚେତନତା

**ଚୌଦ୍ୱାର,୨୬।୧୦(ଡି.ଏନ୍.ଏ.)**

ବିଶ୍ୱ ପୋଲିଓ ଦିବସ ଉପଲକ୍ଷେ କୁଜିବର ଗ୍ରାମର କମ୍ୟୁନିଟି କ୍ରପସ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ରପସ୍‌ର ସଭାପତି ରମେଶ ଚନ୍ଦ୍ର ସାହାଣୀଙ୍କ ନେତୃତ୍ୱରେ ସଦସ୍ୟାସଦସ୍ୟ ଓ ଗ୍ରାମର ଯୁବତୀଯୁବକମାନେ ଶୋଭାଯାତ୍ରାରେ କୁଜିବର ଏବଂ ଏହାର ଆଖପାଖ ଗ୍ରାମ ପରିକ୍ରମା କରି ପୋଲିଓ ରୋଗର ଭୟାବହତା ସମ୍ପର୍କରେ ସଚେତନ ବାର୍ତ୍ତା ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ପୋଲିଓ ରୋଗ ନିରାକରଣ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଗୀତାଞ୍ଜଳି ମହାରଣା, ସୁନିତା ମହାରଣା କାର୍ଯ୍ୟକ୍ରମ ପରିଚାଳନା ଓ କ୍ରପସ୍ ସମ୍ପାଦକ ବାସୁଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କଟକ ବାଲିଯାତ୍ରା: କୋଭିଡ୍ ସ୍ଥିତି ଦେଖି ନିଷ୍ପତ୍ତି

**କଟକ ଅଫିସ,୨୬।୧୦**

ଚଳିତବର୍ଷ କଟକ ବାଲିଯାତ୍ରାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ବାଲିଯାତ୍ରା ହେବ କି ନାହିଁ ତାହା ନଭେମ୍ବର ମାସର କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବ ବୋଲି ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀରେ ଆୟୋଜିତ ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରୁ ଏହି ବାଲିଯାତ୍ରା ଆରମ୍ଭ ହୋଇଥାଏ। ଏଠାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲୋକମାନେ ଆସି ଚଟ୍‌ପଟିଆ ଖାଦ୍ୟ ଖାଇବା ସହ ବିଭିନ୍ନ ସାମଗ୍ରୀ କିଣି ଘରକୁ ନେଇଥାନ୍ତି। ଏଠାରେ ପ୍ରତିଦିନ ବହୁସଂଖ୍ୟକ ଲୋକଙ୍କ ଗହଳି ଦେଖିବାକୁ ମିଳିଥାଏ। ପ୍ରବଳ ଭିଡ଼ ଯୋଗୁ କରୋନା ସଂକ୍ରମଣର ଭୟ ରହିଛି। ଏଥିପାଇଁ ସରକାର ସମସ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେବେ। ନଭେମ୍ବରରେ ବାଲିଯାତ୍ରା ହେବ କି ନାହିଁ ସେ ସମ୍ପର୍କରେ ସୂଚନା ଦିଆଯିବ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ତୃପ୍ତିସ୍ମିତା



@ ଧର୍ମେନ୍ଦ୍ର



@ ବୁଲିଆ



@ କାହ୍ନୁ



@ ନିର୍ମଳ



@ ସମିମ୍ ଅଖ୍ତାର

## 'କର୍ମଚାରୀ ସାଧୁତା, ସ୍ୱଚ୍ଛତା ବଜାୟ ରଖନ୍ତୁ'

### ପୋଲିସ, ଭିଜିଲାନ୍ସ ମୁଖ୍ୟାଳୟରେ ଶପଥପାଠ କାର୍ଯ୍ୟକ୍ରମ

**କଟକ ଅଫିସ,୨୬।୧୦**

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ମଙ୍ଗଳବାର ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଜିପି ଅଭୟ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସମସ୍ତ କାର୍ଯ୍ୟରେ ସାଧୁତା, ସ୍ୱଚ୍ଛତା ବଜାୟ ରଖିବା ସହ ପ୍ରତ୍ୟେକ ସ୍ତରରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ବିନା ଦ୍ୱିଧାରେ କାର୍ଯ୍ୟ କରିବାକୁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ଆର୍.କେ. ଶର୍ମା, ଏଡିଜିପି (କ୍ରାଇମବ୍ରାଞ୍ଚ) ସଞ୍ଜୀବ ପଣ୍ଡା, ଆଇଜି (ହେଡକ୍ୱାର୍ଟର୍ସ) ଦେବଦତ୍ତ ସିଂ, ଆଇଜି (ପ୍ରୋଭିଜନିଂ) ଯତୀନ୍ଦ୍ର କୋଏଲ, ଆଇଜି (ପର୍ସୋନେଲ) ଏସ୍. ପ୍ରବୀଣ କୁମାର ଓ ଆଇଜି (କ୍ରାଇମବ୍ରାଞ୍ଚ) ଅମିତେନ୍ଦ୍ର ନାଥ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଟକସ୍ଥିତ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ନିର୍ଦ୍ଦେଶକ ଯଶୋବନ୍ତ କୁମାର ଜେଠଓ୍ୱା ଏଥିରେ ଅଧ୍ୟକ୍ଷତା କରି ନିର୍ଦ୍ଦେଶାଳୟ, ସେଲ୍ ଡିଭିଜନର ଅଧିକାରୀ ଓ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ। ଅଧିକାରୀମାନେ ନିଷ୍ଠାପୂର୍ବକ କାର୍ଯ୍ୟ କରିବା ଓ ଆତ୍ମନିର୍ଭର ଓଡ଼ିଶା ଗଠନ ନିମନ୍ତେ ଦୁର୍ନୀତି ବିରୋଧରେ ସଂଗ୍ରାମ ଜାରି ରଖିବାକୁ ଜେଠଓ୍ୱା ସହଯୋଗ କାମନା କରିଥିଲେ।



ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ଶପଥପାଠ କାର୍ଯ୍ୟକ୍ରମ।



କଟକ ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଓ କର୍ମଚାରୀମାନେ ଦୁର୍ନୀତି ନିବାରଣ ଶପଥ ପାଠ କରୁଛନ୍ତି।



କଟକସ୍ଥିତ ମୁଖ୍ୟାଳୟରେ ଡିଜି ଅଭୟ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଶପଥପାଠ କରାଉଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ନିରାକାରପୁର,୨୬।୧୦(ଡି.ଏନ୍.ଏ.): ନିରାକାରପୁର ଥାନା ଅଧୀନ ରାମେଶ୍ୱର ଗ୍ରାମରେ ମଙ୍ଗଳବାର ଜଣେ ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସୋମନାଥ ସେଠୀ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। କେତେଜଣ ଗ୍ରାମବାସୀଙ୍କ କହିବାନୁଯାୟୀ, ସୋମନାଥ ମଙ୍ଗଳବାର ମଧାହ୍ନ ପ୍ରାୟ ୧୨ଟାରେ ଘର କବାଟ ଖୋଲି ନ ଥିଲେ। ଝରକା ପଟେ ଫ୍ୟାନରେ ସୋମନାଥ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ତୁରନ୍ତ କବାଟ ଭାଙ୍ଗି ସୋମନାଥଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ କୌଣସି ଅଭିଯୋଗ ହୋଇ ନାହିଁ। ବୁଧବାର ମୃତଦେହ ବ୍ୟବଚ୍ଛେଦ ହୋଇ ଆସିଲା ପରେ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।

### ନନ୍ଦନକାନନରେ ଧଳା ମୟୂର, ସିମ୍ପାଞ୍ଜି ଅସୁସ୍ଥ

ବାରଙ୍ଗ,୨୬।୧୦(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ପାଦଚଲା ବିହଙ୍ଗ ସାରଣୀରେ ରହୁଥିବା ୩ବର୍ଷର ଅଣ୍ଡିରା ଧଳା ମୟୂର ପ୍ରଥମଥର ପାଇଁ ଅସୁସ୍ଥ ହୋଇଛି। ମୟୂରଟି ବିହଙ୍ଗ ସାରଣୀରେ ବୁଲାବୁଲି କରୁଥିବାବେଳେ ମଙ୍ଗଳବାର ମଧାହ୍ନ ସମୟରେ ହଠାତ୍ ବେକ ମୋଡି ତଳେ ପଡ଼ିଯାଇଥିଲା। ଅନ୍ୟପଟେ ଜନ୍ତୁ ବିଭାଗର ପରିଚାଳନା ଗତତ୍ରୁଟି ପାଇଁ ଏଭଳି ସମସ୍ୟା ଦେଖାଦେଇଛି ବୋଲି କର୍ମଚାରୀ ମହଲରେ ଅଭିଯୋଗ ହୋଇଛି। ସେ ଦୁର୍ବଳ ହେବା ସହିତ ଗୋଟିଏ ସ୍ଥାନରେ ପଡିରହିବା ସହ ଖାଦ୍ୟ ଖାଉ ନ ଥିଲା। ଖବରପାଇ ନନ୍ଦନକାନନ ଡାକ୍ତରୀ ଦଳ ଅସୁସ୍ଥ ମୟୂରଟିକୁ ଚିକିତ୍ସା କରିବା ସହ ଗ୍ଲୁକୋଜ ପାଣି ସହିତ ଆଣ୍ଟିବାୟୋଟିକ ଔଷଧ ଦେବା ପରେ ଏକପ୍ରକାର ସୁସ୍ଥ ଅଛି। ସେହିପରି ୬୦ଏ ଏନକ୍ଲୋଜରରେ ରହୁଥିବା ମାଈ ସିମ୍ପାଞ୍ଜି ରାକ୍ଷୀ ମଧ ମଙ୍ଗଳବାର ଅସୁସ୍ଥ ହୋଇପଡିଛି। ଡାକ୍ତରମାନେ ପହଞ୍ଚି ତାକୁ ଚିକିତ୍ସା କରିବା ପରେ ସେ ସୁସ୍ଥ ହୋଇଛି। ରାକ୍ଷୀ ଏବେ ଗର୍ଭବତୀ ଅଛି। ସେ ଡିସେମ୍ବର ଶେଷ ସପ୍ତାହ କିମ୍ବା ଜାନୁୟାରୀ ପ୍ରଥମ ସପ୍ତାହରେ ଛୁଆ ଜନ୍ମ ତାରିଖ ଧାର୍ଯ୍ୟ କରାଯାଇଛି।

### ମୃତଦେହ ଜବତ, ପୋଲିସର ତଦନ୍ତ ଆରମ୍ଭ

ଜଟଣୀ,୨୬।୧୦(ଡି.ଏନ୍.ଏ.): ଜଟଣୀ ପୋଲିସ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସେ ହେଲେ ଗଜପତିନଗର ଅଞ୍ଚଳର ଗଣେଶ ପୃଷ୍ଟି(୪୨)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୬/୨୧)ରୁଜୁକରି ତଦନ୍ତ ଚଳାଇଛି।

### ଭତ୍ତା ପାଇଁ ୨କି.ମି. ଚାଲି ଚାଲି ଯାଉଛନ୍ତି ଦିବ୍ୟାଙ୍ଗ



ଜଟଣୀ,୨୬।୧୦ (ଡି.ଏନ୍.ଏ.): ସରକାର ଦିବ୍ୟାଙ୍ଗଙ୍କ ସୁବିଧା ଏବଂ ସୁରକ୍ଷା ଲାଗି ଆଇନ୍ ପ୍ରଣୟନ କରିଛନ୍ତି। ଏଥିସହ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ୍ ଅନ୍ତର୍ଗତ କନ୍ତିଆ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜଣେ ଦିବ୍ୟାଙ୍ଗ ମହିଳା ଭତ୍ତା ପାଇଁ ୨କିଲୋମିଟର ଚାଲି ଚାଲି ଯାଉଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, କନ୍ତିଆ ପଞ୍ଚାୟତ ଅନ୍ତର୍ଗତ ରଥିପୁର ଗ୍ରାମର ୱାର୍ଡ ନମ୍ବର-୪ ଭୋଇ ସାହିରେ ରୁହନ୍ତି ଦିବ୍ୟାଙ୍ଗ ପୁଷ୍ପଲତା ନାୟକ(୪୫)। ସରକାରଙ୍କ ପକ୍ଷରୁ ତାଙ୍କୁ ପ୍ରତି ମାସରେ ଭତ୍ତା ପ୍ରଦାନ କରାଯାଉଛି। ପଞ୍ଚାୟତ କାର୍ଯ୍ୟାଳୟରେ ଏହି ଭତ୍ତା ଟଙ୍କା ଦିଆଯାଉଛି। ତେବେ ପୁଷ୍ପଲତାଙ୍କ ଟ୍ରାଇସାଇକେଲ ନ ଥିବାରୁ ସେ ଏହି ଭତ୍ତା ଟଙ୍କା ପାଇଁ ଚାଲିଚାଲି ଯାଉଛନ୍ତି। କୌଣସି ହିତାଧିକାରୀ ଯାତାୟାତ କରିପାରୁ ନ ଥିଲେ ସେମାନଙ୍କର ସରକାରୀ ପ୍ରାପ୍ୟ ନିକଟକୁ ଯାଇ ପ୍ରଦାନ କରାଯିବା ନେଇ ସରକାରୀ ସ୍ତରରେ ବ୍ୟବସ୍ଥା ରହିଛି। କିନ୍ତୁ ପୁଷ୍ପଲତା ଏହି ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଡିଓ ସରୋଜ କୁମାର ରାଉତ କହିଛନ୍ତି, ଏହି ଘଟଣା ସମ୍ପର୍କରେ ବୁଝିବା ସହ ସମସ୍ୟାର ସମାଧାନ କରାଯାଇ ଆସନ୍ତା ମାସରୁ ପୁଷ୍ପଲତାଙ୍କ ଘରେ ଭତ୍ତା ପହଞ୍ଚାଯିବ ବୋଲି ସେ କହିଛନ୍ତି।

# କଟକ-ଭୁବନେଶ୍ୱର ରୋଡରେ ୩ ବାର୍ ସିଲ୍

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଉଚ୍ଚ ବାଦ୍ୟଯନ୍ତ୍ର ଓ ନାଚଗୀତର ଆସର ପାଇଁ ଲାଇସେନ୍ସ ନ ଥାଇ ମଧ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁଥିଲା ବାର୍। ରଙ୍ଗିନ୍ ହେଉଥିଲା ରାତି। ଖୋଲାଖୋଲି ନିୟମର ଉଲ୍ଲଂଘନ କରାଯାଉଥିଲା। ଏଭଳି ଅଭିଯୋଗ ପାଇବା ପରେ ମଙ୍ଗଳବାର କଟକର ଫ୍ଲାଇଂ ସ୍କ୍ୱାଡ୍, ଇଆଇବି ଓ ଭୁବନେଶ୍ୱର ଅବକାରୀ ଟିମ୍ ରାଜଧାନୀର ବିଭିନ୍ନ ଡ୍ୟାନ୍ସ ବାର୍ ଉପରେ ଏକକାଳୀନ ଚଢ଼ାଉ କରିଛନ୍ତି। ବିନା ଲାଇସେନ୍ସରେ ନାଚଗୀତ ଚାଲୁଥିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡର ୩ ବାର୍ ଯଥା ଲିଭ୍-ଇଟ୍ ଅପ୍, ନସା ଓ ଏକାମ୍ର ବାର୍‌କୁ ଅବକାରୀ ବିଭାଗ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସିଲ୍ କରି ଦିଆଯାଇଛି। ଏହି ୩ ବାର୍‌ର ମ୍ୟୁଜିକ୍ ଓ ଡ୍ୟାନ୍ସଫ୍ଲୋର୍ ଲାଇସେନ୍ସ ନ ଥିଲା। ସେହିପରି କଟକ ରୋଡ୍‌ସ୍ଥିତ ସେଲ୍ଟି ଓ ଅଶୋକା ଡ୍ୟାନ୍ସ, ଚନ୍ଦ୍ରଶେଖରପୁରସ୍ଥିତ ଏମ୍ବାସି ଏବଂ ୟୁନିଟ୍-୮ସ୍ଥିତ ଅଜିତ୍ ବାରରେ କୋଭିଡ୍ ଗାଇଡ୍‌ଲାଇନ୍ ଓ ଅବକାରୀ ଆଇନ ଉଲ୍ଲଂଘନ କରାଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁଥିଲା। ତେଣୁ ଏଗୁଡିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏଥିସହ ଉକ୍ତ ବାର୍ ଗୁଡ଼ିକରେ ନାଚୁଥିବା ୧୫ରୁ ଉର୍ଦ୍ଧ୍ୱ ବଙ୍ଗୀୟ ଯୁବତୀଙ୍କୁ ଅବକାରୀ ଟିମ୍ ପଚରାଉଚରା ପରେ ଛାଡ଼ିଦେଇଛି। ଏନେଇ ବାର୍‌ଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳଙ୍କୁ ଅବକାରୀ ବିଭାଗ ରିପୋର୍ଟ ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ରାଜଧାନୀରେ ବିଭିନ୍ନ ବାରରେ ବିନା ଲାଇସେନ୍ସରେ ଅନେକ ବାର ଚାଲୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏପରିକି ବିନା ଲାଇସେନ୍ସରେ କେତେକ ବାର ବାଦ୍ୟଯନ୍ତ୍ର ବଜେଇବା ସହ ନାଚଗୀତ ଆସର ଜମାଉଥିବା ଅଭିଯୋଗ ହେବା ପରେ ଅବକାରୀ କମିଶନର ଆଶିଷ ସିଂ ଓ ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ରାତି ୧୦ଟା ପରେ କଟକ ଫ୍ଲାଇଂସ୍କ୍ୱାଡ୍, କଟକର ଇଣ୍ଟେଲିଜେନ୍ସ ୟୁନିଟ ଓ ଭୁବନେଶ୍ୱର ଅବକାରୀ ଟିମ୍ ମିଳିତ ଭାବେ ରାଜଧାନୀର ବିଭିନ୍ନ ଡ୍ୟାନ୍ସ ବାର୍ ଉପରେ ଚଢ଼ାଉ କରିଥିଲେ।

### ବିନା ଲାଇସେନ୍ସରେ ଚାଲିଥିଲା ନାଚଗୀତର ଆସର



### ଅବକାରୀ, ଫ୍ଲାଇଂ ସ୍କ୍ୱାଡ୍‌ର ଚଢ଼ାଉ
### ୪ ବାର୍‌କୁ କାରଣ ଦର୍ଶାଅ ନୋଟିସ

### ସନ୍ଦେହ ଘେରରେ ପୋଲିସ କାର୍ଯ୍ୟାନୁଷ୍ଠାନ

ରାଜଧାନୀରେ ଅନେକ ଡ୍ୟାନ୍ସ ବାର୍ ଚାଲୁଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଭିତରେ ନାଚଗୀତର ଆସର ଜମୁଛି। ମନୀଷ ହତ୍ୟା ଘଟଣା ପରେ ତମାଣ୍ଡୋ ଥାନା ଅନ୍ତର୍ଗତ ସାଉଥସିଟି ହୋଟେଲ ଆଣ୍ଡ ବାର୍‌ର କଳାକାରନାମା ପଦାକୁ ଆସିଥିଲା। ରାତିସାରା ସେଠାରେ କିପରି ମଦର ଆସର ଜମିବା ସହ ରାତି ରଙ୍ଗିନ ହେଉଥିଲା ତାହା ଏବେ ଜଣାପଡ଼ିଛି। ତମାଣ୍ଡୋ ଥାନା ଅଧିକାରୀଙ୍କ ଜାଣତରେ ଏହା ଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିଲା। ଖାଲି ସାଉଥ ସିଟି ବାର୍ ନୁହେଁ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଏପରି ଅନେକ ବାର୍ ଚାଲୁଛି। ଏନେଇ ବିଭିନ୍ନ ସମୟରେ ଅଭିଯୋଗ ମଧ ହେଉଛି। ହେଲେ ପୋଲିସ ଜାଣି ନ ଜାଣିବା ପରି ଅଭିନୟ କରୁଛି। ବାର୍ ମାଲିକମାନେ ସ୍ଥାନୀୟ ପୋଲିସକୁ ମାସିକିଆ ଚାନ୍ଦା ଦେଇ ବାର୍ ଚଳାଉଥିବା ମଧ ଅଭିଯୋଗ ହେଉଛି। ଫଳରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡଠାରେ କଂଗ୍ରେସ କର୍ମୀମାନେ ଧାରଣାରେ ବସିଛନ୍ତି।

# ସିବିଆଇ ତଦନ୍ତ, ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଇସ୍ତଫା ଦାବି

### ନୂଆ ବସଷ୍ଟାଣ୍ଡରେ କଂଗ୍ରେସର ଗଣଧାରଣା

ଖୋର୍ଦ୍ଧା ଅଫିସ,୨୬।୧୦

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ଅପହରଣ ଏବଂ ହତ୍ୟା ଘଟଣାର ସିବିଆଇ ତଦନ୍ତ ଏବଂ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ମଙ୍ଗଳବାର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟି ପକ୍ଷରୁ ଗଣଧାରଣା ଦିଆଯାଇଛି। କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ନୂଆବସଷ୍ଟାଣ୍ଡ ଛକରେ ଗଣଧାରଣା ଦେଇଥିଲେ। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ମମିତା ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ହେଉଛନ୍ତି ଗୃହ ରାଷ୍ଟ୍ରମନ୍ତ୍ରୀ ମିଶ୍ରଙ୍କ ଘନିଷ୍ଠ ସହଯୋଗୀ। ତାଙ୍କ ବ୍ୟତୀତ ଅନେକ ନେତା ଏବଂ ଉଚ୍ଚ ପଦସ୍ଥ ଅଧିକାରୀ ଏହି ଶିକ୍ଷାନୁଷ୍ଠାନ ସହିତ ଜଡିତ। ଏହି କଲେଜରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଓ ଅନ୍ୟାନ୍ୟ ଜନସାଧାରଣଙ୍କ ପାଣ୍ଠିରୁ ଅର୍ଥ ବିନିଯୋଗ ହୋଇଛି। ଏହି ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ନିମନ୍ତେ ସିବିଆଇକୁ ହସ୍ତାନ୍ତର କରାଯାଉ। ଏଥିସହ ମିଶ୍ରଙ୍କୁ ମନ୍ତ୍ରୀ ପଦରୁ ହଟାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲା କଂଗ୍ରେସ ସଭାପତି ତଥା ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଏହି ସରକାରଙ୍କ ଅମଳରେ ଦୁର୍ନୀତି, ଭ୍ରଷ୍ଟାଚାର ସୀମା ଟପିଛି। ମମିତା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କ ସହ ରାଷ୍ଟ୍ରମନ୍ତ୍ରୀ ମିଶ୍ରଙ୍କ ଘନିଷ୍ଠ ସମ୍ପର୍କ ରହିଥିବା ଚର୍ଚ୍ଚା ହେବା ପରେ ଘଟଣାକୁ ଚାପି ଦେବାକୁ ଉଦ୍ୟମ ଚାଲିଛି। ମନ୍ତ୍ରୀ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ପିସିସି ରାଜ୍ୟ ଉପସଭାପତି ଶୁଭେନ୍ଦୁ ମହାନ୍ତି, ପିସିସି ମୁଖପାତ୍ର ଅମିତ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ପରିଡା, ଭୂଷଣ ଛୋଟରାୟ, ପ୍ଲାବନ ପଟ୍ଟନାୟକ, ରଣଜିତ ମହାପାତ୍ର, ସୁକାନ୍ତ ରାଉତ, ଦିଲ୍ଲୀପ ସେଠୀଙ୍କ ସମେତ ମହିଳା କଂଗ୍ରେସର କୁସୁମ ପ୍ରଧାନ, ଶ୍ରିୟାସ୍ମିତା ପଣ୍ଡା, ନିରୁପମା ପାତ୍ର, ମୁନି ଆମ୍ବାଙ୍କ ସମେତ ଶତାଧିକ ଯୁବ, ଛାତ୍ର ଓ ମହିଳା କର୍ମୀ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ରଙ୍କ ନେତୃତ୍ୱରେ ଟାଉନ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ, ସଦର ଥାନାଧିକାରୀ ଅନିତା ସାହୁ, ୨ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

### ମଦ ଜବତ, ୨ ଗିରଫ

ବାଲୁଗାଁ,୨୬।୧୦(ଡି.ଏନ୍.ଏ.)

ବାଲୁଗାଁ ଓ ଟାଙ୍ଗୀ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଚନ୍ଦ୍ରାପୁଟ ଓ ବଡ଼କୂଳ ଅଞ୍ଚଳରେ ଚଢ଼ାଉ କରାଯାଇ ବେଆଇନ ଭାବେ ବିକ୍ରି ହେଉଥିବା ୧୦୮ଲିଟର ଦେଶୀ ମଦ ଜବତ କରାଯିବା ସହ ୨ଜଣ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଚନ୍ଦ୍ରାପୁଟ ଗ୍ରାମର ଧରମା ଜାଲି ଓ ବଡ଼କୂଳ ଗ୍ରାମର କିଶୋର ସାହୁ। ସୂଚନା ମୁତାବକ, ଚନ୍ଦ୍ରାପୁଟ ଗ୍ରାମରେ ବେଆଇନ ଭାବେ କାରବାର କରୁଥିବା ଧରମାଙ୍କ ଠାରୁ ୮୭ଲିଟର ଦେଶୀମଦ ଜବତ ହୋଇଥିଲା। ସେହିପରି ବଡ଼କୂଳ ଅଞ୍ଚଳର କିଶୋରଙ୍କ ଠାରୁ ୨୧ଲିଟର ମଦ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ ଦୁଇଟି ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଟାଙ୍ଗୀ ଅବକାରୀ ଅଧିକାରୀ ସୁନିତା ଦଳାଇ, ବାଲୁଗାଁ ଅବକାରୀ ଉପ-ନିରୀକ୍ଷକ ମନୋଜ ବାରିକ ଏବଂ କର୍ମଚାରୀମାନେ ସାମିଲ ହୋଇଥିଲେ।

### ୩୧ ଯାଏ ବନ୍ଦ ରହିବ ରାଜ୍ୟ ଗ୍ରନ୍ଥାଗାର

ଭୁବନେଶ୍ୱର, ୨୬।୧୦ (ବ୍ୟୁରୋ)

ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରକୁ ବୁଧବାର ଠାରୁ ୫ଦିନ ପାଇଁ ବନ୍ଦ ରଖା ଯାଇଛି। ଗ୍ରନ୍ଥାଗାରର ଜଣେ କର୍ମଚାରୀ କରୋନା ସଂକ୍ରମିତ ହୋଇଥିବା ଚିହ୍ନଟ ହେବା ପରେ ପାଠକ ଓ ଅନ୍ୟ କର୍ମଚାରୀଙ୍କ ନିରାପତ୍ତା ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହା ମଧରେ ଗ୍ରନ୍ଥାଗାରକୁ ବିଶୋଧନ କରାଯିବ। ୩୧ ତାରିଖ ପର୍ଯ୍ୟନ୍ତ ଗ୍ରନ୍ଥାଗାର ବନ୍ଦ ରହିବ। ତେଣୁ ଏହି ଦିନ ମଧରେ କୌଣସି ପାଠକ ପାଠାଗାରକୁ ନ ଆସିବାକୁ ପ୍ରେସ୍ ବିବୃତ୍ତିରେ କୁହାଯାଇଛି।



### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ତୃପ୍ତିସ୍ମିତା



@ ଧର୍ମେନ୍ଦ୍ର



@ ବୁଲିଆ



@ କାହ୍ନୁ



@ ନିର୍ମଳ



@ ସମିମ୍ ଅଖ୍ତାର

# ଦର ବୃଦ୍ଧିକୁ ନେଇ ବଢ଼ୁଛି ଅସନ୍ତୋଷ

ଖୋର୍ଦ୍ଧା ଅଫିସ,୨୬।୧୦

କାର୍ତ୍ତିକ ମାସରେ ସବୁଜ ପନିପରିବା ଆବଶ୍ୟକତା ରହିଥାଏ। ପରିବା ଦର ଆକାଶଛୁଆଁ ରହିଥିବାରୁ ଖାଉଟି, ହବିଷିଆଳି ଚିନ୍ତାରେ ପଡ଼ିଯାଇଛନ୍ତି। ୪୦ଟଙ୍କା ତଳକୁ କୌଣସି ପରିବା ନ ଥିବା ବେଳେ ଆଳୁ ୨୦ଟଙ୍କା ରହିଛି। ଅନ୍ୟପଟେ ଅତ୍ୟାବଶ୍ୟକ ଦରଦାମ ବୃଦ୍ଧି ସହ ପେଟ୍ରୋଲ ଓ ଡିଜେଲ ଦର କ୍ରମାଗତ ଭାବେ ବୃଦ୍ଧି ପାଉଛି। କରୋନା ସମୟରେ ଅନେକ ଲୋକ ଘରେ ହାତବାନ୍ଧି ବସିଛନ୍ତି। ଏଭଳି ସ୍ଥଳେ ପେଟ୍ରୋଲ ଓ ପରିବା ବୃଦ୍ଧି ସାଧାରଣ ବର୍ଗ ଲୋକଙ୍କ ମେରୁଦଣ୍ଡ ଦୋହଲାଇ ଦେଲାଣି। ଏଭଳି ସ୍ଥିତିରେ ତୈଳ ଦର ସାଧାରଣ ଲୋକଙ୍କୁ ଅସ୍ତବ୍ୟସ୍ତ କଲାଣି। ତୈଳ ଦର ବୃଦ୍ଧି ଯୋଗୁ ଅନ୍ୟାନ୍ୟ ସାମଗ୍ରୀ ଦର ମଧ ବଢ଼ି ଚାଲିଛି। ଫଳରେ ସାଧାରଣ ଲୋକଙ୍କ ଜୀବନ, ଜୀବିକା ପ୍ରଭାବିତ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି।

### ଏମାନେ କ'ଣ କୁହନ୍ତି...



“ପରିବା ଦର ଦିନକୁ ବଢ଼ିବାରେ ଲାଗିଛି। ୫ଶହ ଟଙ୍କା ନେଲେ ମଧ ବ୍ୟାଗ ପୂରୁନି। ଦର ଯାହା ରହିଛି, ବଜାରକୁ ଯିବାକୁ ଡର ଲାଗିଲାଣି। ଏହାର ପ୍ରଭାବ ସାଧାରଣ ଖାଉଟିଙ୍କ ଉପରେ ପଡିଛି। ସାଧାରଣ ଏବଂ ମଧବିତ୍ତ ପରିବାର ନାହିଁ ନ ଥିବା ହଇରାଣ ହେଉଛନ୍ତି।

-ଗୋପାଳକୃଷ୍ଣ ଦାସ, ସାମାଜିକ କର୍ମୀ



“ପ୍ରତି ଦିନେ ଦୁଇ ଦିନରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ୁଛି। ଅଶୌଧିତ ତୈଳ ଦର ବଢ଼ୁଥିବା ଆଳ ଦେଖାଇ କେନ୍ଦ୍ର ଓ ରାଜ୍ୟ ସରକାର ଜନତାଙ୍କୁ ଭୂଆଁ ବୁଲାଉଛନ୍ତି। ଜନତାଙ୍କ ପ୍ରତି କାହାରି ଦରଦ ନାହିଁ। ତୈଳ ଦର ବଢ଼ିବାରୁ ଏହାର ପ୍ରଭାବ ଅନ୍ୟ ସାମଗ୍ରୀ ଉପରେ ପଡୁଛି।

- ପ୍ଲାବନ ପଟ୍ଟନାୟକ, କଂଗ୍ରେସ ଯୁବନେତା



“ତୈଳ ଦର ବୃଦ୍ଧି ସହିତ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ପରିବା, ଗ୍ରସେରି, ଇନ୍ଧନ ଗ୍ୟାସ ଦାମ ବଢ଼ି ଚାଲିଛି। ପରିବାର ଚଳାଇବା କଷ୍ଟକର ହୋଇପଡିଲାଣି। ପେଟ୍ରୋଲ ବଢ଼ିଲା, ଇନ୍ଧନ ଗ୍ୟାସ ବଢ଼ିଲା, ଯାତ୍ରୀବସ ଭଡା ବଢ଼ିଲା। ଏବେ ଡାଲି, ଚାଉଳ ସବୁ ବଢ଼ିବ। ଏହି ମହଙ୍ଗା ମାଡ଼ ଅସ୍ତବ୍ୟସ୍ତ କଲାଣି।

- ପ୍ରତାପେଶ୍ୱର ଶତପଥୀ, ସାମାଜିକ କର୍ମୀ, ହରିପୁର ଶାସନ



“ପେଟ୍ରୋଲ ଦରକୁ ଦେଖି ଡର ଲାଗିଲାଣି। ଘରୁ ବାଇକ୍ ଧରି ବାହାରିବାକୁ ଇଚ୍ଛା ହେଉନି। ବ୍ୟବସାୟ କରିବାକୁ ବାହାରିଲେ, ଗାଡି ପରିବର୍ତ୍ତେ ସାଇକଲରେ ଯିବାକୁ ମନସ୍ଥ କରିଛି। ୧୦୮ଟଙ୍କା ତେଲ ପକାଇଲେ, ଦୁଇ ଦିନ ଯାଉ ନାହିଁ ପେଟ୍ରୋଲ ଦର ବଢ଼ିବାରୁ ବାଇକ ଛାଡି ସାଇକେଲ ଚଲାଇବି ବୋଲି ଚିନ୍ତା କରିଛି।

- ସନ୍ଦୀପ ପ୍ରଧାନ, ବ୍ୟବସାୟୀ



“ଧନୀ ହେଉ କି ଗରିବ ସମସ୍ତେ ବାଇକ୍ ବ୍ୟବହାର କରୁଛନ୍ତି। କରୋନା ସମୟରେ ଅନେକ ଘରେ ହାତବାନ୍ଧି ବସିଛନ୍ତି। ଏଭଳି ସ୍ଥଳେ ପେଟ୍ରୋଲ ବୃଦ୍ଧି ସାଧାରଣ ବର୍ଗ ଲୋକଙ୍କ ମେରୁଦଣ୍ଡ ଦୋହଲାଇ ଦେଲାଣି। ତେଲ ବଢ଼ିବା ଯୋଗୁ ଗାଡି ଭଡା ବୃଦ୍ଧି ଘଟିଛି। ଏପରିକି ପରିବା ଦର ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଦର ମଧ ବଢ଼ି ଚାଲିଛି। ଦର ନିୟନ୍ତ୍ରଣରେ ସରକାର ବିଫଳ ହୋଇଛନ୍ତି।

- ଜୟନ୍ତ ମହାନ୍ତି, ଜିଲା ସମ୍ପାଦକ ଡିଏସ୍ଓ



“ଗୋଟିଏ ପଟେ ପରିବା ଦର ଅନ୍ୟପଟେ ପେଟ୍ରୋଲ ମୂଲ୍ୟ ବାଧିଲାଣି। ବାଇକ୍ ଧରି ବଜାରକୁ ବାହାରିବାକୁ ଭୟ ଲାଗିଲାଣି। ସହର ଟ୍ରାଫିକ ସମସ୍ୟା ଯେମିତି ବଢ଼ିଲାଣି, ଗୋଟିଏ ଲିଟର ପେଟ୍ରୋଲ ପକାଇଲେ ଦିନେ ମଧ ଯାଉନାହିଁ।

- କ୍ଷିତୀଶ ମୋହନ ଦାଶ, ବ୍ୟବସାୟୀ

# 'ଉତ୍ତମ ବ୍ୟକ୍ତିତ୍ୱ ଗଠନରେ ଖବରକାଗଜ ଭୂମିକା ରହିଛି'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବେଗୁନିଆ,୨୬।୧୦(ଡି.ଏନ୍.ଏ.)

ବେଗୁନିଆ ବ୍ଲକ କଣ୍ଟାବାଡ଼ସ୍ଥିତ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ରାଧାବଲ୍ଲଭ ପାଠାଗାର ଓ ଛାତ୍ର ପ୍ରତିଭା ବିକାଶ ଗବେଷଣା କେନ୍ଦ୍ର ପକ୍ଷରୁ 'ବିଦ୍ୟାର୍ଥୀର ବୌଦ୍ଧିକ ବିକାଶରେ ଖବରକାଗଜ ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖବରକାଗଜ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ପାଠଚକ୍ରରେ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବକ୍ତାଭାବେ ସାମାଜିକ କର୍ମୀ ଦୁର୍ଗାପ୍ରସାଦ ଦାସ, ଅତିଥିଭାବେ ଶିକ୍ଷୟିତ୍ରୀ ଉମାମଣି ବେହେରା,ଶିକ୍ଷକ ନାରାୟଣ ମାନସିଂ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାର୍ଥୀଙ୍କ ବୌଦ୍ଧିକ ବିକାଶ ଓ ସାଧାରଣ ଜ୍ଞାନ ଆହରଣ କରିବାରେ ଖବରକାଗଜ ଭୂମିକା କ'ଣ ରହିଥାଏ ସେ ସମ୍ପର୍କରେ ଶିକ୍ଷାବିତ୍ ବଳରାମ ରଣସିଂହ ସୂଚନା ଦେଇଥିଲେ। ଖବକାଗଜ ପଢିବା ଦ୍ୱାରା ଚିନ୍ତାମୁକ୍ତ ହେବା ସହ ବିଭିନ୍ନ ଭାଷାର ବ୍ୟବହାର ଶିଖିଥାଉ ବୋଲି ମତପ୍ରକାଶ ପାଇଥିଲା। ଉତ୍ତମ ବ୍ୟକ୍ତିତ୍ୱ ଗଠନରେ ଖବରକାଗଜର ଭୂମିକା ଶୀର୍ଷରେ ବୋଲି ମୁଖ୍ୟ ଅତିଥି ପାଣିଗ୍ରାହୀ କହିଥିଲେ। ଏହି ଅବସରରେ ଖବରକାଗଜ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଆ, ହିନ୍ଦୀ, ତାମିଲ, ମରାଠୀ, ବଙ୍ଗଳା, ନେପାଳୀ, ଇଂଲିଶ, ତେଲୁଗୁ, ମାଲାୟାଲମ୍, ସାନ୍ତାଳୀ ଆଦି ବିଭିନ୍ନ ଭାଷାରେ ପ୍ରକାଶିତ ୨୨୨ ପ୍ରକାରର ଖବରକାଗଜ ଓ ଉଚ୍ଚକୋଟୀର ଗ୍ରନ୍ଥ ସ୍ଥାନିତ ହୋଇଥିଲା। ନିରଞ୍ଜନ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ। ଶିବ ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଜଙ୍ଗଲରୁ ଗଳିତ ମୃତଦେହ ଜବତ

**ବାଣପୁର, ୨୬।୧୦ (ଡି.ଏନ୍.ଏ.):** ବାଣପୁର ଥାନା ପୋଲିସ ମଙ୍ଗଳବାର ପାଣ୍ଡବାଶୁଣୀ ଶୁଳିଆ ଡିପିଏଫ୍ ଜଙ୍ଗଲରୁ ଏକ ଗଳିତ ମୃତଦେହ ଜବତ କରିଛି। ତେବେ ମୃତଦେହ ପଚି ନଷ୍ଟ ହୋଇଯାଇଥିବାରୁ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ପାଣ୍ଡବାଶୁଣୀ ଶୁଳିଆ ଡିପିଏଫ ଜଙ୍ଗଲରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଗ୍ରାମବାସୀ ଦେଖି ପୋଲିସକୁ ଜଣାଇଥିଲେ। ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ମାନସ ରଞ୍ଜନ ବାରିକଙ୍କ ସମେତ ବାଣପୁର ଥାନାଧିକାରୀ, ନାଚୁଣୀ ଫାଣ୍ଡି ଅଧିକାରୀ ପ୍ରମୁଖ ଜଙ୍ଗଲରେ ପହଞ୍ଚି ତଦନ୍ତ କରିବା ସହ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ମୃତଦେହ ପଚିଯାଇଥିବାରୁ କେବଳ କଙ୍କାଳ ପଡିରହିଥିଲା। ମୃତଦେହର ମୁଣ୍ଡ ଛିଡିଯାଇ ନିକଟରେ ପଡିଥିବା ବେଳେ ଏକ ଗଛରେ ରଶି ଝୁଲୁଥିବା ଦେଖିବାକୁ ମିଳିଛି। ସନ୍ଧ୍ୟାରେ ପୋଲିସ ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମତ୍ୟୁର କାରଣ ସ୍ପଷ୍ଟ ହେବା ସହ ବ୍ୟକ୍ତିଙ୍କ ସମ୍ପର୍କରେ ଅଧିକ ସୂଚନା ମିଳିପାରିବ ବୋଲି ପୋଲିସ କହିଛି।

### ହାତୀ ଆକ୍ରମଣରେ ଚାଷୀ ଗୁରୁତର

**ଖୋର୍ଦ୍ଧା ଅଫିସ,୨୬।୧୦:** ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ଗୋଡିପଡା ଟୋଲଗେଟ୍ ନିକଟରେ ହାତୀ ଆକ୍ରମଣରେ ଜଣେ ଚାଷୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଖୋର୍ଦ୍ଧା ବ୍ଲକ ମଳିପଡାର ଛବି ଜେନା। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ହାତୀ ଫସଲ ଖାଇଯିବା ଆଶଙ୍କାରେ ଚାଷୀମାନେ କ୍ଷେତରେ ମଞ୍ଚା କରି ଜଗି ରହୁଛନ୍ତି। ସୋମବାର ରାତିରେ ଛବି ବିଲରେ ଜଗିଥିବା ବେଳେ ଏକ ହାତୀ ଧାନ ଖାଉଥିବା ଦେଖି ପାଟି କରିଥିଲେ। ପରେ ଘଉଡାଇବା ବେଳେ ଅସାବଧନତା ଯୋଗୁ ହାତୀ ହାବୁଡରେ ପଡି ଗୁରୁତର ଆହତ ହୋଇଥିଲେ।

# 'ବାହାରୁ ଆସିଲେ, ଲକ୍ଷଣ ଥିଲେ ଟେଷ୍ଟ ଜରୁରୀ'

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)

ମ୍ୟୁଟେଶନ ଭୂତାଣୁର ଏକ ସ୍ୱାଭାବିକ ପ୍ରକ୍ରିୟା। ତେଣୁ କରୋନାର ଭାରିଆଣ୍ଟ ପାଇଁ ଅଧିକ ଚିନ୍ତା କରିବାର ଆବଶ୍ୟକତା ଏବେ ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ସେ କହିଛନ୍ତି, ତୃତୀୟ ଲହର ଆସିଲେ ମୁକାବିଲା ପୂର୍ବ ଅପେକ୍ଷା ଜୋର୍‌ଦାର ହେବ। କାରଣ ରୋଗ ପରିଚାଳନାରେ ଆମେ ଅଭିଜ୍ଞତା ପାଇଗଲେଣି। ସବୁ ଋତୁରେ କରୋନା ସକ୍ରିୟ ରହୁଛି। ରାଜ୍ୟରେ ଏବେ ବି ସାଢ଼େ ୪ହଜାର ସକ୍ରିୟ ରୋଗୀ ଅଛନ୍ତି। ଲୋକେ ଧୀରେ ଧୀରେ ଟେଷ୍ଟ କରିବା ବନ୍ଦ କରିଦେଲେଣି। କିନ୍ତୁ ନିୟମିତ ଲକ୍ଷଣ ଦେଖାଦେଲେ, ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଲେ କିମ୍ବା ଲୋକଙ୍କ ଯୋଗାଯୋଗରେ ଅଧିକ ଆସିଲେ ଟେଷ୍ଟ କରାଇ ନେବା ଜରୁରୀ। ତୃତୀୟ ଲହର ଜାଣିବା ପାଇଁ ଆମେ ଟାର୍ଗେଟ୍ ଟେଷ୍ଟିଂ ଜାରି ରଖିବୁ ବୋଲି ସେ କହିଛନ୍ତି। ସେପଟେ ବିଦେଶରୁ ଫେରିବା ପରେ ସଙ୍ଗରୋଧ ନିୟମ ଏବେ ବି ଅଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ବର୍ତ୍ତମାନ କରୋନା ସଂକ୍ରମଣ ସ୍ଥିର ରହିଛି। ଉଦ୍‌ବେଗଜନକ ଭାବରେ ସଂକ୍ରମଣ ବଢ଼ିଲେ ପୂର୍ବ ନିୟମ ହୁଏତ ଫେରିପାରେ ବୋଲି ଡା. ମହାପାତ୍ର ଚେତାଇ ଦେଇଛନ୍ତି।

## ଆଉ ୪୩୩ ଚିହ୍ନଟ, ୪ ମୃତ



ଅପରପକ୍ଷେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୬୧,୯୩୫ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୩ ଜିଲାରୁ ୪୩୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ହାର ୦.୭%କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୬୪ଜଣ ୦ରୁ ୧୮ବର୍ଷର ବୟସ୍କ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡ଼ିଛି। ତେବେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୦୭ଜଣ ଚିହ୍ନଟ ହୋଇଥିବାବେଳେ ଏଠାରେ ସଂକ୍ରମଣ ହାର ୨.୨%କୁ ବୃଦ୍ଧି ପାଇଛି। ସେହିଭଳି କଟକ ଜିଲାରୁ ୩୬ଜଣ ଚିହ୍ନଟ ହୋଇଥିବାବେଳେ ସମ୍ବଲପୁର ୧୭, ମୟୂରଭଞ୍ଜ ୧୫, ଜଗତ୍‌ସିଂହପୁର ୧୪, ସୁନ୍ଦରଗଡ଼ ୧୨, କେନ୍ଦ୍ରାପଡ଼ା ୧୧ ଓ ବାକିସବୁ ଜିଲାର ନୂଆ ସଂକ୍ରମଣ ୧୦ ତଳକୁ ରହିଛି। ବଲାଙ୍ଗୀର, ଝାରସୁଗୁଡ଼ା, ସୋନପୁର ଓ ଢେଙ୍କାନାଳରୁ ସର୍ବନିମ୍ନ ଜଣେ ଲେଖାଏ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ କରୋନା ପଜିଟିଭ୍ ସଂଖ୍ୟା ୧୦,୩୯,୨୬୯ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଆଉ ୪ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୟୂରଭଞ୍ଜରୁ ଦୁଇଜଣ ଥିବାବେଳେ ଜଗତ୍‌ସିଂହପୁର ଓ ଭୁବନେଶ୍ୱରରୁ ଜଣେ ଲେଖାଏ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ୮,୩୧୬କୁ ବୃଦ୍ଧି ପାଇଛି। ରାଜ୍ୟରେ ଆଉ ୪୯୭ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୧୦,୨୬,୭୭୪କୁ ବୃଦ୍ଧି ପାଇଛି।

## ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ



ଖୋର୍ଦ୍ଧା ଅଫିସ,୨୬।୧୦

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ମଙ୍ଗଳବାର ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ଏବଂ ଶପଥପାଠ କରାଯାଇଥିଲା। ଜିଲାପାଳ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କୁ ସ୍ୱଚ୍ଛତା, ନିରପେକ୍ଷତା ଏବଂ ନିଷ୍ଠାପୂର୍ବକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଦୁର୍ନୀତି ନିବାରଣ ପାଇଁ ମିଳିତ ପ୍ରଚେଷ୍ଟା କରିବାକୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ହେଡକ୍ୱାଟର) ମନୋଜ ପାଢୀ, ଭୁବନେଶ୍ୱର ଏଡିଏମ ପ୍ରଫୁଲ୍ଲ ସ୍ୱାଇଁ, ଏଡିଏମ୍(ରାଜସ୍ୱ)ଅନୁଜ ଦାସ ପଟ୍ଟନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ପୌର କାର୍ଯ୍ୟାଳୟରେ ଉପଜିଲାପାଳ ଆଇ ଗୌରବ ଶିବାଜୀ, ଭୁବନେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପ ଜିଲାପାଳ ଦେବବ୍ରତ ସାହୁ, ଏସ୍‌ପି ଅଫିସରେ ଏସ୍‌ପି ରାଜ କିଶୋର ଦୋରାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଶପଥ ନେଇଥିଲେ।

## ଟେରାକୋଟାର ଆକର୍ଷଣ



ଭୁବନେଶ୍ୱର ଏକାମ୍ର ହାଟରେ ଚାଲିଥିବା ଦୀପ ଓ ଟେରାକୋଟା ପ୍ରଦର୍ଶନୀରେ ଗ୍ରାହକମାନେ କିଣା କିଣି କରୁଛନ୍ତି।

## ଗ୍ରାମ୍ୟ ନ୍ୟାୟାଳୟ ଶିବିରରେ ୩ ମାମଲା ସମାଧାନ

**ନିରାକାରପୁର, ୨୬।୧୦(ଡି.ଏନ୍.ଏ.)**

ସରକାରଙ୍କ ନିୟମ ଅନୁଯାୟୀ ଲୋକେ ଖର୍ଚ୍ଚାନ୍ତ ହେବେ ନାହିଁ। ପ୍ରତ୍ୟକ ପଞ୍ଚାୟତରେ କୋର୍ଟ କ୍ୟାମ୍ପ ବସାଯାଇ ପୁରୁଣା ମାମଲାଗୁଡ଼ିକ ଫଇସଲା କରାଯିବ। ଏନେଇ ମଙ୍ଗଳବାର ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତରେ ଟାଙ୍ଗୀ କୋର୍ଟ ପକ୍ଷରୁ କୋର୍ଟ କ୍ୟାମ୍ପ କରାଯାଇଥିଲା। ଏଥିରେ ମୋଟ ୭ଟି କେଶର ଫଇସଲା ରଖାଯାଇଥିବା ବେଳେ ୩ଟି ମାମଲାର ସମାଧାନ ହୋଇଛି। ଏଥିରେ ଟାଙ୍ଗୀ କୋର୍ଟର ଗ୍ରାମ୍ୟ ନ୍ୟାୟାଳୟର ନିୟାଧିକାରୀ ସିଓନା ସିଦ୍ଧାର୍ଥ ମାହାରଣା ଯୋଗଦେଇ ମାମଲାର ବିଚାର କରିଥିଲେ। ସରକାରୀ ଓକିଲ ନିରଞ୍ଜନ ଦାସ, ସ୍ୱସ୍ତିକ ରଥ, ଅଶ୍ୱନୀ ସ୍ୱାଇଁ, ଭାସ୍କର ମହାନ୍ତି ସହଯୋଗ କରିଥିଲେ।

# ଗୁଳିମାଡ଼: ଅଳ୍ପକେ ବର୍ତ୍ତିଲେ ବିଜେଡି ସମର୍ଥକ

ବାଣପୁର,୨୬।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ପଙ୍କାଳ ନିକଟ ରାସ୍ତାରେ ସୋମବାର ରାତିରେ ଗୁଳିମାଡ଼ ହୋଇଥିବା ଅଭିଯୋଗ ହୋଇଛି। ତେବେ ଏହି ଗୁଳିମାଡ଼ରୁ ଏହି ଥାନା ଅଧୀନ ରିଗିଡିଝିମା ଗ୍ରାମର ଲୋକନାଥ ଶବର (୪୫) ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏନେଇ ସେ ମଙ୍ଗଳବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୦୮/୨୧) ରୁଜୁକରି ତଦନ୍ତ ଚଳାଇଛି। ଅନ୍ୟପଟେ ଲୋକନାଥ ବିଜୁ ଜନତା ଦଳର ସକ୍ରିୟ ସମର୍ଥକ ହୋଇଥିବାରୁ ରାଜନୈତିକ ଶତ୍ରୁତାକୁ ନେଇ ଏହି ଗୁଳିମାଡ଼ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଅଭିଯୋଗ ମୁତାବକ, ଲୋକନାଥ ସୋମବାର ରାତିରେ ବାଣପୁରରୁ ରିଗିଡିଝିମା ଗାଁକୁ ଫେରୁଥିଲେ। ପଙ୍କାଳ ନିକଟରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଗୁଳିମାଡ କରିଥିଲେ। ତେବେ ଗୁଳିଗୁଡିକ ଲକ୍ଷ୍ୟଭ୍ରଷ୍ଟ ହେବାରୁ ସେ ବର୍ତ୍ତିଯାଇଥିଲେ। ଏନେଇ ଲୋକନାଥଙ୍କ ଅଭଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

# ୭ ଦଫା ଦାବିରେ ବ୍ଲକ୍ ଅଫିସ ଆଗରେ ଧାରଣା



ବ୍ଲକ ଅଫିସ୍ ଆଗରେ ଠିକା କର୍ମଚାରୀମାନେ ପ୍ରତିବାଦ କରୁଛନ୍ତି।

କୃଷ୍ଣପ୍ରସାଦ,୨୬।୧୦(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଆଗରେ ମଙ୍ଗଳବାର ୭ ଦଫା ଦାବିରେ ଗ୍ରାମ୍ୟ ଜଳଯୋଗାଣ କର୍ମଚାରୀମାନ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୬ବର୍ଷରେ ସ୍ଥାୟୀ ନିଯୁକ୍ତି ନିୟମ ରହିଥିଲେ ମଧ୍ୟ ୨୧ବର୍ଷ ପରେ ବି ସ୍ଥାୟୀ ନିଯୁକ୍ତି ନ ଦେବା, ମୃତ୍ୟୁକାଳୀନ ସରକାରୀ ସୁବିଧା ପ୍ରଦାନ ଆଦି ୭ଦଫା ଦାବି ରହିଛି। ସୂଚନା ମୁତାବକ, ଏହି ୭ଦଫା ଦାବିରେ ଠିକା କର୍ମଚାରୀମାନେ ଗତ ୨୫ତାରିଖରୁ ରାସ୍ତାକୁ ଓହ୍ଲାଇଛନ୍ତି। ଫଳରେ ଜଳଯୋଗଣ ଠପ୍ ହୋଇଯାଇଛି। ସଙ୍ଗଠନର ସଭାପତି ସଚ୍ଚିଦାନନ୍ଦ ମହାରଣା, ପ୍ରକାଶ ଚନ୍ଦ୍ର ଖୁଣ୍ଟିଆ, ସନ୍ତୋଷ କୁମାର ଭାରିମଲ୍ଲ, ବନମାଳୀ ମହାନ୍ତି, ପାଣ୍ଡବ ଜେନା, ଶ୍ରୀକାନ୍ତ ପ୍ରଧାନ, ଅନନ୍ତ ଗୌଡ଼ୁ, ଗଣେଶ ସେଠୀ, ମମତା ତରେଇ, ଶାନ୍ତିଲତା ଦଳବେହେରା, ମଞ୍ଜୁଲତା ଜେନା, ପୁଷ୍ପାଞ୍ଜଳି ପ୍ରଧାନ, ଅଜୟ ବେହେରା, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।


**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ୪୩୧୦-ଜିଆରସି-ସିଭ-ସି-୦ା-୫୨-୨୦୨୧, ତାରିଖ: ୨୫।୧୦।୨୦୨୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ଯନ୍ତ୍ରୀ (ସିଓଏନ୍)/I/, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି । ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଉଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଓଡ଼ିଶା ରାଜ୍ୟରେ କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ସଂଯୋଗବିହୀନ ପ୍ରମୁଖ ଖଣିଗୁଡ଼ିକୁ ରେଳ ସଂଯୋଗୀକରଣ ଯୋଗାଇବା ସଂକ୍ରାନ୍ତରେ ଡିଜିପିଏସ୍ (ଡିଫରେନ୍ସିଆଲ୍ ଗ୍ଲୋବାଲ୍ ପୋଜିସନିଂ ସିଷ୍ଟମ୍) ଇଣ୍ଟିଗ୍ରେଟେଡ୍ ଆରଟିକେ (ରିୟଲ୍ ଟାଇମ୍ କାଇନମାଟିକ୍)/ପିପିକେ ଡ୍ରୋନ୍ (ଡିଜିସିଏରୁ ପୋଷ୍ଟ ପ୍ରୋସେସ୍‌ଡ କାଇନମାଟିକ୍, ଏନ୍‌ପିଏନ୍‌ଟି ଅନୁରୂପ) ଆଧାରିତ ଫଟୋଗ୍ରାମେଟ୍ରି ଏବଂ ଲିଡାର୍ ସିଷ୍ଟମ୍ ବ୍ୟବହାର କରି ହାଇବ୍ରିଡ୍ ମଡର୍ନ ସର୍ଭେ ଟେକ୍ନୋଲୋଜି ସହିତ ପ୍ରାଥମିକ ତଥା ବୃହାନ୍ତ ଅବସ୍ଥିତି ସର୍ବେକ୍ଷଣ, ମୃତ୍ତିକା ତଦନ୍ତ ଏବଂ ୟାର୍ଡ ପ୍ଲାନ୍, ବିଭିନ୍ନ ସବିଶେଷ ଡ୍ରଇଂ ପ୍ରସ୍ତୁତି ଓ ଦାଖଲ ତଥା ସାଧତା ଅନୁଯାୟୀ ସେକ୍ସନଗୁଡ଼ିକ ପାଇଁ ପ୍ରସ୍ତାବିତ ନୂଆ ବି.ଜି. ଲାଇନ୍ (୨୪୬ କିମି) ନିମନ୍ତେ ଉପଯୁକ୍ତ ସଂଖ୍ୟାର ସବିଶେଷ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି: ୧. ଧୋଲତାପାହାଡ଼ ମଧ୍ୟ ଦେଇ କୁର୍ମିତାର ଲୁହାପଥର ଖଣିରୁ ବରସୁଆଁ ଷ୍ଟେଶନ- ୧୭.୪୦ କିମି । ୨. ଧୋଲତାପାହାଡ଼ରୁ ବଡ଼ବିଲ୍ ୭୧.୬୦ କିମି । ୩. ଧୋଲତାପାହାଡ଼ରୁ ନୟାଗଡ଼ ଭାୟା ସାନିନ୍ଦପୁର ଖଣି – ୪୫.୬୦ କିମି । ୪. ବଡ଼ବିଲରୁ ନୟାଗଡ଼ ଭାୟା ଗୁଆଳି, ନୂଆଗାଁ, ଗନୁଆ, ବଲଦୀ ବ୍ଲକ, ସାନିନ୍ଦପୁର ଓ ଗନୁଆ ମଧ୍ୟରେ ତ୍ରିକୋଣ ଗଠନ ସହିତ – ୧୧୧.୪ କିମି । ଆନୁମାନିକ ମୂଲ୍ୟ: ₹୩.୧୯ କୋଟି । ସମାପ୍ତି ଅବଧି: ୩ ମାସ । ବନ୍ଦ ହେବା ତାରିଖ: ୧୫।୧୧।୨୦୨୧ । ଟେଣ୍ଡରର ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ସ୍ୱତନ୍ତ୍ରତା ପାଇଁ ତଥା ସେମାନଙ୍କର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-371)

**URGENT REQUIRED**
District & Block Nodal Officer in each district of Odisha required for providing training & certification as per FSSAI, Govt. of India. Qualification: 10th, +2, Graduate with Computer Skill.
**Contact: 8800319622, 9438383998**

**WANTED**
Institute in Ganjam District needs -
- **TEACHERS** in Science, Math. for 7th to 10+2.
- **MARKETING MANAGER**

Contact: **7675964726** or **atniranjan@gmail.com**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. **ST-OT-FOIS-MCL-SIDING-243**, ତା.22.10.2021ରିଖ

**କାର୍ଯ୍ୟର ନାମ :** (i) ଖୋର୍ଦ୍ଧା ରୋଡ୍ ମଣ୍ଡଳର ଏମ୍‌ସିଏଲ୍ (ମହାନଦୀ କୋଲଫିଲ୍ଡସ୍ ଲିମିଟେଡ) ସ୍ଥିତ ଅନନ୍ତ **OCP**, ଜଗନ୍ନାଥ ଏରିଆର ସ୍ୱର ସାଇଡ଼ିଙ୍ଗ୍ **5** ଏବଂ **6** ଠାରେ ରେଲ୍ ଇନ୍-ମୋଶନ **(In-motion)** ୱେ ବ୍ରିଜ୍ ନଂ. **7** ଏବଂ **7A** ଠାରେ **FOIS** (ଫ୍ରେଟ୍ ଅପରେସନ ଇନ୍‌ଫରମେସନ ସିଷ୍ଟମ) କନେକ୍ଟିଭିଟି ବ୍ୟବସ୍ଥା । **(ii)** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଏମ୍‌ସିଏଲ୍ (ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍) ସ୍ଥିତ ଭୁବନେଶ୍ୱରୀ ଏରିଆର ସ୍ୱର **I, II, III** ଏବଂ **IV** ଠାରେ **3** ଗୋଟି ଇନ୍-ମୋଶନ **(In-motion)** ରେଲ୍ ୱେ ବ୍ରିଜ୍ **(Rail weigh bridge)**ଠାରେ **GSM** ଲିଙ୍କ୍ ମାଧ୍ୟମରେ ଏମ୍‌ସିଏଲ୍ (ମହାନଦୀ କୋଲଫିଲ୍ଡସ୍ ଲିମିଟେଡ) ସାଇଡ଼ିଙ୍ଗ୍ ଠାରେ **FOIS** (ଫ୍ରେଟ୍ ଅପରେସନ ଇନ୍‌ଫରମେସନ ସିଷ୍ଟମ) କନେକ୍ସନ ବ୍ୟବସ୍ଥା ।

ଟେଣ୍ଡରର ମୂଲ୍ୟ (ଟଙ୍କାରେ): **16,04,369.80**

ବିଡ୍ ଆରମ୍ଭ ହେବା ତାରିଖ : **ତା.01.11.2021**ରିଖ,

ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ : **ତା. 15.11.2021** ରିଖ **1100** ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-496/M/21-22

**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
अखिल भारतीय आयुर्विज्ञान संस्थान (एम्स), भुवनेश्वर
Sijua, Post : Dumuduma, Bhubaneswar - 751019
AIIMS/BBSR/ENGG/ELE-2021/BURN UNIT/120 Dated: 25th Oct 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and Commissioning for Intercom System of New Constructed Burn Unit building at Hospital Complex, AIIMS, Bhubaneswar."** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.**

Sd/-
Executive Engineer (Electrical)
AIIMS, Bhubaneswar

**idco** Your power to grow — ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWER, BHUBANESWAR**

Tender Call Notice No. File No. IDCO/HO-P&C/O-3125/04/2021/V-1/17780 Dated: 22.10.2021

**NOTICE INVITING TENDER THROUGH e-Procurement**

No. CAD-1555: **Name of the Work :** Supply, Installation, Testing & commissioning of 6 Nos. 16 Passenger & 2 Nos. Goods (1088 Kg.) Lifts with microprocessor controlled VVVF drive for a speed of 1.5 m/s including the cost of Comprehensive maintenance of lifts for 5 years after completion of guarantee period of one year at Office-cum-Commercial Complex, Badmal, Jharsuguda.
**Period of Completion: 3 (Three) Calendar Months**

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/EST/E-31/2021-22 | 17.00 hours of Dt.29.10.2021 | 17.00 hours of Dt.22.11.2021 |

Further details can be seen from the e-Procurement Portal: **www.tendersodisha.gov.in.** and Corrigendum if any will be published in Newspapers and can only be seen in the e-Procurement portal as well as in IDCO website.
**OIPR-14003/11/0084/2122** **Sd./- Chief General Manager (P&C), IDCO, Bhubaneswar**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**CENTRAL RURAL WORKS CIRCLE, BHUBANESWAR**
**CORRIGENDUM**

No. 4849 Date: 22.10.2021

**2nd Corrigendum to Bid Identification No. Tender - Online - C.C. 21 of 2021**
**Dated 21.09.2021 invited vide this office Lr. No. 4370 dated 21.09.2021**

No. O-859: The date of availability of tender, date of opening of Technical Bid & Financial Bid of PMGSY (Balance Works) invited vide this office N.I.T. No. Tender-Online-C.C.-21 of 2021 Dt.21.09.2021 issued vide this office Lr. No. 4370 Dt.21.09.2021 is hereby rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & time of submission of original financial instrument along with affidavit regarding correctness of information | Date & time of opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.-21 of 2021 | 23.09.21 at 11.00 A.M. | 25.11.21 upto 5.00 P.M. | 23.11.21 upto 3.00 P.M. | 29.11.2021 to 01.12.2021 Upto 5.00 P.M. (During Office Hour) | 26.11.2021 at 11.00 A.M. | To be intimated lateron |

All other conditions remain unaltered.
**OIPR-25082/11/0027/2122**
**Chief Construction Engineer**
**Central Rural Works Circle, Bhubaneswar**

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1540 OSIC GST No. 21AAACO2101M1Z1

**QUOTATION CALL NOTICE**

Quotation Call Notice No.4494 Dt.25.10.2021

Sealed quotations are invited from interested Firms / Persons having GST No. along with PAN for **sale of Non-moving / unserviceable materials** of about 57.51 MT strictly on **"as is where is basis"** lying at different Regional Branch Offices of the Corporation. The date of commencement of the tender is ***25.10.2021*** and the last date of submission of quotation through Registered Post/Speed Post is by ***08.11.2021*** by **2.00 P.M.**, the quotations will be opened on **the same day at 3:00 PM** in the presence of the representative of the Bidders. The detailed Quotation Call Notice can be downloaded from our website (**www.osicltd.in**). The undersigned reserves the right to either accept or reject any or all of the quotations without assigning any reason thereof.

Sd/-
OIPR-14073/11/0050/2122 **MANAGING DIRECTOR**

**ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼**
ସଂଖ୍ୟା 2321/ ତାରିଖ 26.10.21

**ବିଜ୍ଞାପନ**

ଏତଦ୍ୱାରା ଟିଟିଲାଗଡ଼ ପୌର ପରିଷଦର ସମସ୍ତ ଜନସାଧାରଣ, ଦୋକାନୀ, ବ୍ୟବସାୟୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜଲାରାମ ଲଜ୍ ନିକଟସ୍ଥ ନୂତନ ନିର୍ମିତ ଦୋକାନ ଗୃହ (ଜଲାରାମ ମାର୍କେଟ କମ୍ପ୍ଲେକ୍ସ)ଗୁଡିକର ସିଲ୍‌ଡ ଟେଣ୍ଡର ନିମନ୍ତେ ନିମ୍ନମତେ ଓ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଦୋକାନ ଗୃହ ପାଇବା ପାଇଁ ଭାଗ ନେଇପାରିବେ। ଟେଣ୍ଡର କାଗଜାତ ପତ୍ରଗୁଡିକ କାର୍ଯ୍ୟାଳୟରୁ ଟ୧୦୦୦/– ମୂଲ୍ୟ ପଇଠ କରି କିମ୍ବା ଉକ୍ତ ସମାନ ରାଶିର ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ପଇଠ କରିପାରିବେ ଏବଂ ଫର୍ମ ପାଇପାରିବେ, ଯାହା ଅଣଫେରସ୍ତ ଅଟେ। ସଂରକ୍ଷିତ ନିଲାମ ଓ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟରେ ପୃଥକ୍ ଭାବେ କୌଣସି ଜାତୀୟକରଣ ବ୍ୟାଙ୍କ ମାଧ୍ୟମରେ ଯାହା Executive Officer, Titilagarh Municipalityଙ୍କ ନାମ ଅନୁସାରେ କାର୍ଯ୍ୟାଳୟରେ ପକାଇପାରିବେ। ସମସ୍ତ କାଗଜାତ ପତ୍ରଗୁଡିକ ସ୍ପିଡ୍ ପୋଷ୍ଟ / ରେଜିଷ୍ଟ୍ରେସନ ପୋଷ୍ଟ / କୋରିଅର ସର୍ଭିସ/ ବ୍ୟକ୍ତିଗତ ଭାବେ ଆବେଦନ ଫର୍ମରେ ସମସ୍ତ ତଥ୍ୟ ଉଲ୍ଲେଖ କରି ତା୧୦।୧୧।୨୦୨୧ ସମୟ ଅପରାହ୍ନ ୦୫ ଘଣ୍ଟା ମଧ୍ୟରେ ପକାଇପାରିବେ (ଛୁଟିଦିନ ବ୍ୟତୀତ)। ଏହି ନିଲାମ ପତ୍ରଗୁଡିକ ତା୧୧।୧୧।୨୦୨୧ ସମୟ ପୂର୍ବାହ୍ନ ୧୧ ଘଣ୍ଟାରେ କାର୍ଯ୍ୟାଳୟରେ ଖୋଲାଯିବ। ଉକ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଆବଶ୍ୟକସ୍ଥଳେ ରଦ୍ଦ କରିପାରିବେ।

| | |
|---|---|
| ଟେଣ୍ଡର କାଗଜାତ ପତ୍ରର ପ୍ରାପ୍ତ ସମୟ | ତା୨୭।୧୦।୨୦୨୧ରୁ ତା୧୦।୧୧।୨୦୨୧ ପର୍ଯ୍ୟନ୍ତ |
| ଟେଣ୍ଡର କାଗଜାତ ପତ୍ରର ଦାଖଲ ସମୟ | ତା୨୮।୧୧।୨୦୨୧ରୁ ତା୧୦।୧୧।୨୦୨୧ ପର୍ଯ୍ୟନ୍ତ, ସମୟ ଅପରାହ୍ନ ୦୫ ଘଣ୍ଟା ମଧ୍ୟରେ |
| ଟେଣ୍ଡର ଖୋଲିବାର ତାରିଖ ଓ ସମୟ | ତା୧୧।୧୧।୨୦୨୧ ସମୟ ପୂର୍ବାହ୍ନ ୧୧ ଘଣ୍ଟା |

**ଜଲାରାମ ମାର୍କେଟ କମ୍ପ୍ଲେକ୍ସ**

| କ୍ର. ନଂ. | ଦୋକାନ ଗୃହର ଆକାର | ଦୋକାନ ଗୃହର ନମ୍ବର | ଦୋକାନ ଗୃହର ସଂଖ୍ୟା | ଟେଣ୍ଡର ସଂରକ୍ଷିତ ରାଶି | ଅମାନତ ରାଶି | ମାସିକ ଭଡ଼ା |
|---|---|---|---|---|---|---|
| ୧ | ୧୦'.୦" x ୧୦'.୦" | ୧୯ରୁ ୨୩ | ୦୫ | ଟ୩,୫୦,୦୦୦ (ତିନି ଲକ୍ଷ ପଚାଶ ହଜାର ମାତ୍ର) | ଟ୩୫,୦୦୦ (ପଇଁତିରିଶ ହଜାର ମାତ୍ର) | ଟ୪,୫୦୦ (ଚାରି ହଜାର ପାଞ୍ଚଶହ ମାତ୍ର) |

ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ଟିଟିଲାଗଡ଼

**OFFICE OF THE NOTIFIED AREA COUNCIL, BINKA**
Dist.- Subarnapur (PIN - 767016)
Email ID: nacbinika@gmail.com, Phone/Fax: 06654-241113
**E-Tender Call Notice No. 2304/22.10.2021**
**Tender Reference No. BINKA-NAC-02/2021-22**

Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

| | | |
|---|---|---|
| 1 | Type of the work | Civil Work |
| 2 | No. of Works | 16 Nos. |
| 3 | Estimated Cost | As per DTCN |
| 4 | Period of Completion | As per DTCN |
| 5 | Date & time of Bidding from | Dtd.27.10.2021 after 10.00 A.M. |
| 6 | Last date & time for receipt online | Dtd.06.11.2021 upto 05.00 P.M. |
| 7 | Documents will be received by Post/O/o. Executive Officer on or before | Dtd.15.11.2021 upto 05.30 P.M. |
| 8 | Bids received shall be opened on | Dtd.16.11.2021 at 11.00 A.M. |
| 9 | Name and address of the Officer Inviting Bid | Executive Officer, Binka N.A.C. |

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer**
**Notified Area Council, Binka**

**ପୂର୍ବ ତଟ ରେଳପଥ**

ଫାଇଲ ନଂ. **DRM/Engg/KUR/21-22/E-Tender/66**, ତା:**22.10.2021**

**1.**ଟେଣ୍ଡର ବିଜ୍ଞପ୍ତି ସଂ. **e-Tender-NORTH-KUR-173-2021**, ତା: **20.10.2021**
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଜଖପୁରା-କେନାପୁର ସେକ୍ସନ ମଧ୍ୟରେ ପୋଲ ନଂ.**449 Dn** ରେ ସମସ୍ତ ଫିକ୍ସଚର ଏବଂ ଫାଷ୍ଟେନିଙ୍ଗ୍ **(Fixtures and Fastenings)** ସହିତ **'H'** ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ବର୍ତ୍ତମାନର **2204** ଗୋଟି ଷ୍ଟିଲ୍ ଚ୍ୟାନେଲ ସ୍ଲିପରଗୁଡ଼ିକର ଥ୍ରୁ ନବୀକରଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 534.48 ଲକ୍ଷ, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ ।

**2.**ଟେଣ୍ଡର ବିଜ୍ଞପ୍ତି ସଂ. **e-Tender-South-KUR-174-2021**, ତା: **20.10.2021**
**ବିବରଣୀ : 40,000** ଘନ ମିଟରର କଠିନ ପଥରକୁ ବାଲାଷ୍ଟ ରୂପେ ମେସିନ୍ ଦ୍ୱାରା **50mm** ଆକାରରେ ଭାଙ୍ଗି ସୋମପେଟା ଡିପୋ ପର୍ଯ୍ୟନ୍ତ ଯୋଗାଣ ତଥା ତାହାକୁ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଯେକୌଣସି ପ୍ରକାର ରେଲୱେ ୱାଗନରେ ବୋଝେଇ କରିବା କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 531.20 ଲକ୍ଷ, କାର୍ଯ୍ୟ ଶେଷ ହେବା ଅବଧି : 15 (ପନ୍ଦର) ମାସ ।

**3.**ଟେଣ୍ଡର ବିଜ୍ଞପ୍ତି ସଂ. **e-Tender-South-KUR-175-2021**, ତା: **20.10.2021**
**ବିବରଣୀ : 20,000** ଘନ ମିଟରର କଠିନ ପଥରକୁ ବାଲାଷ୍ଟ ରୂପେ ମେସିନ୍ ଦ୍ୱାରା **50mm** ଆକାରରେ ଭାଙ୍ଗି ଖଲିକୋଟ ଡିପୋ ପର୍ଯ୍ୟନ୍ତ ଯୋଗାଣ ତଥା ତାହାକୁ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଯେକୌଣସି ପ୍ରକାର ରେଲୱେ ୱାଗନରେ ବୋଝେଇ କରିବା କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 265.60 ଲକ୍ଷ, କାର୍ଯ୍ୟ ଶେଷ ହେବା ଅବଧି : 09 (ନଅ) ମାସ ।

**4.**ଟେଣ୍ଡର ବିଜ୍ଞପ୍ତି ସଂ. **e-Tender-Central-KUR-176-2021**, ତା: **20.10.2021**
**ବିବରଣୀ : 60,000** ଘନ ମିଟରର କଠିନ ପଥରକୁ ବାଲାଷ୍ଟ ରୂପେ ମେସିନ୍ ଦ୍ୱାରା **50mm** ଆକାରରେ ଭାଙ୍ଗି ରାଜଆଠଗଡ଼ ଡିପୋ ପର୍ଯ୍ୟନ୍ତ ଯୋଗାଣ ତଥା ତାହାକୁ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଯେକୌଣସି ପ୍ରକାର ରେଲୱେ ୱାଗନରେ ବୋଝେଇ କରିବା କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 795.41 ଲକ୍ଷ, କାର୍ଯ୍ୟ ଶେଷ ହେବା ଅବଧି : 21 (ଏକୋଇଶି) ମାସ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.10.11.2021 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-493/M/21-22




୨୬।୧୦।୨୦୨୧

| | |
|---|---|
| ୩,୦୫,୩୭୧ ଟଙ୍କା | |
| ସୁନା | ୪.୭୦୦ ଗ୍ରାମ |
| ରୁପା | ୧୨ ଗ୍ରାମ |

## ଆଜି କ'ଣ କେଉଁଠି

ପୁରୀ

- ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଘେରାଉ, ଏସ୍‌ପି ଅଫିସ, ମଧ୍ୟାହ୍ନ ୧୨ଟା।
- ଯୁବ ଓ ଛାତ୍ର ବିଜେଡି କାର୍ଯ୍ୟକାରିଣୀ ବୈଠକ, ମିକ୍ସସିଟି ବାଲିଗୁଆଳି, ପୂର୍ବାହ୍ନ ୧୦ଟା ।

## ସଂକ୍ଷେପରେ

### ପୋଲିସ -ସାହି ବାସିନ୍ଦା ଆଲୋଚନା

ପୁରୀ ଅଫିସ, ୨୬।୧୦: ବାଲିସାହିସ୍ଥିତ ରାଧାକାନ୍ତ ମଠ ପରିସରରେ ମଙ୍ଗଳବାର ପୋଲିସ ଏବଂ ବାଲିସାହି ବାସିନ୍ଦାଙ୍କ ମଧ୍ୟରେ ସ୍ୱର୍ଗଦ୍ୱାରଠାରୁ ଶ୍ରୀମନ୍ଦିର ମଧ୍ୟରେ ଟ୍ରାଫିକ ବ୍ୟବସ୍ଥା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବାଲିସାହି ବାସିନ୍ଦା କିପରି ସୁବିଧାରେ ମେଡିକାଲ, ମନ୍ଦିର ଓ ଅନ୍ୟ ସ୍ଥାନକୁ ଯାଇପାରିବେ ସେନେଇ ଆଲୋଚନା କରାଯାଇଥିଲା। ସାହିରେ କିପରି ଅଟୋ ଚଳାଚଳ ବନ୍ଦ କରାଯିବ, ରାସ୍ତାକୁ ମାଡ଼ିବସିଥିବା ଦୋକାନ ଉଠାଯିବ, ଏକ ଶୌଚାଳୟ ନିର୍ମାଣ ସହ ବରିଷ୍ଠ ନାଗରିକଙ୍କ ପାଇଁ ଇ-ଅଟୋ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଏସ୍‌ପି କେ.ବିଶାଲ ସିଂ, ସିଟି ଡିଏସ୍‌ପି, ଟ୍ରାଫିକ ଡିଏସ୍‌ପି, ଟାଉନ ଥାନା ଅଧିକାରୀ, ସାହିର ମୁରବି ଉପସ୍ଥିତ ଥିଲେ।

### ସୁନାଚେନ ସଫା କରିବା ବାହାନାରେ ଲୁଟ୍

ଗୋପ,୨୬।୧୦(ଡି.ଏନ୍.ଏ.)- ସୁନା ଅଳଙ୍କାର ସଫା କରିବା ବାହାନାରେ ୨ଜଣ ଯୁବକ ଗୋଟିଏ ସୁନାଚେନ ଲୁଟି ନେଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକ୍ରମେ ତଦନ୍ତ ଚଳାଇଛି। ସୋମବାର ପୂର୍ବାହ୍ନରେ ଗୋପ ଥାନା ଅଧୀନ ସେନାପତି ସାହିର ଜିତେନ୍ଦ୍ର ସେନାପତିଙ୍କ ଘରକୁ ୨ଜଣ ଯୁବକ ଏକ ବାଇକ୍‌ରେ ଆସି ସୁନରୂପା ଅଳଙ୍କାର ସଫା କରିବା ପାଇଁ କହିଥିଲେ। ଜିତେନ୍ଦ୍ରଙ୍କ ସ୍ତ୍ରୀ ଇନ୍ଦୁମଣି ସେମାନଙ୍କ ସହ କଥା ହୋଇ ପ୍ରଥମେ କିଛି ରୁପା ଅଳଙ୍କାର ସଫା କରିବାକୁ ଦେଇଥିଲେ। ପରେ ସମ୍ପୃକ୍ତ ୨ ଯୁବକ ସୁନା ଅଳଙ୍କାର ସଫା କରିବା ପାଇଁ କହିବାରେ ଇନ୍ଦୁମଣି ଗୋଟିଏ ୧୦ଗ୍ରାମ ଓଜନର ସୁନାଚେନ ଆଣି ସଫା କରିବାକୁ ଦେଇଥିଲେ। ଏହି ଲୁଟେରା ଗରମପାଣି ସହିତ ଗୋଟିଏ ଡବା ଆଣିବାକୁ କହିବାରେ ସେ ଆଣିଥିଲେ। କୌଶଳକ୍ରମେ ଲୁଟେରାଦ୍ୱୟ ଡବା ମଧ୍ୟରେ ସୁନାଚେନ ରଖି ପ୍ରାୟ ଘଣ୍ଟାଏ ପରେ ବାହାର କରିବ କହି ସେଠାରୁ ପଳାଇଥିଲେ। ଏକ ଘଣ୍ଟା ପରେ ଡବା ଖୋଲିବାରେ ସୁନାଚେନ ନ ଥିଲା। ପରେ ଇନ୍ଦୁମଣି ଠକେଇର ଶିକାର ହୋଇଥିବା ଜାଣି ସ୍ୱାମୀଙ୍କୁ କହିଥିଲେ। ଜିତେନ୍ଦ୍ର ପହଞ୍ଚି ଠକେଇ ସମ୍ପର୍କରେ ଗୋପ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ମଦ ଜବତ, ୨ ବେପାରୀ ଗିରଫ

ନିମାପଡ଼ା,୨୬।୧୦(ଡି.ଏନ୍.ଏ.)- ନିମାପଡ଼ା ଅବକାରୀ ବିଭାଗ ଓ ପୁରୀ ଅବକାରୀ ମୋବାଇଲ ସ୍କାଡ୍ ପକ୍ଷରୁ ମଙ୍ଗଳବାର କାକଟପୁର ଥାନା ଅନ୍ତର୍ଗତ କାକଟପୁର, ପାଟପୁର, ବାଜପୁର, ଗମ୍ଭାରୀପଦା, ହରିଦାସପୁର, ଓଥକା, କୁଣ୍ଡେଇହାଟ, ବାଙ୍ଗୁରୀଗାଁ ପ୍ରଭୃତି ଅଞ୍ଚଳ ଉପରେ ଅଚାନକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଗମ୍ଭାରୀପଦା ଗ୍ରାମର ୨ ଚୋରାମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କାକଟପୁର ଥାନା ଅନ୍ତର୍ଗତ ଗମ୍ଭାରୀପଦାର ଦୀପକ ସାହୁ ଓ ସସୀର ସ୍ୱାଇଁ। ସେମାନଙ୍କଠାରୁ ୩୫ ବୋତଲ ଚୋରା ମଦ ଓ ୧୫ ବୋତଲ ବିଅର ଜବତ କରାଯାଇଛି। ଜବତ ମଦର ମୂଲ୍ୟ ପ୍ରାୟ ୬ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି। ଏ ନେଇ ବିଭାଗ ପକ୍ଷରୁ ୨ଟି ପୃଥକ ମାମଲା (ନଂ.୪୩, ୪୪/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅବକାରୀ କମିଶନର ଆଶିଷ ସିଂ ଓ ପୁରୀ ଜିଲା ଅବକାରୀ ଏସ୍‌ପି ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଏସ୍‌ଆଇ ମମତା ଦାସ, ସବିତା ସାହୁ, ପ୍ରଦୀପ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ।

# ୪ ନୂଆ ୱାର୍ଡ ଗଠନ ପାଇଁ ଯୋଜନା

## ନଭେମ୍ବର ୧ରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ

ପୁରୀ ଅଫିସ,୨୬।୧୦: ପୁରୀ ପୌରାଞ୍ଚଳକୁ ୩୬ଟି ୱାର୍ଡ କରାଯାଇପାରେ। ଏନେଇ ଯୋଜନା ଚାଲିଛି। ସମ୍ପ୍ରତି ପୁରୀ ସହରରେ ୩୨ଟି ୱାର୍ଡ ରହିଛି। ତେବେ ୪ଟି ୱାର୍ଡକୁ ଭାଙ୍ଗି ସାନି ନୂଆ ୪ଟି ୱାର୍ଡ ଗଠନ ପାଇଁ ଯୋଜନା ହେଉଛି। ପୁରୀ ସହରର ୧, ୫, ୭ ଓ ୩୦ ନମ୍ବର ୱାର୍ଡରୁ ଗୋଟିଏ ଲେଖାଏ ନୂଆ ୱାର୍ଡ ସୃଷ୍ଟି କରାଯିବ। ଏହି ୪ଟି ୱାର୍ଡ ଅପେକ୍ଷାକୃତ ଭାବେ ବଡ଼ ହୋଇଥିବାରୁ ଏଗୁଡ଼ିକୁ ଭାଙ୍ଗି ନୂଆ ୱାର୍ଡ ଗଠନ ନେଇ ବିଚାର ବିମର୍ଷ ଚାଲିଥିବା ସୂଚନା ମିଳିଛି। ପୌରସଂସ୍ଥାର ବିସ୍ତୃତିକୁ ବଢ଼ାଇବା ସପକ୍ଷରେ ଜିଲା ପ୍ରଶାସନ ନାହିଁ। ଅନ୍ୟପକ୍ଷରେ ଭାରତୀୟ ନିର୍ବାଚନ କମିଶନ ଏବଂ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଜିଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ-ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜାରି ରହିଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ଜାନୁଆରୀ ପହିଲା ସୁଦ୍ଧା ଯେଉଁମାନଙ୍କୁ ୧୮ ବର୍ଷ ବୟସ ହେଉଥିବ ସେମାନେ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ କରିପାରିବେ। ନୂତନ ଭୋଟର ଭାବେ ପଞ୍ଜିକରଣ କରିବା ପାଇଁ ଫର୍ମ-୬କ, ଭୋଟର ତାଲିକାରୁ ନାମ ବାଦ୍ ପଡ଼ିଥିଲେ ଫର୍ମ-୭, ସଂଶୋଧନ ପାଇଁ ଫର୍ମ-୮, ସ୍ଥାନାନ୍ତରଣ ନିମନ୍ତେ ଫର୍ମ-୮କ ମାଧ୍ୟମରେ ବୁଥସ୍ତରରେ ବିଏଲ୍‌ଓଙ୍କ ନିକଟରେ ଆବେଦନ କରିହେବ। ଆସନ୍ତା ନଭେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଆସନ୍ତା ଡିସେମ୍ବର ୨୦ ତାରିଖ ସୁଦ୍ଧା ସମସ୍ତ ଆପତ୍ତି ଅଭିଯୋଗ ଶୁଣାଣି ହୋଇ ଜାନୁଆରୀ ୫ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି। ସେହିଭଳି ଭୋଟର ହେଲ୍ପଲାଇନ୍ ଆପ୍, ନ୍ୟାଶନାଲ୍ ଭୋଟର ସର୍ଭିସ୍ ପୋର୍ଟାଲ ଓ ଭୋଟର ସହାୟତା କେନ୍ଦ୍ର ମାଧ୍ୟମରେ ଭୋଟରଙ୍କୁ ଏହି ସୁବିଧା ମିଳିବ। ଉପଜିଲାପାଳ ଏବଂ ସମସ୍ତ ବିଡିଓଙ୍କ କାର୍ଯ୍ୟାଳୟରେ ଭୋଟର ସହାୟତା କେନ୍ଦ୍ର ଖୋଲାଯିବ। ଭୋଟର ଯେପରି ଭୋଟଦାନରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଆସନ୍ତା ୭ ଓ ୨୧ ତାରିଖ ରବିବାରଗୁଡ଼ିକରେ ସ୍ୱତନ୍ତ୍ର ଅଭିଯାନ ଦିବସ ପାଳନ ହେବ। ବୁଥସ୍ତରୀୟ ଅଧିକାରୀମାନେ ବୁଥ୍ ସ୍ତରରେ ଉପସ୍ଥିତ ରହିବେ। ସମ୍ପ୍ରତି ଜିଲାରେ ୭ ଲକ୍ଷ ୧୫ ହଜାର ୯୧୨ ଜଣ ପୁରୁଷ ଓ ୬ ଲକ୍ଷ ୬୮ ହଜାର ୨୮୮ ଜଣ ମହିଳା ଭୋଟର ଥିବାବେଳେ ୬୯ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ସମୁଦାୟ ଭୋଟରଙ୍କ ସଂଖ୍ୟା ୧୩ ଲକ୍ଷ ୮୪ ହଜାର ୨୬୯ ରହିଛି। ସର୍ବଦଳୀୟ ବୈଠକରେ ଉପଜିଲାପାଳ ଭଭତାରଣ ସାହୁ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ଜିତେନ୍ଦ୍ର କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅଲ୍ ଓଡ଼ିଶା ବିଚ୍ କୁସ୍ତି ଚାମ୍ପିୟନଶିପ ଉଦ୍‌ଯାପନୀ ଉତ୍ସବରେ ମଙ୍ଗଳବାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

### କୁସ୍ତି ଚାମ୍ପିୟନଶିପ ଉଦ୍‌ଯାପିତ

ପୁରୀ ଅଫିସ,୨୬।୧୦: ଜିଲା ପ୍ରଶାସନ, ଜିଲା କ୍ରୀଡ଼ା ସଂସଦ, ଓଡ଼ିଶା କୁସ୍ତି ସଂଘ ଓ ଜିଲାର ସମସ୍ତ ଜାଗା ଏବଂ ଆଖଡ଼ାର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ୨ଦିନିଆ ଅଲ୍ ଓଡ଼ିଶା ବିଚ୍ କୁସ୍ତି ଚାମ୍ପିୟନଶିପ ପ୍ରତିଯୋଗିତା ମଙ୍ଗଳବାର ନୀଳାଦ୍ରି ବେଳାଭୂମିରେ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ଡ.କନୱର ବିଶାଲ ସିଂ, ଜିଲା କ୍ରୀଡ଼ାଧିକାରୀ ଚନ୍ଦନ କୁମାର ସାହୁ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ୧୨ରୁ ୧୫, ୧୬ ରୁ ୧୮ ଏବଂ ୧୯ ବର୍ଷ ବୟସରୁ ଉର୍ଦ୍ଧ୍ୱଉଭୟ ବାଳିକା ଓ ବାଳକ, ମହିଳା ଏବଂ ପୁରୁଷ ବିଭାଗରେ ୪୦ଜଣଙ୍କୁ ଚାମ୍ପିୟନ ଓ ରନର୍ସଅପ ଭାବେ ପୁରସ୍କୃତ କରାଯାଇଛି। ପ୍ରତ୍ୟେକ ବିଭାଗର ବିଜେତାଙ୍କୁ ୫ ହଜାର ଓ ରନର୍ସଙ୍କୁ ୩ ହଜାର ଟଙ୍କା ପୁରସ୍କାର ରାଶି ସହ ସ୍ପୋର୍ଟ୍ସ କିଟ୍ ପ୍ରଦାନ କରାଯାଇଛି। ଏଥିରେ ରାଜ୍ୟର ୨୦୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ମ୍ୟାଚ ପରିଚାଳନା ପାଇଁ ୩୦ଜଣ ଅଫିସିଆଲ ଓ ୨୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି।

### ଆଜି ମହାପ୍ରଭୁଙ୍କ ବନକ ଲାଗି ୩ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ ଅଫିସ, ୨୬।୧୦: କାର୍ତ୍ତିକ ମାସ କୃଷ୍ଣପକ୍ଷ ଷଷ୍ଠୀ ତିଥି ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ହେବ। ଏହି ଗୁପ୍ତ ନୀତି ସମୟରେ ଅପରାହ୍ନ ୪ଟାରୁ ପ୍ରାୟ ୩ରୁ ୪ଘଣ୍ଟା ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିରରେ ଦ୍ୱିତୀୟ ଭୋଗ ମଣ୍ଡପ ସରି ପାଣି ପଡ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ହେବ। ଦତ୍ତମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରି ନୀତି ସମ୍ପନ୍ନ କରିବେ। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ ।

## ଲିଙ୍ଗରାଜ ସଭାପତି, ଉପେନ୍ଦ୍ର ସାଧାରଣ ସମ୍ପାଦକ

### ବିଶ୍ୱକର୍ମା ମହାସଭାର କର୍ମକର୍ତ୍ତା ଚୟନ

ପୁରୀ ଅଫିସ,୨୬।୧୦: ପୁରୀ ଜିଲା ବିଶ୍ୱକର୍ମା ମହାସଭାର ଏକ ସାଧାରଣ ସଭା ନ୍ୟୁ ସବୁଜ ମଣ୍ଡପରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ଦିଲୀପ କୁମାର ଓଝା ଯୋଗଦାନ କରିଥିଲେ। ସଭାରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଅନୁଷ୍ଠାନର ଉନ୍ନତି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବିଶେଷକରି ଅନୁଷ୍ଠାନର ଯୁବକଙ୍କୁ ଏଥିରେ କର୍ମକର୍ତ୍ତା ଭାବେ ରହି ଅନୁଷ୍ଠାନକୁ ଆଗେଇ ନେବାପାଇଁ ମହାସଭାର ପୂର୍ବତନ ସଭାପତି ବୃନ୍ଦାବନ ମହାରଣା ପ୍ରସ୍ତାବ ଦେଇଥିଲେ। ପରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଯେଉଁଥିରେ ସଭାପତି ଭାବେ ଲିଙ୍ଗରାଜ ମହାରଣା, ଉପସଭାପତି ଲିଙ୍ଗରାଜ ମହାପାତ୍ର ଓ ରବିନାରାୟଣ ମହାରଣା, ସାଧାରଣ ସମ୍ପାଦକ ଉପେନ୍ଦ୍ର ମହାରଣା, ଯୁଗ୍ମ ସମ୍ପାଦକ ରଣଜିତ ମହାରଣା, ସହ ସମ୍ପାଦକ ଲକ୍ଷ୍ମୀଧର ମହାରଣା, ସାଙ୍ଗଠନିକ ସମ୍ପାଦକ ଶଙ୍କର ମହାରଣା, ସାଂସ୍କୃତିକ ସମ୍ପାଦକ ସନ୍ତୋଷ ମହାରଣା, କୋଷାଧ୍ୟକ୍ଷ ହରିହର ମହାରଣା, ନିରୀକ୍ଷକ ସୁନୀଲ ମହାରଣାଙ୍କ ସହ ଏକ ୧୨ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଅସ୍ତରଙ୍ଗ ବ୍ଲକର ଶିବପ୍ରସାଦ ଓଝାଙ୍କୁ ୧୧ଟି ବ୍ଲକ ସଂଗଠନକୁ ସୁଦୃଢ଼ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ସେହିପରି ଦିଲୀପ ଓଝା, ନାରାୟଣ ଓଝା, କୈଳାସ ଚନ୍ଦ୍ର ମହାରଣାଙ୍କୁ ନେଇ ଉପଦେଷ୍ଟା ମଣ୍ଡଳୀ ଗଠନ କରାଗଲା। ମହାସଭାର ପ୍ରଦେଶିକ ସଭାପତି ମାୟାଧର ମହାରଣା ସଭାପତିତ୍ୱ କରିଥିଲେ।

## ବଟି ମାଗି ୩ ଗିରଫ: ଛୁରି, ଟଙ୍କା ଜବତ

ପୁରୀ ଅଫିସ, ୨୬।୧୦: ଦାଦାବଟି ମାଗିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଳିଆପଣ୍ଡା ବୁଢ଼ୀମା ସାହିର ଅଜୟ ପ୍ରଧାନ ଓରଫ ଅଜ୍ଜୁ ଏବଂ ବିନୟ କୁମାର ପ୍ରଧାନ ଓରଫ ବିଜିନା। ସେମାନଙ୍କଠାରୁ ଗୋଟିଏ ବାଇକ୍, ୨ଟି ମୋବାଇଲ ଫୋନ୍, ଗୋଟିଏ ଛୁରି ଏବଂ ୬୬୦ ଟଙ୍କା ଜବତ ହୋଇଛି। ଏ ନେଇ କେସ୍ ନଂ. (୧୬୪/୨୧) ରୁଜୁ ହୋଇଛି। ସେହିପରି ବଳିଆପଣ୍ଡା ଅଞ୍ଚଳରେ ବଟି ଆଦାୟ କରୁଥିବା ଟାଉନ ଥାନା ପଥୁରିଆ ସାହିର ସଞ୍ଜୟ ବୋଷଙ୍କୁ ଗିରଫ କରାଯାଇଛି। ଏ ନେଇ କେସ୍ ନଂ. ୧୬୨/୨୧ ରୁଜୁ ହୋଇଛି।

## ରୋଗୀ ସେବାରେ ଅବହେଳା ହେଲେ କାର୍ଯ୍ୟାନୁଷ୍ଠାନ

ଗୋପ,୨୬।୧୦(ଡି.ଏନ୍.ଏ.) ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ପ୍ରତି ଗୁରୁତ୍ୱ ଦେବା ସହ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଯଦି କୌଣସି ସମୟରେ ଡାକ୍ତରଖାନାକୁ ଆସୁଥିବା ରୋଗୀମାନଙ୍କୁ ସେବା ଯୋଗାଇ ଦେବାରେ ଅବହେଳା ଭଳି ଅଭିଯୋଗ ଆସିଲେ ସମ୍ପୃକ୍ତ ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଙ୍ଗଳବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆୟୋଜିତ ରୋଗୀ କଲ୍ୟାଣ ସମିତି ବୈଠକରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଥିଲେ। ବୈଠକରେ ୨୦୨୧-୨୦୨୨ ଆର୍ଥିକ ବର୍ଷରେ ରୋଗୀ କଲ୍ୟାଣ ସମିତି କାର୍ଯ୍ୟକ୍ରମରେ ୫ ରୁ ୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି କୁହାଯାଇଥିଲା। ମନ୍ତ୍ରୀ ଦାଶ ଆଉ କେତୋଟି ସରକାରୀ ଯୋଜନାରେ କେତେ ଟଙ୍କା ଆସୁଛି, ସେହି ଟଙ୍କା କିପରି ଖର୍ଚ୍ଚ କରାଯାଉଛି ସେ ନେଇ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। କିନ୍ତୁ ସେ ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ପରବର୍ତ୍ତୀ ବୈଠକରେ ଏନେଇ ସମସ୍ତ କାଗଜପତ୍ର ସହିତ ଅନ୍ୟାନ୍ୟ ଖର୍ଚ୍ଚର ସମୀକ୍ଷା କରିବି ବୋଲି କହିଥିଲେ। ଏହି ବୈଠକରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଜସ୍ମିନ ଆଫ୍ରୋଜ, ଡ. ଶିବ ପ୍ରସାଦ ମଙ୍ଗରାଜ, ଡ. ସରିତା ମିଶ୍ର, ଡ. ଗୋପବନ୍ଧୁ ପଟ୍ଟନାୟକଙ୍କ ସହ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ଦିରରୁ ଚୋରି କରିଥିବା ଅଭିଯୁକ୍ତଙ୍କୁ ଜଗିଲା ନାଗ

### ଅଭିଯୁକ୍ତ ଗିରଫ: ୨୧,୧୧୭ ଟଙ୍କା ଜବତ

ଡେଲାଙ୍ଗ,୨୬।୧୦(ଡି.ଏନ୍.ଏ.) ଏକ ଶିବମନ୍ଦିର ହୁଣ୍ଡିରୁ ଜଣେ ବ୍ୟକ୍ତି ଟଙ୍କା ଚୋରି କରିଥିଲେ। ତେବେ ଏହାପରେ ପ୍ରତି ମୁହୂର୍ତ୍ତରେ ତାଙ୍କୁ ଏକ ନାଗସାପ ଜଗି ରହିଥିଲା। ପରବର୍ତ୍ତୀ ସମୟରେ ମନ୍ଦିର କମିଟି କର୍ମକର୍ତ୍ତାଙ୍କ ଅଭିଯୋଗକ୍ରମେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ପରେ ସେ ଚୋରି କରିଥିବା ସ୍ୱୀକାର କରିବା ସହ ଏଭଳି ଆଚମ୍ବିତ ଘଟଣା କଥା କହିଥିଲେ। ପୁରୀ ଜିଲା ଡେଲାଙ୍ଗ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଏହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। କେତେଜଣ ଏହାଶୁଣି ଠାକୁରଙ୍କ ମହିମା ବୋଲି କହୁଛନ୍ତି। ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ଅଞ୍ଚଳ ପିତାପଲ୍ଲୀର ରଶ୍ମିରଞ୍ଜନ ପ୍ରଧାନ(୨୪)। ତାଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ତାଙ୍କଠାରୁ ଚୋରି ହୋଇଥିବା ୨୧, ୧୧୭ ଟଙ୍କା ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଗତ ୨୪ତାରିଖ ରାତିରେ ଏହି ଥାନା ଅଧୀନ ହରିରାଜପୁର ଗ୍ରାମର ଆରାଧ ଠାକୁର ଶ୍ରୀଶ୍ରୀ ପଶ୍ଚିମଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ ମନ୍ଦିର ପରିସରସ୍ଥ କମିଟି ଗୃହରେ ଶୋଇଥିଲେ। ଏହିସମୟରେ ରଶ୍ମିରଞ୍ଜନ ମନ୍ଦିରରେ ପଶି କମିଟି ସଦସ୍ୟଙ୍କୁ ବାହାରପଟୁ କବାଟ ଦେଇ ହୁଣ୍ଡି ତାଲା ଭାଙ୍ଗି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ସକାଳୁ ଅନ୍ୟ ସେବକମାନେ ମନ୍ଦିରକୁ ଆସି ହୁଣ୍ଡି ତାଲା ଭଙ୍ଗାଯାଇଥିବା ଦେଖି ଶୋଇଥିବା ସେବକଙ୍କୁ ଉଠାଇଥିଲେ। ହୁଣ୍ଡିରୁ ଚୋରି ହୋଇଥିବା ଜାଣିବା ପରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଡେଲାଙ୍ଗ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ କେସ୍ (ନଂ.୨୪୪/୨୧) ରୁଜୁ କରି


ଗିରଫ ଅଭିଯୁକ୍ତ ଏବଂ ଜବତ ଟଙ୍କା ।

ତଦନ୍ତ ଚଳାଇଥିଲା। ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ସଦଳବଳ ମନ୍ଦିରରେ ପହଞ୍ଚି ସେଠାରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଓ ଜଟଣୀ ଥାନା ସହାୟତାରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ଡେଲାଙ୍ଗ ଥାନା ଏଏସ୍‌ଆଇ ଗୋପବନ୍ଧୁ ରାଉତ, ସିପାହି ପ୍ରଶାନ୍ତ ପ୍ରଧାନ, ଜିତେନ୍ଦ୍ର ସ୍ୱାଇଁ ପ୍ରମୁଖ ଅଭିଯୁକ୍ତଙ୍କୁ ପିତାପଲ୍ଲୀରୁ ଗିରଫ କରିଥିଲେ। ଜେରା ବେଳେ ସେ ଚୋରି କଥା ମାନିବା ସହ ତାଙ୍କୁ ଏକ ନାଗସାପ ଜଗି ରହିଥିବା କହିଥିଲେ। ମନ୍ଦିରରୁ ଚୋରି କରି ଘରେ ପହଞ୍ଚିବା ପରଠାରୁ ଏଭଳି ହେଉଛି। ଫଳରେ ମୁଁ ଘରୁ ବାହାରିପାରୁ ନ ଥିଲି। ଏପରି କି ଶୋଇଲେ ମଧ୍ୟ ସ୍ୱପ୍ନରେ ସାପ ଡରାଉଛି ବୋଲି ଅଭିଯୁକ୍ତ କହିଥିଲେ।

### ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯାଉ

ପୁରୀ ଅଫିସ,୨୬।୧୦: ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାକୁ ଦାବି କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ମଙ୍ଗଳବାର ଏସ୍‌ପିଙ୍କ ଜରିଆରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଅଭିଯୋଗରେ ଦର୍ଶାଇଛନ୍ତି, ଦିନକୁ ଦିନ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ପୁରୀବାସୀଙ୍କୁ ଅସହ୍ୟ ଯନ୍ତ୍ରଣା ପ୍ରଦାନ କରୁଛି। ପୁରୀବାସୀ ମହାପ୍ରଭୁଙ୍କ ବିଭିନ୍ନ ବେଶ, ଏପରିକି ରଥଯାତ୍ରା ସମୟରେ ଦର୍ଶନ ନ କରି ଘରେ ରହି ସରକାରଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇଥିଲେ। ଏତେ ତ୍ୟାଗପରେ ମଧ୍ୟ ପୁରୀବାସୀଙ୍କୁ ଚାରିଦ୍ୱାରରୁ ଦର୍ଶନ ବ୍ୟବସ୍ଥା କରାଯାଉ ନାହିଁ ବୋଲି କହିଛନ୍ତି। ଏଥିପ୍ରତି ଧ୍ୟାନ ନ ଦେଲେ ନଭେମ୍ବରରେ ଶ୍ରୀଜଗନ୍ନାଥ ସେନା ପୁନର୍ବାର ପୁରୀ ବନ୍ଦ ଡାକରା ଦେବାକୁ ବାଧ୍ୟ ହେବ ବୋଲି ପଟ୍ଟନାୟକ ସୂଚନା କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ତୃପ୍ତିସ୍ମିତା


@ ଧର୍ମେନ୍ଦ୍ର


@ ବୁଲ୍ଲିଆ


@ କାହ୍ନୁ


@ ନିର୍ମଳ


@ ସମିମ୍ ଅଖ୍‌ତାର

## ଦିବ୍ୟଶଙ୍କରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ତେଜିଲା

### ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଶୋଭାଯାତ୍ରା

ପୁରୀ ଅଫିସ, ୨୬।୧୦: କଳାହାଣ୍ଡିର ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କ ହତ୍ୟାକାଣ୍ଡ ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସମ୍ପୃକ୍ତ ଥିବା ଅଭିଯୋଗ ଆଣି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଭାଜପା। ଏନେଇ ମଙ୍ଗଳବାର ପୁରୀ ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ଆଗରେ ଦୀପଦାନ ସହ ପ୍ରତିବାଦ ଶୋଭାଯାତ୍ରା କରାଯାଇଛି। କର୍ମୀମାନେ ମୁହଁରେ କଳାପଟି ବାନ୍ଧି ଶୋଭାଯାତ୍ରାରେ ସାମିଲ ହେବା ସହ ମନ୍ତ୍ରୀ ମିଶ୍ରଙ୍କ ଫଟୋଚିତ୍ରରେ କାଳି ବୋଳିଥିଲେ। ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର, ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ଜିଲା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ, ରାଜ୍ୟ ପ୍ରବକ୍ତା ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜଲକ୍ଷ୍ମୀ ଦାଶ, ମାନସୀ ହରିଚନ୍ଦନ, ତିଳୋତ୍ତମା ବାରିକ, ତପସ୍ୱିନୀ ବେହେରା, ମନସ୍ୱିନୀ ଚୌଧୁରୀ, ମମତା ପ୍ରଧାନ, ମମତା ପତି ଏବଂ ମାମି ମହାନ୍ତି ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।


ପୁରୀ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

